# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ସଡ଼କ ବିପ୍ଳବକୁ ପ୍ରାଥମିକତା | ୬



ଗୋଟିଏ ଫିଲ୍ମରେ ୪ ଅବତାରରେ ଅଲ୍ଲୁ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୨ Vol. 22 No-112 22 JULY 2025 TUESDAY, BHUBANESWAR ମଙ୍ଗଳବାର, ୨୨ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବଲଙ୍ଗା ନାବାଳିକା ପୋଡ଼ିଯିବା ଘଟଣା

# କ୍ରାଇମବ୍ରାଞ୍ଚର ଛାନ୍‌ଭିନ୍





**୫ଜଣିଆ ଟିମ୍‌ର ତଦନ୍ତ ଜାରି**

**ବଲଙ୍ଗା ଥାନାରୁ ତଥ୍ୟ ସଂଗ୍ରହ**

**ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର**

**ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍**

ନିମାପଡ଼ା/ପୁରୀ/ଭୁବନେଶ୍ୱର, ୨୧।୭ (ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ବଲଙ୍ଗା ଥାନା ବାୟାବର ଗାଁରେ ୧୫ବର୍ଷର ନାବାଳିକାକୁ ପୋଡ଼ିଦେବା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚର ଏକ ଟିମ୍ ବଲଙ୍ଗା ଅଞ୍ଚଳରେ ପହଞ୍ଚି ଛାନଭିନ୍ ଚଳାଇଛି। ରାଜ୍ୟ ପୋଲିସ ବିଭାଗର ଜଣେ ଆଇଜିଙ୍କ ନେତୃତ୍ୱରେ ଏହି ଟିମ୍ ରବିବାର ରାତିରୁ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଘଟଣାକୁ ନେଇ ଏବେ ବି ସସ୍‌ପେନ୍ସ ଲାଗି ରହିଛି ଓ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ହୋଇଛି। ଅଭିଯୁକ୍ତ ଠାବ ହୋଇନଥିବାରୁ ସାଧାରଣରେ ଏଥିନେଇ ଅସନ୍ତୋଷ ଦେଖାଦେଇଛି। ପୋଲିସ ସନ୍ଦେହରେ କେତେକ ମହିଳା ଓ ପୁରୁଷଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିଲେ ମଧ୍ୟ କୌଣସି ସୁରାକ ମିଳିପାରି ନାହିଁ। ଆଖପାଖ ଅଞ୍ଚଳରେ କୌଣସି ସିସିଟିଭି ନଥିବାରୁ ଯାଞ୍ଚ ସମ୍ଭବପର ହୋଇପାରୁ ନାହିଁ। ଏଥିସହ ଆଇଜିଙ୍କ ନିର୍ଦ୍ଦେଶରେ ଆଉଏକ ୫ଜଣିଆ ସ୍ପେଶାଲ ସ୍କ୍ୱାଡ୍ ବଲଙ୍ଗା ଅଞ୍ଚଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କେଉଁ କେଉଁ ଦିଗରୁ ତଦନ୍ତ କରାଯାଉଛି ସେ ସଂପର୍କରେ ମଧ୍ୟ ସ୍ଥାନୀୟ ପୋଲିସ ପାଖରେ କୌଣସି ସୂଚନା ନଥିବା ଜଣାପଡ଼ିଛି। ନୂଆ ଗୋପାଳପୁର ଗ୍ରାମରେ ଟିମ୍ ପହଞ୍ଚି ତଦନ୍ତକୁ ଜୋରଦାର କରିଛି। ଆମ ପୁରୀ ପ୍ରତିନିଧି ଜଣାଇଛନ୍ତି ଯେ ବଲଙ୍ଗା ଅଞ୍ଚଳର ୩ଟି ପୃଥକ ପୃଥକ ସ୍ଥାନରେ ତଦନ୍ତ ଚଳାଇଛି ପୋଲିସର ୩ଟି ସ୍ୱତନ୍ତ୍ର ଟିମ୍ । ଗୋଟିଏ ଟିମ୍ ପୀଡ଼ିତାଙ୍କ ଘରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ଅନ୍ୟ ଏକ ଟିମ୍ ଦୁଇ ସାଙ୍ଗଙ୍କ ଘରେ ଓ ଆଉ ଏକ ଟିମ୍ ଗାଁର ବିଭିନ୍ନ ଘରେ ପଚରାଉଚୁରା କରୁଛି। ତେବେ ଘଟଣାସ୍ଥଳରୁ ମିଳିଥିବା ରୁପା ମୁଦି କେଉଁଠୁ ଆସିଲା ତାକୁ ନେଇ ମଧ୍ୟ ପୋଲିସ ତଦନ୍ତ କରୁଛି। ଏ ନେଇ ବଲଙ୍ଗା ବଜାରର ଅନେକ ଅଳଙ୍କାର ଦୋକାନରେ ମଧ୍ୟ ପଚରାଉଚୁରା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୦ରୁ ଅଧିକ ● ପୃଷ୍ଠା ୫ ଦେଖନ୍ତୁ



ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଇସ୍ତଫା ଦେଲେ ଉପରାଷ୍ଟ୍ରପତି ଧନଖଡ଼



ନୂଆଦିଲ୍ଲୀ, ୨୧।୭: ଉପରାଷ୍ଟ୍ରପତି ପଦବୀରୁ ସୋମବାର ଇସ୍ତଫା ଦେଇଛନ୍ତି ଜଗଦୀପ ଧନଖଡ଼। ଏ ନେଇ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଛନ୍ତି। ରାଷ୍ଟ୍ରପତିଙ୍କୁ ପଠାଇଥିବା ତାଙ୍କ ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ଏବଂ ଡାକ୍ତରୀ ପରାମର୍ଶ ପାଳନ କରିବା ପାଇଁ ମୁଁ ସମ୍ବିଧାନର ଧାରା ୬୭(କ) ଅନୁଯାୟୀ ତୁରନ୍ତ ପ୍ରଭାବରୁ ଭାରତର ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ଦେଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଠାଇଥିବା ଏହି ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଦେଶର ରାଷ୍ଟ୍ରପତିଙ୍କ ପ୍ରତି ତାଙ୍କର ଅତୁଟ ସମର୍ଥନ ଏବଂ ମୋର କାର୍ଯ୍ୟକାଳ ମଧ୍ୟରେ ଆମର ଯେଉଁ ସୁଖଦ ଓ ଅଭିନବ ରାଷ୍ଟ୍ରକାର୍ଯ୍ୟ ସମ୍ପର୍କ ଥିଲା ସେଥିପାଇଁ ମୁଁ ଦେଶର ରାଷ୍ଟ୍ରପତିଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରୁଛି। ମୁଁ ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମନ୍ତ୍ରୀ ପରିଷଦକୁ ମଧ୍ୟ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ସମର୍ଥନ ମୋ ପାଇଁ ଅମୂଲ୍ୟ ରହିଛି। ମୋ କାର୍ଯ୍ୟକାଳ ମଧ୍ୟରେ ମୁଁ ତାଙ୍କଠାରୁ ବହୁତ କିଛି ଶିଖି ପାରିଛି। ସେ ଆହୁରି ଲେଖିଛନ୍ତି ଯେ ସଂସଦର ସମସ୍ତ ସଦସ୍ୟଙ୍କଠାରୁ ମୁଁ ଯେଉଁ ରାଜନୈତିକ ଉଷ୍ମତା, ବିଶ୍ୱାସ ଏବଂ ସ୍ନେହ ପାଇଛି ତାହା ସର୍ବଦା ମୋ ସ୍ମୃତିରେ ରହିବ। ଦେଶର ମହାନ ଗଣତନ୍ତ୍ରରେ ଉପରାଷ୍ଟ୍ରପତି ଭାବରେ ମୁଁ ଯେଉଁ ଅମୂଲ୍ୟ ଅଭିଜ୍ଞତା ଓ ଅନ୍ତର୍ଦୃଷ୍ଟି ପାଇଛି, ସେଥିପାଇଁ ମଧ୍ୟ ଗଭୀର କୃତଜ୍ଞ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଦେଶର ଆର୍ଥିକ ପ୍ରଗତି ଏବଂ ଅଭୂତପୂର୍ବ ବିକାଶକୁ ଦେଖିବା ଏବଂ ଏଥିରେ ଅଂଶଗ୍ରହଣ କରିବା ମୋ ପାଇଁ ସୌଭାଗ୍ୟ ଓ ସନ୍ତୋଷର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ ୨୦୨୨ ଅଗଷ୍ଟ ୧୧ ତାରିଖରେ ଧନଖଡ଼ ଉପରାଷ୍ଟ୍ରପତିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ସଂକ୍ଷେପରେ...

### ୨ ଗ୍ରାମବାସୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୧।୭ (ଭାସ୍କର ନ୍ୟୁଜ): ପୁଣି ମାଓବାଦୀଙ୍କ ବର୍ବର କାଣ୍ଡ। ୨ ଗ୍ରାମବାସୀଙ୍କୁ ନିର୍ମମ ହତ୍ୟା କଲେ ମାଓବାଦୀ। ଛତିଶଗଡ଼ର ବିଜାପୁରର ତର୍ରେମ ଥାନା ଛୁଟୁବାଇ ଓ ବଡେ ତର୍ରେମ ଗାଁରେ ମାଓବାଦୀମାନେ ଏଭଳି କାଣ୍ଡ ଭିଆଇଛନ୍ତି। ଦୁଇ ମୃତକ ହେଲେ ଛୁଟବାଇ ଗାଁର ୫୦ ବର୍ଷୀୟ ଯୋଗା କଓ୍ୱାସୀ ଓ ବଡେ ତର୍ରେମ ଗାଁର ୫୫ ବର୍ଷୀୟ ମଙ୍ଗଲୁ କୁରସମ। ଉଭୟଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଜଣାପଡିଛି।

### ବ୍ୟାଙ୍କରୁ ବଡ଼ଧରଣର ଲୁଟ୍

ଝାରସୁଗୁଡ଼ା, ୨୧।୭ (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ରେଙ୍ଗାଲି ଥାନା ଅଞ୍ଚଳରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଭିକମପାଲି ଶାଖାରୁ ଏକ ବଡ଼ଧରଣର ଲୁଟ୍ ହୋଇଛି। ୩ଜଣ ଦୁର୍ବୃତ୍ତ ପ୍ରାୟ ୧.୫ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ ନୀତି


ପୁରୀ, ୨୧।୭ (ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କର ବଡ଼ ମହାସ୍ନାନ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ବଡ଼ ମହାସ୍ନାନ ହୋଇଛି । ଯାହାଫଳରେ କିଛି ସମୟ ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା ବୋଲି ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଖବର ଅନୁଯାୟୀ, ସୋମବାର ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଭିତର କାଠ ନିକଟରେ ଜଣେ ଛୋଟ ପିଲା ବାନ୍ତି କରିଦେବାରୁ ବଡ଼ ମହାସ୍ନାନ ହୋଇଛି। ଅବକାଶ ପୂଜା ସରିବା ପରେ ବାନ୍ତି ପଡିଥିବାର ଦୃଶ୍ୟ ସେବାୟତ ● ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୮୨,୨୦୦.୩୪

ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୨୧।୭।୨୦୨୫ ର ମତାମତ**

କୋଟି କୋଟି ଟଙ୍କା ଦୁର୍ନୀତି କରିଥିବା ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଗିଂ ନେଇ ସରକାର କଠୋର ଆଇନ ପ୍ରଣୟନ କରିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଇଡି ଉପରେ ପ୍ରବଳ ବର୍ଷିଲେ ସୁପ୍ରିମକୋର୍ଟ

# ରାଜନୈତିକ ଯୁଦ୍ଧ ଲଢିବାରୁ କ୍ଷାନ୍ତ ରୁହ



ନୂଆଦିଲ୍ଲୀ, ୨୧।୭: କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଉପରେ ସୋମବାର ପ୍ରବଳ ବର୍ଷିଛନ୍ତି ସର୍ବୋଚ୍ଚ ଅଦାଲତ। ଆଇନଗତ ଉପାୟରେ ଇଡି ରାଜନୈତିକ ଯୁଦ୍ଧ ଲଢିବାକୁ ଚେଷ୍ଟା କରୁଛି ବୋଲି ସର୍ବୋଚ୍ଚ ଅଦାଲତ ତାଗିଦ୍ କରିଛନ୍ତି। ଦୁଇଟି ଭିନ୍ନ ମାମଲାର ଶୁଣାଣିବେଳେ ସୁପ୍ରିମକୋର୍ଟ ଇଡି ବିରୋଧରେ ଏଭଳି ଶକ୍ତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ମୁଦା କେସ୍‌ରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ମିଳିଥିବା ଆଶ୍ୱସ୍ତି ବିରୁଦ୍ଧରେ ଇଡି ଆବେଦନ କରିଥିଲା। ସେହିପରି ଆଇନଜୀବୀମାନେ ନିଜର କ୍ଲାଏଣ୍ଟମାନଙ୍କୁ ଦେଉଥିବା ପରାମର୍ଶ ଯୋଗୁ ଇଡି ସେମାନଙ୍କୁ ସମନ କରିଥିବାରୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାର ଶୁଣାଣି କରିଛନ୍ତି। ଉଭୟ ମାମଲାରେ ସୁପ୍ରିମକୋର୍ଟ ଇଡିକୁ ତୀବ୍ର ସମାଲୋଚନା କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ନିକଟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀ ବି.ଏମ.ପାର୍ବତୀ ଏବଂ କର୍ଣ୍ଣାଟକର ସହର ବିକାଶମନ୍ତ୍ରୀ ବି.ସୁରେଶଙ୍କ ନାମରେ ରୁଜୁ ହୋଇଥିବା ମନି ଲଣ୍ଡରିଂ ମାମଲାକୁ ଖାରଜ କରି ଦେଇଥିଲେ। ଏହି ଆଦେଶ ବିରୋଧରେ ଇଡି ସୁପ୍ରିମକୋର୍ଟ ଯାଇଥିଲା। ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥରିଟି ପକ୍ଷରୁ ବେଆଇନ ଭାବେ ଜମି ଆବଣ୍ଟନ ଅଭିଯୋଗ ସହ ଏହା ଜଡ଼ିତ ଥିଲା। ତେବେ ଇଡି ତଦନ୍ତକୁ ଏହି ମାମଲାରୁ ଦୂରେଇ ରଖିବା ପାଇଁ ପ୍ରଥମେ ତଳକୋର୍ଟ ରାୟ ଦେଇଥିଲା। ହାଇକୋର୍ଟ ମଧ୍ୟ ଏହାକୁ କାଏମ ରଖିଥିଲେ। ତଳକୋର୍ଟ ଓ ହାଇକୋର୍ଟ ଉପଯୁକ୍ତ ପ୍ରମାଣ ଆଧାରରେ ରାୟ ଦେଇଥିବାବେଳେ ଇଡି ଏହାକୁ କାହିଁକି ଚାଲେଞ୍ଜ କରୁଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର.ଗବାଇ ପ୍ରଶ୍ନ କରିଥିଲେ। ସିଜେଆଇ କହିଥିଲେ ଯେ ଆମେ କିଛି ଏ ବାବଦରେ ଆପଣଙ୍କୁ ବଡ଼କଥା କହୁ ବୋଲି ବାଧ୍ୟ କରନ୍ତୁ ନାହିଁ । ନଚେତ ଆମକୁ ବାଧ୍ୟ ହୋଇ ଇଡି ବିରୋଧରେ ଅତ୍ୟନ୍ତ କଠୋର କଥା କହିବାକୁ ପଡ଼ିବ। ସେହିପରି କ୍ଲାଏଣ୍ଟମାନଙ୍କୁ ପରାମର୍ଶ ଦେଉଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ଇଡି ସମନ କରିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ଯଦି ଆଇନଜୀବୀଙ୍କ ପକ୍ଷରୁ ପରାମର୍ଶ ଦିଆଯିବା ଭୁଲ ତେବେ ତାଙ୍କୁ କେମିତି ସମନ କରାଯିବ। ଏହା ଏକ ସ୍ୱାଧୀକାର ବିଷୟବସ୍ତୁ। କିଛି ଗାଇଡଲାଇନ ଏ ନେଇ ଆସିବା ଜରୁରି। କୋର୍ଟ ଜଣେ ଆମିକସ କ୍ୟୁରି ନିଯୁକ୍ତ କରି ସବୁ ତଥ୍ୟ ସଂଗ୍ରହ କରିବେ ଓ ଆଗାମୀ ସପ୍ତାହରେ ଏହାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଥିଲେ ଯେ ଦରକାର ପଡ଼ିଲେ ଆମେ ଇଡି ସଂପର୍କରେ କଠୋର ଭାଷା ବ୍ୟବହାର କରିପାରିବୁ। ଏହି ଭାଇରସକୁ ● ପୃଷ୍ଠା ୫ ଦେଖନ୍ତୁ

## ସଂସଦର ମୌସୁମୀ ଅଧିବେଶନ ଆରମ୍ଭ

# ପହଲଗାମ ହମଲା, ଅପରେସନ ସିନ୍ଦୂରକୁ ନେଇ ଗୃହ ସରଗରମ



ନୂଆଦିଲ୍ଲୀ, ୨୧।୭: ସୋମବାରଠାରୁ ଆରମ୍ଭ ହୋଇଛି ସଂସଦର ମୌସୁମୀ ଅଧିବେଶନ। ତେବେ ଅଧିବେଶନ ଆରମ୍ଭରୁ ଗୃହ ବେଶ୍ ସରଗରମ ହୋଇଥିବା ସୂଚନା ମିଳିଛି। ସଂସଦର ଉଭୟ ଗୃହରେ ପ୍ରାଥମିକ ପର୍ଯ୍ୟାୟରେ ପହଲଗାମ ଆତଙ୍କୀ ହମଲାରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରାଯାଇଥିଲା। ପରେ ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ହଙ୍ଗାମା କରିଥିଲେ। ଗୃହରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ଓମ୍ ବିର୍ଲା ଲୋକସଭାକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ଯାଏ ମୁଲତବୀ ରଖିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଅପରେସନ ସିନ୍ଦୂର ପ୍ରସଙ୍ଗ ଉଠାଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ କାହିଁକି ପହଲଗାମ ହମଲାର ପ୍ରକୃତ ଆତଙ୍କୀଙ୍କୁ ଧରାଯାଇ ନାହିଁ କି ହତ୍ୟା କରାଯାଇନାହିଁ ବୋଲି ପ୍ରଶ୍ନ କରିବା ସହ ଭାରତ-ପାକିସ୍ତାନ ଯୁଦ୍ଧରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ମଧ୍ୟସ୍ଥତା କରିଥିବା କହିବା ଭାରତ ପାଇଁ ଅପମାନ ବୋଲି କହିଥିଲେ। ଅନ୍ୟପକ୍ଷରେ ଗୃହରେ ବିରୋଧୀଦଳଙ୍କୁ କହିବା ପାଇଁ ● ପୃଷ୍ଠା ୫ ଦେଖନ୍ତୁ

### ଏହି ଅଧିବେଶନ ବିଜୟ ଅଧିବେଶନ



ନୂଆଦିଲ୍ଲୀ, ୨୧।୭: ସଂସଦ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ମୌସୁମୀ ଅଧିବେଶନ ଦେଶପାଇଁ ଏକ ଗୌରବପୂର୍ଣ୍ଣ ଅଧିବେଶନ। ଏହି ଅଧିବେଶନ ବିଜୟ ଉତ୍ସବର ଅଧିବେଶନ। ପହଲଗାମ ନରସଂହାର ସାରା ବିଶ୍ୱ ଦେଖିଲା। ଅପରେସନ ସିନ୍ଦୂରର ସଫଳତା ସହ ବିଶ୍ୱମଧ୍ୟ ଭାରତର ସାମର୍ଥ୍ୟ ଦେଖିପାରିଲା। ବୋମା, ବନ୍ଧୁକ ଆଗରେ ସମ୍ବିଧାନର ବିଜୟ ହେଉଛି। ଅପରେସନ ସିନ୍ଦୂରରେ ସେନାର ଲକ୍ଷ୍ୟ ସଫଳ ହୋଇଛି। ସାରା ଦୁନିଆ ଭାରତକୁ ଏଥିପାଇଁ ପ୍ରଶଂସା କରୁଛି। ଦେଶରୁ ମାଓବାଦର ମୂଳୋତ୍ପାଟନ ହେଉଛି। ସେହିଭଳି ମହାକାଶଯାତ୍ରୀ ଶୁଭାଂଶୁ ଶୁକ୍ଳା ମହାକାଶରେ ତ୍ରିରଙ୍ଗା ଉଡାଇବା ଆମପାଇଁ ଗର୍ବର ବିଷୟ ବୋଲି ମୋଦୀ କହିଥିଲେ। ସେ କହିଥିଲେ, ମୌସୁମୀର ଅର୍ଥ ହେଉଛି ନୂତନତା ଏବଂ ନବସୃଜନର ପ୍ରତୀକ। ମୌସୁମୀ ଏବେ ସଠିକ ଭାବେ ଆଗକୁ ବଢୁଛି। ଏହା କୃଷିପାଇଁ ବେଶ ଅନୁକୂଳ। କୃଷକର ଅର୍ଥ ବ୍ୟବସ୍ଥା, ଦେଶର ଅର୍ଥ ବ୍ୟବସ୍ଥା, ଗ୍ରାମୀଣ ଜୀବନର ଅର୍ଥ ବ୍ୟବସ୍ଥା ଏବଂ ସବୁ ପରିବାରର ଅର୍ଥ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଆଇନି ଶୃଙ୍ଖଳା ବିଗିଡି ଗଲାଣି
ଚିଡି ଉଠିଲେଣି ଲୋକ,
ଗୋଟେ ପରେ ଗୋଟେ ଘଟଣା ଘଟୁଛି
ଅପରାଧ ମାତ୍ରାଧିକ ।
ଶାସକ ଓ ପ୍ରଶାସକ,
ଚିନ୍ତାରେ ଚିନ୍ତାରେ ରାତି ଅନିଦିରା
ବିରୋଧି ଘଷନ୍ତି ନଖ ।

## ହାଇକୋର୍ଟର ବିଚାରପତି ଭାବେ

# ଶପଥ ନେଲେ ମାନସ ରଞ୍ଜନ ପାଠକ



କଟକ, ୨୧।୭ (ଭାସ୍କର ନ୍ୟୁଜ୍): ଗୌହାଟୀ ହାଇକୋର୍ଟରୁ ବଦଳି ହୋଇ ଆସିଥିବା ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଆଜି ଓଡିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ସୋମବାର ଦିନ ସକାଳ ୧୦ ଘଟିକା ସମୟରେ ଓଡିଶା ହାଇକୋର୍ଟର ଓଲ୍‌ଡ ବିଲ୍‌ଡିଙ୍ଗ୍‌ର ନିଉ କନ୍‌ଫରେନ୍‌ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଜଷ୍ଟିସ୍ ପାଠକ ଶପଥ ଗ୍ରହଣ ● ପୃଷ୍ଠା ୫ ଦେଖନ୍ତୁ

## ହକି ପ୍ରଶିକ୍ଷଣ କେନ୍ଦ୍ର ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

# କୋଚ୍‌ଙ୍କ ସମେତ ୪ ଅଟକ




ଯାଜପୁର, ୨୧।୭ (ଭାସ୍କର ନ୍ୟୁଜ): ବିରଜା କ୍ଷେତ୍ର ଯାଜପୁରରେ ଥିବା ହକି ପ୍ରଶିକ୍ଷଣ କେନ୍ଦ୍ରରେ କଳଙ୍କ। ବାଲେଶ୍ୱର ଭଳି ଏଠାରେ ମଧ ମୁଖ୍ୟ ଆସାମୀ ହେଉଛନ୍ତି ଏକାଧିକ ଗୁରୁ ବା ପ୍ରଶିକ୍ଷକ। ହକି ପ୍ରଶିକ୍ଷଣ ନେଉଥିବା ଜଣେ ନାବାଳିକାକୁ ମୁଖ୍ୟ ପ୍ରଶିକ୍ଷକ (କୋଚ୍)ଙ୍କ ସମେତ ଆଉ ଜଣେ ସହଯୋଗୀ ଦୁଷ୍କର୍ମ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ମଧ୍ୟ ପୀଡ଼ିତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ସହଯୋଗ କରିଥିବା ପୀଡ଼ିତା ଯାଜପୁର ଟାଉନ୍ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗ ପାଇବାର ମାତ୍ର ୮ ଘଣ୍ଟା ମଧ୍ୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ୪ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଘଟଣାରୁ ପ୍ରକାଶ ଯେ ଏହି ଥାନା ଅଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକା ଗତ ଦୁଇ ବର୍ଷ ହେଲା ଯାଜପୁର ଟାଉନ୍ ଠାରେ ଥିବା ହକି ପ୍ରଶିକ୍ଷଣ କେନ୍ଦ୍ରରେ ଶିକ୍ଷାଲାଭ କରୁଛି। ତେବେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପୂର୍ବତନ ପ୍ରଶିକ୍ଷକ ଓ ଅଧୁନା କାର୍ଯ୍ୟରତ ପ୍ରଶିକ୍ଷକ ଝିଅଟି ଉପରେ କୁ ଦୃଷ୍ଟି ● ପୃଷ୍ଠା ୫ ଦେଖନ୍ତୁ

## ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ.

# ଅଚ୍ୟୁତାନନ୍ଦନଙ୍କ ପରଲୋକ



ଥିରୁବନନ୍ତପୁରମ୍, ୨୧।୭: କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ଭି.ଏସ. ଅଚ୍ୟୁତାନନ୍ଦନଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ଥିରୁବନନ୍ତପୁରମ୍‌ର ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ତାଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି। ଅଚ୍ୟୁତାନନ୍ଦନ ୨୦୦୬ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପ୍ରମୁଖ ନେତା ଥିଲେ ଏବଂ ଦଳର ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରେ ଅନ୍ୟତମ ରହିଥିଲେ। ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ ସେ କେରଳ ବିଧାନସଭାରେ ୧୫ବର୍ଷ ଧରି ବିରୋଧୀଦଳ ନେତା ଭାବେ କାର୍ଯ୍ୟ କରିଥିଲେ। ଯାହାକି ଏକ ରେକର୍ଡ ବୋଲି କୁହାଯାଇପାରେ। ତାଙ୍କର ସ୍ପଷ୍ଟବାଦିତା, ଦୁର୍ନୀତିବିରୋଧୀ ଆଭିମୁଖ୍ୟ ପାଇଁ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ଶାସନକାଳରେ ମୁନାରରେ ବେଆଇନ ଜବରଦଖଲ ହଟାଇବା ଭଳି ● ପୃଷ୍ଠା ୫ ଦେଖନ୍ତୁ



ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଶ୍ରୀଧରପୁର ସ୍ଥିତ ବଟମହାପୁରୁଷ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁକୁନ୍ଦପୁର ସାଧନକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜକାନ୍ତ ପ୍ରହରାଜ ସଭାପତିତ୍ୱ କରିଥିଲେ। ଏହି ସଭାରେ ପଂଚାୟତ ହାଇସ୍କୁଲ ମୁକୁନ୍ଦପୁର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବରେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ଦାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନାନନ୍ଦ ନାୟକ, ଜେନାମଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ନରସିଂହପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନା କୁମାର ସ୍ୱାଇଁଙ୍କ ସେବାନିବୃତ୍ତ ଅବସରରେ ଆୟୋଜିତ ଏହି ବିଦାୟକାଳୀନ ସଭାରେ ମଂଚାସୀନ ଅତିଥିମାନେ ତାଙ୍କ ଗୁଣଗାନ କରିବା ସହିତ ପ୍ରଶସ୍ତିପତ୍ର, ଅଙ୍ଗାଭରଣ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରମାନଙ୍କ ତରଫରୁ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱାଇଁଙ୍କୁ ଉପହାରମାନ ପ୍ରଦାନ କରାଯାଇଥିଲା। ଶେଷରେ ଜୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଭାବଗ୍ରାହୀ କର ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନିର୍ମଳା ହୋତା ସହଯୋଗ କରିଥିଲେ ।

# ଗୋରେଖନାଥ ପୀଠରେ ୩୦ ହଜାର କାଉଡ଼ିଆଙ୍କ ଜଳଲାଗି



ରଘୁନାଥପୁର (ଭାସ୍କର ନ୍ୟୁଜ): ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ୩୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ପହଞ୍ଚି ଜଳଲାଗି କରିଛନ୍ତି। ଦୂରଦୂରାନ୍ତରୁ ପାଣି ନେଇ ଆସିଥିବା କାଉଡ଼ିଆମାନେ ରବିବାର ପୀଠରେ ପହଞ୍ଚି ବିଶ୍ରାମ ନେଇଥିଲେ। ସନ୍ଧ୍ୟା ପରଠୁ ଏମାନଙ୍କ ଭିଡ ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ପୀଠ ପରିସରରେ ହୋଇଥିବା ଅସ୍ଥାୟୀ ଟେଣ୍ଟ, ପ୍ରାସାଦ ମଣ୍ଡପ ଓ ଚତୁଃପାର୍ଶ୍ୱ ରାସ୍ତାଘାଟରେ କାଉଡିଆମାନେ ଆଶ୍ରୟ ନେଇଥିବା ଦେଖାଯାଇଥିଲା। ଭିଡକୁ ଦୃଷ୍ଟିରେ ରଖି ରାତି ୧ଟା ୩୦ରେ ପ୍ରଭୁଙ୍କ ପହୁଡ଼ ଖୋଲିବା ପରେ ମାନସିକଧାରି ମାନେ ବ୍ୟାରିକେଡ଼ରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ପୋଲିସ ବାହିନୀ ଉପସ୍ଥିତ ରହି ଶୃଙ୍ଖଳିତ ଜଳଲାଗିର ବ୍ୟବସ୍ଥା କରିଥିଲେ। ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପାଣିଢଳା ପର୍ବ ଜାରି ରହିଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ଶୌଚାଳୟ, ପାନୀୟଜଳ, ଆଲୋକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଯାଇଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ହୋଇନଥିଲା। ଏହାଛଡା ବିଶ୍ରାମ ପାଇଁ ଟେଣ୍ଟ ବନ୍ଧା ହୋଇଥିବା ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମାଗଣା ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ହୋଇଥିବାରୁ ପରିବେଶ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ପାଣିକାଦୁଅରେ ଅଇଁଠା ପତ୍ର ଓ ଚାହା କପ୍ ପଡି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଲୋକେ ତା'ଉପର ଦେଇ ଚଳପ୍ରଚଳ କରିବାକୁ ବାଧ ହୋଇଥିଲେ। ଅନ୍ୟପକ୍ଷେ ପୀଠ ପରିସରରେ ଫାଟେଡ ବ୍ୟବସ୍ଥା ସହ ଡାକ୍ତର ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ। ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ଓ କର୍ମଚାରୀ ସରୋଜ କୁମାର ସାହାଣୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଗତ ସୋମବାର ଅଫିସ ସମ୍ମୁଖରେ ବ୍ୟାରିକେଡ଼ ନିର୍ମାଣ ଯୋଗୁଁ ପୀଠ ନିଲାମ ପ୍ରାପ୍ତ ଭୋଗ ଓ ଦୀପ ଦୋକାନୀ କ୍ଷତି ସହିଥିଲେ। ଦ୍ୱିତୀୟ ପାଳିରେ ବ୍ୟାରିକେଡ଼ର କିଛି ଅଂଶ ଖୋଲି ଦିଆଯାଇଥିବା ବେଳେ ରାତିରେ ନିଲାମି ଦୋକାନ ସମ୍ମୁଖରେ କାଉଡିଆଙ୍କ ଲମ୍ବା ଲାଇନ ଯୋଗୁଁ ବେପାର ବାଧାପ୍ରାପ୍ତ ହୋଇଥିବାର ଭୋଗ ଦୋକାନୀ ସତ୍ୟବ୍ରତ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶୃଙ୍ଖଳାର ସହ ଜଳଲାଗି ଉତ୍ସବ ଶେଷ ହୋଇଥିବାବେଳେ ଚତୁଃପାର୍ଶ୍ୱ ଦୋକାନୀମାନେ ରାତି ଉଜାଗର ରହି ବେଶ୍ ଦି'ପଇସା କମେଇଥିବାର ଦେଖାଯାଇଛି।

## ଅପହରଣ ଅଭିଯୋଗ ଆଣିଥିଲେ ବାପା, ଖଣ୍ଡନ କଲା ଝିଅ

ନିଆଳି, (ଭାସ୍କର ନ୍ୟୁଜ) : ବାହାରଣା ପଞ୍ଚାୟତ ଅଠାନ୍ତର ଗ୍ରାମର ବିପିନ ବିହାରୀ ଜେନା ତାଙ୍କ ଝିଅକୁ ସଡାନ୍ଦ ପଞ୍ଚାୟତ କଣ୍ଟିଶାଳ ଗ୍ରାମର ରାହୁଲ ଗୋଛାୟତ ଅପହରଣ କରିନେଇଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୨୯୮/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଝିଅ ଦିଲ୍ଲୀରୁ ଆସି ବୟାନ ବଦଳାଇବା ଶହ ବାପାଙ୍କ ଅଭିଯୋଗକୁ ଖଣ୍ଡନ କରିଛି। ଏମିତିକି କେହି ଅପହରଣ କରି ନଥିବା କହିଛି। ଏହି ଘଟଣା ନିଆଳୀରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଜିଲ୍ଲାସ୍ତରୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବୈଠକ




ବାରିପଦା (ଭାସ୍କର ନ୍ୟୁଜ): ବାରିପଦା ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ସ୍ଥିତ ସାଇ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଘ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଘନଶ୍ୟାମ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଭଞ୍ଜନ ରାଉତ ଯୋଗ ଦେଇଥିବାବେଳେ ସମସ୍ତ ୨୬ ବ୍ଲକର ଏବିଇଓ ମାନେ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଏବିଇଓ ମାନଙ୍କୁ ସଙ୍ଘ ତରଫରୁ ସ୍ୱାଗତ କରାଯିବା ବେଳେ ଅବସର ନେଇଥିବା ଅଧିକାରୀ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ବର୍ଷମାନଙ୍କ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୁଣିଥରେ ଘନଶ୍ୟାମ ସିଂ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଉପ ସଭାପତି ଭାବେ ଭୁତନାଥ ସିଟ, ସମ୍ପାଦକ ଭାବେ ଦେବେନ୍ଦ୍ର ନାଥ ସାହୁ, ସହ ସମ୍ପାଦକ ଭାବେ ବ୍ରଜମୋହନ ମୁର୍ମୁ ଓ କୋଷାଧକ ଭାବେ ସରସ୍ୱତୀ ସିଂ ମନୋନୀତ ହୋଇଥିଲେ। ବୈଠକରେ ସଂଘକୁ ଶକ୍ତିଶାଳୀ କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ଦାବି ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଏବିଇଓ ମାନଙ୍କୁ ବିଦ୍ୟାଳୟ ପରିଦର୍ଶନ ପାଇଁ ଭତ୍ତା ପ୍ରଦାନ, ଗାଡିର ବ୍ୟବସ୍ଥା ଓ ପ୍ରଭିଜନାଲ ଗ୍ରେଡେସନ ତାଲିକାର ସଂଶୋଧନ ଆଦି ମୁଖ୍ୟ ଦାବିଗୁଡିକ ଉପରେ ଉଚିତ ପଦକ୍ଷେପ ନେବା ପାଇଁ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ଯାଜପୁର ଜିଲ୍ଲା ବଜରଙ୍ଗ ଦଳର ବୈଠକ

# 'ହିନ୍ଦୁମାନେ ଏକାଠି ହେବା ଆବଶ୍ୟକ'




ବ୍ୟାସନଗର (ଭାସ୍କର ନ୍ୟୁଜ) : ଜାତି ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ହିନ୍ଦୁମାନେ ଏକାଠି ହେବା ଆବଶ୍ୟକ ବୋଲି ଜିଲ୍ଲା ସଂଯୋଜକଙ୍କ ସମେତ ଅତିଥିମାନେ ବଜରଙ୍ଗ ଦଳ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଯାଜପୁର ଜିଲ୍ଲାର ବଜରଙ୍ଗ ଦଳକୁ ଯାଜପୁର ଜିଲ୍ଲାରେ ଶକ୍ତିଶାଳୀ କରିବାକୁ ହେଲେ ବଜରଙ୍ଗ ଦଳ କର୍ମୀମାନେ ତୃଣମୂଳ ସ୍ତରକୁ ଯାଇ ହିନ୍ଦୁ ଧର୍ମର ଜାଗରଣର ସୃଷ୍ଟି କରିବା ପାଇଁ ମୁଖ୍ୟ ଲକ୍ଷ୍ୟ ନେଇ ଯାଜପୁର ରୋଡ ମୁଣ୍ଡା ମାଳ ଶିଶୁ ମନ୍ଦିରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମିଶ୍ର ପ୍ରଦୀପ ଜଳି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ସନାତନ ଧର୍ମରୁ ସବୁ ଧର୍ମର ସୃଷ୍ଟି ବୋଲି କହିଥିଲେ। ପଣ୍ଡିତ ଆଚାର୍ଯ୍ୟ ଆକାଶ ଶର୍ମାଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ପ୍ରତି ସନାତନୀ ପରିବାର ସଂକଳ୍ପ ବଦ୍ଧ ହେବା ଦରକାର, ବାଂଲାଦେଶ ପରି ହିନ୍ଦୁଙ୍କ ପ୍ରତି ବିଶ୍ୱର କୋଣ ଅନୁକୋଣରେ ବିପଦ ସୃଷ୍ଟି ହେଲାଣି, ହିନ୍ଦୁ ଆଜି ଅସୁରକ୍ଷିତ, ସଜାଗ ହେବାର ସମୟ ଉପନୀତ ଆମ ଦେଶ ଭାରତ ବର୍ଷରେ ସଂଖ୍ୟାଧିକ ହିନ୍ଦୁ ସନାତନ ଧର୍ମର ଲୋକମାନେ ବସବାସ କରୁଥିବା ବେଳେ ଆଜି ଦେଶର ପ୍ରତ୍ୟେକ କୋଣେ ଅନୁକୋଣେ ହିନ୍ଦୁ ସମାଜ ପ୍ରତି ପ୍ରତିକ୍ଷଣରେ ବିପଦ ମାଡି ଆସୁଛି, ଏପରି ଘଡିସନ୍ଧି ମୁହୂର୍ତ୍ତରେ ସନାତନୀ ହିନ୍ଦୁମାନଙ୍କର ନିଦ ଭାଙ୍ଗୁନାହଁ, ଯାହାର ଫାଇଦା ନେଇ ଗାଁ ଗାଁବସ୍ତି ବସ୍ତିରେ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମାନ୍ତରଣ କରୁଛନ୍ତି। ଏସବୁ ସମ୍ବେଦନଶୀଳ ଚିନ୍ତଜନକ ବିଷୟକୁ ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଚଳିତ ବର୍ଷ ସେବା ସପ୍ତାହ ପୂର୍ତ୍ତୀ ଅବସରରେ ବ୍ୟାସନଗର ସ୍ଥିତ ମୁଣ୍ଡମାଳ ଶିଶୁ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗ ଦଳ କର୍ମୀ ଗାଁକୁ ଗାଁ ବୁଲି ହିନ୍ଦୁମାନଙ୍କୁ ସନାତନ ଧର୍ମ ବାର୍ତ୍ତା ପଚାର କରି ଲୋକ ମାନଂକୁ ଧର୍ମ ପ୍ରତି ଜାଗ୍ରତ କରିବା ବଜରଙ୍ଗୀ ଭାଇ ମାନେ ନଗର ପରିକ୍ରମା କରି ଶିଶୁ ମନ୍ଦିରରେ ପହଞ୍ଚିଲା ପରେ ବୌଦ୍ଧିକ ମଣ୍ଡପ ଠାରେ ସଭା ଆରମ୍ଭ ହୋଇଥିଲା। ମା' ଭାରତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଏକାତ୍ମସ୍ତ୍ର, ବିଜୟ ମହାମନ୍ତ୍ର, ସାମୂହିକ ହନୁମାନ ଚାଳିଶା ପାଠ, ପଣ୍ଡିତ ଆଚାର୍ଯ୍ୟ ଆକାଶ ଶର୍ମା ଓ ହିମାଂଶୁ ଶର୍ମା ମାର୍ଗ ଦର୍ଶନ ଦେଇଥିବା ବେଳେ ଓ ଶେଷରେ ଶାନ୍ତି ପାଠ ସହ ଜୟ ଘୋଷ ହୋଇଥିଲା। ଏହି ବୈଠକରେ ତିନି ଶହରୁ ଊର୍ଦ୍ଧ୍ୱ ବଜରଙ୍ଗୀ ଭାଇଙ୍କ ସମେତ ମାତୃମଣ୍ଡଳୀ ମୁଖ୍ୟ ଅତିଥି ଅଭିମନ୍ୟୁ ମିଶ୍ର, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀକାନ୍ତ ମହାପାତ୍ର, ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର, ଜିଲ୍ଲା ସହ ସଂଯୋଜକ ସାରଦା ପ୍ରସନ୍ନ ବଳ, ଜିଲ୍ଲା ସୁରକ୍ଷା ପ୍ରମୁଖ ସନ୍ତୋଷ ପତି, ଜିଲ୍ଲା ଗୋରକ୍ଷା ପ୍ରମୁଖ ସନ୍ତୋଷ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ମହାଳିକ, ପୂର୍ବତନ ଜିଲ୍ଲା ସଂଯୋଜକ ପ୍ରତାପ ନାୟକ, ପ୍ରଶାନ୍ତ କୁମାରପାତ୍ର, ମାନସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସହଯୋଗ କରିଥିଲା।

## ଏସ୍‌ବିଆଇ ପୂର୍ବତନ ଅଧିକାରୀ ଅଭିମନ୍ୟୁଙ୍କ ପରଲୋକ

ଫୁଲନଖରା (ଭାସ୍କର ନ୍ୟୁଜ) : କଟକ ସଦର ଥାନା ଅନ୍ତର୍ଗତ ମହାଧରପଡ଼ା ବ୍ରାହ୍ମଣ ଶାସନ ଗ୍ରାମର ଅଭିମନ୍ୟୁ ଦାଶ ୮୩ ବର୍ଷ ବୟସରେ ୨୦ ତାରିଖ ସକାଳେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ଧରି କଟକ ଶକ୍ତିନଗର ଠାରେ ରହିଆସୁଥିଲେ। ସେ ଦୀର୍ଘ ବର୍ଷ ଧରି ଷ୍ଟେଟ୍ ବ୍ୟାଙ୍କରେ କାର୍ଯ୍ୟ କରି ରେଜ୍ୟୁନାଲ ମ୍ୟାନେଜରରୁ ଅବସର ନେଇଥିଲେ। ତାଙ୍କ ମର ଶରୀରକୁ ନିଜ ପୈତୃକ ଗ୍ରାମ ମହାଧରପଡ଼ାକୁ ଶେଷ ଦର୍ଶନ ପାଇଁ ଅଣାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରାଯାଇଥିଲା। ଏହି ଦୁଃଖଦ ଖବର ଶୁଣି ଉଦୟନାଥ ରଥ, ଗଣେଶ ପ୍ରସାଦ ଦାଶ, କିଶୋର ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ଦାଶ, ସୀତାରାମ ଦାଶ, ଲଳିତ କୁମାର ଦାଶ, ନିମାଇଁ ଚରଣ ଦାଶ, ଯୁଗଳ ଚନ୍ଦ୍ର ଦାଶ ଓ ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ ପରିବାରକୁ ସମବେଦନା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ନରୋତ୍ତମ ଦାସ, ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ମଲ୍ଲିକ, ନଳିନୀ କାନ୍ତ ପଟ୍ଟନାୟଙ୍କ, ପ୍ରଶାନ୍ତ ଦାସ, ସମାଜ ସେବୀ ପ୍ରକାଶ କୁମାର ନାୟକ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ଦାସ ଶ୍ରୀଯୁକ୍ତ ଦାଶଙ୍କର ଦେହାନ୍ତରେ ଦୁଃଖ ପ୍ରକାଶ କରିଛନ୍ତି। ବହୁ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ତାଙ୍କ କଟକସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଆସନ୍ନ ବନ୍ୟା ପାଇଁ ସରକାର ସତର୍କ ହୁଅନ୍ତୁ: ଜନଶକ୍ତି ପାର୍ଟି

ଡେରାବିଶ (ଭାସ୍କର ନ୍ୟୁଜ) : ଚଳିତ ବନ୍ୟା ଋତୁରେ ଓଡ଼ିଶାର ଅର୍ଦ୍ଧାଧିକ ଅଂଚଳର ଏବେ ବନ୍ୟା ପ୍ରଭାବିତ ହେବାର ସମ୍ଭାବନା ରହିଥିବାରୁ ଶୂନ ମୃତ୍ୟୁ ପାଇଁ ସରକାର ଏବେଠାରୁ ପ୍ରସ୍ତୁତ ରହିବାକୁ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଦାବି କରିଛନ୍ତି। ଶ୍ରୀ ଦାଶ ଏକ ପ୍ରେସ୍ ବିବୃତିରେ ବନ୍ୟ ଆସିବା ପୂର୍ବରୁ ଅଂଚଳରେ ଥିବା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବା, ପ୍ରତି ପଂଚାୟତରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ହାଲୋଜିନ୍ ବଟିକା ପ୍ରଚୁର ପରିମାଣରେ ମହଜୁଦ ରଖିବା ସହିତ ଥଣ୍ଡା, ଜ୍ୱର, ସର୍ଦ୍ଦି, ଝାଡ଼ା ପାଇଁ ଔଷଧ, ସାପ କାମୁଡ଼ା ଇଞ୍ଜେକସନ୍ ମହଜୁଦ ରଖିବା ପାଇଁ ଦାବି କରିଛନ୍ତି । ଏଥିସହିତ ରିଲିଫ୍ ବାଟମାରଣା, କୃତ୍ରିମ ବନ୍ୟା ସଂଗଠିତ କରିବା ଇତ୍ୟାଦି ପ୍ରତି ସଜାଗ ଦୃଷ୍ଟି ରଖିବା ପାଇଁ ମଧ ଶ୍ରୀ ଦାଶ ଦାବି କରିଛନ୍ତି । ଏହଛଡ଼ା ବନ୍ୟା ସମୟରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରି ୨୪ ଘଂଟିଆ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଆସନ୍ନ ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତିକରିବା ଏବଂ ଗୃହ ପାଳିତ ପଶୁମାନଙ୍କ ନିମନ୍ତେ ପ୍ରଚୁର ପରିମାଣରେ ଗୋଖାଦ୍ୟ ମହଜୁଦ ରଖିବାକୁ ଦାବି କରିଛନ୍ତି ।

## ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ ଦାବି

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ବଜାରରେ ଯାତ୍ରୀ ବିଶ୍ରାମଗାର କି ଶୌଚାଳୟ କି ଯାତ୍ରୀ ବିଶ୍ରାମଗାର ନାହିଁ। ଯାହା ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ରଛାତ୍ରୀ ବୟସ୍କ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ମାଲୁଦ ବଜାରକୁ ବିଭିନ୍ନ ପଞ୍ଚାୟତ ତଥା ପଡୋଶୀ ଜିଲ୍ଲା ଗଞ୍ଜାମକୁ ଯାତାୟତ ପାଇଁ ଲୋକମାନେ ବସକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାନ୍ତି। ଏପରିକି ମାଲୁଦ ସ୍କୁଲ ଓ କଲେଜକୁ ରାମଲେଙ୍କା ବଜ୍ରକୋଟ ବୃନ୍ଦିବର ଶିଆଳ ସିଆଣ୍ଡି ଓ କୃଷ୍ଣପ୍ରସାଦ ଅଞ୍ଚଳ ପିଲାମାନେ ପଢ଼ିବା ପାଇଁ ଆସି ମାଲୁଦ ବଜାର ଠାରେ ବସକୁ ଅପେକ୍ଷା କରିଥାନ୍ତି। ବର୍ଷା ଦିନ ହେଉ କି ଖରା ଦିନ ହେଉ ବିଶ୍ରାମଗାର ନ ଥିବା ଯୋଗୁଁ ମୁଣ୍ଡ ଗୁଞ୍ଜିବାକୁ ଜାଗାଟିଏ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଦାବି କରିଛନ୍ତି।

## ଛତା-ଗୋଲରାହାଟ ରାସ୍ତାରେ ଗର୍ତ୍ତ : ବିପଦରେ ପଥଚାରୀ



ଡେରାବିଶ, (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ଚାଟରାଚକଡ଼ା ପଞ୍ଚାୟତ ଛତାଠାରୁ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁର ପର୍ଯ୍ୟନ୍ତ ଯାଇଥିବା ଆରଡି ରାସ୍ତାର ତିଳକପୁର ଠାରେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି । ଏହି ଖାଲଟିର ଗଭୀର ଦୁଇ ଫୁଟରୁ ଅଧିକ ହୋଇଥିବା ବେଳେ ୨ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇପଡ଼ିଛି । ଏହି ଖାଲଟି ରାସ୍ତା କଡ଼ରେ ଥିବା ନାରୁ ବାହାରିଥିବା ଶୋଠର ଶେଷ ମୁଣ୍ଡରେ ସୃଷ୍ଟି ହୋଇଛି । ରାସ୍ତା ନିର୍ମାଣ କରିଥିବା ଠିକାଦାର ଜଣକ ପିଚୁ କଲା ବେଳେ ଏହି ଦୁର୍ବଳ ସ୍ଥାନଟି ପ୍ରତି ଧ୍ୟାନ ନଦେଇ ଏହା ଉପରେ ପିଚୁ କରିଦେଇଥିଲେ। ଏବେ କେନାଲ୍‌ରେ ପାଣି ଆସିନାହିଁ। ଯେତେବେଳେ କେନାଲରେ ପାଣି ଆସିବ ଓ ଏହି ଶୋଠ ବାଟ ଦେଇ ପାଣି ଚାଷଜମିକୁ ଯିବ ସେତେବେଳେ ଏହି ସ୍ଥାନରେ ରାସ୍ତା ତଳ ଧୋଇ ଧିରେ ଧିରେ ଖାଲର ଆକାର ବଢ଼ିଯିବ ଓ ରାସ୍ତାରେ ଚଳପ୍ରଚଳରେ ବାଧକ ସାଜିବ। ଏହି ରାସ୍ତା ଦେଇ ଗୋଲରାହାଟ, ବାଲିଆ ଇତ୍ୟାଦି ପଞ୍ଚାୟତର ହଜାର ହଜାର ଜନସାଧାରଣଙ୍କ ସମେତ ସ୍ଥାନୀୟ ଡେରାବିଶ କଲେଜ, ଛତା ସ୍ଥିତ ତହସିଲ ଓ ସବରେଜିଷ୍ଟାର କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ଚଳପ୍ରଚଳ ହୋଇଥାନ୍ତି । ତେବେ ଏହି ଖାଲଟି ରାସ୍ତା କଡ଼ରେ ସୃଷ୍ଟି ହୋଇଥିବାରୁ ଯଦି କୌଣସି ବାଇକ ଆରୋହୀ କିମ୍ବା ଚାରିଚକିଆ ଚାଳକ ଏହି ଖାଲରେ ପଡ଼ନ୍ତି ତେବେ ନିଶ୍ଚିତ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବ । ତୁରନ୍ତ ବିଭାଗ ପକ୍ଷରୁ ରାସ୍ତାର ଏହି ଖାଲଟିକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ନକଲି ବ୍ୟାଙ୍କ କାଗଜପତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

ଧର୍ମଶାଳା, (ଭାସ୍କର ନ୍ୟୁଜ) : ଧର୍ମଶାଳା ୟୁକୋ ବ୍ୟାଙ୍କରେ ଜୈନେକ ଅଣ କର୍ମଚାରୀ ଜଣେ ଗ୍ରାହକଙ୍କୁ ନକଲି ବ୍ୟାଙ୍କ ଫିକ୍ସ ଡିପୋଜିଟ ବଣ୍ଡ ଧରାଇ ଦେଇ ତାଙ୍କ ଠାରୁ ୬ ଲକ୍ଷ ଟଙ୍କା ଓ ପରେ ଏଟିଏମ୍ ଦ୍ୱାରା ବ୍ୟାଙ୍କ ଜମା ଖାତାରୁ ୧୨ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇ ଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯଦି ବାଡ଼ ଖାଇବ ଫସଲ ତେବେ ଗ୍ରାହକ କାହାକୁ ବିଶ୍ୱାସ କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି ଲୋକ। ଏହି ଟଙ୍କା ହଡ଼ପ ସମ୍ପର୍କରେ ଧର୍ମଶାଳା ଥାନା ଓ କଟକ ସାଇବର ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ସ୍ଥାନୀୟ ଅଭୟପୁର ଗ୍ରାମର ତଥା ଏହି ବ୍ୟାଙ୍କର ଗ୍ରାହକ ଶିବ ପ୍ରଧାନ। ଏହି ବ୍ୟାଙ୍କରେ ଶିବଙ୍କ ସମେତ ପତ୍ନୀ ସୁମିତ୍ରା ଓ ଝିଅ ବର୍ଷାଙ୍କ ମଧ ଜମା ଖାତା ରହିଛି। ତାଙ୍କ ଜମା ଖାତାରେ ପାଖାପାଖି ୧୨ ଲକ୍ଷ ଟଙ୍କା ଥିଲା। ତାଙ୍କ ଗ୍ରାମର ପ୍ରକାଶ ରଣା ଏହି ବ୍ୟାଙ୍କରେ ବ୍ୟାଙ୍କ ବିସି ଭାବରେ କାର୍ଯ୍ୟ କରନ୍ତି। ସେ ବ୍ୟାଙ୍କରେ ସହଯୋଗୀ କର୍ମଚାରୀ ଭାବରେ ଚେୟାରରେ ବସି ଗ୍ରାହକ ମାନଙ୍କ ବିଭିନ୍ନ କାର୍ଯ୍ୟ କରିଥାନ୍ତି। ଶିବ ତାଙ୍କୁ ବିଶ୍ୱାସ କରି ଗତ ବର୍ଷ ଅକ୍ଟୋବର ମାସରେ ଫିକ୍ସ ଡିପୋଜିଟ ପାଇଁ ତାଙ୍କୁ ୬ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଶ୍ରୀ ରଣା ଏହାକୁ ନିଜେ ହଡ଼ପ କରି ଏକ ନକଲି ୟୁକୋ ବ୍ୟାଙ୍କ ଫିକ୍ସ ଡିପୋଜିଟ ବଣ୍ଡ ପରଦିନ ଧରାଇ ଦେଇଥିଲେ। ଯେଉଁ ବଣ୍ଡଟି ହାତ ଲେଖା ସହିତ ଜାଲ ଏକାଉଣ୍ଟ ନମ୍ବର ଓ ଦସ୍ତଖତ ରହିଛି। କିନ୍ତୁ ଓରିଜିନାଲ କ୍ରମିକ ନମ୍ବର ରହିଛି ଓ ଷ୍ଟାମ୍ପ ରହିଛି। ଶ୍ରୀ ରଣା ବ୍ୟାଙ୍କ ବ୍ଲାଙ୍କ ବଣ୍ଡ ବ୍ୟବହାର କରି ଏପରି ଟଙ୍କା ହଡ଼ପ କରିଥିବା ବ୍ୟାଙ୍କକୁ ଯିବା ପରେ ଶାଖା ପରିଚାଳକଙ୍କ ଠାରୁ ଶିବ ଜାଣିବାକୁ ପାଇଥିଲେ। ଖାଲି ସେତିକି ନୁହେଁ, ଶିବଙ୍କ କେୱାଇସି ଓ ମୋବାଇଲ ଲିଙ୍କ କରିବା ପାଇଁ ତାଙ୍କ ଠାରୁ ଦସ୍ତଖତ ନେଇ ଏକ ଏଟିଏମ୍ ଆବେଦନ କରି ବର୍ଷକ ମଧ୍ୟରେ ୧୨ ଲକ୍ଷ ଟଙ୍କା ଶ୍ରୀ ରଣା ଉଠାଇ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଟଙ୍କା ହଡ଼ପରେ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକଙ୍କ ପ୍ରଚ୍ଛନ୍ନ ହାତ ଥିବା ଦର୍ଶାଇ ସେମାନଙ୍କ ନାମରେ ଗତ ୧୫ ତାରିଖରେ ଧର୍ମଶାଳା ଥାନା ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ପରେ ଏହି ନକଲି ବଣ୍ଡ ବ୍ୟବହାର ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାଯାଇଛି। ଏଯାବତ ଶାଖା ପରିଚାଳକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ନୂତନ ପେଭରରାସ୍ତା ପାଇଁ ଶିଳାନ୍ୟାସ




**ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ):** ଚୌଦ୍ୱାର ପୌର ପାଳିକାର ୧୯ନଂ.ୱାର୍ଡ଼ ଅନ୍ତର୍ଗତ ହାଉସିଂବୋର୍ଡ଼ କଲୋନୀର ୩ଟି ସ୍ଥାନରେ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ପେଭରରାସ୍ତା ପାଇଁ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗ ଦେଇ ଶୁଭ ଶିଳାନ୍ୟାସ କରିବା ସହ ଖୁବ୍‌ଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କ୍ଲବ୍, ସିଡବ୍ଲୁସି, ହାଉସିଂବୋର୍ଡ଼ ୱେଲଫେୟାର ଆସୋସିଏସନ୍ ଓ ଲେଡ଼ିଜ୍ କ୍ଲବ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସଦନ ଦ୍ୱାରା ଥାଇରଏଡ୍ ବ୍ୟାଧି ଉପରେ ରାଜ୍ୟସ୍ତରୀୟ ସମ୍ମିଳନୀ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ୫ମ ଦକ୍ଷିଣ ଓଡ଼ିଶା ଥାଇରଏଡ୍ ସିମ୍ପୋଜିୟମ୍, ଥାଇରଏଡ୍ ବ୍ୟାଧିର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଥିବା ଏକ ରାଜ୍ୟସ୍ତରୀୟ ସମ୍ମିଳନୀ, ବ୍ରହ୍ମପୁରର ଆଇଏମ୍ଏ ହଲ୍‌ରେ ଉଦ୍ଘାଟିତ ହୋଇଛି। ଏହି ସମ୍ମିଳନୀ ବ୍ରହ୍ମପୁରର ସ୍ୱାସ୍ଥ୍ୟ ସଦନର ପରାମର୍ଶଦାତା ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡକ୍ଟର ସୁନୀଲ କୁମାର କୋଟାଙ୍କ ତତ୍ୱାବଧାନରେ ଆଇଏମ୍ଏ (ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍) ବ୍ରହ୍ମପୁର ସହଯୋଗରେ ଆୟୋଜିତ ହୋଇଛି। ଡକ୍ଟର ନିହାର ରଞ୍ଜନ ସାହୁ ବୈଜ୍ଞାନିକ ସଚିବ ଥିଲେ, ଯିଏ ବୈଜ୍ଞାନିକ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଡକ୍ଟର କୋଟାଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିଥିଲେ। ଡକ୍ଟର ଦୁର୍ଗା ମାଧବ ଶତପଥୀ, ଏମ୍‌କେସିଜି ମେଡିକାଲ୍ କଲେଜର ଅଧୀକ୍ଷକଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା ଯେଉଁଠାରେ ଆଇଏମ୍ଏ, ବ୍ରହ୍ମପୁରର ସଭାପତି ଡକ୍ଟର ପି କେ କର; ଡକ୍ଟର କେ କେ ପାଣିଗ୍ରାହି, ସଚିବ, ଆଇଏମ୍ଏ, ବ୍ରହ୍ମପୁର; ଡାକ୍ତର ଲଳିତ କୁମାର ମେହେର, ବରିଷ୍ଠ ଭେଷଜ ପ୍ରଫେସର ଏବଂ ଡକ୍ଟର ଅଯୋଧ୍ୟା ନାଥ ପାଢୀ, ଆଇଏମ୍ଏସ୍ ଏବଂ ସମ୍-୩, ଶୀତଳପାଲ୍ଲୀର ଅଧୀକ୍ଷକଙ୍କୁ ସମ୍ମାନିତ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ସମସ୍ତ ଅତିଥିମାନେ ଏକାକାରେ ମତ ଦେଇଥିଲେ ଯେ ଭାରତ ସମେତ ସାରା ବିଶ୍ୱରେ ଥାଇରଏଡ୍ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଥାଇରଏଡ୍ ଗ୍ରନ୍ଥି ଆମ ଶରୀରରେ ଏକ ବ୍ୟାଟେରୀ ଭଳି କାମ କରିଥାଏ, ଯାହା ବିଭିନ୍ନ ଅଙ୍ଗକୁ ଶକ୍ତି ଯୋଗାଇଥାଏ। ଥାଇରଏଡ୍ ରୋଗ ବୟସ, ଲିଙ୍ଗ ନିର୍ବିଶେଷ ରେ ଲୋକଙ୍କୁ ପ୍ରଭାବିତ କରିଥାଏ ଏବଂ ଆମ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକକ୍, ହାଡ଼, ଅନ୍ତନଳୀ, ପ୍ରଜନନ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ। ଏହାର ପ୍ରାଦୁର୍ଭାବ ପ୍ରାୟ ୯-୧୫% ଲୋକଙ୍କ ଠାରେ ଦେଖା ଦେଇଥାଏ; ମହିଳା, ବୃଦ୍ଧ, ମଧୁମେହ, ଉଚ୍ଚ ରକ୍ତଚାପ, ଡିସଲିପିଡେମିଆ, ଡିପ୍ରେସନ ଥିବା ବ୍ୟକ୍ତିମାନେ ଏହି ରୋଗରେ ଅଧିକ ମାତ୍ରରେ ଶିକାର ହୁଅନ୍ତି। ତେଣୁ, ଥାଇରଏଡ୍ ରୋଗ ଥିବା ଲୋକଙ୍କ ଯତ୍ନରେ ନିୟୋଜିତ ଡାକ୍ତରମାନଙ୍କର ସମୟକାଳୀନ ଅପଡେଟ୍ ହେବା ବହୁତ ଗୁରୁତ୍ୱପୂର୍ଣ୍ଣ। ସେହି ସହିତ ସେମାନେ ଡାକ୍ତରମାନଙ୍କୁ ଶିକ୍ଷା ଏବଂ ଉପଯୁକ୍ତ ପରିଚାଳନା ଦ୍ୱାରା, ଥାଇରଏଡ ରେ ଆକ୍ରାନ୍ତ ଥିବା ଲୋକଙ୍କ ପାଖରେ ପହଞ୍ଚିବାକୁ ଅନୁରୋଧ କରିଥିଲେ। ଦକ୍ଷିଣ ଓଡ଼ିଶାର ଡାକ୍ତରମାନଙ୍କ ପାଇଁ ଏହି ପ୍ରକାରର ବୈଜ୍ଞାନିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଡକ୍ଟର ଏଲ୍ କେ ମେହେର, ଡକ୍ଟର ସୁନୀଲ କୋଟା ଏବଂ ଡକ୍ଟର ନିହାର ସାହୁଙ୍କ ପ୍ରଚଣ୍ଡ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଥିଲେ। ଅଧୀକ୍ଷକ ଡକ୍ଟର ଦୁର୍ଗା ଶତପଥୀ ଡକ୍ଟର କୋଟାଙ୍କୁ ଡାକ୍ତର ଏବଂ ସାଧାରଣ ଲୋକଙ୍କ ପାଇଁ ତାଙ୍କର ଶିକ୍ଷାଗତ କାର୍ଯ୍ୟକଳାପ ଜାରି ରଖିବାକୁ ଅନୁରୋଧ କରିଥିଲେ। ସମଗ୍ର ଓଡ଼ିଶାର ବିଭିନ୍ନ ମେଡିକାଲ ବିଭାଗ ର ବିଶେଷଜ୍ଞମାନଙ୍କ ଦ୍ୱାରା ଥାଇରଏଡ୍ ରୋଗ ଏବଂ ଏହାର ପରିଚାଳନା ଭିତ୍ତିକ ବିଭିନ୍ନ ଦିଗ ଉପରେ ମୋଟ ୨୬ଟି ଆଲୋଚନା କରାଯାଇଛି। ଏହି ଏକ ଦିନିଆ ବୈଜ୍ଞାନିକ କାର୍ଯ୍ୟକ୍ରମରେ ମୋଟ ୩୦୦ ଜଣ ଡାକ୍ତର ପଞ୍ଜିକୃତ ହୋଇଥିଲେ। ଜେନେରାଲ ମେଡିସିନ୍, ଜେନେରାଲ ସର୍ଜରୀ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଅର୍ଥୋପେଡିକ୍ସ, ଚକ୍ଷୁ ରୋଗ, ଇଏନଟି ଏବଂ ମନସ୍ତତ୍ତ୍ୱ ବିଭାଗର ଡାକ୍ତରମାନେ ଏହି ଅଧିବେଶନଗୁଡ଼ିକରେ ଯୋଗ ଦେଇଥିଲେ। ଉଦଘାଟନୀ ସମାରୋହର ଶେଷରେ, ଡକ୍ଟର ସୁନିଲ କୋଟା ଡକ୍ଟର ଆନନ୍ଦ ଶାସ୍ତ୍ରୀ, ଡକ୍ଟର ବଦ୍ରି ଦଣ୍ଡପାଣି, ଡକ୍ଟର ପରେଶ ମହନ୍ତ, ଡକ୍ଟର ଗୋପାଳ ପାତ୍ର, ଡକ୍ଟର ଜିତେନ୍ଦ୍ର ପାଣିଗ୍ରାହି, ଡକ୍ଟର ଟିକିନା ବେହେରା, ଡକ୍ଟର ମିନାକ୍ଷୀ ମୁନି ସମେତ ଅନ୍ୟ ଅଂଶୀଦାରମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ଛଡ଼ା ଡ଼କ୍ଟର କୋଟା ଡକ୍ଟର ଗୌରହରି, ଡକ୍ଟର ଅର୍ପିତା ସମେତ ଏମକେସିଜି ମେଡିକାଲ କଲେଜର ପିଜି ଛାତ୍ର ଏବଂ ସ୍ୱାସ୍ଥ୍ୟ ସଦନର ଅନେକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ନିଃସ୍ୱାର୍ଥପର ଭାବରେ ଯୋଗଦାନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ଶେଷରେ, ଓଡ଼ିଶା ମେଡିକାଲ ପଞ୍ଜିକରଣ ପରିଷଦ ଦ୍ୱାରା ଅନୁମୋଦିତ ୪ କ୍ରେଡିଟ୍ ଘଣ୍ଟା ଉଲ୍ଲେଖ କରି ସ୍ୱାସ୍ଥ୍ୟ ସଦନ ଦ୍ୱାରା ଅଂଶଗ୍ରହଣର ପ୍ରମାଣପତ୍ର ସମସ୍ତ ଉପସ୍ଥିତ ଲୋକଙ୍କୁ ପ୍ରଦାନ କରାଯିବ।

## ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି ଘାସ ଫାର୍ମ



**ଦିଗହରା ଡେରାବିଶର ଘାସଫାର୍ମ**

ଡେରାବିଶ, (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ବାରିମୂଳ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ ଅଞ୍ଚଳ ଗୋଚାଷୀ ମାନଙ୍କର ଉନ୍ନତି ପାଇଁ ଏକ ଘାସ ଚାଷ ଫାର୍ମ ନିର୍ମାଣ କରାଯାଇଥିଲା । ଉଦ୍ଦେଶ୍ୟ ରହିଥିଲା ଏହି ଘାସ ଚାଷ ଫାର୍ମରୁ ବ୍ଲକ ଅଞ୍ଚଳର ଚାଷୀମାନେ ଘାସ ନେଇ ସେମାନଙ୍କ ଗୃହ ପାଳିତ ପଶୁମାନଙ୍କୁ ଦେବା ସହିତ ଏହି ଫାର୍ମ ମାଧ୍ୟରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଘାସଚାଷ ପ୍ରଣାଳୀ ଶିଖିପାରିବେ । ଏଥିସହିତ ଏହି ଘାସଚାଷ ଫାର୍ମରୁ ଚାଷୀମାନେ ଘାସମଞ୍ଜି ଓ ଉନ୍ନତ ଜ୍ଞାନ କୌଶଳ ପାଇ ସେମାନଙ୍କ ନିଜ ନିଜ ଚାଷ ଜମିରେ ଘାସ ଉତ୍ପାଦନ କରିବେ । ହେଲେ ସରକାରଙ୍କର ଏହି ଘାସ ଫାର୍ମ ଏବେ ଦିଗହରା ହୋଇପଡ଼ିଛି । ଏହି ଘାସ ଫାର୍ମ ଚାଷୀମାନଙ୍କୁ ଜ୍ଞାନକୌଶଳ ଓ ଘାସ ଯୋଗାଇ ଦେବ କ'ଣ ନିଜେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି । ଫାର୍ମରେ ଘାସ ବଦଳରେ ଏବେ ଅନାବନା ଗଛ ସବୁ ବଢ଼ିଗଲାଣି, ଯାହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏପରିକି ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟାଳୟ ମଧ ଜରାଜୀର୍ଣ୍ଣ ଓ ଭଗ୍ନ ଅବସ୍ଥାକୁ ଚାଲିଗଲାଣି । ତେଣୁ ତୁରନ୍ତ ଏହି ଘାସ ଫାର୍ମକୁ ପୁନଃ ବ୍ୟବସ୍ଥିତ ଢ଼ଙ୍ଗରେ ଚଳାଇବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।



କଟକ(ଭାସ୍କର ନ୍ୟୁଜ୍): ଅନୁଗୁଳ ଗମ୍ଭାରୀ ମଳିହା ଗାଁର ଏକ ପରିବାରର ୩ ଜଣଙ୍କୁ ହତ୍ୟା ମାମଲାରେ ପ୍ରମାଣ ଅଭାବରୁ ହାଇକୋର୍ଟରେ ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶ ଖାରଜ ହୋଇଯାଇଛି । ଏହି ମାମଲାରେ ହାଇକୋର୍ଟ ୨ ଆସାମୀଙ୍କୁ ଅଦାଲତ ନିର୍ଦ୍ଦେଶରେ ଖଲାସ କରିଛନ୍ତି । ଏଥିସହ ହାଇକୋର୍ଟ ମାମଲାରେ ମୃତକଙ୍କ ନାବାଳିକା କନ୍ୟାକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଅନୁଗୁଳ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୧୭ ମସିହା ଅକ୍ଟୋବର ୯ ତାରିଖ ରାତିରେ ଅନୁଗୁଳ ଜିଲ୍ଲାର କିଶୋରନଗର ଥାନା ଅଧିନସ୍ଥ ଗମ୍ଭାରୀ ମଳିହା ଗାଁରେ ଏପରି ଘଟଣା ଘଟିଥିଲା । ଆସାମୀଦ୍ୱୟ ପ୍ରକାଶ ବେହେରା ଓରଫ ବାବୁଲି ଏବଂ ନନ୍ଦକିଶୋର ସେଠୀ ଓରଫ ରଞ୍ଜା ଲୁଟ୍ ନିମନ୍ତେ ଘରେ ପଶି ବିରଞ୍ଚିଙ୍କୁ ଅପହରଣ କରି ହତ୍ୟା ସହ ତାଙ୍କ ପତ୍ନୀ ତରଣୀ ନାୟକ ଓ ନାବାଳକ ପୁଅ ନବ ଓରଫ ଏକଲବ୍ୟକୁ ହତ୍ୟା କରିଥିଲେ । ହାଇକୋର୍ଟ ବିଚାରପତି ସଙ୍ଗମ ସାହୁ ଓ ବିଚାରପତି ଶଶୀକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସାମୀଦ୍ୱୟଙ୍କ ବିରୋଧରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣର ଅଭାବ ଦର୍ଶାଇ ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶ ଖାରଜ କରିବା ସହ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।



ଶ୍ରାବଣ ଦ୍ୱିତୀୟ ସୋମବାର

# ଶୈବପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ



ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ୍): ଆଜି ଥିଲା ଶ୍ରାବଣ ମାସର ଦ୍ୱିତୀୟ ସୋମବାର । ଏଥିପାଇଁ ବିଭିନ୍ନ ଶୈବପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । କାନ୍ଧରେ ବାହୁଙ୍ଗି, ତୁଣ୍ଡରେ ଶିବନାମ ଜପି ଦୂରଦୂରାନ୍ତରୁ ଧାଇଁ ଆସିଥିଲେ ଜଳଲାଗି ପାଇଁ ଶୈବପୀଠକୁ । ଏହିଭଳି ଏକ ଭାବପୂର୍ଣ୍ଣ ଭକ୍ତିମୟ ପରିବେଶ ମଧ୍ୟରେ କାଉଡ଼ିଆମାନେ ମହାପ୍ରଭୁଙ୍କ ନିକଟରେ ଜଳଲାଗି କରି ଫେରିଛନ୍ତି । ଗତ ଶନିବାର ରାତ୍ରତମାମ କଟକ ଗଡ଼ଗଡ଼ିଆ, ଦୟା, କୁଆଖାଇ ନଦୀପଠାରୁ ପାଣିଭାର ଧରି କାଉଡ଼ିଆମାନେ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଥିଲେ । ରାତ୍ର ତମାମ ରାଜରାସ୍ତାରେ ଲକ୍ଷ ଲକ୍ଷ କାଉଡ଼ିଆଙ୍କ ଲମ୍ବା ଧାଡ଼ି ଶୈବପୀଠକୁ ଛୁଟିଥିଲା । କାଉଡ଼ିଆଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ପଳାଶୁଣିରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କାଉଡ଼ିଆ ଭକ୍ତଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ସାଙ୍ଗକୁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ କଟକର ଗଡ଼ଗଡ଼ିଆ ଘାଟରେ କାଉଡ଼ିଆମାନେ ସମାଗମ ହୋଇ ପୂଜାର୍ଚ୍ଚନା କରି ବାହୁଙ୍ଗି ଧରି ବାବା ଧବଳେଶ୍ୱରଙ୍କ ପୀଠକୁ ଯାତ୍ରା କରିଥିଲେ । ଏଠାରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସହ କାଉଡ଼ିଆମାନେ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ଜଳଲାଗି କରି ଘରକୁ ଫେରିଛନ୍ତି । ଏଠାରେ ମଧ୍ୟ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।

ଜାତୀୟସ୍ତରରେ ସ୍ୱଚ୍ଛ ସହର ସର୍ବେକ୍ଷଣରେ ଆସ୍କା ଏନ୍ଏସି ଦ୍ୱିତୀୟ

# ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦର୍ଶନ କଲେ ବିଧାୟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଚଳିତ ମାସ ୧୭ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି । ଲୋକସେବା ଭବନରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧ୍ୟକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ପ୍ରଥମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ପ୍ୟାକ୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ପ୍ୟାକ୍ସ । ସେହିସବୁ ପ୍ୟାକ୍ସକୁ ମଲ୍ଟିପଲ ପ୍ୟାକ୍ସ ଭାବେ ନିର୍ମାଣ କରାଯିବ । ବର୍ତ୍ତମାନ ସମବାୟ ସମିତି କେବଳ ଧାନକିଣା କାର୍ଯ୍ୟ କରୁଛନ୍ତି । କିନ୍ତୁ ନୂଆ ଏମ ପ୍ୟାକ୍ସ ବା ମଲ୍ଟିପୁଲ ପ୍ୟାକ୍ସ ଦ୍ୱାରା ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାକୁ ଦିଆଯିବ । ସେମାନେ ଗ୍ରାମାଞ୍ଚଳରେ ପେଟ୍ରୋଲ ପମ୍ପ ଖୋଲି ପାରିବେ, ଏଲପିଜି ଗ୍ୟାସ ବିତରଣ କରିପାରିବେ, ଜନସେବା କେନ୍ଦ୍ର ଖୋଲିପାରିବେ, ଜନଔଷଧି କେନ୍ଦ୍ର ଖୋଲିପାରିବେ, ଗ୍ରୋସରି ଦୋକାନ ସୋସାଇଟି ମାଧ୍ୟମରେ କରିପାରିବେ, ଓମଫେଡ ଷ୍ଟୋର ଖୋଲିପାରିବେ, ପଶୁସମ୍ପଦ ପାଇଁ ମଧ୍ୟ ସୋସାଇଟି କରିପାରିବେ । ପ୍ରତି ଗ୍ରାମରେ ଏହି ମଲ୍ଟିପୁଲ ପ୍ୟାକ୍ସ ବ୍ୟାଙ୍କ ଖୋଲାଯିବ । ଯାହାଦ୍ୱାରା ବ୍ୟାଙ୍କ ନଥିବା ଗ୍ରାମରେ ବ୍ୟାଙ୍କ ନିର୍ମାଣ କରାଯାଇପାରିବ । ୨୦୨୬ ସୁଦ୍ଧା ରାଜ୍ୟର ପ୍ରତି ପଞ୍ଚାୟତରେ ପ୍ୟାକ୍ସ ନିର୍ମାଣ କରାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି ।



ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ୍ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏବଂ ପରିଷଦର ସଦସ୍ୟବୃନ୍ଦ

## ଅପହରଣ ଓ ଲୁଟ୍ ଘଟଣାରେ ୪ ଗିରଫ

କଟକ(ଭାସ୍କର ନ୍ୟୁଜ୍): କନ୍ଦରପୁର ଥାନା ଅପହରଣ ଲୁଟ ଅଭିଯୋଗରେ ସୋମବାର ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ପାଣ୍ଡରାର ପ୍ରକାଶ ଭୋଇ (୨୩), ପାହାଳର ଜଗନ ଓରଫ ସୌମ୍ୟରଞ୍ଜନ ଭୋଇ (୨୩), ବାଲିଅନ୍ତାର ତପୁ ଓରଫ ତପନ ଭୋଇ(୨୩), ଗୋବିନ୍ଦପୁରର ଦିପୁ ଓରଫ ଦିପକ ଭଂଜ(୨୦)। ସେମାନଙ୍କ ନିକଟରୁ ପୋଲିସ ନଗଦ ୭ ହଜାର ଟଙ୍କା ସହ ଏକ ଛୁରୀ ଜବତ କରାଯାଇଛି। ସେମାନେ ଅପରହଣ ଲୁଟ ସମୟରେ ବ୍ୟବହାର କରିଥିବା ଓଡି୦୨ ଡିସି୪୪୨୯ ନଂ ଗାଡିକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ପ୍ରକାଶ ଯେ, କନ୍ଦରପୁର ଥାନା ଅଠଙ୍ଗର ପ୍ରଶାନ୍ତ ରାଉତ ଗତ ୧୯ରେ ଛତ୍ରବଜାର ନିକଟରେ ଯାଉଥିବା ସମୟରେ ତାଙ୍କୁ କେତେକ ଅଚିହ୍ନା ଯୁବକ ମାରଣାସ୍ତ୍ର ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ପରେ ପ୍ରଶାନ୍ତଠାରୁ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କୁ କିଛିବାଟ ଅପହରଣ କରି ଛାଡି ଦେଇଥିଲେ। ଏ ସଂପର୍କରେ ପ୍ରଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସଂଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ନିଲମ୍ବିତ ହୋଇଛନ୍ତି। ତାଙ୍କୁ ପଦରୁ ନିଲମ୍ବନ କରିଛନ୍ତି ଜାତୀୟ ଯୁବ କଂଗ୍ରେସ ସଭାପତି ବରୁଣ ଚୌଧୁରୀ। ଦୁଷ୍କର୍ମ ଅଭିଯୋଗରେ ଗିରଫ ପରେ ଉଦିତଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଥଣ୍ଡା ପାନୀୟରେ ନିଶା ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିଛି।

# ଉପବିଭାଗୀୟ ଅଧିକାରୀ ନିଷ୍ଠାର ସହ ସରକାରୀ କାର୍ଯ୍ୟ ତୁଲାଇବା ଉଚିତ୍: ବାଚସ୍ପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ଜନସହଯୋଗ ଦ୍ୱାରା ରାଜ୍ୟ ଓ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ଓ ତା'ର ସୁବିଧା ଜନସାଧାରଣ ପାଇପାରିବେ । ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ । ତେଣୁ ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଆସିଥିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି କହିଲେ ଯେ ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି । ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ । ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ । ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର । ତା'ହେଲେ ଯାଇ ରାଜ୍ୟର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ବାଚସ୍ପତି ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ଯୁଗ୍ମ ସଚିବ ସତୀଶ ମିଶ୍ର ଓ ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବୋତଲରେ ପେଟ୍ରୋଲ, ଡିଜେଲ ମନା ପ୍ରସଙ୍ଗରେ ବୈଠକ ଡାକିଲେ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପେଟ୍ରୋଲ ଡିଲର ସଂଘ ପ୍ଲାଷ୍ଟିକ ବୋତଲ ପେଟ୍ରୋଲ, ଡିଜେଲ ନଦେବା ନିଷ୍ପତ୍ତି ପରେ ବୈଠକ ଡାକିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଲୋକସେବା ଭବନରେ ସନ୍ଧ୍ୟା ୫ଟାରେ ବସିବ ବୈଠକ । ପେଟ୍ରୋଲ ପମ୍ପ ସଙ୍ଘ ଓ ବିଭାଗର ଅଧିକାରୀଙ୍କ ସହ ବସିବ ବୈଠକ । କୃଷକ କାର୍ଯ୍ୟରେ ପାଣି ପମ୍ପ ପାଇଁ, ନୌକା ଚାଳକ, ଜେନେରେଟର ଓ ବିଭିନ୍ନ ମେସିନ ପାଇଁ ପେଟ୍ରୋଲ ଡିଜେଲ ଦରକାର । ଏଭଳି କେସ୍ ସାମ୍ନାକୁ ଆସିଲା । ଜେନେରେଟର କେମିତି ଚାଲିବ । ନୂଆ ଗାଇଡଲାଇନ ପାଇଁ ଚିନ୍ତା କରାଯାଉଛି । ଖୁବଶୀଘ୍ର ଆସିବ ଗାଇଡଲାଇନ ବୋଲି ମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗ

# ଆର୍‌ଡିସି କାର୍ଯ୍ୟାଳୟ ଘେରିଲା ବିଜେଡି

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳା ମାନଙ୍କ ପ୍ରତି ବଢୁଥିବା ବଳାତ୍କାର ଏବଂ ହତ୍ୟା ଜନିତ ଘଟଣା ସହିତ ବାଲେଶ୍ୱର ଏଫ୍.ଏମ କଲେଜର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କର ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ସୋମବାର ଦିନ ବିଜୁ ଜନତା ଦଳ ପକ୍ଷରୁ କେନ୍ଦ୍ରାଞ୍ଚଳ ଆରଡିସି କାର୍ଯ୍ୟାଳୟକୁ ଘେରି ପ୍ରତିବାଦ କରିଛନ୍ତି । ଜିଲ୍ଲାର ଶତାଧିକ ବିଜଦି କର୍ମୀମାନେ ବିଭିନ୍ନ ସ୍ଥାନରୁ ଏକ ଶୋଭାଯାତ୍ରାରେ ଆସି କେନ୍ଦ୍ରାଞ୍ଚଳ ଆରଡିସି କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ ଆଇନର ଶାସନ ନାହିଁ। ଏହା ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ ବୋଲି ଦଳୀୟ କର୍ମୀମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଦଳପକ୍ଷରୁ ଅଭିଯୋଗ କରାଯାଇଛି ଯେ ରଥଯାତ୍ରାକୁ ସ୍ମରଣୀୟ କରାଯିବ ବୋଲି କୁହାଯାଇଥିଲା ବେଳେ ରଥଯାତ୍ରା ପରିଚାଳନାରେ ତିନି ଜଣ ଭକ୍ତଙ୍କର ଜୀବନ ଚାଲିଗଲା। ସେହିଭଳି ଗୋପାଳପୁର ଠାରେ ଜଣେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା ସାରା ବିଶ୍ୱରେ ଓଡିଶାକୁ ନିନ୍ଦିତ କରିଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିତାଙ୍କୁ ଦିଆଯାଉଥିବା ନିର୍ଯାତନା ସମ୍ପର୍କରେ ଜନ ପ୍ରତିନିଧିଙ୍କ ନିକଟରେ ଗୁହାରି କରି ଶେଷରେ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ଛାତ୍ରୀଙ୍କର ଆତ୍ମହତ୍ୟାରେ ବାଲେଶ୍ୱର ସାଂସଦ ଓ ବିଧାୟକ ଯେତିକି ଦାୟୀ ପୁଲିସ ପ୍ରଶାସନ ମଧ୍ୟ ସେତିକି ଦାୟୀ। ଛାତ୍ରୀ ଜଣକ ନ୍ୟାୟ ପାଇବା ପାଇଁ ଦାବିକରି ନ୍ୟାୟ ପାଇ ପାରିଲା ନାହିଁ। ତେଣୁ ଅପରାଧୀ ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏଥିରେ ବିଜଦ ନେତାତଥା ମେୟର ସୁବାସ ସିଂ, ମଧୁ ସୂଦନ ସାହୁ, ପ୍ରଫୁଲ୍ଲ ସିଂ, ଅର୍ପିତା ଦାସ, ପୂର୍ଣ୍ଣିମା ସିଂ ପ୍ରମୁଖ ଦଳର ସହ ସହ କର୍ମୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବରିଷ୍ଠ ନେତା ପ୍ରତାପ ଜେନା, ଦେବି ମିଶ୍ର, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବ୍ୟାମ କେଶ ରାୟଙ୍କ ନେତୃତ୍ୱରେ ୧୦ଟି ଜିଲ୍ଲାର ବିଜଦ କର୍ମୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ଶେଷରେ ଆରଡିସିକୁ ସ୍ମାରକ ପତ୍ର ଦିଆଯାଇଥିଲା।

## ପୁଣି ଖୋଲିବ ବନ୍ଦ ହୋଇଥିବା ସ୍କୁଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍କୁଲ ସମିଶ୍ରଣ ଦ୍ୱାରା ବନ୍ଦ ହୋଇଥିବା ୪୬ ସ୍କୁଲ ଖୋଲିଥିବା ବେଳେ ଏବେ ଆଉ ୪ ସ୍କୁଲ ଖୋଲିବା ପାଇଁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ସର୍ବାଧିକ ଢେଙ୍କାନାଳ ଜିଲ୍ଲାରେ ୨୨, ଦେଓଗଡ଼ରେ ୧୦, ବରଗଡରେ ୭ ଓ ଖୋର୍ଦ୍ଧାରେ ୩ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି । ପୂର୍ବ ସରକାରଙ୍କ ସମୟରେ ଛାତ୍ରୀଛାତ୍ରଙ୍କ କମ୍ ଉପସ୍ଥାନ ଥିବା ରାଜ୍ୟର ପ୍ରାୟ ୭୭୫୧ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ସେତେବେଳେ ଭାଜପା ସମେତ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ଏହାଦ୍ୱାରା ସ୍କୁଲରେ ଡ୍ରପ୍‌ଆଉଟ୍ ହାର ବଢ଼ିବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠିଥିଲା। ହେଲେ ତତ୍କାଳୀନ ସରକାର ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରି ନ ଥିବାବେଳେ ଏବେ ଭାଜପା ସରକାର ଏହାକୁ ଗୁରୁତ୍ୱର ସହ ନେଇ ବନ୍ଦ ହୋଇଯାଇଥିବା ସ୍କୁଲକୁ ପୁଣି ଖୋଲିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଓସେପାର ତଥ୍ୟ ଅନୁସାରେ, ସରକାରଙ୍କ ନିଷ୍ପତ୍ତି କ୍ରମେ ସ୍କୁଲର ଭିତ୍ତିଭୂମିକୁ ସଜଡା ଯାଇ ତୁରନ୍ତ ଖୋଲିବାକୁ ବ୍ୟବସ୍ଥା କରାଯାଉଛି। ଢେଙ୍କାନାଳରେ ସର୍ବାଧିକ ୨୨ ମିଶ୍ରଣ ସ୍କୁଲ ଖୋଲିଥିବା ବେଳେ ଦେବଗଡ ଜିଲାରେ ୧୦ ସ୍କୁଲ ଖୋଲାଯାଇଛି। ସେହିପରି ବରଗଡରେ ୭, ଯାଜପୁରର ୪ ଏବଂ ଖୋର୍ଦ୍ଧାର ୩ଟି ସ୍କୁଲ ଖୋଲିଛି। ବିଞ୍ଝାରପୁର, ବାଣପୁର, ରିଆମାଳ ଏବଂ ତେଲେଇବଣୀରେ ସ୍କୁଲ ଖୋଲାଯିବାକୁ ପ୍ରକ୍ରିୟା ଚାଲିଛି।

## ଯୁକ୍ତ ଦୁଇ ନାମଲେଖା ଦ୍ୱିତୀୟ ପର୍ଯ୍ୟାୟରେ ୨,୯୫୫ ଛାତ୍ରଛାତ୍ରୀ ଚୟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁକ୍ତଦୁଇ ଦ୍ୱିତୀୟ ପର୍ଯ୍ୟାୟ ଆଡ଼ମିଶନରେ ମୋଟ ୫୨ ହଜାର ୯୫୫ ଛାତ୍ରଛାତ୍ରୀ ସିଲେକ୍ସନ ହୋଇଛନ୍ତି। ସ୍ଲାଇଡ଼ ପାଇଁ ୨୮,୩୧୩ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି। କଳାରେ ୩୮,୧୬୫, ବାଣିଜ୍ୟରେ ୨୪୦୩, ବିଜ୍ଞାନରେ ୧୧,୮୭୭ ଏବଂ ଧନ୍ଦାମୂଳକରେ ୩୩୯ଜଣଙ୍କ ଲିଷ୍ଟ ରହିଛି। ଯେଉଁଥିରେ ପୁଅଙ୍କ ସଂଖ୍ୟା ମୋଟ ୨୬ ହଜାର ୯୨ ଥିବାବେଳେ ଝିଅଙ୍କ ସଂଖ୍ୟା ୨୬,୮୬୧ ଅଛି।

## ଅଗଷ୍ଟ ୨୦ ଯାଏଁ ପଞ୍ଜିକରଣ କରିବେ ଚାଷୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦ଅଗଷ୍ଟ ଯାଏଁ ପଞ୍ଜିକରଣ କରିପାରିବେ ଚାଷୀ । ୯ସେପ୍ଟେମ୍ବର ସୁଦ୍ଧା ସରିବ ଯାଞ୍ଚ ଓ ୩୦ସୁଦ୍ଧା ପ୍ରକାଶ ପାଇବ ତାଲିକା । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ନୂଆ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାପରେ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି । ତେଣୁ ଅଧିକ ଚାଷୀ ପଞ୍ଜିକରଣ କରିବାର ସମ୍ଭାବନା ରହିଛି ।

## ଉଦିତ ପ୍ରଧାନ ଗିରଫ ଘଟଣାରେ ପୀଡିତାଙ୍କ ହେଲା ଡାକ୍ତରୀ ମାଇନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ରୀଙ୍କୁ ଦୁଷ୍କର୍ମ କରି ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ । କ୍ୟାପିଟାଲ ହସ୍ପିଟାଲରେ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି ମଞ୍ଚେଶ୍ୱର ଥାନା ପୋଲିସ । ସୂଚନାଯୋଗ୍ୟ, ଥଣ୍ଡା ପାନୀୟରେ ନିଶା ଦେଇ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିଥିଲ ।

# କଟକ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୦୭ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ସସ୍ମିତା ବାରିକ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ଏବିଭିପି ପକ୍ଷରୁ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଲୋୟର ପିଏମଜିରେ ଶ୍ରଦ୍ଧାଞ୍ଜଳି ସଭା। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇଛନ୍ତି ଶହ ଶହ ବିଦ୍ୟାର୍ଥୀ। ଏକାଠି ହୋଇ ବାଲେଶ୍ୱର ଏଫଏମ କଲେଜର ପୀଡିତାଙ୍କ ପାଇଁ ନୀରବ ପ୍ରାର୍ଥନା କରିଛନ୍ତି ଶହ ଶହ ବିଦ୍ୟାର୍ଥୀ ପରିଷଦର ସଦସ୍ୟ। ପୀଡ଼ିତାଙ୍କ ଆତ୍ମାର ସଦଗତି ପାଇଁ ସମସ୍ତେ ପ୍ରାର୍ଥନା କରିବା ସହ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛି ଏବିଭିପି।

## ଓଡ଼ିଶାର ୬,୭୯୪ ଗ୍ରାମ ପଞ୍ଚାୟତରେ ପହଞ୍ଚିବ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଂଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର; ଭୁବନେଶ୍ୱର ଜୋନ ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ଭାଗବତ ସିଂହ ଭାକୁନି, କଟକ ଜୋନର ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ସୁଶ୍ରୀ ବର୍ଷା, ଏବଂ ଏସଏଲବିସି ଓଡ଼ିଶାର ପ୍ରଭାରୀ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ।


TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



## ସଂସଦର ମୌସୁମୀ ଅଧିବେଶନ

# ପ୍ରସଙ୍ଗ ଅନେକ, ଆରମ୍ଭରୁ ହିଁ ହଟ୍ଟଗୋଳ

ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ରୂପେ ପରିଚିତ ପାର୍ଲାମେଣ୍ଟ ବା ସଂସଦର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ଅଧିବେଶନ ପୂର୍ବରୁ ଯାହା ଅନୁମାନ କରାଯାଉଥିଲା, ତାହା ସତ୍ୟ ପ୍ରମାଣିତ ହୋଇଛି ଏବଂ ଆରମ୍ଭରୁ ହିଁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଦୁଇ ଗୃହକୁ ମୁଲତବୀ ରଖିବାକୁ ପଡିଛି। ସଂସଦର ଗତ ବଜେଟ୍ ଅଧିବେଶନ ପରେ ପରେ ଆମ ଦେଶରେ ଘଟିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଏଥର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଶାଣିତ ଆକ୍ରମଣ କରିବାର ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ଗତ ଏପ୍ରିଲ୍ ୨୨ ତାରିଖ ଦିନ ଜାମ୍ମୁ କାଶ୍ମୀରର ପର୍ଯ୍ୟଟନସ୍ଥଳୀ ପହଲଗାମ୍ ଠାରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ଜଣ ନିରୀହ ଲୋକଙ୍କ ମୃତ୍ୟୁ ଏବଂ ଏହାର ଠିକ୍ ପରେ ପରେ 'ଅପରେସନ୍ ସିନ୍ଦୂର' ଅଭିଯାନ ମାଧ୍ୟମରେ ପାକ୍ ଅଧିକୃତ କାଶ୍ମୀର (ପି.ଓ.କେ) ଓ ପାକିସ୍ତାନରେ ଥିବା ଆତଙ୍କୀଙ୍କ ଆଡ୍ଡା ଉପରେ ଭାରତର ପ୍ରଚଣ୍ଡ ଆକ୍ରମଣ। ତିନିଦିନର ଏହି ଅଘୋଷିତ ଯୁଦ୍ଧରେ ଭାରତ ସଫଳତା ଆଡ଼କୁ ଅଗ୍ରସର ହେଉଥିବା ବେଳେ କେଉଁ ପୃଷ୍ଠଭୂମିରେ ହଠାତ୍ ଭାରତ-ପାକ୍ ଯୁଦ୍ଧ ବିରତି ରାଜିନାମା କାର୍ଯ୍ୟକାରୀ ହେଲା ଏବଂ କେଉଁ ଅଦୃଶ୍ୟ ଶକ୍ତିର ଚାପରେ ଏହା କରାଗଲା, ତାହାକୁ ଅସ୍ତ୍ର କରି ବିରୋଧୀ ଦଳ ପ୍ରଥମ ଦିନରେ ହିଁ ସରକାରଙ୍କୁ ଘେରିଥିବାର ଦେଖାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟସ୍ଥତା କରି ଦୁଇଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିଲେ ଓ ଭାରତ ତାଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲା ବୋଲି ବିଭିନ୍ନ ମହଲରେ ଧାରଣା ଏବେ ବି ବଳବତ୍ତର ରହିଛି। ଅବଶ୍ୟ ପରବର୍ତ୍ତୀ ସମୟରେ ଟ୍ରମ୍ପ୍ ଏହାକୁ ଅସ୍ୱୀକାର କରି ନିଜର ବୟାନ ବଦଳାଇଥିଲେ ମଧ୍ୟ ସଂସଦରେ ସରକାରଙ୍କୁ ଏହାର ଜବାବ୍ ରଖିବାକୁ ପଡ଼ିବ। ଏଇ ନିକଟରେ ଟ୍ରମ୍ପଙ୍କ ଅନ୍ୟ ଏକ ବୟାନ୍ ମଧ୍ୟ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଭାରତ-ପାକ୍ ଯୁଦ୍ଧ ସମୟରେ ୫ଟି ଜେଟ୍ ଧ୍ୱଂସ ପାଇଥିବାର ଆମେରିକା ରାଷ୍ଟ୍ରପତି ବକ୍ତବ୍ୟ ରଖିଥିବା ବେଳେ କୌଣସି ଦେଶର ନାମ ଉଲ୍ଲେଖ କରିନାହାନ୍ତି। ଏ ପ୍ରସଙ୍ଗରେ ମଧ୍ୟ ବିରୋଧୀ ଦଳ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିବାକୁ ସୁଯୋଗ ପାଇପାରନ୍ତି। ଏହାବ୍ୟତୀତ ଅନ୍ୟ ଯେଉଁସବୁ ପ୍ରସଙ୍ଗକୁ ନେଇ ଦୁଇ ସଦନର ବାତାବରଣ ଉଷ୍ଣ ହେବାର ସମ୍ଭାବନା ରହିଛି ସେଥିମଧ୍ୟରେ ଜାମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ, ବିହାର ନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ ଓ ନିର୍ବାଚନ ଆୟୋଗଙ୍କ ଭୂମିକା, ଦେଶର ସାମଗ୍ରୀକ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧି, ବେକାରୀ ଓ ଦରବୃଦ୍ଧି ଆଦି ଅନ୍ତର୍ଭୁକ୍ତ। ମୌସୁମୀ ଅଧିବେଶନର ଅବ୍ୟବହିତ ପୂର୍ବରୁ ରବିବାର ଅନୁଷ୍ଠିତ ଏକ ସର୍ବଦଳୀୟ ବୈଠକରେ ସରକାର ଓ ବିରୋଧୀ ଦଳ ମଧ୍ୟରେ ମତ ବିନିମୟ ହୋଇଛି। ସରକାର ସମସ୍ତ ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବାର ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ସୁରୁଖୁରୁରେ କାର୍ଯ୍ୟ ପରିଚାଳନା ନିମନ୍ତେ ବିରୋଧୀ ଦଳଗୁଡ଼ିକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିବେଦନ କରିଥିଲେ। ଆସନ୍ତା ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମୌସୁମୀ ଅଧିବେଶନରେ ସରକାର ଆଠଟି ବିଧେୟକ (ବିଲ୍) ଉପସ୍ଥାପନ କରିବେ ବୋଲି ଜଣାପଡିଛି। ଏହାଛଡ଼ା ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣର ଅଧାପୋଡ଼ା ଟଙ୍କା ଜବତ ହୋଇଥିବାରୁ ତାଙ୍କୁ ହଟାଇବା ପାଇଁ ଏକ ମହାଭିଯୋଗ ପ୍ରସ୍ତାବ ସଂସଦର ଉଭୟ ଗୃହରେ ଆଗତ କରାଯିବ ବୋଲି ଜଣାପଡିଛି। ତେବେ ହଟ୍ଟଗୋଳ କିମ୍ବା ବିଶୃଙ୍ଖଳା ପରିବର୍ତ୍ତେ ସ୍ୱାଭାବିକ ବାତାବରଣ ମଧ୍ୟରେ ଗୃହରେ ସମସ୍ତ ପ୍ରସଙ୍ଗର ଆଲୋଚନା ସଂସଦୀୟ ଗଣତନ୍ତ୍ର ପାଇଁ ଯେ ଅଧିକ ଶୁଭଙ୍କର ଏଥିରେ ସନ୍ଦେହ ନାହିଁ।

# ପାଶ୍ଚାତ୍ୟ ଜଗତର ବାସ୍ତବ ଆଭିମୁଖ୍ୟ କ'ଣ ?



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ନାଟୋ ମେଣ୍ଟ ହେଉଛି ପୃଥିବୀର ସବୁଠାରୁ ଶକ୍ତିଶାଳୀ ସାମରିକ ମେଣ୍ଟ। ଏହାର ସାଧାରଣ ସମ୍ପାଦକ ହେଉଛନ୍ତି ମାର୍କ ରୁଟେ। ସେ ବୋଧେ ଭାବିଥିଲେ ଯେ, ସେ ଭାରତ, ଚୀନ୍ ଓ ରୁଷିଆ ଇତ୍ୟାଦି ଦେଶମାନଙ୍କରେ ବ୍ୟାପକ ଆଲୋଡ଼ନ ସୃଷ୍ଟି କରିବେ ଯଦି ସେ ଡୋନାଲ୍ଡ ଟ୍ରମ୍ପଙ୍କର ଅତି କଡ଼ା ଭାଷାରେ କଥାବାର୍ତ୍ତା ଯଦି କରନ୍ତି। କିନ୍ତୁ ଦେଖାଗଲା ସେ ଷ୍ଟକ୍ ମାର୍କେଟରେ ଏ ଧରଣର କଥା କହି କୌଣସି ପ୍ରକାରର ଅଶାନ୍ତି ସୃଷ୍ଟି କରିପାରିଲେ ନାହିଁ। ଭାରତ ଚୀନ ଓ ପାଶ୍ଚାତ୍ୟ ଜଗତରେ ତାଙ୍କର କଥା କୌଣସି ଅସ୍ଥିରତା ସୃଷ୍ଟି କଲା ନାହିଁ।

ରୁଟେ ଭାରତ, ବ୍ରାଜିଲ ଓ ଚୀନକୁ ଆଦେଶ ଦେଲେ ରୁଷିଆରୁ କୌଣସି ଜିନିଷ ନ କିଣିବା ପାଇଁ। ବିଶେଷ କରି ତେଲ ନ କିଣିବା ପାଇଁ। ପୂର୍ବବର୍ଣ୍ଣିତ ଦେଶମାନେ ହେଉଛନ୍ତି ବ୍ରିକ୍ସ ମେଣ୍ଟର ଦେଶଗୁଡ଼ିକ। ଟ୍ରମ୍ପ୍ ଏମାନଙ୍କୁ ଦଣ୍ଡ ଦେବା ପାଇଁ ଚାହିଁଲେ। କାରଣ ସେ ଅତିରିକ୍ତ ୧୦୦ ପ୍ରତିଶତ ଶୁଳ୍କ ଲଗାଇଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେ ତୁର୍କିଏକୁ ଏହି ଶୁଳ୍କ ଲାଗୁହେବାରୁ ଅଲଗା କରିଦେଲେ। କାରଣ ତୁର୍କିଏ ହେଉଛି ନାଟୋ ମେଣ୍ଟର ଏକ ସଦସ୍ୟ ଏହା ହେଉଛି ଭାରତ ଓ ଚୀନ ପରେ ତୃତୀୟ ବୃହତ୍ତମ ତେଲ ଆମଦାନୀକାରୀ ଦେଶ ରୁଷିଆ ତେଲର। ଏହା ଆଶ୍ଚର୍ଯ୍ୟଜନକ କଥା ଯେ, କେତେ ଜଣ ଶ୍ରେଷ୍ଠ କୌଶଳ ପ୍ରଦର୍ଶନ କରୁଥିବା ଦେଶମାନେ ପାଶ୍ଚାତ୍ୟ ଜଗତରେ ସରଳ ସମାଧାନରେ ଆସିବେ ୟୁକ୍ରେନର ସଂକଟକୁ ଦୂର କରିବା ପାଇଁ। ସେମାନେ ୟୁକ୍ରେନକୁ ବଡ଼ ଧରଣର ଅସ୍ତ୍ରଶସ୍ତ୍ର ଦେବେ ଓ ରୁଷିଆକୁ ଦୁର୍ବଳ କରିବେ ଏହାର ତୈଳ ଉତ୍ପାଦନକୁ ରୋକି। ରୁଷିଆର ତୈଳର ବଣ୍ଟନକୁ ଅଟକାଇବା ପାଇଁ ନାଟୋ ଚାହିଁଥିଲା। ସାରା ପୃଥିବୀର ୧୫% ବିଶ୍ୱ ତୈଳ ଯୋଗାଣ ରୁଷିଆ ଉପରେ ନିର୍ଭର କରେ। ଏହାଫଳରେ ଆନ୍ତର୍ଜାତିକ ଅଶୋଧିତ ତୈଳର ମୂଲ୍ୟ ବଢ଼ିବ। ବିଶେଷକରି ବର୍ତ୍ତମାନର ତୈଳଦର ଅପେକ୍ଷା ୨୦-୩୦ ପ୍ରତିଶତ ଅଧିକ ବଢ଼ିବ ଯାହା ବର୍ତ୍ତମାନ ବ୍ୟାରେଲ ପିଛା ୬୮ ଡଲାର ଅଛି।

ବଜାରମାନେ ସ୍ୱାଧୀନ ଏ ସମ୍ପର୍କରେ ଆଗ୍ରହହୀନ କାରଣ ସେମାନେ ଜାଣିଛନ୍ତି ଯେ, ୟୁରୋପୀୟ ଦେଶମାନେ ଓ ଏପରିକି ଆମେରିକା ଗୁରୁତର ଭାବରେ ନିଜକୁ ଏ ଧରଣର ନିଜ କ୍ଷତି କରିବାକୁ ଦେବେ ନାହିଁ। ଯଦିଓ ୟୁରୋପିଆନ୍ ୟୁନିୟନ୍ ଏବେ ରୁଷିଆ ତୈଳ ପାଖରୁ ଅଲଗା ହୋଇଛି ଏହା ତଥାପି ରୁଷିଆର ୧୯% ପ୍ରାକୃତିକ ଗ୍ୟାସ ଆବଶ୍ୟକତାକୁ କିଣୁଥାଏ। ତେଣୁ କାହିଁକି ଭାରତ ଯାହା ୧୧୦୦ ଡଲାରରୁ ଅଧିକ ବର୍ଷକୁ ରକ୍ଷା କରିଥାଏ ତାହା ରୁଷିଆ ତୈଳକୁ କାହିଁକି କମ୍ ଅର୍ଥରେ କିଣିବ ଏବଂ ରୁଷିଆ ମଧ୍ୟ କାହିଁକି ଏମାନଙ୍କର ଆଦେଶକୁ ଗ୍ରହଣ କରିବ ଯାହାହେଉଛି ଅତିରିକ୍ତ ଶୁଳ୍କ। ଭାରତୀୟ ଅଧିକାରୀମାନେ ଏ ସମ୍ପର୍କରେ ଅପେକ୍ଷା କରିବାକୁ ରାଜି ଅଛନ୍ତି। ଗୋଟିଏ ପୂର୍ବର ବିବୃତି ଦେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଥିଲେ ଯେ, ଆମେରିକାର ସିନେଟର ଲିନସେ ଗ୍ରାହମ ପ୍ରସ୍ତାବ କରିଥିଲେ ୫୦୦ ପ୍ରତିଶତ ଶୁଳ୍କ ରୁଷିଆର ତୈଳ କିଣୁଥିବା ଦେଶମାନଙ୍କ ଉପରେ ଦେବେ। ଏହା ହେଉଛି ନୂଆଦିଲ୍ଲୀର ଚିନ୍ତା। ତେଣୁ ଆମେ ସିନେଟର ଗ୍ରାହମଙ୍କ ସହିତ ସମ୍ପର୍କରେ ଅଛୁ। ଆମର ଚିନ୍ତା ଏବଂ ଆମର ଆଗ୍ରହ ବିଦ୍ୟୁତ ଶକ୍ତି ସୁରକ୍ଷା ଉପରେ ରହିଛି ଏବଂ ଏ ସମ୍ପର୍କରେ ସେମାନଙ୍କୁ କହି ଦିଆଯାଇଛି। ତେଣୁ ଆମକୁ ଏହି ଓଲଟି ପାର୍ ହେବାକୁ ପଡ଼ିବ ଯେତେବେଳେ ଆମେ ସେଠାକୁ ଆସିବୁ।

### ଭାରତ କାହିଁକି ?

ଭାରତ କ'ଣ ପାଇଁ ୧୧୦୦ ଡଲାର ପ୍ରତିବର୍ଷ ସଂଚିତ କରି ରଖିଥାଏ। ଯାହା ରୁଷିଆର ତୈଳକୁ କିଣିବା କ୍ଷେତ୍ରରେ ଘଟିଥାଏ। ଚୀନ ପ୍ରତିବାଦ କରିଛି ଯେ, ଏହା ଘଟିବା ଉଚିତ ନୁହେଁ। ଯେତେବେଳେ ରୁଷିଆର ନେତାମାନେ ବସ୍ତୁତ୍ୱ ଏ ସମ୍ପର୍କରେ ପରିହାସ କରୁଛନ୍ତି। ଚୀନ ବିଶ୍ୱାସ କରୁଛି ଆଳାପ ଆଲୋଚନା ହେଉଛି କେବଳ ସମ୍ଭବ ସମାଧାନ ୟୁକ୍ରେନ ସଂକଟ ପାଇଁ। ଆମେ ସବୁ ବେଆଇନ ଏକପକ୍ଷ ବାସନ୍ଦର ବିରୋଧୀ ଏବଂ ଏବେ ଆଳାପ ଆଲୋଚନା ଏକମାତ୍ର ସମାଧାନ ଅଟେ ୟୁକ୍ରେନ୍ ସଂକଟକୁ ସମାଧାନ କରିବା ପାଇଁ। ଆମେ ପରିଷ୍କାର ଭାବରେ ବିରୋଧ କରୁଛି ସବୁ ବେଆଇନ ଏକପକ୍ଷ ବାସନ୍ଦମାନଙ୍କର ଏବଂ ବିଚାରର ଲମ୍ବା ହାତ ବିରୋଧରେ। ଚୀନ ତରଫରୁ କୁହାଯାଇଛି ଯେ, ବାଧ୍ୟତା କରିବା ଓ ଦଣ୍ଡ ଦେବା ମୌଳିକ ସମସ୍ୟା ଗୁଡ଼ିକର ସମାଧାନ କରେନାହିଁ। ଟ୍ରମ୍ପ୍ ଯିଏ ନିୟମିତ ଭାବରେ ବିରୋଧ କରନ୍ତି, ବହୁ ଖର୍ଚ୍ଚ ୟୁକ୍ରେନ୍ ପାଇଁ କରିବା ପାଇଁ ଏବଂ ଯିଏ ନିର୍ଭର କରିଥିଲେ ତାଙ୍କର ବନ୍ଧୁତା ଭ୍ଲାଡିମିର ପୁଟିନଙ୍କ ସାଂଗରେ ସମାଧାନ କରବା ପାଇଁ ଗୋଟଇଏ ମତ ପରିବର୍ତ୍ତନ କରିଛନ୍ତି। ବଡ଼ ଧରଣର ସାମରିକ ଆବଶ୍ୟକତାକୁ ରଖିବା ପାଇଁ କ୍ୱିଭ୍‌କୁ ବିଭିନ୍ନ ସାମରିକ ଅସ୍ତ୍ର ଦେବା ପାଇଁ କୁହାଯାଉଛି। କେତେକ ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନେ କହନ୍ତି ଯେ, ବାଧ୍ୟ କରିବା ଓ ଚାପ ଦେବା କୌଣସି ସମସ୍ୟା ସମାଧାନ କରିପାରିବ ନାହିଁ।

ଟ୍ରମ୍ପ୍ ଯିଏ ବାରମ୍ବାର ଅଧିକ ଖର୍ଚ୍ଚର ସମର୍ଥନ ୟୁକ୍ରେନ ପାଇଁ କରିବାକୁ ବିରୋଧ କରିଥିଲେ ଏବଂ ଯିଏ ନିର୍ଭର କରିଥିଲେ ତାଙ୍କର ଭ୍ଲାଡିମିର ପୁଟିନଙ୍କ ବନ୍ଧୁତା ଉପରେ ଚାହାଁନ୍ତି ଏହି ସଂକଟକୁ ଦୂର କରିବା ପାଇଁ। ସେ ଏବେ ଏହାକୁ ପୂରା ଓଲଟାଇ ଦେଇଛନ୍ତି। ଯିଏକି ବହୁ ମୂଲ୍ୟବାନ ସାମରିକ ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ଦବା ପାଇଁ ଚାହାଁନ୍ତି। କିଛି ମନ୍ତବ୍ୟ ଦେଉଥିବା ବ୍ୟକ୍ତି ମାନେ ରୁଟେଙ୍କୁ ଏହି ପରିବର୍ତ୍ତନ ଆଣିବା ପାଇଁ କହିଛନ୍ତି। ଯାହାଙ୍କୁ ଟ୍ରମ୍ପଙ୍କୁ ନିଜ ଆଡ଼କୁ ନେବା ପାଇଁ ଚେଷ୍ଟା କରିଥିଲେ। ଟ୍ରମ୍ପ୍ ପ୍ରତିଜ୍ଞା କରିଥିଲେ ତାଙ୍କର ଆମେରିକା ନିର୍ମିତ ସାମରିକ ଯନ୍ତ୍ରପାତିମାନଙ୍କର ବିକ୍ରି କରିବା ପାଇଁ। ଟ୍ରମ୍ପ୍‌ଙ୍କର ଓ ୟୁରୋପୀୟ ନେତାମାନଙ୍କର ଗୋଟିଏ ଗୋଷ୍ଠୀର ବର୍ତ୍ତମାନ ଆଭିମୁଖ୍ୟ ହେଉଛି ବେଜିଂକୁ ଚାପରେ ରଖିବା ଯେହେତୁ ସେମାନେ ଚୀନ କମ୍ପାନୀମାନଙ୍କୁ ଆଗକୁ ବଢ଼ିବାରେ ଦେଖୁଛନ୍ତି। ପାଶ୍ଚାତ୍ୟ ବ୍ୟବସାୟମାନ ମଧ୍ୟ ଏ ସମ୍ପର୍କରେ ଆଗ୍ରହୀ ଅଛନ୍ତି। ରୁଷିଆର ତେଲ ଯୋଗାଣ ହେଉଛି ଗୋଟିଏ ବଡ଼ ରାସ୍ତା ଯାହା ଚୀନକୁ ବାଧ୍ୟ କରେ ଅଧିକ ଶୁଳ୍କ ଦେବା ପାଇଁ। ଯେତେବେଳେ ଭାରତ- ରୁଷିଆ- ଚୀନ ମେଣ୍ଟ ଦୁର୍ବଳ ହୋଇଥାଏ। ସେଠାରେ ମଧ୍ୟ ଅନେକ ବିସ୍ତୃତି ଓ ବ୍ରିକ୍ସ ଦେଶମାନଙ୍କ ପାଖରୁ ତୈଳ ନେବାର ବୃଦ୍ଧି ଘଟୁଛି। ଯେତେବେଳେ ଟ୍ରମ୍ପ୍ ନିକଟ ଅତୀତରେ ବର୍ଣ୍ଣନା କଲେ ଯେ, ଏହି ମେଣ୍ଟ ହେଉଛି ଆମେରିକା ବିରୋଧୀ। ସେ କହିଲେ ଯେ, ଡଲାରର ମୂଲ୍ୟକୁ ବଦଳାଇବା ଧମକ ଅତି ଗୁରୁତର ଭାବରେ ନିଆଯାଇଛି ଯାହା ବ୍ରିକ୍ସର ଭାରତ ପରି ସଦସ୍ୟମାନେ ନେଇନାହାନ୍ତି। ଏଠାରେ ବିଷୟ ହେଉଛି ଯେ, ରୁଷିଆର ଅର୍ଥନୀତି ଏବେ ବଞ୍ଚିଛି ଗତ ୪ବର୍ଷ ଧରି ଯାହା ପୁଟିନଙ୍କ କହିବାନୁସାରେ ଗୋଟିଏ ସ୍ୱତନ୍ତ୍ର ସାମରିକ କାର୍ଯ୍ୟାନୁଷ୍ଠାନ। ଅନେକଙ୍କ ଦ୍ୱାରା ଦେଖାଯାଉଛି ଯେ, ଏହା ହେଉଛି ଅର୍ଥନୈତିକ ବାସନ୍ଦ ଉପରେ ଗୋଟିଏ ଆକ୍ରମଣ। ପାଶ୍ଚାତ୍ୟ ଦେଶମାନେ ଯୋଜନା କରୁଛନ୍ତି ବିଭିନ୍ନ ଦେଶମାନଙ୍କୁ ଦୁର୍ବଳ କରିବା ପାଇଁ। ଭାରତ ଏବଂ ଚୀନକୁ ଦୋଷ ଦିଆଯାଇଛି କେତେକ କ୍ଷେତ୍ରରେ ରୁଷିଆର ଶର୍ଯ୍ୟ କରିବାର ଶକ୍ତି ଉପରେ ଅଧିକ ଚାପ ଦିଆଯାଉଥିବା ହେତୁ।

ଭାରତ ହେଉଛି ଦ୍ୱିତୀୟ ବୃହତ୍ତମ ଅସ୍ତ୍ରଶସ୍ତ୍ର କ୍ରେତା ବିଶ୍ୱରେ। ଯେଉଁଠି ୟୁକ୍ରେନ ହେଉଛି ଅସ୍ତ୍ରଶସ୍ତ୍ରର ପ୍ରଥମ କ୍ରେତା। ରୁଷିଆ ହେଉଛି ସର୍ବବୃହତ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଯିଏକି ଭାରତର ୩୬ପ୍ରତିଶତ ଅସ୍ତ୍ରଶସ୍ତ୍ର ଯୋଗାଣ କରିଥାଏ। ଯଦିଓ ଏହି ସଂଖ୍ୟା ୭୨%ରୁ କମିଯାଇଛି ୨୦୧୦ରୁ ୨୦୧୪ ମଧ୍ୟରେ ଏହା ସଂକେତ ଦେଉଛି ଯେ, ଭାରତ ସରକାରଙ୍କ ଆଭିମୁଖ୍ୟ ଏହି ପ୍ରସଙ୍ଗରେ ଗୋଟିଏ ବଡ଼ ପରିବର୍ତ୍ତନ ଆଣିଦେଇଛି। ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ ଶାନ୍ତି ଗବେଷଣା ପ୍ରତିଷ୍ଠାନର କହିବା ଅନୁସାରେ ଭାରତ ଏହାର ଅସ୍ତ୍ରଶସ୍ତ୍ର ଯୋଗାଣ ପାଶ୍ଚାତ୍ୟ ଯୋଗାଣକାରୀମାନଙ୍କ ନିକଟକୁ ଯାଉଛି। ବିଶେଷକରି ଭାରତ, ଫ୍ରାନ୍ସ, ଇସ୍ରାଏଲ ଓ ଆମେରିକା ପାଖରୁ ଅସ୍ତ୍ରଶସ୍ତ୍ର କିଣୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ପ୍ରତିରକ୍ଷା ଅନୁଷ୍ଠାନର ଶତ୍ରୁମାନଙ୍କର ଅବସ୍ଥିତି ରହିଛି ଏବଂ ରୁଷିଆ, ଚୀନ, ଇରାନ, ଉତ୍ତରକୋରିଆ ଓ କିଛି ପରିମାଣରେ ଭାରତ ପାଶ୍ଚାତ୍ୟ ଓ ଉତ୍ପାଦକମାନଙ୍କ ପାଖରୁ ଅସ୍ତ୍ରଶସ୍ତ୍ର କିଣୁଛନ୍ତି। କ୍ୱାତାର ଓ ସାଉଦି ଆରବ ହେଉଛନ୍ତି ତୃତୀୟ ଏବଂ ଚତୁର୍ଥ ବୃହତ୍ତମ ଅସ୍ତ୍ରଶସ୍ତ୍ର କିଣାଳି କାରଣ ଇରାନ ନିକଟରୁ ସେମାନଙ୍କ ଉପରେ ଆକ୍ରମଣର ସମ୍ଭାବନା ରହିଛି। ଟ୍ରମ୍ପ୍ ନିକଟରେ କହିଛନ୍ତି ଯେ, ତାଙ୍କର ସଫଳତା ହେଉଛି ୟୁରୋପୀୟ ଦେଶମାନଙ୍କୁ ସେମାନଙ୍କ ମୋଟ ଜାତୀୟ ଉତ୍ପାଦର ୫ପ୍ରତିଶତ ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରିବାକୁ ଏବଂ ଗୋଟିଏ ଏକ ଲକ୍ଷ କୋଟି ଡଲାରର ବଜାର ଏଥିପାଇଁ ସୃଷ୍ଟି କରିବାକୁ ଏବଂ ଏହାଦ୍ୱାରା ଆମେରିକାର ପ୍ରତିରକ୍ଷା କମ୍ପାନୀମାନେ ଓ ରାଜନୈତିକ ଲୋକମାନେ ଚାହାନ୍ତି ନାହିଁ ଚୀନ ଏଥିପାଇଁ ନିଲାମ ଡାକୁ। ଯାହାଫଳରେ କମ୍ ଅର୍ଥରେ ଏ ସବୁ ଦିଆଯିବ।

# ଆଜୀବନ ସେବିକା ମା' ରମାଦେବୀ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଭାରତର ସ୍ୱାଧୀନତା ସଂଗ୍ରାମରେ ରମାଦେବୀଙ୍କ ଅବଦାନ ଅବିସ୍ମରଣୀୟ। ସେ କେବଳ ଓଡ଼ିଶାରେ ନୁହଁନ୍ତି, ସାରା ଦେଶରେ ମହାନ ସ୍ୱାଧୀନତା ସଂଗ୍ରାମୀ ହିସାବରେ ସେ ବେଶ୍ ପରିଚିତ। କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ସେବା ଓ ପରୋପକାର ତାଙ୍କ ଜୀବନର ପରମ ବ୍ରତ ଥିଲା। ଖାଲି ସେତିକି ନୁହେଁ, ମହିଳା ମାନଙ୍କ ସୁରକ୍ଷା, ନାରୀ ଶିକ୍ଷାର ବିକାଶ ଓ ମହିଳା ସଶକ୍ତିକରଣ କରିବା କ୍ଷେତ୍ରରେ ତାଙ୍କ ଯୋଗଦାନ ଅତୁଳନୀୟ। ଦୀପ୍ତିଦାତ୍ରୀ ନାରୀ ସେ, ପ୍ରଦୀପର ସଳିତା ଭଳି ତିଳତିଳ ନିଜେ ଜଳି ନିଜକୁ ନିଃଶେଷ କରିଦେଇଛନ୍ତି, କିନ୍ତୁ ନିଜର ଦୀପ୍ତିରେ ସମଗ୍ର ମାନବ ସମାଜକୁ ଆଲୋକିତ କରିଯାଇଛନ୍ତି। ଏକାଧାରରେ ବିପ୍ଳବ-ସେବା, କରୁଣା-ଦୃଢ଼ତା, ସମ୍ବେଦନଶୀଳତା-ନୀତିବାଦିତାର ଏକ ଅନନ୍ୟ ଉଦାହରଣ ଥିଲେ ସେ।

ଏହି ମହିୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା। ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ। ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ। ଏହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଦେଶ ଓ ଜାତିର କଲ୍ୟାଣରେ ମହିଳାମାନେ ନିଜ ନିଜର ଗହଣା ଦାନ କରିବାକୁ ସେ କହିଥିଲେ। ସଭାରେ ଯୋଗ ଦେଇଥିବା ମହିଳାମାନଙ୍କ ମଧ୍ୟରୁ କିଏ ହାତର ମୁଦି ତ କିଏ କାନଫୁଲ ଇତ୍ୟାଦି ଗାନ୍ଧୀଙ୍କୁ ଦେଇଥିଲେ। ରମାଦେବୀ ନିଜ ଗହଣା ଦେବାକୁ ଇଚ୍ଛାପ୍ରକାଶ କରିଥିଲେ ହେଁ ଶାଶୂଙ୍କ କଥାମାନି ନିଜର ଗହଣା ନଦେଇ ନିଜ ହାତକଟା ସୂତାମୋଡାଟି ଗାନ୍ଧିଜୀଙ୍କ ହାତକୁ ବଢାଇ ଥିଲେ। ଗାନ୍ଧୀ ତାଙ୍କ ଆଡକୁ ଦଣ୍ଡେ ଚାହିଁ ରହିଲେ। ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ତାପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡ଼େପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ। ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ। ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା।



ଏଥିସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ର ମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟା ଗ୍ରହର ଡାକରା ଦେଲେ। ଗୁଜୁରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ। ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ। ପୋଲିସର ଦମନଲୀଳାକୁ ଭୂକ୍ଷେପ ନକରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରାକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ।

ରମାଦେବୀ ନିଜକୁ କେବଳ ଓଡ଼ିଶା ଭିତରେ ସୀମିତ ରଖିନଥିଲେ। ୧୯୫୫ ମସିହା ବିନୋବାଜୀଙ୍କ ପଦଯାତ୍ରା, ୧୯୬୨ ମସିହା ଚୀନ୍ ଆକ୍ରମଣ, ୧୯୬୪ ମସିହା ରାଉରକେଲା ଦଙ୍ଗା, ୧୯୬୪ ମସିହା କଟକ ଛାତ୍ର ଆନ୍ଦୋଳନ, ୧୯୬୬ ମସିହା କଳାହାଣ୍ଡି ଦୁର୍ଭିକ୍ଷ, ୧୯୬୭ ମସିହା ବନ୍ୟା ଓ ବାତ୍ୟା, ୧୯୬୯ ମସିହା କଟକ ସାଂପ୍ରଦାୟିକ ଦଙ୍ଗା, ୧୯୭୧ ମସିହା ସାମୁଦ୍ରିକ ତୋଫାନ ସମୟରେ ସେ ଉଲ୍ଲେଖନୀୟ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ। ଏପରିକି ୧୯୬୭ ମସିହାରେ ବିହାରର ମରୁଡ଼ି ଅଞ୍ଚଳ ଓ ବଙ୍ଗଳାର ବନ୍ୟାପ୍ଲାବିତ ଅଞ୍ଚଳକୁ ସେ ଓଡ଼ିଶାରୁ ସ୍ୱେଚ୍ଛାସେବକ ପଠାଇଥିଲେ। ସେହିପରି ମହାରାଷ୍ଟ୍ର ଭୂମିକମ୍ପ ବେଳେ ସେ ସେତେବେଳେ ପାଞ୍ଚହଜାର ଟଙ୍କାର ଚେକ୍ ପଠାଇଥିଲେ। ୧୯୭୫ ମସିହାରେ ଜରୁରି ପରିସ୍ଥିତି ଘୋଷଣା ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କ ପରାମର୍ଶ କ୍ରମେ ଏକ ପ୍ରଚାରପତ୍ର ଛପାଗଲା ଯେଉଁଥିରେ ସେ ପ୍ରଥମେ ଦସ୍ତଖତ କରିଥିଲେ। ଜରୁରି ପରିସ୍ଥିତି ଉଠିବା ପରେ ୧୯୭୭ ମସିହା ସାଧାରଣ ନିର୍ବାଚନରେ ଅନେକ ତାଙ୍କୁ ନିର୍ବାଚନରେ ଭାଗ ନେବା ପାଇଁ ଅନୁରୋଧ କରିଥିଲେ। ମାତ୍ର କ୍ଷମତା ଲାଳସା ତାଙ୍କର ନଥିଲା, ତେଣୁ ଏହି ଅନୁରୋଧକୁ ସେ ଏଡାଇ ଦେଇଥିଲେ। ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ମିଳିଥିବା ଏକ ଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଥିଲେ। ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା।

ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। ୧୯୮୫ ମସିହା ଜୁଲାଇ ୨୨ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ; କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ। ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ। କେବଳ ନିଜେ ନୁହଁନ୍ତି, ନିଜ ପରିବାରର ଦେବର ନବକୃଷ୍ଣ, ଯାଆ ମାଳତୀ ଚୌଧୁରୀ, ପୁତ୍ର ମନମୋହନ ଚୌଧୁରୀ, କନ୍ୟା ଅନ୍ନପୂର୍ଣ୍ଣା ମହାରଣା, ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ବ୍ରତରେ ଅନୁପ୍ରାଣିତ ଓ କର୍ମରତ କରିପାରିଥିଲେ।

# ତୁଳସୀ ଓ ଜଗନ୍ନାଥ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ତୁଳନାହୀନ ମହିମାରେ ଯିଏ ପରିପୂର୍ଣ୍ଣ, ତୃଷ୍ଣା ଠାରୁ ମୃଗତୃଷ୍ଣ ପର୍ଯ୍ୟନ୍ତ ଯାହାର ଲୀଳା ପରିବ୍ୟାପ୍ତ, ତୁଳନାରେ ବୈକୁଣ୍ଠ ଅପେକ୍ଷା ଭକ୍ତକୁ ଶ୍ରେଷ୍ଠ ମନେ କରିବା ସହିତ ତାର ଭାବ ରାଜ୍ୟରେ ଯିଏ ସଦା ଯାଜ୍ୱଲ୍ୟମାନ, ତୁଳସୀ ସହ ସେହି ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ସମ୍ପର୍କ ଓ ତୁଳସୀ ମହିମା ଉପସ୍ଥାପନ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ।

ତୁଳସୀ ଶବ୍ଦର ଅର୍ଥ ଓ ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନରୁ ଲେଖା ଆରମ୍ଭ କରାଯାଉ। ଚିନ୍ତା କଲେ ଜଣାଯାଏ ଯେ 'ତ୍ୱମ୍ + ସମ ଲମ - ଇ ଦତ୍ତେ ତୁଳସୀ। ଅର୍ଥାତ୍ ବ୍ରହ୍ମବିଦ୍ୟା ସାଧନ କ୍ଷେତ୍ରରେ ଯାହାଙ୍କର ପଟାନ୍ତର ନାହିଁ। ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନ କରି ଭକ୍ତକବି ଦୀନକୃଷ୍ଣ ଦାସ 'ନାମରତ୍ନ ଗୀତା'ର ଷଡ଼ବିଂଶ ଅଧ୍ୟାୟରେ ଲେଖିଛନ୍ତି - 'ଜଗନ୍ନାଥ ସଙ୍ଗେ ହୋଇଲେ ଏ ସମ, ତେଣୁ କରି ଏହାଙ୍କ ତୁଳସୀ ବୋଲି ନାମ। ଠାକୁରଙ୍କ ସଙ୍ଗତରେ ସରି ହେଲେ ଏହି, ତୁଳସୀ ବୋଲିଣ ଆଉ ନଭୁଲିବେ କେହି। ତୁଳସୀ ବୋଲିଣ ତିନିପୁର ଲୋକ ବୋଲ, ଜଗନ୍ନାଥଙ୍କର ସଙ୍ଗେ ହୋଇଲେକ ତୁଲ। ତୁଳସୀ ବୋଲିଣ ନାମ ଦେଲେ ଦେବରଷି, ପ୍ରଣାମ ହୋଇଲେ ସର୍ବେ ତାଙ୍କ ପାଦେ ଆସି।'

କାର୍ତ୍ତିକ ମାହାତ୍ମ୍ୟ ବା କାର୍ତ୍ତିକେୟ ପୁରାଣରେ ମଧ୍ୟ ତୁଳସୀ ଜଗନ୍ନାଥଙ୍କ ସହ ସମାନ ବୋଲି ବର୍ଣ୍ଣିତ ହୋଇଛି। ଏହି ପୁରାଣର ପଞ୍ଚଦଶ ଅଧ୍ୟାୟ-ବର୍ଣ୍ଣନା ଅନୁଯାୟୀ ଲକ୍ଷ୍ମୀପତି ନିଜେ ତୁଳସୀ ତାଙ୍କ ସହ ସମାନ ବୋଲି ସ୍ୱୀକାର କରିଛନ୍ତି। କାର୍ତ୍ତିକେୟ ପୁରାଣର କବି ମହାଦେବ ଦାସଙ୍କ ଭାଷାରେ - 'କହନ୍ତି ପ୍ରଭୁ ଲକ୍ଷ୍ମୀପତି, ଏମନ୍ତ ତିନି ବନସ୍ପତି। ସେ ବୃନ୍ଦାବତୀ ତିନିଗୁଣେ, ତ୍ରିପୁରା ଆଜ୍ଞା ପରମାଣେ। ଅଁଳା, ତୁଳସୀ, ମାଳତୀ, ଏ ତିନି ମୋହ ପ୍ରିୟବତୀ। ବିଶେଷ ତୁଳସୀ ପ୍ରଧାନ, ସଂସାରେ ମୋହରି ସମାନ।

ମହିମାମୟ ଜଗନ୍ନାଥଙ୍କ ଭଳି ତୁଳସୀ ମହିମା ମଧ୍ୟ ଅସୀମ ଏବଂ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଜଗନ୍ନାଥଙ୍କ ସତ୍ତା ହିଁ ଏହି ମହିମାର ମୂଳାଧାର। ଏଣୁ ଆଲୋଚନାର ଏଇ ପର୍ଯ୍ୟାୟରେ ତୁଳସୀ ମହିମା ସମ୍ପର୍କରେ ପାଠକମାନଙ୍କୁ ଅବଗତ କରାଇବା ଆବଶ୍ୟକ ମନେ କରୁଛି। ପୁରୁଷୋତ୍ତମ ଜଗନ୍ନାଥ ତୁଳସୀମୟ ଏବଂ ତୁଳସୀ ଦ୍ରୁମ ପୁରୁଷୋତ୍ତମ ରୂପରେ ବିଦ୍ୟମାନ ବୋଲି 'ମହାଭାଗବତ ପୁରାଣ'ରେ ଉଲ୍ଲେଖ ଅଛି।

ଯଥା- 'ତୁଳସୀ ଦ୍ରୁମ ରୂପସ୍ଥ ଭଗବାନ ପୁରୁଷୋତ୍ତମଃ ସର୍ବଲୋକପରିତ୍ରାତା ବିଶ୍ୱାତ୍ମା ପରିପାଳକଃ'। ତୁଳସୀ ଦର୍ଶନ ପୁରୁଷୋତ୍ତମ ଦର୍ଶନ ଭଳି ପୁଣ୍ୟମୟ। ଏଣୁ ଏହି 'ଭାଗବତ ମହାପୁରାଣ'ରେ ବର୍ଣ୍ଣନା ଅଛି - ଦୃଷ୍ଟ୍ୱା ଗଦାଧରଂ ଦେବଂ କ୍ଷେତ୍ରେ ଶ୍ରୀ ପୁରୁଷୋତ୍ତମେ, ଯତ୍ ପୁଣ୍ୟଂ ସମବାପ୍ନୋତି ତୁଳସୀଦର୍ଶନାଜ ତତ୍।'

ଜଗନ୍ନାଥଙ୍କ ନାଭି କମଳରେ ତୁଳସୀ ସ୍ଥାପନା କରାଯାଇଥାଏ। ପ୍ରଭୁଙ୍କ ବଡ଼ସିଂହାର ବେଶରେ ନଖ ତୁଳସୀ ଲାଗି କରାଯାଏ ଏବଂ ଦୈନନ୍ଦିନ ନୀତିରେ ତୁଳସୀ ବିଭିନ୍ନ ଭାବରେ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଥାଏ, କାରଣ ତୁଳସୀ ବିନା ଶ୍ରୀହରି ପୂଜା ସଫଳ ହୁଏନାହିଁ। ଏଣୁ ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ଯଜ୍ଞ ବ୍ରତ ବିଷ୍ଣୁ ହରିର ଅର୍ଚ୍ଚନା, ସଫଳ ନୁହଇ ତୁଳସୀ ପତ୍ର ବିନା। ତୁଳସୀ ନସେବି ଯେତେ କର୍ମ ସେ କରନ୍ତି, ବିଫଳ ସେ ହୁଏ ହରି ପ୍ରସନ୍ନ ନୁହଁନ୍ତି।'

ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତି ଭଳି ତୁଳସୀ ଭକ୍ତି ମଧ୍ୟ ନଅ ପ୍ରକାରରେ ବିଭକ୍ତ। ନବଧା ଭକ୍ତି ସହ ତୁଳସୀ ଆରାଧନାରେ ଯେଉଁ ସୁକୃତ ଲାଭ ହୁଏ ସମସ୍ର କୋଟି ଯୁଗ ପର୍ଯ୍ୟନ୍ତ ସେହି ସୁକୃତ ଫଳ ଭୋଗ କରିବାର ସୌଭାଗ୍ୟ ମିଳିଥାଏ। ଗର୍ଗ ସଂହିତାର ବୃନ୍ଦାପନ ଖଣ୍ଡରେ ଗର୍ଗ ମୁନି ଏହି ପ୍ରସଙ୍ଗରେ ଲେଖିଛନ୍ତି - 'ଦୃଷ୍ଟା ସ୍ପୃଷ୍ଟୋଥ ବା ଧ୍ୟାତା କୀର୍ତ୍ତିତା ନାମିତା ସ୍ତୁତା। ରୋପିତା ସଞ୍ଚିତା ନିତ୍ୟଂ ପୂଜିତା ତୁଳସୀଷ୍ଟଦା। ନବଧା ତୁଳସୀ ଭକ୍ତିଂ ଯେ କୁର୍ବନ୍ତି ଦିନେ ଦିନେ, ଯୁଗକୋଟିସହସ୍ରାଣି ତେ ଯାନ୍ତି ସୁକୃତଂ ଶୁଭେ।'

ତୁଳସୀ ଓ ଜଗନ୍ନାଥ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଉଭୟଙ୍କର ସଂଯୋଗ ଯେତିକି ମହିମାମୟ, ସେତିକି ପୁଣ୍ୟମୟ। ଶେଷରେ ପାଠକମାନଙ୍କ ସହ ଭକ୍ତକବି ବନମାଳୀଙ୍କ ଭାଷାରେ କଳା ଶ୍ରୀମୁଖକୁ ମାଗୁଣି କରୁଛି- 'ମଥାରେ ଥିବ ମୋ ତୁମ୍ଭ ଛଡ଼ାମାଳ, ମୁଖରେ ଥିବ ତୁଳସୀ। ମନେ ମନେ ଭାବି ରଟି ହେଉଥିବି, ନୀଳାଦ୍ରି ଶିଖରବାସୀ। ମଣିମା ହେ! ଏତିକି ମାଗୁଣି ମୋର ମରଣ କାଳରେ ଦରଶନ ଦେବ କଳାମୁଖ କଳାକର।'

# ସମୟର ଉପାସନା...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ସୃଷ୍ଟିର ଉପାଦାନ କରଣ ପଞ୍ଚତତ୍ତ୍ୱ ହେଉ ନା' କାହିଁକି, କିନ୍ତୁ ମୂଳ ସମୟ ଅଟେ। ଅବିନାଶୀ ଆହୁରି ବ୍ୟାପକ ହେଲା ପରେ ଏହି ଚରାଚର ଜଗତ ସେଥିରେ ବ୍ୟାପ୍ତଥାଏ। ସେ ସାକ୍ଷୀ ଆଉ ଦ୍ରଷ୍ଟା ମଧ୍ୟ। ନା' ତାହାର ଆଦି-ଅନ୍ତର ନିର୍ଦ୍ଧାରଣ କରାଯାଇ ପାରିବ ନା' ଦିବ୍ୟ ସ୍ୱରୂପର ଜ୍ଞାନ। ନିର୍ଗୁଣ, ନିରାକାର, ନିର୍ବିକାର, ନିର୍ଲିପ୍ତ ଆଦି ପରମାତ୍ମାଙ୍କ ସବୁ ବିଶେଷଣ ସମୟର ମଧ୍ୟ। ଦୁହିଁଙ୍କର ଏକ ରୂପ ଆଉ ଶକ୍ତିମତାକୁ ପ୍ରତ୍ୟେକ ବ୍ୟକ୍ତି ବୁଝିଥାଏ। ସେତେବେଳେ ମୁଖରୁ ସହସା ବାହାରିଥାଏ, ଆମର ବଶରେ କିଛି ନଥାଏ। ଯାହା ସମୟ ଚାହିଁବ, ତାହା ହିଁ ହେବ। ସମୟକୁ ଚିରନ୍ତନ ସତ୍ୟର ପରମାତ୍ମାଙ୍କ ସ୍ୱରୂପ କୁହାଯାଇଛି। ସୃଷ୍ଟିର ସୃଜନ ଆଉ ବିଲୟ ସେଥିରେ ହୋଇଥାଏ। ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଆତ୍ମ ସ୍ୱରୂପର ପରିଚୟ ଦେଇକରି ଅର୍ଜୁନକୁ କହୁନ୍ତି, ସମସ୍ତଙ୍କ ନିୟନ୍ତା ଆଉ ଧାରଣ କର୍ତ୍ତା କାଳିରେ ହିଁ ଥାଏ। ସର୍ବଦା ଗତିମାନ ରହିଲେ ତାହା କେବେ ଫେରେନି। ସେଥିପାଇଁ ବିଦ୍ୱାନମାନେ ସମୟର ଦୁରୁପଯୋଗ ସବୁଠୁ ବଡ଼ ହାନି କହିଛନ୍ତି। ଯଦ୍ୟପି ତାହା ଉପରେ



କାହାର ନିୟନ୍ତ୍ରଣ ସମ୍ଭବ ନୁହେଁ, କିନ୍ତୁ ଶ୍ରେଷ୍ଠ କର୍ମ ଦ୍ୱାରା ତାକୁ ସାର୍ଥକ ଆଉ ନିୟନ୍ତ୍ରିତ କରିହେବ। ଯେତେବେଳେ ଦରବାରରେ ଆସିଥିବା ଭିକ୍ଷୁକକୁ ଅଭିମାନ ବଶତଃ କାଲି ଆସିବାକୁ ଆଦେଶ ଦେଇକରି ଧର୍ମରାଜ ଯୁଧିଷ୍ଠିର ସମୟର ଏହି ବିଲକ୍ଷଣତାର ବିସ୍ମୃତ କରିଦେଲେ, ସେତେବେଳେ ଭୀମ ତାଙ୍କୁ ଏହାର ଅନୁଭବ କରେଇ ଥିଲେ। ନିଜର ଅଜ୍ଞାନତା ଉପରେ ପଶ୍ଚାତାପ କରିକି ସେ ଭିକ୍ଷୁକକୁ ଡକେଇ କରି ମନୋକାମନା ପୂର୍ଣ୍ଣ କରିଥିଲେ। ଅନାଦି-ଅନନ୍ତ ହେବାରୁ ସମୟକୁ ମାସ, ଦିବସ, ଘଣ୍ଟା, ବର୍ଷରେ ତଥା ଜୀବନରେ ତଥା ଜୀବନକୁ ଚାରି ଆଶ୍ରମରେ ବିଭକ୍ତ କରି ଏହାର ଆରାଧନାର ବିଧାନ କରାଗଲା। ପ୍ରଥମେ ବିଦ୍ୟାର୍ଜନ, ଧନାର୍ଜନ, ତୃତୀୟ ତଥା ଚତୁର୍ଥରେ ସାଂସାରିକ ପ୍ରପଞ୍ଚରେ ବିରକ୍ତି ଏହାର ସାଧନାର ପ୍ରମୁଖ ବିସ୍ତାର ଅଟେ। ଅତଃ ସତ୍‌କର୍ମର ଆହୁତି ଦେଇ କରି କରିଥିବା ସମୟର ଉପାସନା ପରମାତ୍ମାଙ୍କ ପ୍ରକୃତ ଉପାସନା ଅଟେ ଆଉ ସଂକଳ୍ପ ସିଦ୍ଧିର ମନ୍ତ୍ର ମଧ୍ୟ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର
ପୃଷ୍ଠା-କ
Page-A
ଭୁବନେଶ୍ୱର
Bhubaneswar
୨୨.୦୭.୨୦୨୫
22.07.2025



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିରରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆ ଙ୍କ ପ୍ରବଳ ଭିଡ ହୋଇଥିଲା । ରବିବାର ସନ୍ଧ୍ୟାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶୈବଭକ୍ତ ନିଜର ମାନସିକ ପୂରଣ ପାଇଁ ଆସି ପହଞ୍ଚିଥିଲେ । ପୂଣ୍ୟତୋୟା ବ୍ରାହ୍ମଣୀ ନଦୀରୁ ଜଳଆଣି ବାବା ବୁଦ୍ଧେଶ୍ୱରଙ୍କୁ ଜଳ ଲାଗି କରିଥିଲେ । ହର ହର ମହାଦେବ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଦ୍ୱିତୀୟ ସୋମବାରରେ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ବୁଦ୍ଧେଶ୍ୱରଙ୍କୁ ଜଳ ଲାଗି କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ କାଉଡ଼ିଆଙ୍କ ପାଇଁ ସେବା କେନ୍ଦ୍ର ଖୋଲାଯାଇଥିଲା । ଜଳପାନ ଓ ଭୋଜନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ କାଉଡ଼ିଆଙ୍କ ସୁରକ୍ଷା ଓ ଶୃଙ୍ଖଳାର ସହ ଜଳଲାଗି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଭୁବନ ଥାନା ତରଫରୁ ମଧ୍ୟ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇ କାଉଡ଼ିଆଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା ।

# ଅଙ୍ଗନୱାଡି ଦିଦିଙ୍କ ମନମାନି ନେଇ ବିଜୟଚାନ୍ଦପୁରରେ ଉତ୍ତେଜନା

ପାରାଦୀପ(ଭାସ୍କର ନ୍ୟୁଜ): ଉତ୍ତେଜନା ପ୍ରବଣ ହୋଇପଡିଛି ପାରାଦୀପ ଉପକଣ୍ଠ ନୂଆଗଡ ପଞ୍ଚାୟତର ବିଜୟଚାନ୍ଦପୁର ଗାଁ । ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଦିଦିଙ୍କ ମନମାନି ନେଇ ଗ୍ରାମର ମହିଳାମାନେ ଉଠାଇଛନ୍ତି ବିଦ୍ରୋହର ସ୍ୱର । ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଗାଁରେ ଅଛି ଅଙ୍ଗନବାଡି କେନ୍ଦ୍ର, ହେଲେ ପିଲାଙ୍କୁ ମିଳୁନି ପାଠପଢାର ସୁବିଧା । ନାଁ ମିଳୁଛି ସରକାରଙ୍କ ତରଫରୁ ଆସୁଥିବା ଛତୁଆ ଅଣ୍ଡା । ଯାହାକୁ ନେଇ ଗ୍ରାମର ଶତାଧିକ ମହିଳା ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଙ୍ଗନୱାଡ଼ି ଦିଦିଙ୍କ ଘର ସମ୍ମୁଖରେ ହୋହଲ୍ଲା କରିଛନ୍ତି । ଗ୍ରାମର ମହିଳାଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗନବାଡ଼ି ଦିଦିଙ୍କ ମନମାନିରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର । ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ଥିବା ବେଳେ ଅଙ୍ଗନୱାଡ଼ି ଦିଦି ନିଜ ଘରେ ପିଲାଙ୍କୁ



ପଢ଼ାଉଛନ୍ତି, ପିଲାଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଅଣ୍ଡା, ଛତୁଆ, ଡାଲି, ଚାଉଳ ସବୁ ପିଲା ଓ ମା'ଙ୍କୁ ମିଳୁନାହିଁ । ଏହାକୁ ଅଙ୍ଗନୱାଡ଼ି ଦିଦି ହଡପ କରି ବିକ୍ରି କରୁଥିବା ନେଇ ଅଭିଯୋଗ ଆଣିବା ସହିତ ଏ ନେଇ କୁଜଙ୍ଗ ସିଡିପିଓ ଓ ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ନୀତିରେ ଲିପ୍ତ ଥିବା ଅଙ୍ଗନବାଡି ଦିଦିଙ୍କୁ ତୁରନ୍ତ ସରକାରଙ୍କ ତରଫରୁ ଛଟେଇ କରି ନୂତନ ଅଙ୍ଗନବାଡି ଦିଦି ନିଯୁକ୍ତି କରିବା ଦାବିରେ ମହିଳାମାନେ ନାରାବାଜି କରିବା ସହ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି । ଯେପର୍ଯ୍ୟନ୍ତ ଏହି ଅଙ୍ଗନୱାଡି ଦିଦିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମହିଳାମାନେ ଚେତାବନୀ ଦେଇଥିବା ବେଳେ ପରିସ୍ଥିତି ଉତ୍ତେଜନା ପ୍ରବଣ ହୋଇପଡିଛି । ଯାହାକୁ ନେଇ ପାରାଦୀପ ବିଜୟଚାନ୍ଦପୁର ଗାଁର ଦେଖିବାକୁ ମିଳିଛି ଉତ୍ତେଜନା ପରିସ୍ଥିତି । ଛତୁଆ, ଅଣ୍ଡା, ସୁଜି, ଲଡୁ, ଶୋଲା, ମୁଡି ଇତ୍ୟାଦିର ଦୁର୍ନୀତି ଅଭିଯୋଗ କରିଛନ୍ତି ମହିଳା। ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ ବାଳିକାଙ୍କ ବୈଠକଠାରୁ ଶିଶୁଙ୍କ ପାଠପଢା ହେଉନଥିବା ଅଭିଯୋଗ ଆଣିବା ସହ କୌଣସି କାମ ଥିଲେ ଲାଞ୍ଚ ମାଗୁଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଧାରଣାରତ ମହିଳା । ଯଦି କେହି ଏହାର ପ୍ରତିବାଦ କରୁଛନ୍ତି ତେବେ ଗ୍ରାମବାସୀଙ୍କୁ ଦିଦି ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରିକି ଚଞ୍ଚକତାପୂର୍ବକ ନିଜ ଝିଅକୁ ସେହି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗାଁ ଲୋକେ। ତେବେ ମହିଳାଙ୍କ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅଙ୍ଗନୱାଡ଼ି ଦିଦି। କହିଛନ୍ତି ମୋ ପାଖରେ ସମ୍ପୂର୍ଣ୍ଣ ପ୍ରମାଣ ଅଛି । ହେଲେ ଘଟଣାକୁ ନେଇ ସିଡିପିଓ ଆଖ୍ୟା ମୁଦ୍ରରେ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

## ଅଙ୍ଗନୱାଡ଼ି ଛାତ୍ରଛାତ୍ରୀଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ ଘଟଣା

# ଖବର ପ୍ରସାରଣ ପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କି-ଡମପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଶବର ସାହିରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟ ଓ କୁନିକୁନି ଛାତ୍ରଛାତ୍ରୀଙ୍କୁ ପୋକରା ଚାଉଳରେ ରନ୍ଧାଖାଦ୍ୟ ଓ ସକାଳ ଟିଫିନ୍ ଦିଆଯାଉନଥିବା ନେଇ ଗତ ୨୦ ତାରିଖ ରବିବାର 'ଓଡ଼ିଶା ଭାସ୍କର'ରେ ଖବର ପ୍ରସାରଣ ହେବା ପରେ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ସୂଚନାଥାଉ କି ଗୋବିନ୍ଦପୁର ପଞ୍ଚାୟତ ଶବର ସାହିରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ କେନ୍ଦ୍ରକୁ ଅଧିକାଂଶ ସମୟ ଆସୁନଥିବା ଏବଂ କୁନିକୁନି ଛାତ୍ରଛାତ୍ରୀଙ୍କୁ ସକାଳ ଟିଫିନ୍ ଦେଉନଥିବା, ମଧାହ୍ନ ଭୋଜନରେ ପୋକରା ଚାଉଳରେ ରନ୍ଧାଖାଦ୍ୟ ଦେଉଥିବା, ଖାଦ୍ୟ ଟଙ୍କା ହଡ଼ପ ଓ ଏଭଳି ମନମୁଖୀ କାର୍ଯ୍ୟକୁ ଅନୁମାନ କରି ଗୋବିନ୍ଦପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁ ଓ ଅଭିଭାବକ ଗତ ଶନିବାର କେନ୍ଦ୍ରରେ ପହଞ୍ଚି ହୋହାଲ୍ଲା କରିଥିଲେ । ଖବର ପାଇ ଅଙ୍ଗନବାଡ଼ି କର୍ମୀ ଓ ପାଚିକା କେନ୍ଦ୍ରରେ ପହଞ୍ଚି ପୂର୍ବାହ୍ନ ୧୦ଟା ପରେ ପହଞ୍ଚି କେନ୍ଦ୍ର ଖୋଲିଥିଲେ । ଯାହାକୁ ନେଇ ଖବର ପ୍ରସାରଣ

## 'ଓଡ଼ିଶା ଭାସ୍କର' ପ୍ରଭାବ

ହେବା ପରେ ସୋମବାର ଡମପଡା ବ୍ଲକ ସମନିତ୍ୱ ଶିଶୁ ବିକାଶ ଅଧିକାରୀ ସିଡ଼ିପିଓ ଅଯୋଧ୍ୟା ଧରୁଆ ଓ ସୁପରଭାଇଜର ଫୁଲରାଣି ବେହେରା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ । ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ ମୁତାବକ ଦରମା ବନ୍ଦ କରିବା, ଖାଦ୍ୟର ମାନ ଯାଞ୍ଚ, କେନ୍ଦ୍ରର ତଦନ୍ତ କରିବା, ଅଙ୍ଗନବାଡ଼ି କର୍ମୀ ପ୍ରତ୍ୟେକ ଦିନ ନିୟମିତ କେନ୍ଦ୍ର ଖୋଲିବା, ପୁଷ୍ଟିକର ଖାଦ୍ୟ ଦେବା, କେନ୍ଦ୍ର ସମ୍ମୁଖ ପରିଷ୍କାର ପରିଚ୍ଛନ୍ନ ରଖିବା ଆଦି କାର୍ଯ୍ୟ ସୁଚାରୁ ରୂପେ କରିବେ ବୋଲି ଲିଖିତ ଭାବେ ଦେଇଥିଲେ ଅଙ୍ଗନବାଡ଼ି କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁ।

## ବୋଡ଼କ ନାୟକାଣୀ ହାଇସ୍କୁଲକୁ ଉଚ୍ଚମାଧ୍ୟମିକ ସ୍କୁଲ ମାନ୍ୟତା

# ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତର ନାୟକାଣୀ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ସ୍କୁଲର ମାନ୍ୟତା ମିଳିଛି। ଏହି ଉଚ୍ଚ ମାଧ୍ୟମିକ ସ୍କୁଲରେ ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଯୁକ୍ତଦୁଇ ଶ୍ରେଣୀରେ ନାମ ଲେଖାଇ ପାଠ ପଢ଼ି ପାରିବେ। ଏହି ପରିପ୍ରେକ୍ଷୀରେ ନାୟକାଣୀ ହାଇସ୍କୁଲ ପରିସର ମଧ୍ୟରେ ସୋମବାର ବିଜେପି ଐଶାନ୍ୟଚଣ୍ଡି ମଣ୍ଡଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ଅବସରରେ ବିଜେପି ଯୁବନେତା ରଘୁନାଥ ମଳିକଙ୍କ ପୌରୋହିତ୍ୟରେ ଏକ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ରଘୁନାଥ ପାତ୍ର ଯୋଗଦେଇ ନାୟକାଣୀ ହାଇସ୍କୁଲ ଉଚ୍ଚ ମାଧ୍ୟମିକ ସ୍କୁଲର ମାନ୍ୟତା ପାଇବା ତିହିଡ଼ି ବ୍ଲକ ପାଇଁ ଏକ ସୌଭାଗ୍ୟର କଥା। ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ସ୍କୁଲର ବିକାଶ ପାଇଁ ତାଙ୍କର ପ୍ରଚେଷ୍ଟା ରହିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି ସାଇଶରଣ ବେହେରା, ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ଦାସ ଓ ତପନ ପାଢ଼ୀ, ବିଜେପି ନେତା ଭରତ ସାହୁ ପ୍ରମୁଖ ଯୋଗଦେଇ ଉଚ୍ଚ ମାଧ୍ୟମିକ ସ୍କୁଲର ମାନ୍ୟତା ପାଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶ୍ୟାମସୁନ୍ଦରପୁର, ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା ସମେତ ଧାମନଗର ବ୍ଲକର କାଶିନ୍ଦିପୁର, ଫତେପୁର ପଞ୍ଚାୟତର ପିଲାମାନେ ପାଠ ପଢ଼ି ଉପକୃତ ହୋଇପାରିବେ ବୋଲି କହିଥିଲେ। ଶେଷରେ ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜେପି କର୍ମୀମାନେ ଖୁସିରେ ବାଣ ଫୁଟାଇ ପିଲାମାନଙ୍କ ସମେତ ସ୍ଥାନୀୟ ଲୋକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋଲକ ପ୍ରସାଦ ଭୋଇ, ଶିକ୍ଷକ ସୁଧୀର ଚରଣ ପରିଡ଼ା, ସୁବାସ ଚନ୍ଦ୍ର ଦାସ, ଦିଲୀପ କୁମାର ପଣ୍ଡା, ବିଜେପି ନେତା ଲୋକନାଥ ନାୟକ, ଭାଗିରଥି ତ୍ରିପାଠୀ, ବାବାଜୀ ଚରଣ ଭଂଜ, ସୁଶାନ୍ତ ଭଂଜ, ପୀତାମ୍ବର ନାୟକ, ବିଜୟ କୁମାର ପାଢ଼ୀ, ରତିକାନ୍ତ ନାୟକ, ଅମର ମହାଳିକ, ଦେବାଶିଷ ନାୟକ, ଦେବାଶିଷ ଭୋଇ, ଉତ୍ତମ ଜେନା, ଦାମୋଦର ପଣ୍ଡା, ସତ୍ୟକେତନ ଦାସ, ଅନନ୍ତ ତ୍ରିପାଠୀ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ଘରେ ପଶି ମା'-ଝିଅଙ୍କୁ ଅସଦାଚରଣ ଅଭିଯୋଗ

ଆଳି(ଭାସ୍କର ନ୍ୟୁଜ): ଦିନ ଦ୍ୱିପହରେ ହେଉଛି ନାରୀମାନଙ୍କ ପ୍ରତି ଦୁର୍ବ୍ୟବହାର । ରାଜ୍ୟ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଆଇନ ବ୍ୟବସ୍ଥାକୁ ଦୁର୍ବୃତ୍ତମାନଙ୍କର ଆଉ ଖାତିର ନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଦେଓଗାଁର ମହିଳାଙ୍କ ଘରେ ପଶି ମା' ଓ ଝିଅକୁ ଅସଦାଚରଣ କରିଥିବା ମହିଳା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଗାଁରେ ସ୍ତ୍ରୀ ଲୋକଙ୍କ ପାଟିତୁଣ୍ଡକୁ ନେଇ ଗତ ୧୮ ରାତିରେ ମୋ ଘରେ କେହି ପୁରୁଷ ନଥିବା ସୁଯୋଗ ନେଇ ସେହି ଗ୍ରାମର ଦୁଇ ଯୁବକ ଜନ ନାୟକ ଓ ଧୁନ୍ଦା ନାୟକ ଏବଂ ୩ରୁ ୪ ଯୁବକ ଘର ଭିତରକୁ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ । ଏଥିସହ ଟଣା ଘୋଷରା କରିଥିଲେ । ମୁଁ ପ୍ରତିବାଦ କରିବାରୁ ଗାଡି ଚଢେଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏ ନେଇ ରାଜକନିକା ଥାନାରେ ମହିଳାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ନ୍ୟାୟଭିକ୍ଷା କରିଛନ୍ତି ଦୁଇ ପୀଡିତା । ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ମିଳିପାରିନାହିଁ ।

# କୁର୍ଦ୍ଦାଙ୍ଗ ଜୁନିଅର କଲେଜ ଅଧକ୍ଷ ଓ ଗଣିତ ଅଧାପକ ନିଲମ୍ବିତ



ରଘୁନାଥପୁର(ଭାସ୍କର ନ୍ୟୁଜ): ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ଦ୍ଦାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦ ଜୁନିଅର କଲେଜର ଅଧକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସୂଚନାଯୋଗ୍ୟ କି ଗତ ୧୫/୧/୨୦୨୫ରେ କଲେଜର ଜନୈକା ଛାତ୍ରୀ ଗଣିତ ଅଧାପକ ମହାନ୍ତିଙ୍କ ବିରୁଦ୍ଧରେ ଅସଦ ଆଚରଣ ନେଇ ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଅନୁଯାଇ ଅଧ୍ୟକ୍ଷ ଶ୍ରୀ ସାହୁ ତୁରନ୍ତ ଏକ କମିଟି ଗଠନ କରି ସମ୍ପୃକ୍ତ ଅଧାପକ ମହାନ୍ତିଙ୍କୁ ସୋକଜ୍ ନୋଟିସ ମାଗିଥିଲେ। ଏହାଛଡା କମିଟି ଏ ସମ୍ପର୍କରେ ତଦନ୍ତ କରି ଅଧକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଗତ ୨/୪/୨୦୨୫ ରେ ଛାତ୍ରୀ ଜଣକ ଅଧ୍ୟକ୍ଷ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ସେଥିରେ ଅଧାପକ ମହାନ୍ତି ତାଙ୍କର ଭୁଲ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବା ଏବଂ ଆପୋଷ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବା ପାଇଁ ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ଅଭିଯୋଗ ପ୍ରକୋଷ୍ଠରେ ଏ ନେଇ ଅଭିଯୋଗ ହୋଇଥିଲା। ଗତ ୧୯/୭/୨୦୨୫ ରେ ଜିଲ୍ଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ସାହୁଙ୍କୁ ୩ ଦିନ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ସାହୁଙ୍କ ରିପୋର୍ଟ ସନ୍ତୋଷ ଜନକ ନଥିବାରୁ ଉଭୟ ଅଧ୍ୟକ୍ଷ ଓ ଅଧାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅନ୍ୟପକ୍ଷେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ସମାଧାନ ତଥା ପରିସମାପ୍ତି ହୋଇଥିବା ଉକ୍ତ ବିଷୟକୁ ଗଣମାଧମରେ ଅଧିକ ଚର୍ଚ୍ଚିତ ନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ସହ୍ୟ କରିନପାରି ଯଦି ଝିଅ କିଛି ଅଘଟଣ କରି ବସେ ତାହାଲେ ଏଥିପାଇଁ ଦାୟୀ କିଏ ରହିବ ? ସମ୍ପୃକ୍ତ ଗଣମାଧମ ନା କଲେଜ କର୍ତ୍ତୃପକ୍ଷ ନା ସରକାର ବୋଲି ଛାତ୍ରୀଙ୍କ ବାପା ପ୍ରଶ୍ନ କରିଛନ୍ତି।

## ଦିନକରେ ୩ ଦୁର୍ଘଟଣା
## ୩ ମୃତ, ୮ ଗୁରୁତର

ଯୋଡ଼ା(ଭାସ୍କର ନ୍ୟୁଜ): ଖଣି ଅଞ୍ଚଳରେ କିଛି ଦିନ ବିରାମ ପରେ ପୁଣି ବଢୁଛି ଦୁର୍ଘଟଣା। ସୋମବାର ଗୋଟିଏ ଦିନରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍‌ର ୩ଟି ପୃଥକ ଜାଗାରେ ସଡକ ଦୁର୍ଘଟଣାରେ ୩ ଜଣ ପ୍ରାଣ ହରାଇଛନ୍ତି। ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ରାଉରକେଲା ସେକ୍ଟର-୨ରୁ କାଉଡ଼ିଆ ମାନେ ବିଲେଇପଦାସ୍ଥିତ ମୁର୍ଗା ମହାଦେବଙ୍କୁ ଜଳ ଅର୍ପଣ କରି ମା' ତାରିଣୀ ଘଟଗାଁଙ୍କୁ ଦର୍ଶନ ପାଇଁ ଏକ ଗାଡିରେ ଯାଉଥିବା ବେଳେ ୫୨୦ ନମ୍ବର ଜାତୀୟ ରାଜପଥ ତୋଡୁଆପାଳ ନିକଟରେ ଭୋର ୩ ଟା ବେଳେ ଏକ ଅଜଣା ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଜଣେ କାଉଡ଼ିଆଙ୍କ ମୃତ୍ୟ ହୋଇଥିବା ବେଳେ ୭ ଜଣଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ମୃତକଙ୍କ ନାମ ସଂଜୀତ ଲାଖୁଆ, ପିତା-ସୁଧା ଲାଖୁଆ ବୋଲି ଜଣାପଡିଛି। ସେହିପରି ବାମ୍ବୋରୀ ଥାନା ଅଧିନସ୍ତ ଜେ.ଏସ.ଡବ୍ଲୁ ଖଣି ନିକଟରେ ୧୨ଟା ପାଖାପାଖି ୨ ଜଣ ବାଇକରେ ଯାଉଥିବା ବେଳେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ବାମ୍ବୋରୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେବା ସମୟରେ ରାସ୍ତାରେ ହିଁ ତାଙ୍କର ମୃତ୍ୟ ହୋଇଥିଲା। ମୃତକଙ୍କ ପରିଚୟ ପଙ୍କଜ କୁମାର ସାହା(୨୮) ଏବଂ ଛୋଟୁ ଯାଦବ (୩୭) ବୋଲି ପୋଲିସ ସୂଚନା ଦେଇଛି। ଅପରପକ୍ଷେ ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ନିକଟରେ ଏକ ବାଇକ ଚାଳକକୁ ୧୬ଚକିଆ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ବାଇକ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କୁ ସ୍ଥାନାନ୍ତରିତ କରିଛନ୍ତି। ପୋଲିସ ଏହି ଅଜଣା ଗାଡି ଗୁଡିକୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ପ୍ରଶାସନ ତରଫରୁ ବ୍ୟାପକ ସଚେତନ କରିବା ସତ୍ତ୍ୱେ ଗୋଟିଏ ଦିନରେ ହିଁ କ୍ରମାଗତ ଭାବେ ୩ ଜଣଙ୍କ ମୃତ୍ୟୁ ସାଙ୍ଗକୁ ୮ ଜଣ ଗୁରୁତର ଥିବ ଘଟଣା ଏବେ ଚିନ୍ତାର କାରଣ ପାଲଟିଛି । ପ୍ରଶାସନ ଏ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ଆବଶ୍ୟକ ବୋଲି ସଧାରଣରେ ଚର୍ଚ୍ଚା ହେଉଛି।

## ଟ୍ରକ୍ ଧକ୍କାରେ ଜଣେ ମୃତ

ମାହାଙ୍ଗା(ଭାସ୍କର ନ୍ୟୁଜ): ମାହାଙ୍ଗା ବ୍ଲକ୍ କଇଥା ଗ୍ରାମ ପଞ୍ଚାୟତ କନକେଇ ଠାକୁରାଣୀଙ୍କ ପୀଠସ୍ଥଳୀ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ୪୦୭ ଟ୍ରକ୍ ଯାହାର ନମ୍ବର ଓଡି୦୪ ଜେ-୩୨୯୨ ଧକ୍କାରେ ଜଶୋରାଜପୁର ଗ୍ରାମର ୫୩ ବର୍ଷୀୟ ପ୍ରଫୁଲ୍ଲ ମହାରଣାଙ୍କୁ ଧକ୍କା ଦେଇଥିଲା । ଫଳରେ ପ୍ରଫୁଲ୍ଲଙ୍କ ଛାତି ଉପରେ ଟ୍ରକ୍ ଚକା ଚଢ଼ି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କଟକ ବଡ ଡାକ୍ତରଖାନାରେ ଡାକ୍ତର ପ୍ରଫୁଲ୍ଲଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ନେବାରୁ ଜଣାପଡିଛି ଜସୋରାଜପୁର ଗ୍ରାମର ପ୍ରଫୁଲ୍ଲ ନିଜ ଘରୁ ବାହାରି ସେହି ରାସ୍ତା ଦେଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଏହି ଖବର ପାଇ ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ତଦନ୍ତ କରୁଥିବା ଜଣାପଡିଛି ।

# ପୋତିଦେଲେ ପର୍ଶୁରାମ ସାଗର, ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ସଜବାଜ



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ସହରର ମୁଖ୍ୟ ପ୍ରବେଶପଥ ରିକାପଲ୍ଲୀ ଗେଟ୍ ବନ୍ଧପାର୍ଶ୍ୱସ୍ଥ ପର୍ଶୁରାମ ସାଗରକୁ ପୋତି ଦିଆଯାଇ ପ୍ଲଟ କରିବାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ପରେ ପ୍ରଶାସନ ଓ ପୋଲିସକୁ ଜଣାଇବା ପରେ କାମ ସ୍ଥଗିତ ରହିଛି । ଜାଲିଆତି କରି ଉକ୍ତ ଜଳାଶୟକୁ ନିଜ ନାମରେ ଜନୈକ ବ୍ୟକ୍ତି କରିଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ୩ଡ୍ରୋଜର୍ ମାଧ୍ୟମରେ ମାଟି ତାଡ଼ି ପୋଖରୀକୁ ପୋତି ସମତୁଲ କରାଯାଇଛି। ପରେ ପୋଲିସ ପହଞ୍ଚିବାରୁ ଏହା ବନ୍ଦ ରଖାଯାଇଛି । ପୋଖରୀ ଉପରେ ରିକାପଲି, କୁମାରବେଗପଲୀ, ସାହେବଜେନାପଲି ଗାଁ ଲୋକେ ନିର୍ଭର କରିଆସୁଛନ୍ତି । ରବିବାର ଛତ୍ରପୁର ବ୍ୟାଘ୍ର ଦେବୀ ମନ୍ଦିର ପ୍ରାଙ୍ଗଣରେ ପର୍ଶୁରାମ ସାଗର ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏନେଇ ସରକାରୀସ୍ତର, ପ୍ରଶାସନ, ନ୍ୟାୟାଳୟ ପର୍ଯ୍ୟନ୍ତ ଉକ୍ତ ଜମି ପ୍ରସଙ୍ଗରେ ଲଢ଼ିବା ପାଇଁ ସାମୂହିକ ଲଢେଇ ଜାରି ରହିବ ବୋଲି ମତପ୍ରକାଶ ପାଇଛି । ସର୍ବସମ୍ମତିକ୍ରମେ ପର୍ଶୁରାମ ସାଗରକୁ ପୁନଃରଦ୍ଧାର କରାଯିବା ନେଇ ନିଷ୍ପତ୍ତି ନେଇଛନ୍ତି । ବୈଠକରେ ମା' ଠାକୁରାଣୀ ମନ୍ଦିର କମିଟି, ରିକାପଲ୍ଲୀ ଗ୍ରାମ୍ୟ ଉନ୍ନୟନ କମିଟି, କୁମାରବେଗପଲୀ ଓ ସାହେବଜେନାପଲି ଗାଁର ପ୍ରତିନିଧି ଯୋଗ ଦେଇଥିଲେ । ରିକାପଲ୍ଲୀ ଗ୍ରାମ୍ୟ ଉନ୍ନୟନ କମିଟି ଦ୍ୱାରା ପରିଚାଳିତ ଏହି ଗେଟ୍ ବନ୍ଧପାର୍ଶ୍ୱରେ ଥିବା ଜଳାଶୟ ଜମିରେ ୩୩ ବର୍ଷ ତଳେ ଏକ ନୂତନ ପୋଖରୀ ଖୋଳାଯାଇଥିଲା । ସିପିଆଇ ନେତା ତଥା ତତ୍କାଳୀନ ବିଧାୟକ ପର୍ଶୁରାମ ପଣ୍ଡାଙ୍କ ଅବଦାନରେ ପର୍ଶୁରାମ ସାଗର ନିର୍ମିତ ହେଇଛି । ପରେ ଏହାକୁ ପର୍ଶୁରାମ ସାଗର ନାମରେ ନାମିତ କରାଯାଇଥିଲା ।

# ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ଥାନା କେଣ୍ଡାଲୋ ଗ୍ରାମପଞ୍ଚାୟତରେ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗତକାଲି ରାତ୍ରରେ କେଣ୍ଡାଲୋ ଗ୍ରାମର ଅଶୋକ କୁମାର ନାୟକଙ୍କ ପରିବାର ଘରେ ଅନୁପସ୍ଥିତ ଥିଲେ। ଘରଲୋକେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ତାଲାଭାଙ୍ଗି ଘରେ ପଶିଥିଲେ। ଘରେ ଥିବା ଗଡ୍ରେଜ ଭାଙ୍ଗି ୩-୪ଟି ସୁନାମୁଦି, ମଙ୍ଗଳସୂତ୍ର, ସୁନାଚେନ, ଗୋଟିଏ ମୋବାଇଲ, ଗୋଟିଏ ପ୍ରିଣ୍ଟର ସମେତ ନଗଦ ୧୨ ହଜାରରୁ ଉର୍ଦ୍ଧ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଶୋକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ଥାନା ପୋଲିସ ଘଟଣାର ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣାରେ କେତେକ ସ୍ଥାନୀୟ ଲୋକଙ୍କ ପ୍ରଚ୍ଛନ୍ନହାତ ରହିଥିବା ସାଧାରଣରେ କୁହାଯାଉଛି। ଏଠାରେ ସୂଚନା ଥାଉକି ନିକଟରେ ରାମଚନ୍ଦ୍ରପୁର ଗ୍ରାମର ବିଜୟ କୁମାର ସାହୁଙ୍କ ଘରର ଗ୍ରୀଲ ଓ କବାଟ ତାଡି ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଗତ କିଛିଦିନ ହେଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଘନ ଘନ ଚୋରି ବୃଦ୍ଧି ପାଉଥିବା କାରଣରୁ ଲୋକେ ନିଜର ଧନଜୀବନକୁ ସୁରକ୍ଷିତ ମଣୁନଥିବା ଜଣାଯାଇଛି। ଏପରିସ୍ଥଳେ ଲୁଟେରାମାନେ ପୋଲିସକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଘରୁ ଲୁଣ୍ଠନ କରି ଚାଲୁଥିଲା ବେଳେ ପୋଲିସ ନିରବଦ୍ରଷ୍ଟା ଓ କର୍ତ୍ତବ୍ୟ ହୀନ ହୋଇପଡିଛି। ତେବେ ଘନ ଘନ ହେଉଥିବା ଚୋରି ଘଟଣାର ତଦନ୍ତ ନିମନ୍ତେ ଏକ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ଗଠନ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଶିକ୍ଷାନୁଷ୍ଠାନରେ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ଟାଙ୍ଗୀ-ଚୌଦ୍ୱାରଆଜି ଚୌଦ୍ୱାର କଲେଜରେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ କର୍ମଜୀବୀ ମହିଳାମାନଙ୍କ ପ୍ରତି ହେଉଥିବା ବିଭିନ୍ନ ନିର୍ଯାତନା ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ କଲେଜ ଗୋପବନ୍ଧୁ ସମ୍ମିଳନୀ କକ୍ଷରେ ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଆଖିଆଗରେ ରଖି କର୍ମକ୍ଷେତ୍ରରେ ମହିଳା ଓ ଛାତ୍ରୀଙ୍କ ପ୍ରତି ହେଉଥିବା ବିଭିନ୍ନ ନିର୍ଯାତନା ଓ ଦୁର୍ବ୍ୟବହାର ସହ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ବିସଦ ଆଲୋଚନା କରାଯିବା ସହ ଏ ସମ୍ପର୍କରେ ସଚେତିତ କରାଯାଇଥିଲା । ଛାତ୍ରୀ ଓ ମହିଳାଙ୍କ ସବୁ ସମସ୍ୟା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମାଧ୍ୟମରେ ସମାଧାନ କରାଯିବ ବୋଲି ଅଧକ୍ଷା ମତବ୍ୟକ୍ତ କରିଥିଲେ। କମିଟିର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀ ଏ ସମ୍ପର୍କିତ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଆଗକୁ ଏହାର ନିରାକରଣ ପାଇଁ କି କି ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ସଦସ୍ୟମାନେ ଆଲୋକପାତ କରିଥିଲେ। କମିଟି ସଦସ୍ୟା ଅଧାପିକା ସସ୍ମିତା ଭୂୟାଁ, ହରପ୍ରିୟା ମହାପାତ୍ର, ସରିତା କର, ଡ.ମମତା ସାହୁଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଓ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଲିଜା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀରେ ପଡି ବୃଦ୍ଧଙ୍କ ମୃତ୍ୟୁ

ଗୋପ(ଭାସ୍କର ନ୍ୟୁଜ): ସୋମବାର ସକାଳେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବୃଦ୍ଧ ଜଣକ ହେଲେ ଗୋପ ଥାନା କୁଆଁପଡ଼ା ପଞ୍ଚାୟତ ଓରୁଆଳି ଗ୍ରାମର ସର୍ବେଶ୍ୱର ସାହୁ (୬୫) । ସେ ସକାଳୁ ଶୌଚ ହେବାକୁ ପୋଖରୀକୁ ଯାଇ କୌଣସି କାରଣବଶତଃ ବୁଡି ଯାଇଥିଲେ। ଗ୍ରାମବାସୀ ସକାଳୁ ଦେଖି ତାଙ୍କୁ ଉଦ୍ଧାର କରିବା ସହିତ ତାଙ୍କ ପୁଅକୁ ଜଣାଇଥିଲେ। ପୁଅ ଗ୍ରାମରେ ପହଞ୍ଚି ଗୋପ ଥାନାକୁ ଲିଖିତ ଆକାରରେ ଜଣାଇଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।

## ଅସହାୟଙ୍କ ଆଶାବାଡ଼ି ବ୍ୟାସ ଫାଉଣ୍ଡେସନ୍

# ଅବହେଳିତ ବୃଦ୍ଧ ଦମ୍ପତିଙ୍କୁ ମିଳିଳା ନ୍ୟାୟ

ପାରାଦୀପ/ଜଗତସିଂହପୁର(ଭାସ୍କର ନ୍ୟୁଜ): ସମ୍ପ୍ରତି ସମାଜରେ ବୃଦ୍ଧ ବାପା ମା'ଙ୍କୁ ପୁଅବୋହୂମାନେ ଅତ୍ୟାଚାର ଓ ଘରୁ ବାହାର କରି ଦେଉଥିବା ବହୁ ନଜିର ରହିଛି । ତେବେ ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଯଶୋବନ୍ତପୁରର ପ୍ରଫୁଲ୍ଲ ମହାପାତ୍ର (୭୨) ଓ ପ୍ରମିଳା ମହାପାତ୍ର (୭୦)ଙ୍କ କ୍ଷେତ୍ରରେ । ପିଲାଙ୍କ ଦ୍ୱାରା ନିର୍ଯାତିତ ଓ ଅବହେଳିତ ହୋଇ ଘର ଛାଡି ଅନ୍ୟତ୍ର ଭଡା ଘରେ ରହିଆସୁଛନ୍ତି। ପରିଣତ ବୟସରେ ଯେଉଁଠି ପିଲାମାନେ ବାପା ମା'ଙ୍କ ସାହାରା ବନିବା କଥା ସେଠି ପୁଅ ବୋହୂ ତାଙ୍କ ବିବାହ ବିଚ୍ଛେଦ ନେଇ ବାପା ମା'ଙ୍କୁ ଦୀର୍ଘଦିନ ଧରି ଅଣଦେଖା କରିଆସୁଛନ୍ତି। ଏ ସମ୍ପର୍କରେ ବୃଦ୍ଧ ଦମ୍ପତି ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ ସହ ଅନ୍ତିମ ଜୀବନ ଶାନ୍ତିରେ କଟାଇବା ପାଇଁ ଅନୁରୋଧ କରିଥିଲେ।



ପରେ ଶ୍ରୀମତୀ ଆଚାର୍ଯ୍ୟ ଓ ଉପସଭାନେତ୍ରୀ ରଶ୍ମିତା ନାୟକ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ନିଶ୍ଚିମୁକ୍ତା ପଟନାୟକଙ୍କୁ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରାଇବା ପାଇଁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସୋମବାର ଉପଜିଲ୍ଲାପାଳଙ୍କ କୋର୍ଟରେ ଉଭୟପକ୍ଷଙ୍କୁ ଡକାଇ ସମସ୍ତ କଥାକୁ ବିଚାର ବିମର୍ଶ କରି ବୃଦ୍ଧ ଦମ୍ପତିଙ୍କୁ ନିଜ ଘରେ ରହିବାକୁ ପରାମର୍ଶ ଦେବା ସହ ପୁଅ ବୋହୂଙ୍କୁ ଭଡା ଘରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁଅ ବୋହୂଙ୍କ ବିବାହ ବିଚ୍ଛେଦ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପୁଅ ପ୍ରତ୍ୟେକ ମାସରେ ନିଜ ସ୍ତ୍ରୀକୁ ଘର ଭଡା ଦେବା ସହ ଭରଣପୋଷଣ ଦେବା ପାଇଁ କହିଥିଲେ। ଉପଜିଲ୍ଲାପାଳ ଏବଂ ବ୍ୟାସ ଫାଉଣ୍ଡେସନର ବରିଷ୍ଠ ନାଗରିକଙ୍କ ପାଇଁ ଏହି ଭଳି ସହୃଦୟତା ଓ ପଦେକ୍ଷେପ ସେମାଙ୍କର ଆଶା ବାଡ଼ି ସଦୃଶ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଧାନକିଣାରେ ତ୍ରୁଟି ଯୋଗୁଁ ଚାଷୀଙ୍କ ଧାରଣା, ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଚାଷୀଙ୍କୁ ଟୋକନ ଦେଇ ଧାନ ନ କିଣିବା ଓ ଧାନ କିଣାରେ ପ୍ରିୟାପ୍ରୀତି ତୋଷଣ କରିବା ଆଦି କାର୍ଯ୍ୟ ନେଇ ଜଳେଶ୍ୱର ବ୍ଲକ ଅଧିନସ୍ଥ ସରସିଦା ସ୍ଥିତ ବର୍ଦ୍ଧନା ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ରୁ ବିଭିନ୍ନ ଗ୍ରାମର ଶତାଧିକ ଚାଷୀ ଧାରଣାରେ ବସିଥିଲେ। ଧାରଣାରେ ବସିବେ ବୋଲି ଗତକାଲି ଜଳେଶ୍ୱର ଥାନାରେ ଚାଷୀମାନେ ଲିଖିତ ଜଣାଇଥିଲେ। ଚାଷୀମାନେ ରବି ଚାଷର ଧାନମଣ୍ଡିରେ ବିକ୍ରୟ ପାଇଁ ଚାଷିଙ୍କ ମୋବାଇଲକୁ ଟୋକନ ନମ୍ବର ମେସେଜ ମଧ୍ୟ ଆସିଥିଲା। ମେସେଜ ଆସିବା ପରେ ଚାଷୀ ସେବା ସମବାୟ ସମିତିକୁ ବାରମ୍ବାର ଯାଇ ଧାନ କେବେ ଦିଆଯିବ ବୋଲି ପଚାରିବାରୁ ସମ୍ପାଦକ ଧାନ ନିଆଯିବ କହି ଠକି ଚାଲିଲେ । ରେଜିଷ୍ଟ୍ରେସେନ କରିଥିବା ଚାଷୀ କ୍ରମାନୟରେ ଧାନ କିଣିବେ ବୋଲି କହିଥିଲେ। ମାତ୍ର ଚାଷୀ ବିଭିନ୍ନ ସୂତ୍ରରୁ




ଜାଣିଲେ ଯେଉଁ ଚାଷୀ ଆଗରେ ରେଜିଷ୍ଟ୍ରେସେନ କରିଥିଲେ, ସେହି ଚାଷୀଙ୍କଠାରୁ ଧାନ ନ ନେଇ ଶେଷରେ ଯେଉଁ ଚାଷୀ ରେଜିଷ୍ଟ୍ରେସେନ କରିଥିଲେ ସେମାନଙ୍କ ଠାରୁ ଧାନ ନେଇଛନ୍ତି। ଚଳିତ ବର୍ଷ ଚାଷୀଙ୍କ ଠାରୁ ୫୦% ଓ ୩୦% ଧାନ ନେବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ କିଛି ଚାଷୀଙ୍କ ଠାରୁ ସମ୍ପାଦକ ପ୍ରିୟାପ୍ରୀତି ତୋଷଣ ରଖି ୧୦୦% ଧାନ ନେଇଛନ୍ତି। ଚାଷୀଙ୍କ ଧାନ ରହିଥିବା ବେଳେ ପୁଣି ଖରିଫ ଧାନକିଣା ପାଇଁ ବିଜ୍ଞାପନ ଜାରି ହୋଇଛି। ତେବେ ଚାଷୀ ଏକପ୍ରକାର ଠକାମୀର ଶିକାର ହୋଇ ଶେଷରେ ଧାରଣା ଦେବାକୁ ବାଧ ହୋଇଛନ୍ତି। ଚାଷୀଙ୍କୁ ଜଳେଶ୍ୱର ପୋଲିସ ପକ୍ଷରୁ ବୁଝାସୁଝା କରିବା ପରେ ସେବା ସମବାୟ ସମିତିର ସଭାପତି ଅଶିତ କୁମାର ପାତ୍ର ଓ ସମ୍ପାଦକ ଧାରଣା ସ୍ଥଳରେ ଉପସ୍ଥିତ ହୋଇ ଚାଷୀଙ୍କଠାରୁ ପଞ୍ଜିକରଣ ହୋଇଥିବା ରବି ଧାନ ଆସନ୍ତା ଖରିଫ ଧାନ ସହିତ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଚିନ୍ମୟ ପ୍ରମାଣିକ, ବସନ୍ତ କୁମାର ପାତ୍ର, ଦୀପକ କୁମାର ପରିଡ଼ା, ମଧୁସୂଦନ ପ୍ରମାଣିକ, ବିଶ୍ୱଜିତ ମହାପାତ୍ର ପ୍ରମୁଖ ସରସିଦା, ଗୋପୀମୋହନପୁର, ବର୍ଦ୍ଧନା, ଖରିଦା, କସିଦା, ମହିଷାମୁଣ୍ଡା, ଦିବାକରପୁର ଓ ବାରକୋଣା ଆଦି ଗ୍ରାମ ଗୁଡ଼ିକରୁ ୩ ଶହରୁ ଅଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ।



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୋରଡା ଥାନା ପକ୍ଷରୁ ରବିବାର ସକାଳେ ଚିକିଟାମାଟିଆ ପଞ୍ଚାୟତର ଖୁଣ୍ଟାପାଳ ଗ୍ରାମ ନିକଟସ୍ଥ ହାଟ ପଡ଼ିଆରେ ପଞ୍ଚାୟତ ସ୍ତରୀୟ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚିକିଟାମାଟିଆ ସରପଞ୍ଚ ବାର୍ସା ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନ, ସବ ଇନସ୍ପେକ୍ଟର ନିବେଦିତା ନାୟକ, ଏଏସଆଇ ମୋହନ କୁମାର ସାହୁ, ଏଏସଆଇ ଅମରେଶ ବାରିକ, ଆମ ପୋଲିସ ସମିତିର ସଦସ୍ୟ ଗଣେଶ୍ୱର ମହାନ୍ତ, ବାସୁଦେବ ମହାନ୍ତ, ଜୟକୃଷ୍ଣ ଧଳ, ମଦନମୋହନ ମୁର୍ମୁ, ବିଜନ କୁମାର ନାଏକ,ନଗେନ୍ଦ୍ର ନାଏକ, ଜୀବନ ସଂଗ୍ରାମ ମହାନ୍ତ, ପିତାମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ବୈଠକରେ ବିଶେଷ କରି ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବା ସହ ବାଲ୍ୟ ବିବାହକୁ କିପରି ରୋକା ଯାଇ ପାରିବ ତା ସହିତ ସାଇବର କ୍ରାଇମ ଏବଂ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରତ୍ୟେକ ମାସର ତୃତୀୟ ରବିବାର ପ୍ରତି ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବା ନେଇ ଥାନା ଅଧିକାରୀ ସୁମିତ କୁମାର ସୋରେନ ପ୍ରକାଶ କରିଛନ୍ତି । ଏଥିରେ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ସମିତି ସଭ୍ୟ ଉପେନ୍ଦ୍ର ମହାନ୍ତ, ଗଣମାଧ୍ୟମ ପ୍ରତିନିଧି, ଅଞ୍ଚଳର ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିବା ବେଳେ ଥାନା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆମ ପୋଲିସ ସମିତିର ସଭାପତି ସୌରଭ ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ ।

## ୨୩ରେ ପ୍ରେସ୍ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ

# ଯୋଗ ଦେବେ ଉପମୁଖ୍ୟମନ୍ତ୍ରୀ





ମୁରିବାହାଲ /କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପ୍ରେସ କ୍ଲବ ପଞ୍ଚମ ବାର୍ଷିକ ଉତ୍ସବ ୨୩ ତାରିଖରେ ସ୍ଥାନୀୟ ବନମାଳୀ ପ୍ୟାଲେସରେ ଅନୁଷ୍ଠିତ ହେବ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମାନିତ ଅତିଥି ଭାବେ ବିଧାୟକ ଲକ୍ଷ୍ମଣ ବାଗ, ଏନ୍‌ଏସି ଅଧକ୍ଷ ବରିୟାମ ସିଂ ସାଲୁଜା ଏବଂ ମୁଖ୍ୟବକ୍ତା ଭାବେ କେଭି କଲେଜର ପୂର୍ବତନ ପ୍ରିନ୍ସପାଲ ସତ୍ୟବ୍ରତ ମିଶ୍ର ଯୋଗ ଦେବେ । ଏ ନେଇ ପ୍ରେସ କ୍ଲବ ଅଫିସରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମ ବାର୍ଷିକ ଉତ୍ସବରେ କିଛି ବିଶିଷ୍ଟ ଲୋକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ । ଆଜିର ପ୍ରସ୍ତୁତି ବୈଠକରେ ସଭାପତି ପ୍ରବଜିତ୍ ସିଂହ ସାଲୁଜା, ସମ୍ପାଦକ ସୁରଦାସ ବାଗ, କୋଷାଧ୍ୟକ୍ଷ ହନି ସିଂହ, ପରାମର୍ଶଦାତା ଆଶିଷ ଖଇତାନ, ବଣ୍ଟି ଗୁପ୍ତା, ଅଫିସ ସମ୍ପାଦକ ବିଶି କେଶନ୍ ମାଝୀ, ବିବେକ ଶର୍ମା,ଅମିତ୍ ଶର୍ମା, କମଳ ଅଗ୍ରୱାଲ, ସେଲୁ ଜୈନ, ପ୍ରତୀକ ସାହୁ, ଜଗମୋହନ ତାଣ୍ଡି, ସହ ଅନ୍ୟ ମାନେ ଉପସ୍ଥିତ ଥିଲେ

# ନିଖୋଜ ମାଆ ଫେରିଲା ପରେ କୋଟିନିଧି ପାଇଛନ୍ତି ପୁଅ-ଝିଅ

ଆସିକା, (ଭାସ୍କର ନ୍ୟୁଜ୍) : ହଜିଯାଇଥିଲା ଖୁସି । ହଠାତ ଫେରିଲା ଖୁସିର ଲୁହକୁ ନେଇ । ଏ ହେଉଛି ଆସିକା ବିଜ୍ଞାପିତ ଅଞ୍ଚଳ ଆଠ ନମ୍ବର ୱାର୍ଡ ଗଣ୍ଡପଲ୍ଲୀର ଘଟଣା । ତିନିବର୍ଷ ଧରି କୁଆଡେ ନିଖୋଜ ହୋଇଯାଇଥିଲେ ମଞ୍ଜୁ । ହଠାତ ଚେନ୍ନାଇ ଅଞ୍ଚଳରୁ ମଞ୍ଜୁକୁ ଉଦ୍ଧାର କଲା ଶାରଦା ଟ୍ରଷ୍ଟ । ମଞ୍ଜୁଙ୍କ ଘର ଠିକଣା ଜାଣି ଆସିକା ସ୍ଥିତ ଗଣ୍ଡପଲ୍ଲୀ ଠାରେ ପହଞ୍ଚି ଥିଲେ ଶାରଦା ଟ୍ରଷ୍ଟ ଟିମ୍ ସହିତ ମଞ୍ଜୁ । ହଜିଲା ମାଆକୁ ପାଇ ଘରେ ଥିବା ଦିବ୍ୟାଙ୍ଗ ପୁଅ ଓ ଝିଅଙ୍କ ମନରେ ଖୁସି କହିଲେ ନସରେ । ଗାଁ ଲୋକଙ୍କ ମନରେ ଖୁସିର ଲହରୀ ଦେଖିଲେ ସ୍ପଷ୍ଟ ବାରି ହୋଇ ପଡୁଥିଲା ସେମାନେ କେତେ ଖୁସି ଅଛନ୍ତି ନିଜ ଗାଁର ଭଉଣୀ ଜଣକୁ ପାଖରେ ପାଇ । ମଞ୍ଜୁ ସାମାନ୍ୟ ମାନସିକ ଦିବ୍ୟାଙ୍ଗ ପୁଅ ଝିଅ ବି ସମାନ ଅବସ୍ଥା ଦେଇ ଜୀବନ ନିର୍ବାହ କରୁଛନ୍ତି । ଏଇ ଖବର ମିଡ଼ିଆ ମାଧ୍ୟମରେ ଚାରିଆଡେ ପହଞ୍ଚିଲା ପରେ ମୋଚିକୁଳ ସମାଜ ମଞ୍ଜୁ ଗାଁରେ ପହଞ୍ଚି କିଛି ଦିନ ପାଇଁ ରାସନ୍ ସାମଗ୍ରୀ ଦେଇ ସାହାଯ୍ୟର ହାତ ବଢ଼ାଇଥିଲେ । ଏହି ପରିବାରର ସମସ୍ତ ପ୍ରକାର ସୁବିଧା ଅସୁବିଧା ବୁଝିବା ସହିତ ଆଗାମୀ ଭବିଷ୍ୟତରେ ସେମାନେ କିଭଳି ଚାଲିବେ ସେ ନେଇ ଚିନ୍ତା ପ୍ରକଟ କରିଥିଲେ । ପ୍ରଶାସନିକ ସ୍ତରରେ ଏହି ପରିବାରକୁ କିଭଳି ସାହାଯ୍ୟ ଓ ସହଯୋଗ ମିଳିବ ସେ ନେଇ ମତ ଉପସ୍ଥାପନ କରିବା ସହିତ ଆଧାର କାର୍ଡରେ ଥିବା ଭୁଲ ତଥ୍ୟକୁ ସଂଶୋଧନ କରିବା ନିମନ୍ତେ ତତ୍ପରତା ପ୍ରକାଶ କରିଥିଲେ । ସ୍ଥାନୀୟ ପ୍ରଶାସନ ଏହି ଅସହାୟ ପରିବାର ସହିତ ମିଶି ପ୍ରାଥମିକ ସହାୟତା ଯୋଗାଇବା ସହିତ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି ମୋଚିକୁଳ ସମାଜ । ଘରକୁ ମାଆ ଫେରିବା ଖବର ଆଜି ବି ସ୍ୱପ୍ନ ଭଳି ଲାଗୁଛି ବୋଲି ଆଖି ଛଳ ଛଳ କରି କହିଛନ୍ତି ମଞ୍ଜୁଙ୍କ ପୁଅ । ଏତେ ଦିନପରେ ମାଆର ସେବା ଶୁଶ୍ରୁଷା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରିଛି ଝିଅ । ଏହି ଗରିବ ଓ ବେସାହାରା ପରିବାର ପ୍ରତି ପ୍ରଶାସନ ଧ୍ୟାନ ଦେଇ ସାହାଯ୍ୟ କଲେ ଆର୍ଥିକ ଅନାଟନରେ ତଳି ତଳାନ୍ତ ହେଉଥିବା ପରିବାରଟାକୁ ଖୁସି ଫେରି ଆସନ୍ତା ବୋଲି କହିଛନ୍ତି ସ୍ଥାନୀୟ ମୋଚିକୁଳ ସଦସ୍ୟ ଟି ଲବ ।

### ସହାୟତାର ହାତ ବଢ଼ାଇଛନ୍ତି ମୋଚି କୂଳ ସମାଜ





## ଦୁର୍ଘଟଣାରେ ୩ ମୃତ, ୨ ଗୁରୁତର

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ସହାୟତା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ସୁନାବେଡା ଥାନା ଅଧୀନ ୨୬ନଂ ଜାତୀୟ ରାଜପଥ ସୁନାବେଡା ଟିଟିଏସ୍ ନିକଟରେ ବିଳମ୍ବିତ ରାତିରେ ୨କାର୍ ମୁହାଁମୁହିଁ ଧକ୍କା ହୋଇ ୩ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ରହିଛନ୍ତି । ମୃତକମାନେ ହେଲେ ସୁନାବେଡା ଏଇଏଫ କଲୋନିର ଆଶୁତୋଷ ରଣା (୨୪), ଡିପି କ୍ୟାମ୍ପର ଦିବ୍ୟରଞ୍ଜନ ପାତ୍ର (୨୪) ଓ ଗଞ୍ଜାମ କଲୋନିର ବିକାଶ ପାତ୍ର (୨୬) । ଗୁରୁତର ମାନେ ହେଲେ ଦାମନଯୋଡି ଭେଜାପୁଟର ପ୍ରମୋଦ କୁମାର ସ୍ୱାଇଁ ଓ ସୁନାବେଡା ଗଞ୍ଜାମ କଲୋନିର କୈଳାଶ ହରିଜନ । ଘଟଣା ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆଶୁତୋଷ, ଦିବ୍ୟରଞ୍ଜନ ଓ ବିକାଶଙ୍କ ପରିବାରକୁ ସମବେଦନ ଜଣାଇଛନ୍ତି । ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଏଥିସହ ଆହତଙ୍କୁ ଆଶୁ ଆରୋଗ୍ୟ କାମନା କରି ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ସୁନାବେଡା ଅଞ୍ଚଳର ଦିବ୍ୟରଞ୍ଜନ ଓ ଅନ୍ୟ ୩ ଯୁବକ କାରରେ ସେମିଳିଗୁଡାରୁ ସୁନାବେଡା ଫେରୁଥିବା ବେଳେ ବିପରୀତ ଦିଗରୁ ସେମିଳିଗୁଡା ଅଭିମୁଖେ ଆସୁଥିବା ଅନ୍ୟ ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇ ଗାଡିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଏହି ସମୟରେ ସେହି ରାସ୍ତା ଦେଇ ସେମିଳିଗୁଡା ଫେରୁଥିବା ଜଣେ ବାଇକ ଚାଳକ ମଧ୍ୟ ଆହତ ହୋଇଥିବା ଜଣାପଡିଛି । ସୁନାବେଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହାତମାନଙ୍କୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେମାନଙ୍କ ମୃତ୍ୟୁ ହୋଇଥିଲା । ୨ଗୁରୁତରଙ୍କୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପଟଣାର ଏକ ଘରୋଇ ହସ୍ପିଟାଲକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏନେଇ ଥାନାରେ କେସ୍ ନଂ ୧୨୮/୨୫ରେ ଏକ ମାମଲା ରୁଜୁ ହୋଇଛି ।

# ଅଘୋଷିତ ବିଜୁଳି କାଟ ସାଜିଛି ମୁଖ୍ୟ ସମସ୍ୟା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକରେ ବିଜୁଳିର ଲୁଚକାଳି ଖେଳକୁ ନେଇ ଲୋକେ ଅତିଷ୍ଠ ହୋଇ ପଡିଲେଣି । ଲକ୍ଷ୍ମୀପୁର ବ୍ଲକରେ କୌଣସି ଦିନ ବିଜୁଳି କାଟ ନହୋଇକି ରହୁନି । ଦୈନିକ କିଛିନା କିଛି ଆଳ ଦେଖାଇ ବିଭାଗ ତରଫରୁ ବିଜୁଳି କାଟ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପ ବସି ପଡୁଛନ୍ତି । ବ୍ଲକରେ ଥିବା ଅନେକ ଗ୍ରାମ ଗୁଡିକ ଦୁଇ ତିନି ଦିନ ଧରି ଅନ୍ଧାରରେ ରହୁଛନ୍ତି । ପଚାରିଲେ ପଶୁ ଶିକାର ପାଇଁ ଲାଇନ ଷ୍ଟାଣ୍ଡ ହେଉନି ବୋଲି ଉତ୍ତର ମିଳୁଛି । ନିଜ ଦୋଷ ପଶୁ ଶିକାର ଉପରେ ଛାଡି ଦେଉଛନ୍ତି । କଣ ପାଇଁ ଲକ୍ଷ୍ମୀପୁର ବ୍ଲକରେ ବିଜୁଳି ସମସ୍ୟ ଦେଖା ଦେଉଛି ତାହା କେହିବି ଜାଣିବାକୁ ଚେଷ୍ଟା କରୁ ନାହାନ୍ତି । ଆଜି ଦିନ ତମାମ ବିଜୁଳି କାଟ ହୋଇଥିଲା । ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗିଥିଲେ । ବିଜୁଳି ଫେଲ ଯୋଗୁଁ ଅନେକ ଗରିବ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ଥିଲେ । ଲକ୍ଷ୍ମୀପୁର ବ୍ଲକରେ ବିଜୁଳି ବିଭାଗ ମନମୁଖୀ ଶାସନ ଚଳେଇଛି କହିଲେ ଅତ୍ୟୁକ୍ତି ହେବା ନାହିଁ । ଏହାର ମୁଖ୍ୟ କାରଣ ହେଲା ସାମାନ୍ୟ ଟିକେ ସମସ୍ୟା ହେଲେ ପୁରା ବ୍ଲକ ସଦରର ଲାଇନ କାଟି ଦିଆଯାଉଛି । ଏପଟେ ଲୋକଙ୍କ ବିଲ୍‌ରେ ମଧ୍ୟ ତ୍ରୁଟି ରହୁଛି । ଲୋକଙ୍କର ମନଇଚ୍ଛା ବିଲ୍ ଆସୁଛି । ସେଥି ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉନି । ଲକ୍ଷ୍ମୀପୁର ବ୍ଲକରେ ବିଜୁଳି ସମସ୍ୟା ଏକ ବଡ଼ ସମସ୍ୟା ପାଲଟିଛି । ତେଣୁ ବିଜୁଳି ସମସ୍ୟାକୁ ନେଇ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇବା ପୂର୍ବରୁ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ ହୋଇ ପଡିଛି ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ




କୋରାପୁଟ, (ଭାସ୍କର ନ୍ୟୁଜ) : ଗ୍ରାମୀଣ ବିକାଶ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଦୁଇ ଦିନିଆ କୋରାପୁଟ ଗସ୍ତ କରିଛନ୍ତି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । କୋରାପୁଟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀନାଏକ ଯୋଗଦେଇ ହର ଘର ଜଳ ଯୋଜନା, ଗ୍ରାମୀଣ ଗୃହ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟରେ ହିତାଧିକାରୀମାନଙ୍କୁ କିପରି କାର୍ଯ୍ୟ ଯୋଗାଯାଉଛି । ସେହି ସଂଖ୍ୟା ବୃଦ୍ଧି କରିବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସରକାର ଲୋକଙ୍କ ପାଇଁ କାମ କରୁଛି । ଏଥିପାଇଁ ଅଧିକାରୀମାନେ ହିତାଧିକାରୀମାନଙ୍କୁ ଯୋଗାଇ ଦେବା ଏବଂ ତାଙ୍କ ପାଖରେ ପହଞ୍ଚିବା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଲୋକଙ୍କ ଦରକାର ମୁତାବକ ପ୍ରକଳ୍ପ ହେଲେ ହିଁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ । ବିଭାଗୀୟ ଅଧିକାରୀମାନେ ଚାହିଁଲେ ଜିଲ୍ଲାର ସମସ୍ୟା ଦୂର ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ସମୀକ୍ଷା ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି କିର୍ତିଭାସନ, ଆଇଏଏସ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ଅଧିକାରୀ ଗୌରୀ ଦାସ, ହିମାଂଶୁ ଶତପଥୀ ଓ ଅଂଶୁମାନ ପ୍ରଧାନ, ଜୟନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କାଲିମେଳା, (ଭାସ୍କର ନ୍ୟୁଜ୍): ଆଜି କାଲିମେଳା ସମିତି ସଭା କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୨୯ଟି ଅଭିଯୋଗର ଶୁଣାଣି ହୋଇଥିବା ଜଣାପଡିଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ହେଚ୍, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲାପରିଷଦ ଏକଜୁକେଟିଭ ଅଫିସର ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ହଳଧର ଶବର, ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦିପ କୁମାର କର ପ୍ରମୁଖ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ ।

# ଅନିମା ପରିଡା ହେଲେ ଡିଆର୍‌ଡିର ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟା

ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ନିର୍ବାଚନ ମଣ୍ଡଳୀର ଜଣାଶୁଣା ନାରୀ ନେତ୍ରୀ ତଥା ଦୁଇ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡାଙ୍କ ଗୁରୁଦାୟିତ୍ୱ । ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ ଓ ପାନୀୟ ଜଳ ଯୋଗାଣ ପରିମଳ ଆଦି ବିଭାଗର ଷ୍ଟାଣ୍ଡିଙ୍ଗ୍ କମିଟିରେ ଚୟନ କରାଯାଇଛି । ଆସିକା ଅଞ୍ଚଳର ଆଗ ନାରୀ ନେତ୍ରୀ ଭାବେ ତୁଲାଇ ଆସିଛନ୍ତି । ଆଜି ଦୀର୍ଘ ବର୍ଷ ହେଲା ଧାଡ଼ିର ଜଣେ ଲଢୁଆ ଅନିମା ପରିଡ଼ା କାର୍ଯ୍ୟ ତାଙ୍କୁ ଗଞ୍ଜାମ ଜିଲ୍ଲା ପରିଷଦ ବୋର୍ଡ଼ ପକ୍ଷରୁ ଚୟନ କରାଯାଇଛି । ଚୟନ ହେବା ପରେ ଏ ନେଇ ଅନ୍ୟମାନଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି । ମୁଁ ଏହି ସମସ୍ତ ବିଭାଗର ଜନସାଧାରଣ ଯେପରି ସମସ୍ତ ସୁବିଧା ପାଇ ପାରିବେ ତାହା ପ୍ରତି ଗୁରୁତ୍ୱ ଦେବି ବୋଲି କହୁଛନ୍ତି । ପ୍ରକାଶ ଥାଉକି ଅନିମା ଜଣେ ବିଜେଡିର ଆଗଧାଡିର ନେତ୍ରୀ, ଦଳ ସଂଘଠନରେ ଏବଂ ଦଳର ଶୃଙ୍ଖଳା ପ୍ରତି ଅତି ଯତ୍ନବାନ ଓ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ପରିଡା ମଧ୍ୟ ଜଣେ ବିଜେଡିର ଆଗଧାଡିର ନେତା ବିଜେଡି ଦଳ ପ୍ରତି ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଗଭୀର ସଂମ୍ମାନ ରହିଛି କେବଳ ଆସିକା ନୁହଁ ଗଞ୍ଜାମ ଜିଲ୍ଲା ବିଜେଡି ସଂଘଠନରେ ପ୍ରତିହାରା ଓ ଭୂମିକା ରହିଛି ।



### ବାଇକ୍ ଚୋର ଗ୍ୟାଙ୍ଗ ଗିରଫ

# ଚୋରା ବାଇକ୍ ପାର୍ଟସ୍ ବିକି ହେଉଥିଲେ ମାଲାମାଲ

ରାଉରକେଲା, (ଭାସ୍କର ନ୍ୟୁଜ୍) : ରାଉରକେଲା ପୋଲିସକୁ ମିଳିଛି ବଡ଼ ସଫଳତା । ମୋଟରସାଇକେଲ ଚୋରି ତଥା ଚୋରା ଗାଡ଼ି କାଟି ସ୍କ୍ରାପ୍ ଆକାରରେ ବିକ୍ରି କରୁଥିବା ଏକ ଯୋଜନାବଦ୍ଧ ଗ୍ୟାଙ୍ଗକୁ ଗିରଫ କରିବାରେ ସକ୍ଷମ ହୋଇଛି ରାଉରକେଲା ପୋଲିସ । ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଚଳିତବର୍ଷ ଗତ ଜୁନ୍ ୨୮ ତାରିଖରୁ ୧୯ ଜୁଲାଇ ମଧ୍ୟରେ ୯ଟି ଗାଡ଼ି ଚୋରି ଅଭିଯୋଗ ଆସିଥିଲା । ଯାହା ବେଶ ଚିନ୍ତାଜନକ ଥିଲା । ତେଣୁ ରାଉରକେଲା ଏସ୍‌ପି ନୀତିଶ ୱାଧୱାନୀ ଏକ ଟିମ୍ ଗଠନ କରି ସଂପୃକ୍ତ ବାଇକ୍ ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗଠିତ ପୋଲିସ ଟିମ୍‌ରେ ବଛା ବଛା ଅଫିସର ସାମିଲ ହୋଇ ପ୍ରସ୍ତୁତି ଓ ଯୋଜନା କରି ସତର୍କତା ସହ ଏହି ବାଇକ୍ ଚୋରି ରାକେଟ ଧରିବା ସହ ଏହି ଯୋଜନାବଦ୍ଧ ଦଳର ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏଥିରେ କିଛି ଦାଗି ପେଷାଦାର ବାଇକ୍ ଚୋର ଓ ସ୍କ୍ରାପ ଚୋର ମଧ୍ୟ ଧରାପଡ଼ିଛନ୍ତି । ଧରାପଡ଼ିଥିବା ଅଭିଯୁକ୍ତ ମଧ୍ୟରେ ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲୀ ଅଞ୍ଚଳର ଅନିମେଶ ବାର(୨୨), ୱାର୍ଡ ନମ୍ବର ୧୩ କାଳୀ ମନ୍ଦିରର ମନୀଷ ମଣ୍ଡଳ, ଗୋପବନ୍ଧୁପାଲୀର ବିଶାଲ ସାହୁ(୩୦), ବାସନ୍ତୀ କଲୋନୀର ବିପୁଳ କୁମାର ଆଜମେରା, ପ୍ଲାଣ୍ଟ ସାଇଟ୍‌ର ଏମ୍‌ଡି ସମୀର (୨୦), ୱାର୍ଡ ନମ୍ବର ୩ର ସଞ୍ଜୟ ପ୍ରସାଦ(୫୫), ରଘୁନାଥପାଲୀ ଥାନା ଅନ୍ତର୍ଗତ ସରକାରୀ ଆଇଟିଆଇ ପାଖ ଅଞ୍ଚଳର ବିଜୟ ବେହେରା(୪୭)ପ୍ରମୁଖ ଅଟନ୍ତି । ବିଜୟ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ୧୧ଟି ମାମଲା ରହିଥିବା ବେଳେ ସଞ୍ଜୟ ନାମରେ ୫ଟି, ବିଶାଲ ଓ ମନୀଷ ନାମରେ ଗୋଟିଏ ଲେଖାଏଁ ମାମଲା ରହିଛି । ଏମାନେ ଗାଡ଼ି ସବୁ ଚୋରି କରି ତାକୁ କାଟି ତାର ବିଭିନ୍ନ ପାର୍ଟସକୁ ବିକ୍ରି କରୁଥିଲେ ଫଳରେ ଗାଡ଼ି ଖୋଜିଲେ ମଧ୍ୟ ତାର ଟେର କାହାକୁ ମିଳୁନଥିଲା । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୪ଟି ବାଇକ୍ ଯଥା ଓଡ଼ି୧୪ଏସ୍ ୯୨୨୦ନମ୍ବର ବାଜାଜ ପଲସର, ଓଡି୧୪ଇ୪୫୦୧ ହିରୋ ଗ୍ଲାମର, ଓଡ଼ି୧୪କେ ୧୪୦୩ ସିଡି ଡିଲକ୍ସ, ଓଡ଼ି୧୪ଏସ୍ ୩୮୩୨ ହୁଣ୍ଡା ସ୍ପ୍ଲେଣ୍ଡର ଗାଡ଼ି ଜବତ କରାଯିବା ସହ ବିଭିନ୍ନ କମ୍ପାନୀର ୫ଟି ବାଇକ୍‌ର କଟା ଅଂଶ ଜବତ୍ କରାଯାଇଥିବା ବେଳେ ଗୋଟିଏ କଟିଙ୍ଗ୍ ଗ୍ରାଇଣ୍ଡର ମେସିନ ଓ ୧୬୮୦ କେଜି ଲୁହା ସ୍କ୍ରାପ ବୋଝେଇ ଓଡ଼ି୧୪ପି ୫୮୫୦ ବଲେରୋ ପିକ୍ ଅପ୍ ଜବତ୍ କରାଯାଇଛି । ଆଜି ପ୍ଲାଣ୍ଟ ସାଇଟ୍ ଥାନା ପରିସରରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ରାଉରକେଲା ଅମରେନ୍ଦ୍ର ସାଣ୍ଡିଲ ଚୋରି ବାବଦରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ପ୍ଲାଣ୍ଟ ସାଇଟ୍ ଥାନା ଇନ୍ସପେକ୍ଟର ବିବସ୍ୱ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଥାନା କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ସିଲାବସ କମିଟିର ନୂତନ ଅଧକ୍ଷ ହେଲେ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ୨୦୨୪/୨୫ ଶିକ୍ଷାବର୍ଷ ପାଇଁ ସିଲାବସ କମିଟିର ଅଧକ୍ଷ ରୂପେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି । ଏହି କମିଟିରେ ଡକ୍ଟର ଦେବଦତ୍ତ ଇନଦୋରିଆ ବାଣିଜ୍ୟ ବିଭାଗର ମୁଖ୍ୟ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ମୁଖ୍ୟ ଏବଂ ସଚିନ କୁମାର ନାୟକ ସହକାରୀ ପ୍ରଫେସର ଆଭ୍ୟନ୍ତରୀଣ ସଦସ୍ୟ ରୂପେ ଥିଲାବେଳେ ବାହ୍ୟ ସଦସ୍ୟ ରୂପେ ମନୋଜ କୁମାର ବେହେରା, ବିକାଶ କୁମାର ଭୂୟାଁ, ଗୁଣୁପୁର, ଇଂ. ସ୍ମୃତିରଞ୍ଜନ ଦାସ ବାଣିଜ୍ୟ ବିଭାଗର ମୁଖ୍ୟ, କିଟ୍ ବିଶ୍ୱବିଦ୍ୟାଳୟ ରୂପେ ଚୟନ କରାଯାଇଛି । ଏହି କମିଟି ଦ୍ୱାରା ସ୍ନାତକ ବାଣିଜ୍ୟ ଏବଂ ସ୍ନାତକୋତ୍ତର ବାଣିଜ୍ୟ ମେଜର୍ ମାଇନର୍ ଏବଂ ଏଇଡିପି ନୂତନ ଶିକ୍ଷାନୀତି ୨୦୨୦/୨୧ ପାଠ୍ୟ ପୁସ୍ତକ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି କମିଟି ଦ୍ୱାରା ଅନୁମୋଦନ କରାଯାଇଛି । ଏଇଡିପି ପ୍ରଥମ ବର୍ଷ ଠାରୁ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ପ୍ରଶିକ୍ଷଣ ନେବା ସହିତ ତାଲିମ୍ ନେବା ସହିତ ନିଯୁକ୍ତି ପାଇବାରେ ସହାୟକ ହେବେ ବୋଲି ମେଧାବୀ ଛାତ୍ରଛାତ୍ରୀ ମାନେ ସୁବିଧା ପାଇବା ପାଇଁ +୩ ବାଣିଜ୍ୟ ଛାତ୍ରମାନେ ଉପକୃତ ହେବେ ବୋଲି କମିଟି ଦ୍ୱାରା ଚୟନ କରାଯାଇଛି । ଏମ୍.କମ୍‌ରେ ମଧ୍ୟ ଚାରୋଟି ସେମିଷ୍ଟାର ୨୦୦୦ ମାର୍କ ସହିତ ଡିଷ୍ଟିଙ୍ଗସନ ବାଧ୍ୟତା ମୂଳକ କରାଯାଇଛି । ଏହି ଅବସରରେ ଓଏସ୍‌ଡି ଦେବୀ ପ୍ରସାଦ ମିଶ୍ର, କୁଳ ସଚିବ ମହେଶ୍ୱର ଚନ୍ଦ୍ର ନାୟକ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନଙ୍କୁ କମିଟି ଦ୍ୱାରା ସିଲାବସ ଅନୁମୋଦନ ପାଇଁ ପଠାଯାଇଛି ।

# ଯୌନ ଶୋଷଣ ନିରାକରଣ ନିମନ୍ତେ ସଚେତନତା ବୈଠକ




ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ, ନିଷେଧ ଓ ସମାଧାନ ଆଇନ୍ ୨୦୧୩ ସମ୍ପର୍କରେ ସଚେତନ କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପ୍ରଦୀପ କୁମାର ଗୁରୁ, ଏସ୍‌ଡିପିଓ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡିଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଆଭ୍ୟନ୍ତରୀଣ କମିଟି ଆଜି ସଂନ୍ଧ୍ୟା ସୁଦ୍ଧା ଯୁଦ୍ଧକାଳୀନ ଭିତ୍ତିରେ ଗଠନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଭ୍ୟନ୍ତରୀଣ କମିଟିର ବୈଠକ ପ୍ରତି ମାସରେ ବସିବ । ପୋର୍ଟାଲରେ ସମସ୍ତ ଅଭିଯୋଗ ପଞ୍ଜିକୃତ ହେବ । ବିଦ୍ୟାଳୟ, ମହାବିଦ୍ୟାଳୟରେ କ୍ୟାମ୍ପ୍ଲେନ ବାକ୍ସ ରହିବ । ଏହି ପୋଷକୋ ଆକ୍ଟ ସମ୍ବନ୍ଧୀୟ ଅନଲାଇନ ବୈଠକ କରି ଶୀଘ୍ର ବିଦ୍ୟାଳୟମାନଙ୍କରେ ମଧ୍ୟ କମିଟି ଗଠନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯେ କୌଣସି କାର୍ଯ୍ୟାଳୟରେ ୧୦ ଜଣ କିମ୍ବା ତଦୁର୍ଦ୍ଧ ଥିଲେ, ଏହି କମିଟି ଗଠନ ବାଧ୍ୟତାମୂଳକ ରହିବ । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ସମସ୍ତଙ୍କୁ ସେନ୍‌ସିଟିଭ କରାଯିବା ପାଇଁ ଏ ନେଇ ସଚେତନତା ଶିବିର ଅନୁଷ୍ଠିତ ହେବ । ବିଭିନ୍ନ ଆବାସିକ ବିଦ୍ୟାଳୟକୁ ମଧ୍ୟ ଅଧିକାରୀ ମାନେ ବାରମ୍ବାର ପରିଦର୍ଶନ କରିବାକୁ ଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଏସ୍‌ଏଚଇ ବକ୍ସର ବ୍ୟବହାର ନେଇ ମଧ୍ୟ ପାୱାର ପଏଣ୍ଟରେ ଇ ଗଭର୍ନେନ୍ସ ମ୍ୟାନେଜର ସମୀର କୁମାର ନାଏକ ଉପସ୍ଥାପନ କରିଥିଲେ । ସମସ୍ତ ବିଡ଼ିଓ, ସିଡିପିଓ ନିଜ ନିଜ ସ୍ତରରେ ସୁପଭାଇଜର, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କୁ ନେଇ ବୈଠକ କରିବେ । ସମସ୍ତ କର୍ମକ୍ଷେତ୍ରରେ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରେ ଭାତୃତ୍ୱ ଭାବ ରହିବ, ଏବଂ ସମସ୍ତେ ଟିମ ସ୍ପିରିଟ ନେଇ କାମ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ବୈଠକ ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ପୂର୍ବକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭା ଶେଷରେ ଜିଲ୍ଲାପାଳ ବୌଦ୍ଧ ଜିଲ୍ଲାରେ ଏଭଳି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ ।

# ଛୋଟ ଶିଶୁଙ୍କ ଦ୍ରୋଣାଚାର୍ଯ୍ୟ ସାଜିଛନ୍ତି ମନିତ୍ର

ଝରୀଗାଁ, (ଭାସ୍କର ନ୍ୟୁଜ) : ମୁଁ ପାଠୁଆ ଯେତେବେଳେ ମୋ ଗାଁ ବି ପାଠୁଆ ହେବା ଦରକାର, ମୋ ଗାଁର ସମସ୍ତେ ମୋ ଭଳି ଶିକ୍ଷିତ ହେବେ ମୋ ଗାଁ ର ଉନ୍ନତି ହେବ ମୋ ପଞ୍ଚାୟତ ହସି ଉଠିବ । ଏ ପିଢ଼ିକୁ ମୁଁ କେବେହେଲେ ନିରକ୍ଷର ହେବାକୁ ଦେବିନାହିଁ । ଏମିତି ସ୍ୱପ୍ନ ଦେଖୁଥିବା ଯୁବକ ଜଣକ ହେଲେ ଗରିବ ବାପା ମାଙ୍କ ଏକ ମାତ୍ର ବିଏସ୍‌ସି ପଢୁଆ ପୁଅ ମନିତ୍ର ମୁଦୁଲି (୨୨) । ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଟେମେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାହାଡ଼ ଜଙ୍ଗଲ ଭରା ଏକ ଛୋଟିଆ ଗାଁ ହେଉଛି ପଡ଼ାଲଗୁଡା । ଦୁର୍ଗମର ଏ ଅଞ୍ଚଳ ବିଭିନ୍ନ କ୍ଷେତ୍ରରେ ପଛୁଆ ହୋଇ ପଡ଼ି ରହିଥିବା ବେଳେ ଏ ଅଞ୍ଚଳରେ ଶିକ୍ଷାର ଗୁରୁତ୍ୱକୁ ଅଞ୍ଚଳବାସୀ ଏତେଟା ପ୍ରାଧାନ୍ୟ ଦେଇନଥାନ୍ତି । ସକାଳ ପାହିଲେ ପରିବାରର କେବଳ ପେଟପାଟଣା ଚିନ୍ତା । ନିଜେ ଖଟିବା ସାଙ୍ଗକୁ ନିଜ ପିଲାଙ୍କୁ ନେଇ ଜମିବାଡ଼ିରେ ଖଟେଇବା କଥା ସମସ୍ତେ ଜାଣନ୍ତି । ଏଭଳି ସ୍ଥଳେ ଏହି ଟେମେରା ଭଳି ଉପାନ୍ତ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ମହତ୍ୱକୁ ଘରେ ଘରେ ପହଞ୍ଚେଇବା ଲାଗି ମନିତ୍ର ମୁଦୁଲିଙ୍କ ପ୍ରୟାସକୁ ସାଧାରଣରେ ଏବେ ବେଶ ପ୍ରଶଂସିତ କରିଛି । ଏହି ପଡ଼ାଲଗୁଡ଼ା ଗ୍ରାମର ବାପା ଉଦ୍ଧବ ମୁଦୁଲି ଏବଂ ମା ତୁଳାବତୀ ମୁଦୁଲିଙ୍କ ଏକ ମାତ୍ର ପୁଅ ହେଉଛନ୍ତି ମନିତ୍ର ମୁଦୁଲି । ମନିତ୍ର ଆଦିବାସୀ ଅଧୁଷିତ ଅଞ୍ଚଳର ପିଲାଟିଏ ହୋଇଥିଲେ ମଧ୍ୟ ସେ ଖୁବ ସଂସ୍କାରି ଏବଂ ଅଜ୍ଞାଧୀନ । ଆମେ ନିଜେ ଯାହା ଶିକ୍ଷା ଉପାର୍ଜନ କରିଥାଉ ତାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଆବଶ୍ୟକ ଏ କଥା ତାଙ୍କ ଗୁରୁଜନଙ୍କ ଠାରୁ ଶୁଣିଥିବା କୁହନ୍ତି ମନୀତ୍ର । ଯାହାକୁ ଅନୁସରଣ କରି ନିଜ ଗାଁ ଏବଂ ଆଖପାଖ ଗାଁକୁ ଯାଇ ପରିବାର ଲୋକଙ୍କୁ ଶିକ୍ଷାର ମହତ୍ୱ କଥା ବୁଝେଇଥିଲେ । ଆଖପାଖ ଗାଁର ପାଖାପାଖି କୋଡିଏରୁ ପଚିଶି ପିଲାଙ୍କୁ ଏକାଠି ବସେଇ ପାଠ ପଢ଼େଇ ଆସୁଛନ୍ତି ମନିତ୍ର । ପ୍ରତିଦିନ ସକାଳ ଏବଂ ସଂନ୍ଧ୍ୟା ସମୟରେ ପିଲାଙ୍କୁ ମାଗଣାରେ ପାଠ ପଢାନ୍ତି । ସେ ନବରଙ୍ଗପୁର ଠାରେ ବିଏସ୍‌ସି ପଢିବା ପରେ ନିଜ ଗାଁକୁ ଫେରି ପିଲାଙ୍କୁ ମଣିଷ କରିବାର ସଂକଳ୍ପ ନେଇଛନ୍ତି ମନିତ୍ର । ନିଜର ଶିକ୍ଷା ହାସଲ ଲାଗି କେବେ ହେଲେ ବାପା ମାଙ୍କ ଉପରେ ବୋଝ ହୋଇନଥିବା କୁହନ୍ତି ମନିତ୍ର । ସେ ପାଠ ପଢିବା ପାଇଁ ବେଳେ ବେଳେ କୁଲି ଖଟିବାକୁ ପଛେଇ ନାହାନ୍ତି । ତେଣୁ କିଭଳି ନିଜ ଅଞ୍ଚଳରେ ଶିକ୍ଷାର ସ୍ଥିତି ମଜବୁତ ହେବ, ନିଜ ଅଞ୍ଚଳର ପିଲା ଉଚ୍ଚ ଶିକ୍ଷା ହାସଲ କରିବେ ସେ ନେଇ ସେ ଏଭଳି ଏକ ପଦକ୍ଷେପ ନେଇଥିବା କହିଛନ୍ତି । ମନିତ୍ରଙ୍କ ଏଭଳି ପଦକ୍ଷେପ ପାଇଁ ପିଲାମାନେ ପୂର୍ବରୁ ଛୁଟି ସମୟରେ କିଏ ଜମିବାଡିରେ ଯାଇ କାମ କରୁଥିଲେ, ବର୍ତ୍ତମାନ କିନ୍ତୁ ପିଲାଏ ଘରେ ହୋମୱାର୍କରେ ବ୍ୟସ୍ତ ରହୁଛନ୍ତି । ମନିତ୍ର ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ଥିବାବେଳେ ପରିବାରରେ ଆର୍ଥିକ ସ୍ଥିତି ମଧ୍ୟ ଏତେଟା ସ୍ୱଚ୍ଛଳ ନୁହେଁ । ପିଲାଙ୍କୁ ପାଠ ପଢ଼େଇସାରିବା ପରେ ନିଜର କର୍ମ କ୍ଷେତ୍ରରେ ବାହାରି ପଡନ୍ତି ସେ । ଯାହା ଯେଉଁଠି ଯେଉଁ କାମ ମିଳେ ତାକୁ କରନ୍ତି । ନିଜ ଅଞ୍ଚଳର ଭବିଷ୍ୟତ ସହିତ ନିଜର ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ମନିତ୍ରଙ୍କ ସ୍ୱପ୍ନ ଆଗରେ ପାଚେରୀ ହୋଇ ଛିଡ଼ାହୋଇଛି ଅଭାବ । ତଥାପି କେବେ ମନରେ ଦୁଃଖ ନାହିଁ । ସବୁବେଳେ ହସ ହସ ମୁହଁରେ ନିଜର କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସେ ।





ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ଆଇକ୍ୟୁଏସି ସହାୟତାରେ ଆଣ୍ଟିରାଗିଂ ସେଲ ଏବଂ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ରାଗିଂ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରଶେଖର ନାୟକ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ବାଳିକା ଆତ୍ମରକ୍ଷା କୌଶଳର ପୂର୍ବତନ ଜିଲ୍ଲା ସଂଯୋଜକ ଡ. ଶ୍ରୀଧର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂପ୍ରତି ସମାଜରେ ମୂଲ୍ୟବୋଧର ଅବକ୍ଷୟ ଘଟୁଛି ଏବଂ ବିଶେଷ କରି ନାରୀମାନେ ସମାଜରେ ବିଭିନ୍ନ ଶୋଷଣ ଶିକାର ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ନାରୀ ହେଉଛି ପ୍ରକୃତି, ସୃଷ୍ଟିକାରିଣୀ ଏବଂ ଶକ୍ତିମୟୀ । ସେ ନିଜ ଭିତରେ ଲୁକ୍କାୟିତ ଶକ୍ତିକୁ ଫୁଟି ଆତ୍ମବିଶ୍ୱାସକୁ ଉଜ୍ଜୀବିତ କରିପାରିଲେ ସକଳ ପ୍ରକାର ଦୁଷ୍ପ୍ରଶକ୍ତିକୁ ପ୍ରତିହତ କରିପାରିବ ବୋଲି ମଧ୍ୟ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୁରୁଚରଣ ସେଠୀ, ଆଇକ୍ୟୁଏସି ସଂଯୋଜକ ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଡ. କିଶୋର କୁମାର ବେଦାନ୍ତ, ଡ. ସତ୍ୟପ୍ରିୟ ବଳ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ଭାଗ୍ୟଲକ୍ଷ୍ମୀ ସାହୁ, ଓ ଶୁଭଶ୍ରୀ ପଣ୍ଡା ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟରେ ରାଗିଂର କୁପରିଣାମ ସମ୍ପର୍କରେ ସଚେତନ କରାଇଥିଲେ । ଶେଷରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।



## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣକୁ ସେଙ୍ଗେଲର କଡ଼ା ନିନ୍ଦା

# କାର୍ଯ୍ୟାନୁଷ୍ଠାନ ନହେଲେ ମୟୂରଭଞ୍ଜ ବନ୍ଦ ଚେତାବନୀ

ବାରିପଦା (ଭାସ୍କର ନ୍ୟୁଜ୍) : ବାବନଘାଟି ଏକ୍ସପ୍ରେସ୍ ନିର୍ଦ୍ଦେଶରେ ରାଇରଙ୍ଗପୁର ଠାରେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣକୁ କେନ୍ଦ୍ରକରି ଆଦିବାସୀ ସେଙ୍ଗେଲ ଅଭିଯାନ ଏବଂ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡ଼ୱା ଓଡ଼ିଶା ପ୍ରଦେଶ କମିଟିର କାର୍ଯ୍ୟକର୍ତ୍ତା, ନେତାମାନେ ନାରାନ ମୁର୍ମୁଙ୍କ ନେତୃତ୍ୱରେ ଆଭାସୀ ମାଧ୍ୟମରେ ଅନଲାଇନ୍ ଜୁମ୍ ମିଟିଂ ଅନୁଷ୍ଠିତ ହୋଇଯାଇଛି । କୁହାଯାଇଛି ଯେ ଜୁଲାଇ ୧୯ରେ ଟ୍ରାଇବ ଟିଭି ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଓଡ଼ିଶା ସରକାରଙ୍କୁ କଡ଼ା ନିନ୍ଦା, ସମାଲୋଚନା କରାଯାଇଛି । କାରଣ ସାମ୍ବାଦିକ ବନ୍ଧୁମାନେ ଦେଶର ଚତୁର୍ଥ ସ୍ତମ୍ଭ ଅଟନ୍ତି, ଏହି ସାମ୍ବାଦିକ ବନ୍ଧୁମାନେ ନିଜ ଜୀବନକୁ ବାଜି ଲଗାଇ ସମସ୍ତ ରାଜନୈତିକ ଦଳ, ସାମାଜିକ ସଂଗଠନ, ଗରିବ, ଧନୀ ଭିତରେ କୌଣସି ଭେଦଭାବ ନରଖି ଦୁର୍ନୀତି, ଅନ୍ୟାୟ ଓ ଅନ୍ୟାୟ ଘଟଣା, ବାର୍ତ୍ତାକୁ ଗଣମାଧ୍ୟମରେ ପ୍ରକାଶ କରିଥାନ୍ତି । ଏହିପରି ନିଃସ୍ୱାର୍ଥ ଗଣମାଧ୍ୟମ ବନ୍ଧୁମାନେ ହିଁ ଯଦି ରାଜ୍ୟରେ ସୁରକ୍ଷିତ ନାହାନ୍ତି, ଏମାନଙ୍କ ପ୍ରତି ଅଣଦେଖା, ଅବହେଳା କରାଯାଉଛି, ତେବେ ରାଜ୍ୟର ସାଧାରଣ ଜନତାମାନଙ୍କୁ କିପରି ସୁରକ୍ଷା, ସେବା ଦିଆଯାଉଛି, ଏଥିରୁ ସ୍ପଷ୍ଟ ହେଉଛି । ତେଣୁ ରାଇରଙ୍ଗପୁର ଘଟଣାରେ ଅବିଳମ୍ବେ ଉଚ୍ଚସ୍ତରୀୟ ଯାଞ୍ଚ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଘାଇଲ ସାମ୍ବାଦିକଙ୍କୁ ଚିକିତ୍ସା ଖର୍ଚ୍ଚ ସହିତ କ୍ଷତିପୂରଣ ପ୍ରଦାନ କରାଯାଉ ଏବଂ ସମସ୍ତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଆଇନ୍ ବ୍ୟବସ୍ଥା ଲାଗୁ କରାଯିବା ସହିତ ମାସକୁ ମାସ ଆର୍ଥିକ ସହାୟତା ପ୍ରଦାନ, ଇନ୍ସ୍ୟୁରାନ୍ସ ପ୍ରଦାନ କରାଯିବା ବ୍ୟବସ୍ଥା ଆଦି ଲାଗୁ କରାଯାଉ ବୋଲି ଦାବି ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି । ଏ ବାବଦରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ମଧ୍ୟ ଅନ୍‌ଲାଇନ୍ ମିଟିଂରେ ନିଷ୍ପତ୍ତି ନିଆଯାଇଛି । ଦାବି ଗୁଡ଼ିକ ପୂରଣ କରାନଗଲେ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯିବାକୁ ବାଧ୍ୟ ହେବେ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ମିଟିଂରେ ଓଡ଼ିଶା ପ୍ରଦେଶ ସେଙ୍ଗେଲ ସଭାପତି ନରେନ୍ଦ୍ର ହେମ୍ବ୍ରମ, କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଦ୍ଧାନ ମାର୍ଣ୍ଡି ସହିତ ଉଦୟନାଥ ହେମ୍ବ୍ରମ, କାଳୁରାମ ମୁର୍ମୁ, ଚନ୍ଦନ କୁମାର ସୋରେନ, ମାଲହ ମାର୍ଣ୍ଡି, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ହେମ୍ବ୍ରମ, ପାନମଣି ହେମ୍ବ୍ରମ ସମେତ ୩୩ଜଣ ସେଙ୍ଗେଲ କାର୍ଯ୍ୟକର୍ତ୍ତା, ନେତାମାନେ ଉପସ୍ଥିତ ଥିଲେ ।

# କୋରେଇରେ କୋଟିପତି ପାଉଛନ୍ତି ସାମାଜିକ ସୁରକ୍ଷା ଭତ୍ତା !




କୋରେଇ (ଭାସ୍କର ନ୍ୟୁଜ୍): ସରକାର ବଦଳିଲା ପରେ ରାଜ୍ୟର ଜନସାଧାରଣ ଭାବିଥିଲେ ରାଜ୍ୟରେ ୨୪ ବର୍ଷ ସରକାରରେ ହେଉଥିବା ଦୁର୍ନୀତିର ପୂର୍ଣ୍ଣଚ୍ଛେଦ ପଡିବ ! ପ୍ରକୃତ ହିତାଧିକାରୀ ମାନେ ସମସ୍ତ ଯୋଜନାର ଲାଭ ପାଇବେ ! କିନ୍ତୁ ସରକାର ବଦଳିବାର ବର୍ଷେ ପରେ ଅଭିଯୋଗ ହେଉଛିକି ଗତ ୨୪ ବର୍ଷ ଭିତରେ ଯେତିକି ଦୁର୍ନୀତି ହୋଇନଥିଲା ତାଠାରୁ ଅଧିକ ଦୁର୍ନୀତି ବର୍ତ୍ତମାନ କୋରେଇ ବ୍ଲକରେ ହେଉଛି ! କୋରେଇରେ ଚର୍ଚ୍ଚା ହେଉଛି କି ଲାଞ୍ଚ ଦେଲେ ସବୁ ପ୍ରକାର ଅନୀତିକୁ ନୀତି କରିଦେଉଛନ୍ତି ସରକାରୀ ବାବୁମାନେ । ଏହିଭଳି ଏକ ଅଭିଯୋଗ ବର୍ତ୍ତମାନ କୋରେଇ ବ୍ଲକ ନାମରେ ଆସିଛି । ଭାତ ହାଣ୍ଡିର ଗୋଟେ ଭାତ ଟିପିଲା ପରି କୋରେଇରେ ସାମାଜିକ ସୁରକ୍ଷା ଯୋଜନାରେ ଏକ ବଡ଼ ଧରଣ ରାକେଟ୍ କାମ କରୁଥିବା ଜଣାପଡିଛି । ଏହି ବ୍ଲକର କରଦା ପଞ୍ଚାୟତର ପଳସା ଗ୍ରାମର ପାର୍ବତୀ ସେନାପତି, ସ୍ୱାମୀ - ଦୟାନିଧି ସେନାପତି, ଯେ କି ଜଣେ କୋଟିପତି, ତାଙ୍କ ସ୍ୱାମୀଙ୍କ ନାମରେ ବୈତରଣୀ ରୋଡ୍ ବଜାର ସମେତ ବିଭିନ୍ନ ଜାଗାରେ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ବ୍ୟବସାୟ ଓ ଅନ୍ୟ ଉତ୍ସରୁ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ସାମାଜିକ ସୁରକ୍ଷା ଭତ୍ତାରେ ସାମିଲ କରାଯାଇ ଓଆର୍-ଏସ୍-୧୩୬୭୪୦୦୧ ନମ୍ବର ରେ ସେପ୍ଟେମ୍ବର -୨୦୨୪ ରେ ଭତ୍ତା ପ୍ରଦାନ କରାଯାଇଛି । ଏ ନେଇ ପ୍ରଥମେ ଆମେ ସ୍ଥାନୀୟ ଜନ ପ୍ରତିନିଧି ପଚାରିଥିଲୁ, ତାଙ୍କ କହିବା କଥା ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଥିବାବେଳେ କିପରି ତାଙ୍କ ନାମକୁ ଚୟନ କରାଗଲା ଓ ସେଥିପାଇଁ ଆମେ ବ୍ଲକରେ ଅଭିଯୋଗ ମଧ୍ୟ କରିଥିଲୁ, କିନ୍ତୁ ଅଭିଯୋଗର ତଦନ୍ତ ନକରି ତାଙ୍କୁ ୮ ମାସର ଭତ୍ତା ଏକା ଥରକେ ପ୍ରଦାନ କରାଯାଇଥିଲା । ଏ ନେଇ ଆମେ ତିନି ମାସ ତଳେ ଏକ ଖବର ପ୍ରକାଶ କରିଥିଲୁ, ଖବର ପ୍ରକାଶ ପରେ କୋରେଇ ବିଡ଼ିଓ ଏହାକୁ ଗୁରୁତ୍ୱର ସହ ନେଇ ଭତ୍ତା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଥମେ ଭତ୍ତା ବନ୍ଦ କରି ତଦନ୍ତ କରିବାକୁ କହିଥିଲେ । କିନ୍ତୁ ଦୁଃଖର ବିଷୟ ବିଭାଗ ଦାୟିତ୍ୱରେ ଥିବା କରିତକର୍ମା ବାବୁ ଭତ୍ତା ବନ୍ଦ ତ ଦୂରର କଥା ଖାଲି ଚିଠି ନଂ-୧୪୨୫ ରେ ବ୍ୟାସ ନଗର ତହସିଲଦାରଙ୍କୁ ଚିଠି କରି

## ଖବର ପ୍ରକାଶ ପରେ ଚିଠି ଲେଖାରେ କାର୍ଯ୍ୟାନୁଷ୍ଠାନ ସୀମିତ

କାମ ସାରି ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠେ ଅଧିକାରୀ ଜଣକ କାହିଁକି କାହା ସ୍ୱାର୍ଥରେ ତଦନ୍ତ ଆଗକୁ ବଢ଼ାଇଲେ ନାହିଁ ! ଏମିତି ଅନୀତି କାମ କରିବା ପଛରେ ଅଧିକାରୀଙ୍କର କିଛି ମଧୁଚନ୍ଦ୍ରିକା ନାହିଁ ତ ! ସବୁଠାରୁ ବଡ଼ ପ୍ରଶ୍ନ ବର୍ତ୍ତମାନ କେବଳ ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ପ୍ରାଥମିକତା ଭିତ୍ତିରେ ଦେଉଥିବା ବେଳେ କରଦା ପଞ୍ଚାୟତରେ ବିଧବା, ଦିବ୍ୟାଙ୍ଗ ମାନେ ଭତ୍ତା ପାଇଁ ଆବେଦନ କରି ବସିଥିବା ବେଳେ କିପରି କାହା ଇଂଗିତରେ କୋଟିପତି ସ୍ୱାମୀର ସାଙ୍କୁ ଭତ୍ତା ପ୍ରଦାନ କରାଗଲା । ସୂଚନା ଅନୁଯାୟୀ ଏହିଭଳି କୋରେଇରେ ପ୍ରତି ପଞ୍ଚାୟତରେ କୋଟିପତି, ଅଯୋଗ୍ୟ ହିତାଧିକାରୀ ମାନେ ଭତ୍ତା ପାଉଛନ୍ତି । ଏହାକୁ ବିଧିବଦ୍ଧ ତଦନ୍ତ କରାଯିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ସହ ଦୁର୍ନୀତି କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଚକ୍ଷୁଦାନ କରି ଚିର ସ୍ମରଣୀୟ ହେଲେ ରଶ୍ମିରଞ୍ଜନ

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର କେଶରପୁର ଗ୍ରାମର ଗୋପବନ୍ଧୁ ଦାଶଙ୍କ ପୁଅ ରଶ୍ମିରଞ୍ଜନ (୨୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଭଳି ଦୁଃଖଦ ଘଟଣା ଘଟିଯାଇଛି । ରଶ୍ମିରଞ୍ଜନ ଅନୁଗୋଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ।



ଗତକାଲି ସେ ଛୁଟିରେ ଘରକୁ ଆସିଥିଲେ । ହେଲେ ରାତିରେ କୌଣସି କାରଣରୁ ତାଙ୍କ ଶୋଇବା ଘରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପଞ୍ଚନାମା କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକମାନେ କେନ୍ଦ୍ରାପଡ଼ାର କଜଳା ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି । ତେବେ ଯୁବକଙ୍କ ମୃତ୍ୟୁପରେ ତାଙ୍କର ପରିବାର ଲୋକ ତାଙ୍କ ଆଖି ଦୁଇଟିକୁ ଦାନ କରି ଦୁଇଜଣ ଅନ୍ଧଙ୍କୁ ଚକ୍ଷୁଷ୍ମାନ କରାଇଛନ୍ତି ।

# ଫଳ ଦୋକାନରେ ପଶିଗଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ବାଇପାସ୍ ନିକଟରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ବସ୍ ଫଳଦୋକାନ ଭିତରକୁ ପଶି ଯାଇଛି । ଦୋକାନର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ନିଶ୍ଚିତ କ୍ଷୟକ୍ଷତିରୁ ରକ୍ଷା ପାଇଯାଇଛନ୍ତି ଯାତ୍ରୀ । ବସ୍‌ର ଆଗ କାଚ ସହ କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ବାଲିରେ ଧସି ହୋଇ ବସଟି ରହିଯାଇଥିଲା ।




ଗ୍ରୀନଇଣ୍ଡିଆ ନାମକ ଏକ ଘରୋଇ ବସ୍ ତିର୍ତ୍ତୋଲ ଥାନା ଶଙ୍ଖେଶ୍ୱରରୁ ତାରପୁର ବାଇପାସ୍ ଦେଇ କଟକ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟାଇଥିଲା । ପ୍ରତ୍ୟେକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ବସ୍ ଚାଳକ ଦ୍ରୁତଗତିରେ ଆସି ବାଇପାସ୍ ଠାରେ ଡାହାଣ ପାର୍ଶ୍ୱକୁ ଟର୍ଣ୍ଣିଂ କରୁଥିବାବେଳେ ଭାରସାମ୍ୟ ହରାଇ ଫଳ ଦୋକାନ ସମ୍ମୁଖକୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରେ ଥିବା ପ୍ରାୟ ୧୫ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । କାହାର କିଛି କ୍ଷତି ହୋଇନଥିବା ଦେଖାଯାଇଛି । ଏ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି ।

## ଆରଏସ୍‌ଏସ୍‌ର ପ୍ରଚାରକ କୈଳାସ ଜେନାଙ୍କ ବିୟୋଗରେ ସାଂସଦଙ୍କ ଶୋକ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ କୈଳାସ ଜେନାଙ୍କ ବିୟୋଗରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ନିଜର ଶୋକ ବାର୍ତ୍ତାରେ କହିଛନ୍ତି, "ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ତଥା ସେବା ଭାରତୀ ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ସମ୍ପାଦକ କୈଳାସ ଭାଇଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜଣେ ସରଳ ଓ ମିଷ୍ଟଭାଷୀ ବ୍ୟକ୍ତି ଥିବା ସହ ଜଣେ ସୁସଂଗଠକ ଥିଲେ । ମୋର ତାଙ୍କ ସହ ଦୀର୍ଘ ଦିନ ଧରି ଅତ୍ୟନ୍ତ ଘନିଷ୍ଠ ଓ ଆତ୍ମୀୟ ସମ୍ପର୍କ ଥିଲା । ସେ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଭାରତ ମାତାଙ୍କ ସେବାରେ ସମର୍ପିତ କରି ଦେଇଥିଲେ । ମା' ତାରିଣୀଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ସାଂସଦ ଅନନ୍ତ ନାୟକ ।

## ଜମିଜମାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

# ଭୁଜାଲି ମାଡ଼ରେ ଜଣେ ମୃତ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଗୋପିନାଥପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳରୁ ଭୁଜାଲି ମାଡ଼ରେ ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ହେଲେ ଶେଖ୍ କାଲୁ । ଘଟଣାସ୍ଥଳରେ ସିଂଲା ପୋଲିସର ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ ସିଂଲା ଥାନା କାଦରାୟାଁ ପଞ୍ଚାୟତ ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଶେଖ୍ କାଲୁ ଏବଂ ତାଙ୍କ ପଡୋଶୀ ଶେଖ ଆବୁ ବକ୍କର ଠାରୁ ପାଞ୍ଚ ବର୍ଷ ତଳେ ଏକ ଜମି କିଣି ବାଡ଼ଘେରି ରଖିଥିଲେ । ରବିବାର ଅପରାହ୍ନ ୪ଟା ୩୦ ମିନିଟ ସମୟରେ ଉକ୍ତ ବାଡ଼କୁ କାଟି ଆବୁ ବକ୍କରର ପୁଅ



ରେହେମାନ ରାସ୍ତା କରୁଥିବା ସମୟରେ କାଲୁ ବିରୋଧ କରିବାରୁ ରେହେମାନ ଓ ତାଙ୍କ ପରିବାର ସଂଘବଦ୍ଧ ଭାବେ ସେଖ କାଲୁ ପେଟରେ ଭୁଜାଲି ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ ଏବଂ ପରିବାର ଲୋକେ ତାଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାଲୁର ମୃତ୍ୟୁ ହୋଇଛି । ପରିବାର ପକ୍ଷରୁ ସିଂଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୫୮/୨୫ ନମ୍ବର କେସ ରୁଜୁ କରି ଅଭିଯୁକ୍ତମାନଙ୍କୁ ଖୋଜୁଥିବା ବେଳେ ସେମାନେ ଫେରାର ଅଛନ୍ତି ।

# ଭାଗବତ ପଠନ ସଚେତନତା କାର୍ଯ୍ୟକ୍ରମ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଠାରେ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଡେରାବିଶ ବ୍ଲକ ଶାଖା ପକ୍ଷରୁ ଆଜି ଭାଗବତ ପଠନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତିର ବ୍ଲକ ସଭାପତି ଯଶୋବନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଂଚାୟତର ପୂର୍ବତନ ସରପଂଚ ଉମେଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ଗ୍ରାମାଂଚଳରେ ଭାଗବତ ଗ୍ରନ୍ଥର ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ଶ୍ରୀ ତ୍ରୀପାଠୀ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କେନ୍ଦ୍ରାପଡ଼ାର ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଡ. ଅଜୟ କୁମାର ରାଉତଙ୍କୁ



ଅଙ୍ଗାଭରଣ, ପୁଷ୍ପଗୁଚ୍ଛ ଓ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଥିଲେ । ଏହି ଅବସରରେ ଡ. ରାଉତ ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ଟୁଙ୍ଗିରେ ଗ୍ରାମର ଜନସାଧାରଣମାନେ ଭାଗବତ ପଠନ ଓ ଶ୍ରବଣ କରିବା ଦ୍ୱାରା ଗ୍ରାମରେ ଉତ୍ତମ ପରିବେଶ ସୃଷ୍ଟିହେବା ସହ ଭାଇଚାରା ମଧ୍ୟ ପ୍ରତିଷ୍ଠା ହୋଇପାରିଥାଏ ବୋଲି ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଭାବେ ନିଜ ଘରେ ଭାଗବତ ପଠନ କରିବା ଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ବାତାବରଣ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ ବୋଲି ଡ. ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଓଟିଇଟି ପରୀକ୍ଷା ବାତିଲ

ଜଗତସିଂହପୁର( ଭାସ୍କର ନ୍ୟୁଜ୍) : ଜଗତସିଂହପୁର ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବାରୁ ବାତିଲ କରାଯାଇଛି । ପରୀକ୍ଷା ଦେବାକୁ ଆସିଥିବା ଜିଲ୍ଲାର ଶହ ଶହ ଛାତ୍ରଛାତ୍ରୀ ହତାଶ ହୋଇ ଘରକୁ ଫେରିଯାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଦ୍ୱାରା ପରିଚାଳିତ ଓଟିଇଟି ପେପର ୧ ଓ ପେପର ୨ ପାଇଁ ଆଜି ପରୀକ୍ଷା ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା । ମାତ୍ର ପ୍ରଶ୍ନପତ୍ର ଲିକ ହୋଇଯିବାରୁ ପରୀକ୍ଷା ବାତିଲ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଓଟିଇଟି ପରୀକ୍ଷା ପ୍ରଶ୍ନର ହାତ ଲେଖା ଉତ୍ତର ମାର୍କେଟରେ ବୁଲୁଥିବାରୁ କୋର୍ଟ ନିର୍ଦ୍ଦେଶ ଅନୁସାରେ ପରୀକ୍ଷା ବାତିଲ କରାଯାଇଛି । ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ହୋଇଥିବା ୫ ଗୋଟି ପରୀକ୍ଷା କେନ୍ଦ୍ର ଯଥାକ୍ରମେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୋହିତପୁର ଉଚ୍ଚ ବିଦ୍ୟାଳୟ, ରସଲପୁର ନୋଡାଲ ସ୍କୁଲ, ଶ୍ରୀକୃଷ୍ଣ ଏକାଡେମୀ, ମାର୍କଣ୍ଡପୁର ବୃନ୍ଦାବନ ବିଦ୍ୟାଳୟ ଭଳି ୫ ଗୋଟି ପରୀକ୍ଷା କେନ୍ଦ୍ରରେ ପେପର ୧ ପାଇଁ ୯୦୦ ଓ ପେପର ୨ ପାଇଁ ୮୩୧ ପିଲା ପରୀକ୍ଷା କେନ୍ଦ୍ରକୁ ଆସିଥିଲେ । ପ୍ରାୟତଃ ପରୀକ୍ଷାର୍ଥୀ ମାନେ ଶିକ୍ଷକତା କରୁଥିବାରୁ ବହୁ କଷ୍ଟରେ ପ୍ରସ୍ତୁତ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲା ପରେ ଜାଣିବାକୁ ପାଇଲେ ଯେ ଓଟିଇଟି ପରୀକ୍ଷା ବାତିଲ ହୋଇଯାଇଛି । ତେଣୁ ସେମାନେ ଦୁଃଖରେ ମ୍ରିୟମାଣ ହୋଇ ଘରକୁ ଫେରିବାକୁ ବାଧ ହୋଇଥିଲେ । ଏହି ଘଟଣାର ତଦନ୍ତ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି ।

# ଦୁଇ ଅସହାୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ସାହାଡ଼ା ଗ୍ରାମର କର୍କଟ ରୋଗରେ ପୀଡିତା ଜୟନ୍ତୀ ଜେନା ଓ ଗୋପିଆକୁଦ ପଞ୍ଚାୟତ ଗୋଠଦିଆ ଗ୍ରାମର ବ୍ରେନ ଟ୍ୟୁମର ରୋଗରେ ପୀଡିତ ଅଚ୍ୟୁତ ସାମଲଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଜୟନ୍ତୀ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି । ଗତ କିଛି ମାସ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ । ସେହିପରି ଅଚ୍ୟୁତ ଜଣେ ବ୍ରେନ ଟ୍ୟୁମର ରୋଗୀ । ବାପା ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଚିକିତ୍ସା କରାଇ ପାରୁନାହାନ୍ତି । ଅର୍ଥାଭାବରୁ ଏହି ଦୁଇ






ବ୍ୟକ୍ତିଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ହରେକୃଷ୍ଣ ବେହେରା ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ଅଚ୍ୟୁତଙ୍କ ବାସଭବନରେ ପହଞ୍ଚି ତାଙ୍କ ମା'ଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ ସମଗ୍ରୀ ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି ଜୟନ୍ତୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଅଚ୍ୟୁତଙ୍କ ପରିବାର ଏବଂ ଜୟନ୍ତୀଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା କୁଟୁରିଆ ଗ୍ରାମର ଭଜମନ ଦେହୁରୀଙ୍କ ପୁଅ ଜିତେନ୍ଦ୍ର ଦେହୁରୀ (୨୩ବର୍ଷ) ସୋମବାର ବାଇକ ଧରି ଅପରାହ୍ନ ସମୟରେ ମହାବିରୋଡ ଦିଗକୁ ଯାଉଥିବା ବେଳେ ଗୋଳାଗାଡିଆ ଗ୍ରାମ ନିକଟରେ ଅଜଣା ଗାଡ଼ି ଧକ୍କାଦେଇଥିଲା । ଯାହାଫଳରେ ଜିତେନ୍ଦ୍ର ପୂର୍ତ୍ତ ବିଭାଗ ରାସ୍ତା ଉପରେ ଏକ ପୋଲ ନିକଟରେ ରକ୍ତଜୁଡୁ ହୋଇ ପଡିଥିବା ବେଳେ ବାଟରେ ଯାଉଥିବା ସ୍ଥାନୀୟ ଲୋକମାନେ ଚିହ୍ନଟ କରି ପରିବାରକୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମହାବିରୋଡ ଥାନାକୁ ଜଣାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡ଼ିକାଲକୁ ପଠାଇ ଦେଇଥିଲେ ।

# ମଧୁବାବୁ ପେନସନ ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ମାନଙ୍କରେ ସୋମବାର ଦିନ ମଧୁବାବୁ ପେନସନ ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସମସ୍ତ ହିତାଧିକାରୀ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ମଧୁବାବୁ ପେନସନ ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଥିବା ବେଳେ ଗଡପରଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଅଡିଟର ଅର୍ଜୁନ କୁମାର ସ୍ୱାଇଁ, କର୍ମଚାରୀ ଦୁର୍ଗା ଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ମାସରେ ହିତାଧିକାରୀ ମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଭତ୍ତା ଟଙ୍କା ନେଉଥିବା ବେଳେ ଅନ୍ୟ କେତେକ ହିତାଧିକାରୀଙ୍କର ନିଜ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଯାଉଥିବା ସୂଚନା ମିଳିଛି । ପ୍ରତ୍ୟେକ ହିତାଧିକାରୀ ସେମାନଙ୍କର ଟଙ୍କା ଉଠାଣ ସମୟରେ ସରଳୀକରଣ କରିବା ଲାଗି ରେଜିଷ୍ଟରରେ ଭତ୍ତା ଖାତା ନମ୍ବର ଅନୁସାରେ କ୍ରମାନ୍ୱୟରେ ନାମ ଗୁଡ଼ିକ ରହିବା, ଭିନ୍ନକ୍ଷମ ହିତାଧିକାରୀ ମାନେ ସେମାନଙ୍କର ଭିନ୍ନକ୍ଷମ କାର୍ଡ କରିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ବର୍ଦ୍ଧିତ ଭତ୍ତା ଲାଗୁ କରିବା ଏହିପରି ଅନ୍ୟ କେତେକ ସମସ୍ୟା ଉପରେ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଅଡ଼ିଟର ଶ୍ରୀ ସ୍ୱାଇଁ ବିସ୍ତୃତ ଆଲୋକପାତ କରିଥିଲେ ।

# ରାଶିଫଳ

**ମଙ୍ଗଳବାର, ୨୨ ଜୁଲାଇ ୨୦୨୫**




**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ । ସନ୍ତାନ ଯୋଗେ ଆନନ୍ଦିତ ହେବେ ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରି କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ ।




**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲିଖିତ ହେବ । ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ । କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ । ବ୍ୟବସାୟ କ୍ଷେତ୍ରରେ ପ୍ରସାର, ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ ।



**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ । ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ । ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ । ରାଜନୀତିରେ ସ୍ୱାର୍ଥରକ୍ଷା କରି କଠିନ ପରିଶ୍ରମ କରିବାକୁ ପଡିବ ।




**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ । ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ । ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ । ଭାବି ଚିନ୍ତି କାର୍ଯ୍ୟ ନ କଲେ ଠକାମିରେ ପଡି ପାରନ୍ତି ।




**ସିଂହ:** ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବାସହ ବିରୋଧୀ ମାନଙ୍କ ମୁଣ୍ଡ ତଳକୁ ହେବ । ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ ।




**କନ୍ୟା:** ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ । ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ । ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ । ବନ୍ଧୁ ମିତ୍ରମାନଙ୍କର ସହଯୋଗରେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ ।



**ତୁଳା:** ସ୍ୱାସ୍ଥ୍ୟସମସ୍ୟା ସୁଧୁରି ଯାଇ ମାନସିକସ୍ଥିତି ଭଲ ରହିବ । ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ । କାରବାରରେ ସ୍ଥିତି ଠିକ୍ ରହିବାଯୋଗେ ବ୍ୟବସାୟ ବଢାଇବାରେ ସମର୍ଥ ହେବେ ।




**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ । ଗୁରୁଜନ ମାନଙ୍କ ଆଦର ପାଇ ପରିବାର ମଧ୍ୟରେ ମୁଖ୍ୟତା ଲାଭ କରିବେ । ପାରିବାରିକ ଜୀବନରେ ସୁବିଧା ବାଦକୁ ଆପଣେଇ ନେଇ ସଫଳ ହେବେ । ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ । ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍ ।




**ଧନୁ:** ସେବାକାରୀ ମାନଙ୍କ ସହଯୋଗରେ ସମ୍ମାନ ଜନକ ସ୍ଥିତି ପରିଲକ୍ଷିତ ହେବ । ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ । ଜୀବନରେ ଭରପୁର ଆନନ୍ଦ ପାଇଲାଭଳି ଫାଇଦା ଉଠେଇବେ । ବ୍ୟବସାୟ କ୍ଷେତ୍ର ପ୍ରସାରିତ ହେବା ଫଳରେ ଆଶାତୀତ ଲାଭପାଇବେ ।



**ମକର:** ସାମ୍ବାଦିକ ମାନଙ୍କର ସମସ୍ତ କ୍ଷେତ୍ରରେ ସଫଳତା ମିଳିବ । ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବାସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ । ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ ହେବେ । ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ । ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡି ପାରେ ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବାସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ । ଜନସେବାଦ୍ୱାରା ସାମାଜିକ ସ୍ଥିତି ଓ ମାନସମ୍ମାନ ବଜାୟ ରହିବ । ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ । ବ୍ୟବସାୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଯୋଜନା ପ୍ରସ୍ତୁତ କରିବେ । ରାଜନୈତିକ କ୍ଷେତ୍ରରେ ଯଶ, ମାନ ପ୍ରତିଷ୍ଠାବୃଦ୍ଧି ହେବ ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ । ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି । ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନଷପଙ୍କ ବସଷ୍ଟାଣ୍ଡ ଠାରେ ବିଭିନ୍ନ ସ୍ଥାନରୁ ଆସିଥିବା କାଉଡିଆମାନଙ୍କୁ ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଥିବାରୁ ଐତିହାସିକ ଚାରିଶମ୍ଭୁ ପୀଠରେ ଜଳ ଲାଗି ସହ ସହ କାଉଡିଆଙ୍କ ସମାଗମ ହୋଇଥିଲା। ପ୍ରସାଦ ସେବନ କରି ପାଣି ଲାଗି କରିବାକୁ ଯିଏ ଯାହାର ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଏହି ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘର ସଭାପତି ଗିରିଧାରୀ ଲାଲ ଅଗ୍ରୱାଲ, ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନଙ୍କ ତତ୍ୱାବଧାନରେ ପ୍ରମୋଦ ସାହୁ, ପ୍ରଶାନ୍ତ ଜେନା, ସତ୍ୟ ପାଣିଗ୍ରାହୀ, ଦେବ ନାରାୟଣ ପ୍ରଧାନ, ସତରାମ ଜେନା, ସୁନିତ ସାହୁ, ଶାନ୍ତନୁ ଜେନା, ସୁଜିତ ବେହେରା, ନାରାୟଣ ମେହେର, ଶୁଚିସ୍ମିତା ସାହୁ, ସୁରଜ ଅଗ୍ରୱାଲ, କୃଷ୍ଣ ମୋହନ ସାହୁ, ମନରଞ୍ଜନ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ପ୍ରସାଦ ବଣ୍ଟନ ସହ ପ୍ରାଥମିକ ଚିକିତ୍ସାର ସୁବିଧା କରାଯାଇଥିଲା।

## ପଞ୍ଚମୁଖେଶ୍ୱର ଶୈବପୀଠରେ କାଉଡିଆଙ୍କ ଜଳଲାଗି





କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବହୁ ପ୍ରସିଦ୍ଧ ପୁରାତନ ଶୈବପୀଠ ଦେବଗିର ପଞ୍ଚମୁଖେଶ୍ୱର ଶୈବପୀଠରେ ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ କାଉଡିଆଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଏହି ଶୈବପୀଠ ସଦର ରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଥିବା ବେଳେ ଦୁଇଟି ପାହାଡ଼ ରେ ମଧ ଭାଗରେ ଏକ ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି ପଞ୍ଚମୁଖେଶ୍ୱର ସ୍ୱଟିକ ଲିଙ୍ଗ। ନିଜର ମନସ୍କାମନା ପୂରଣ ପାଇଁ ମାନସୀ ରହିଥିବା ବଲବମ ଭକ୍ତ ମାନେ ନାଗାବାଳି ଓ କଲ୍ୟାଣୀ ନଦୀରୁ ନୀତି ନିୟମ ଅନୁଯାଇ ପୂଜା ପାଠ କରି ସଙ୍ଗମ ସ୍ଥଳରୁ ଜଳ ଉଠାଇ ବୋଲବମ ଭକ୍ତ ମାନେ ଚାଲି ଚାଲି ପାହାଡ଼ର ୫୪୫ଟି ପାହାଚ ଅତିକ୍ରମ କରି ସ୍ୱଟିକ ଲିଙ୍ଗ ଉପରେ ଜଳ ଅଭିଷେକ କରିଥିଲେ। ଏଠାରେ ଜଳାଭିଷେକ କଲେ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବହୁ କାଳରୁ ବିଶ୍ୱାସ ରହିଛି ବୋଲି କାଉଡିଆମାନେ ପ୍ରକାଶ କରିଥିଲେ।

## ୧୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଗୁଣପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଗଞ୍ଜେଇ ଚରାଭୂଇଁ ପାଲଟିଛି । ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ. ସ୍ୱାତୀଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ବ୍ଲକ ତେମ୍ବାଗୁଡା ପଞ୍ଚାୟତର ସରଧାପୁର ଜଙ୍ଗଲରେ ୧୧୯ କେଜି ଗଞ୍ଜେଇ ସହ ଏକ ବଲେରୋ ଗାଡି ନମ୍ବର ଓଆର ୦୭ଏମ ୨୯୫୯ ଗାଡି ପୋଲିସ ଜବତ କରିଛି। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୧ ଲକ୍ଷ ୯୦ ହଜାର ଊର୍ଦ୍ଧ୍ୱ ଟଙ୍କାର ହେବ ବୋଲି ପୋଲିସ ଅନୁମାନ କରିଛି । ଚୋରାଚାଲାଣ ହେଉଥିବା ବୋଲର ଓ ଗଞ୍ଜେଇକୁ ପୋଲିସ ଧରିବାରେ ସଫଳ ହୋଇଥିବା ବେଳେ ଡ୍ରାଇଭର ଓ ଅନ୍ୟମାନେ ଖସି ଚାଲି ଯିବାରେ ସକ୍ଷମ ହୋଇଛନ୍ତି। ଅପର ପକ୍ଷରେ ଜବତ ବୋଲର ଗାଡିକୁ ନେଇ ସସପେପନ୍ସ ଜାରି ରହିଛି। ଏହି ନମ୍ବର (ଓଆର ୦୭ଏମ ୨୯୫୯)ରେ ଗାଡି




ମାଲିକଙ୍କ ନାଁ ଶିବ ପ୍ରସାଦ ଗୌଡ ପିତା ରାମ ଗୌଡ ବୋଲି ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହା ଗୁଣପୁର ପୌରାଧକ୍ଷଙ୍କ ଗାଡି ବୋଲି ଗୁଣପୁର ରାଜନୈତିକ ମହଲରେ ପଡୁଛି ଉଠୁଛି। ଯଦି ଏହା ସତରେ ହୋଇଥାଏ ତେବେ ସାଙ୍ଘାତିକ । ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍କଣ୍ଠା ପ୍ରକାଶ ପାଉଥିବା ବେଳେ ରବିବାର ଦିନ ତମାମ ପୋଲିସ୍ ସୂଚନା ଦେବା ପାଇଁ ଯେଉଁଳି ବିଳମ୍ବ କରିଚାଲିଥିଲା ପୋଲିସର ତଦନ୍ତ ସନ୍ଦେହ ଘେରକୁ ଟାଣି ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଗାଡିର ଇଞ୍ଜିନ ନମ୍ବର ଓ ଚେସିସ ନମ୍ବର ଯାଞ୍ଚ କଲା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧକ୍ଷ ଅମୂଲ୍ୟ କୁମାର ଧୀର ଗଣ ମାଧ୍ୟମକୁ କହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଦିନ ସନ୍ଧ୍ୟାରେ ପଦ୍ମପୁର ବ୍ଲକର କେନ୍ଦୁଗୁଡା ବନାଞ୍ଚଳରେ ସରଧାପୁର ଦୁର୍ଗମ ଜଙ୍ଗଲ ଭିତରେ ଗଞ୍ଜେଇ ୪ ଗୋଟି ବସ୍ତା ଥିବା ପୋଲିସ ବିଭାଗ ଦେଖିବାକୁ ପାଇଥିଲେ ।ପରେ ସମସ୍ତ ଗଞ୍ଜେଇ ବସ୍ତାକୁ ଗୁଣପୁର କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ଥାନା ଅଧିକାରୀ ଧରଣୀ ଧର ପ୍ରଧାନ ସୂଚନା ଦେଇଛନ୍ତି । ପଦ୍ମପୁର ତହସିଲଦାର ଶଙ୍କର ବାଗ ଜବତ ହୋଇଥିବା ଗଞ୍ଜେଇକୁ ଓଜନ କରିଥିଲେ। ଚଢାଉ ସମୟରେ ଗୁଣପୁର ଏସଡିପିଓ ବାବୁଲି ନାୟକ ,ପଦ୍ମପୁର ଥାନା ଅଧିକାରୀ ଧରଣୀ ଧର ପ୍ରଧାନ,ଏସ .ଆଇ ,ନରସିଂହ ବେହେରା, ଗି ତାରାଣୀ ଏବଂ ଥାନା କର୍ମଚାରୀ ,କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଜୟକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରାକ୍ଟର ଓଲଟି ଚାଳକ ମୃତ

ଉମରକୋଟ, (ଭାସ୍କର ନ୍ୟୁଜ୍): ଟ୍ରାକ୍ଟର ଓଲଟି ଚାଳକ ମୃତ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନରେ। ମୃତ ଟ୍ରାକ୍ଟର ଚାଳକ ଜଣକ ହେଲେ ଡାବୁଗାଁ ବ୍ଲକ ଘୋଡ଼ାଖୁଣ୍ଟା ପଞ୍ଚାୟତ ହୁଣ୍ଡାରଗୁଡା ଗ୍ରାମର ରମେଶ ଓଡ (୩୦)। ମିଳିଥିବା ସୂଚନା ଅନୁସାରେ ରମେଶ ଟ୍ରାକ୍ଟର ନେଇ ଜମିକୁ ଚାଷ କରିବାକୁ ଯାଉଥିଲେ। ଏହି ସମୟରେ ହୁଣ୍ଡାର ଗୁଡା ଛକ ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଟ୍ରାକ୍ଟର ଓଲଟି ପଡିବା ଫଳରେ ଟ୍ରାକ୍ଟର ତଳେ ରମେଶ ଚାପି ହୋଇ ରହିଯାଇ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

### ଇସ୍ପାତ କାରଖାନାରେ ଦୁର୍ଘଟଣା
## ଠିକା ଶ୍ରମିକ ମୃତ

ରାଉରକେଲା, (ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍- ଆଇଆଇ ବିଭାଗର ଅକ୍ସିଜେନ୍ ପାଇପ ଲାଇନ୍‌ରେ ଏକ ଦୁର୍ଘଟଣାରେ ଜଣେ ଠିକା ଶ୍ରମିକଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଛି। ମୃତ ଶ୍ରମିକଙ୍କର ନାମ ଅଭିରାମ ମହନ୍ତ ଓ ସେ ଜରେଇକେଲା ବାସିନ୍ଦା ବୋଲି ଜଣାପଡିଛି। ସେ ଲକି ଏଣ୍ଟରପ୍ରାଇଜ୍ ନାମକ ଏକ ବେସରକାରୀ ସଂସ୍ଥାରେ ଜଣେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ ସେ ପାଇପ୍ ରେ ଲାଗି ରହିଥିବା ଏକ ମୋଟା ଆସ୍ତରଣକୁ ଏକ ଶାବଳରେ ଛଡାଉଥିବା ବେଳେ ମୋଟା ଆସ୍ତରଣ ଚାପ ରେ ଶାବଳଟି ପାଲଟା ଆସି ବେକ ରେ ପଶି ଯାଇଥିଲା।ଯାଥାଶୀଘ୍ର ତାଙ୍କୁ ପ୍ରଥମେ ପ୍ଲାଣ୍ଟ ଭିତରେ ଥିବା ଫାଷ୍ଟେଡ୍ କୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତୁରନ୍ତ ଆଇଜିଏଚକୁ ପଠାଇ ଦେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଏସ୍ଏମ୍ଏସ୍ ଆଇଆଇ ବିଭାଗର ସମ୍ପାଦକ ମନମୋହନ ବେହେରାଙ୍କ ସମେତ ରାଉରକେଲା ଶ୍ରମିକ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ପହଞ୍ଚିଥିଲେ। ତାଙ୍କ ଶବ ରାଉରକେଲା ଆଇଜିଏଚରେ ଥିବା ବେଳେ ତାଙ୍କ ପରିବାର ଲୋକେ ଆସି ଆଇଜିଏଚରେ ପହଞ୍ଚିଥିଲେ। ରାଉରକେଲା ଶ୍ରମିକ ସଂଘର ନେତୃବୃନ୍ଦ ସିଟୁ ୟୁନିୟନର ନେତାମାନେ ଓ କଣ୍ଟ୍ରାକ୍ଟର ଆସୋସିଏସନ୍ ରାଉରକେଲାର କର୍ମକର୍ତ୍ତାମାନେ ଆଇଜିଏଚରେ ପହଞ୍ଚି ରାଉରକେଲା ଇସ୍ପାତ କାରଖାନାର ମ୍ୟାନେଜମେଣ୍ଟ ସହ ଆଲୋଚନା କରିଥିବା ଜଣାପଡିଛି। ସଂପୃକ୍ତ ଠିକା ଶ୍ରମିକର ପରିବାରର ଜଣକୁ ଚାକିରି, ବୀମା ରାଶି ସହ ଅନ୍ୟାନ ସମସ୍ତ ଦେୟ ଓ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ପ୍ରଦାନ ଉପରେ ଆଲୋଚନା ହୋଇଥିଲା।

## ପଞ୍ଚାୟତ ଓ ପୌରପରିଷଦର ୱାର୍ଡ ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

ଉମରକୋଟ, (ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ଉମରକୋଟ ବ୍ଲକର ପଞ୍ଚାୟତ ଓ ପୌରପରିଷଦର ୱାର୍ଡ ସଭାପତିଙ୍କ ନାମ ଘୋଷଣା କରିଛି। ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବା ଉମରକୋଟ ବ୍ଲକର ତରେଙ୍ଗା ଗ୍ରାମ ପଞ୍ଚାୟତ ସଭାପତି ଭାବେ ବଳଦେବ ମାଝି, ସିଂସାରୀ ଗ୍ରାମ ପଞ୍ଚାୟତ ପାଇଁ ଡମ୍ବୁରୁଧର ମାଝି, ମୁଣ୍ଡିଗୁଡା ଗ୍ରାମ ପଞ୍ଚାୟତ ପାଇଁ ସୁଶାନ୍ତ ଦାସ, କାରାଗାଁ ଗ୍ରାମ ପଞ୍ଚାୟତ ପାଇଁ ଅଲେଖ ଭତ୍ରା, ଭଣ୍ଡାରିଗୁଡା ଗ୍ରାମ ପଞ୍ଚାୟତ ପାଇଁ ଅମର ସିଂ ନାୟକ, ବଡ଼ଭରଣ୍ଡି ଗ୍ରାମପଞ୍ଚାୟତ ପାଇଁ ବାସୁଦେବ ଗୌଡ଼, ବଡ଼ କୁମାରୀ ଗ୍ରାମ ପଞ୍ଚାୟତ ପାଇଁ ନିରଞ୍ଜନ ପୂଜାରୀ, ଖାଣ୍ଡା ଗ୍ରାମ ପଞ୍ଚାୟତ ପାଇଁ ବାସୁଦେବ ପୁଜାରୀ, ଚିକଲ ପଦର ଗ୍ରାମ ପଞ୍ଚାୟତ ପାଇଁ ଧରମ ଗୌଡ଼, ଭାମିନୀ ଗ୍ରାମ ପଞ୍ଚାୟତ ପାଇଁ ନରସିଂହ ପାଣ୍ଡେ, ହୀରାପୁର ଗ୍ରାମ ପଞ୍ଚାୟତ ପାଇଁ ମେଘ ନାଥ ପୁଜାରୀ, ଜାମରୁଣ୍ଡ। ଗ୍ରାମପଞ୍ଚାୟତ ପାଇଁ ଜଗନ୍ନାଥ କଲାର, ବେନୋରା ଗ୍ରାମ ପଞ୍ଚାୟତ ପାଇଁ ପର୍ସୁ ଭତ୍ରା, ନେହୁରା ଗ୍ରାମ ପଞ୍ଚାୟତ ପାଇଁ ପବିତ୍ର ବିଷୋୟୀ, ରାଜପୁର ଗ୍ରାମ ପଞ୍ଚାୟତ ପାଇଁ ମାନସିଂ ମାଝୀ ପଞ୍ଚାୟତ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା କୁର୍ସୀ ଗ୍ରାମ ପଞ୍ଚାୟତ ପାଇଁ ଜୁମ୍ବେର। ସାନ୍ତା, ତହୋରା ଗ୍ରାମପଞ୍ଚାୟତ ପାଇଁ ଅର୍ଜୁନ ଜାନୀ, ବୁର୍ଯା ଗ୍ରାମପଞ୍ଚାୟତ ପାଇଁ ପୁସ୍ତମ ପୁଜାରୀ, ସୁନାବେଡ଼ା ଗ୍ରାମ ପଞ୍ଚାୟତ ପାଇଁ ପ୍ରକାଶ ଖୋସଲା, ସେମଳା ଗ୍ରାମ ପଞ୍ଚାୟତ ପାଇଁ ଫୁଲଚାନ୍ଦ ଗୌଡ଼, କୋପେନା ଗ୍ରାମ ପଞ୍ଚାୟତ ପାଇଁ ମଳୟ ପନକା, ବକୋଦା ଗ୍ରାମପଞ୍ଚାୟତ ପାଇଁ ଚନ୍ଦ୍ର ଶେଖର ମାଳି, ସୂକିଗାଁ ଗ୍ରାମ ପଞ୍ଚାୟତ ପାଇଁ ରାଜମନ ହରିଜନ, ମୃତମା ଗ୍ରାମ ପଞ୍ଚାୟତ ପାଇଁ ସତ୍ୟ ଭତ୍ରା, ଅଂଚଳା ଗ୍ରାମପଞ୍ଚାୟତ ପାଇଁ ରୁକ ମନ ଭତ୍ରା, ବେହେଡା ଗ୍ରାମ ପଞ୍ଚାୟତ ପାଇଁ ଶୁକରାମ ଗଣ୍ଡଙ୍କୁ ମନୋନୀତ କରାଯାଇଛି। ସେହି ପରି ଉମରକୋଟ ପୌର ପରିଷଦର ୱାର୍ଡ ୧ର ସଭାପତି ଭାବେ ହେମରାଜ ମାଝି, ୨ ନମ୍ବର ୱାର୍ଡ ପାଇଁ ଡମରୁ ଗୌଡ଼, ୩ ନମ୍ବର୍ ୱାର୍ଡ ପାଇଁ ସତ୍ୟ ପଟ୍ଟନାୟକ, ୪ ନମ୍ବର୍ ୱାର୍ଡ ପାଇଁ ଅରୁ ଜେନା, ୫ ନମ୍ବର୍ ୱାର୍ଡ ପାଇଁ ମନୋଜ ମହାପାତ୍ର, ୬ ନମ୍ବର ୱାର୍ଡ୍ ପାଇଁ ମାଧବ ପନକା,୭ ନମ୍ବର୍ ୱାର୍ଡ ପାଇଁ ରାଇନୁ ହରିଜନ, ୮ ନମ୍ବର୍ ପାଇଁ ଭାସ୍କର ଖମାରି, ୯ ନମ୍ବର୍ ପାଇଁ ରାଧା କୃଷ୍ଣ ଦଲେଇ, ୧୦ ନମ୍ବର୍ ୱାର୍ଡ ପାଇଁ ଜିତୁ ରେଲି, ୧୧ ନମ୍ବର୍ ୱାର୍ଡ ପାଇଁ ମାନସ ଭୌମିକ, ୧୨ ନମ୍ବର୍ ୱାର୍ଡ ପାଇଁ ପ୍ରମୋଦ କୁମାର ମଲିକ, ୧୩ ନମ୍ବର ୱାର୍ଡ ପାଇଁ ସତ୍ୟ ଦାସ ଓ ୧୪ ନମ୍ବର୍ ୱାର୍ଡ ପାଇଁ ସୁନିଲ କୁମାର ନାୟକ ସଭାପତି ଭାବେ ମନୋନୀତ ହେଇଛନ୍ତି। ବିଜେଡ଼ିର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ କ୍ରମେ ନବରଙ୍ଗପୁର ଜିଲ୍ଲା ବିଜେଡି ନିର୍ବାଚନ ଅଧିକାରୀ ସଚିନନ୍ଦନ ସ୍ୱାଇଁ ଝରିଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ବ୍ଲକ ସଭାପତି ଅଜିତ କୁମାର ପ୍ରଧାନ, ଉମରକୋଟ ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ଉମରକୋଟ ବ୍ଲକ ସଭାପତି ଶୋଭାରାମ ମାଝି ଓ ଉମରକୋଟ ନଗର ସଭାପତି ଚନ୍ଦନ ବେହେରାଙ୍କୁ ପୃଥକ ପୃଥକ୍ ପତ୍ର ମାଧ୍ୟମରେ ସଭାପତିଙ୍କ ନାମ ତାଲିକା ପ୍ରେରଣ କରିଛନ୍ତି।

## ୨ ବାର୍‌ହା ଶାବକ ସହ ୪୨ କେଜି ମାଂସ ଜବତ,୧୧ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାର କରୁଥିବା ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଜୀବନ୍ତ ବାରାହା ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର, ୪୨କେଜି ବାରାହା ମାଂସ ଚିତ୍ରକୋଣ୍ଡା ବନ ବିଭାଗ ଜବତ କରିଛି। ରାଲେଗଡା ପଞ୍ଚାୟତରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିବା ଚିତ୍ରକୋଣ୍ଡା ବନ ବିଭାଗକୁ ଖବର ମିଳିଥିଲା। ଚିତ୍ରକୋଣ୍ଡା ବନ ବିଭାଗ ତରଫରୁ ବନପାଳ ନିରଞ୍ଜନ ସାରକାଙ୍କ ନେତୃତ୍ୱରେ ବନପାଳ ରାଜେଶ କୁମାର ସେଠି, ଗାର୍ଡ ସଞ୍ଜୟ କୁମାର ପରିଡା, ୱାଇଲଡ଼ ଲାଇଫ ପାରା ସ୍କାର୍ଡ ମିଳିତ ଭାବେ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ



ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାରାହ ମାଂସ ଓଜନ ପାଖାପାଖି ୪୨କେଜି ୯୦୦ ଗ୍ରାମ, ଶିକାରରେ ବ୍ୟବହାର ହୋଇଥିବା ମାରଣାସ୍ତ୍ର, ବାରାହ ଫାସ, ବ୍ୟବହାର କରୁଥିବା ୯ଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର, ଦୁଇଟି ଜୀଅନ୍ତା ବାରାହ ଶାବକ ଜବତ ହୋଇଛି । ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ କୋତାଉରୁ, ଲିମାସେତୁ, ମଣ୍ଡାପାଲି ଏବଂ ପାପର ମେଟଲା ଅଞ୍ଚଳର ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହଜାର କରାଯିବା ନେଇ ବନପାଳ ନିରଞ୍ଜନ ସାରକା ଗଣ ମାଧ୍ୟମକୁ କହିଛନ୍ତି। ଦୁଇ ବାରାହ ଶାବକକୁ ବନ ବିଭାଗ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲରେ ଛଡ଼ାଯିବା ନେଇ ବନପାଳ କହିଛନ୍ତି ।

## ଜିଲ୍ଲାସ୍ତରୀୟ ପ୍ରଶାସନିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ଇନଡୋର ଷ୍ଟାଡିୟମ ନୂଆପଡ଼ା ଠାରେ ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ ସମବାୟ ବିଭାଗ, ଓଡ଼ିଶା ସରକାର , ନୂଆପଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ପ୍ରଶାସନିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାକୁ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ ଏବଂ ଆରକ୍ଷୀ ଅଧିକ୍ଷକ ନୂଆପଡ଼ା ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଉଦ୍ଘାଟନ କରିଥିଲ। ଡ଼ବଲସରେ ଷୋହଳଟି ପ୍ରଶାସନିକ ଅଧିକାରୀ ଦଳ ଭାଗନେଇ ଫାଇନାଲରେ ଜିଲ୍ଲାପାଳ ତଥା ଆରକ୍ଷୀ ଅଧିକ୍ଷକ ଏବଂ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀ ତଥା ସହଯୋଗୀ ଖେଳାଳି ନୂଆପଡ଼ାଙ୍କ ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀ ସୌମ୍ୟ କିଶୋର ଜୟପୁରିଆ ଓ ଆଲୋକ କୁମାର ପାତ୍ର ବିଜେତା ହୋଇଥିଲେ ଏବଂ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାସ ଓ ଆରକ୍ଷୀ ଅଧିକ୍ଷକ ନୂଆପଡ଼ା ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଉପବିଜେତା ହୋଇଥିଲେ । ମିକ୍ସଡ ଡବଲସରେ ଛଅଟି ଜିଲ୍ଲା ସ୍ତରୀୟ ପ୍ରଶାସନିକ ଦଳ ଭାଗନେଇଥିଲେ । ଫାଇନାଲରେ ଆରକ୍ଷୀ ଅଧିକ୍ଷକ ନୂଆପଡ଼ା ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ସିନାପାଲି କର୍ମୀ ଓରାମ ବିଜେତା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଓ ଅତିରିକ୍ତ କୋଷାଗାର ଅଧିକାରୀ ମଧୁସ୍ମିତା ପରିଜା ଉପ- ବିଜେତା ହୋଇଥିଲା। କୃତିପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ , ଆରକ୍ଷୀ ଅଧିକ୍ଷକ ନୂଆପଡ଼ା, ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ନୂଆପଡ଼ା ସୁରମି ସୋରେନ ପ୍ରମୁଖ ପୁରସ୍କୃତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଆରସିଏସ ନୂଆପଡ଼ା ଶିବପ୍ରସାଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସ୍ତରୀୟ ପ୍ରଶାସନିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅଧିକାରୀମାନଙ୍କ ମନରେ ଅଫୁରନ୍ତ ଉତ୍ସାହ ଓ ପ୍ରେରଣା ଭରି ଦେଇଥିଲା ।

## ୨ ଛାତ୍ରୀ ମୃତ୍ୟୁ ମାମଲା, ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ତଦନ୍ତ ନିଷ୍ପତ୍ତି

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ମାମଲାର ଜାତୀୟ ଅନୁସୂଚିତ ଜନଜାତି ଆୟୋଗ, ନୂଆ ଦିଲ୍ଲୀ ପକ୍ଷରୁ ତଦନ୍ତ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ନାବାଳିକା ଦୁଇ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ସ୍ୱତ୍ତେ ମାଲକାନଗିରି ପୁଲିସ ନିଷ୍କ୍ରିୟ ରହିଥିବାରୁ ଶେଷରେ ଉଭୟ ପିଡୀତା ପରିବାର ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସମେତ ଓଡିଶା ରାଜ୍ୟ ସ୍ତରର ପଦାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ଏବଂ ଓଡିଶା ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଯୁବ ପରିଷଦର ସଭାପତି ତଥା ହାଇକୋର୍ଟ ଓକିଲ ଶ୍ରୀ ହଳଧର ସେଠୀଙ୍କ ପ୍ରତିନିଧିତ୍ୱରେ ଅଭିଯୋଗ କରାଯାଇଥିଲା । ଦୁଇ ନାବାଳିକା ଅନୂସୁଚିତ ଜାତିର ଛାତ୍ରୀ ମନ୍ଦିରା ସୋଡି ଏବଂ ଅନୂସୁଚିତ ଜନଜାତିର ଛାତ୍ରୀ ଜ୍ୟୋତି ହାଲଦାରଙ୍କୁ ଘୃଣ୍ୟ ବଳାତ୍କାର ଓ ହତ୍ୟା ଘଟଣାରେ ପୁଲିସର ନିଷ୍କ୍ରିୟତା ସହିତ ଜଡ଼ିତ ଏହି ଅଭିଯୋଗଟି ଗମ୍ଭୀର ମନେ ହେଉଥିବାରୁ ଏ ମାମଲାର ବିଚାରକୁ ନିଆଯାଇଛି । ଭାରତୀୟ ସମ୍ବିଧାନର ଧାରା ୩୩୮କ ଅନୁଯାୟୀ ଶ୍ରୀ ଜାଟୋଥୁ ହୁସେନ , ମାନ୍ୟବର ସଦସ୍ୟ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଏ ମାମଲାର ତଦନ୍ତ କରିବାକୁ ନିଷ୍ପତି ନେଇଛନ୍ତି । ଏଥିପାଇଁ ଆଗାମୀ ୨୫ରେ ନୂଆ ଦିଲ୍ଲୀ ସ୍ଥିତ କୋର୍ଟ ରୁମରେ ଏକ ବୈଠକ ସ୍ଥିର କରାଯାଇଅଛି । ଏ ମାମଲ ସହିତ ଜଡ଼ିତ ସମସ୍ତ ପ୍ରାସଙ୍ଗିକ ମୂଳ ରେକର୍ଡ ସହିତ ବୈଠକରେ ଯୋଗଦେବାକୁ ଅତିରିକ୍ତ ମୂଖ୍ୟ ସଚିବ, ଓଡ଼ିଶା ସରକାର , ଗୃହ ବିଭାଗ ଏବଂ ପୁଲିସ ମହାନିର୍ଦ୍ଦେଶକ, ଓଡ଼ିଶା ସରକାରଙ୍କୁ ଆୟୋଗ ନୋଟିସ କରିଛନ୍ତି । ଅପରପକ୍ଷରେ ଶ୍ରୀ ସେଠୀଙ୍କ ଅଭିଯୋଗ ପତ୍ର ଆଧାରରେ ମାନବାଧିକାର କମିଶନ ମଧ୍ୟ ଏହାର ଅନୁଧ୍ୟାନ କରି ମାମଲାର ବିଚାର କରୁଛନ୍ତି । ତେବେ ସନ୍ଦେହ ଘେରରେ ରହିଥିବା ଏ ମାମଲାର ଖୁବ ଶୀଘ୍ର ସତ୍ୟତା ପ୍ରକାଶ ପାଇବ ବୋଲି ଆଶା କରାଯାଇଅଛି ।

## ଜୁଭେନାଇଲ୍ ଜଷ୍ଟିସ୍ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ଜାଗରୁକତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡା ବ୍ଲକ୍‌ର ସନାତୁଣ୍ଡି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଚମ୍ପାପୁର ଗାଁରେ ଜୁଭେନାଇଲ୍ ଜଷ୍ଟିସ (କେୟାର ଏଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍) ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ଜାଗରୁକତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ବିମଳ ରାଉଲ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଗଜପତି। ସେ ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରି, ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ସମ୍ବନ୍ଧୀୟ ଅଧିକାର ସୁନିଶ୍ଚିତ କରିବାରେ ଏହି ଆଇନମାନଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସ୍ୱପ୍ନା ଚୌଧୁରୀ, ଆଇ.ଆଇ.ସି., ରାୟଗଡା ଥାନା ସଂଘମିତ୍ରା ସବର, ସରପଞ୍ଚ, ସନାତୁଣ୍ଡି ଜି.ପି.; ଯୁଧିଷ୍ଠିର ବେହେରା, ସହଯୋଗୀ ବ୍ଲକ୍ ଶିକ୍ଷା ଅଧିକାରୀ, ରାୟଗଡା ଲିଙ୍ଗରାଜ ପାଣିଗ୍ରାହୀ, ସମାଜସେବୀ ଓ ଲକ୍ଷ୍ମଣ ରାଓ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଓର୍ଡିନେଟର , ରାୟଗଡା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ସ୍ଥାନୀୟ ଲୋକଙ୍କୁ ଉପରୋକ୍ତ ଆଇନଗୁଡିକର ବିଭିନ୍ନ ପ୍ରାବଧାନ ବିଷୟରେ ସଚେତନ କରିଥିଲେ। ବକ୍ତାମାନେ ଶିଶୁ ଅଧିକାର ରକ୍ଷା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଦେବା ବିଷୟରେ ଉତ୍ତାପୂର୍ଣ୍ଣ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ, ଶିକ୍ଷକ ଓ ସମୁଦାୟ ନେତାମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖାଯାଇଥିଲା।

## ବୌଦ୍ଧ -ନୟାଗଡ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା

ବୌଦ୍ଧ, (ଭାସ୍କର ନ୍ୟୁଜ୍): ସମାଜ ବିକାଶ ଦିଗରେ ବଣ ପାହାଡ଼ ଗୋଟିଏ ପଟେ ବାଧକ ସାଜୁଥିବା ବେଳେ ରାସ୍ତା ସାଜିଛି ବର୍ତ୍ତମାନ ମୁଖ୍ୟ ବାଧକ । ଉପାନ୍ତ ଭାବପୁର ଛକ ଠାରୁ ଗେରିଡି ସାହି ପ୍ରାୟ ଦଶ କିଲୋମିଟର ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଖାଲ ଖମା ସହିତ କାଦୁଅ ପଚ ପଚ । ଚାଲି ଯିବାପାଇଁ ଅସମ୍ଭବ ହେଉଥିବା ବେଳେ ରାସ୍ତା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ମୌଳିକ ସମସ୍ୟା ଦେଖା ଦେଇଛି ରାସ୍ତା ଉପରେ ନିର୍ଭର କରୁଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ର ୧୪ଖଣ୍ଡ ଗ୍ରାମର ଜଙ୍ଗଲ ଅଧିବାସୀ ଜନ ସାଧାରଣଙ୍କୁ । ପ୍ରତ୍ୟକ ଦିନ କୁସଙ୍ଗ ବଜାର ନିତ୍ୟ ବ୍ୟବହାର୍ଯ୍ୟ ଚାଉଳ, ଡାଲି, ଲୁଣ, ତେଲ ସହିତ ବ୍ୟାଙ୍କ ଓ ସୋସାଇଟି ସେବା ସ୍କୁଲ, କଲେଜ ସହିତ ମହାଲିକ ପଡା ଗ୍ରାମପଞ୍ଚାୟତ,ଚାରିଛକ ବ୍ଲକ, ଥାନା ଉପରେ ଏମାନେ ନିର୍ଭର କରନ୍ତି ୧୪ଖଣ୍ଡ ଗ୍ରାମବାସୀ ଏହି ରାସ୍ତା



ଉପରେ । ପୂର୍ବ ସରକାର ସମୟରେ ଧର୍ମଘଟ ରାସ୍ତା ଅବରୋଧ, ଭୋଟ ବର୍ଜନ ଭଳି ଅନେକ ପଦକ୍ଷେପ ନେଲା ପରେ ଦୁଇଟି ବଡ଼ ବ୍ରିଜ ସମ୍ପୂର୍ଣ ହୋଇପାରିଛି । ବିଡମ୍ବନା ର ବିଷୟ ଗତ ସରକାର ସମୟରେ କିଛି କୁଜି ନେତା ଠିକାଦାର ସାଜି ଏହିରାସ୍ତା ଉପରେ ମୋରମ ପକେଇ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ହଡପ କରିଥିବା ଦେଖିବାକୁ ମିଳିଥିବା ବେଳେ ନୂତନ ସରକାର ଆସିଲା ପରେ ମଧ କୁଜି ନେତା ମାନଙ୍କ ଭାତ ହାଣ୍ଡି ସାଜିଛି ଏହିରାସ୍ତା। ଏହି ରାସ୍ତା ବୌଦ୍ଧ ଜିଲାରୁ ନୟାଗଡ଼ ଜିଲ୍ଲାକୁ ସଂଯୋଗ କରୁଥିବାରୁ ପ୍ରତି ଦିନ ସହ ସହ ଗାଡି ଯିବା ଆସିବା କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ହୋଇ ପାରିଲାନି ସ୍ଥାୟୀ ରାସ୍ତା । ଅନ୍ୟପଟେ ଏହିରାସ୍ତା ଦେଇ ବ୍ଲକର ଭାବପୁର, ମୁତୁରି ବଣିଆଁ, ହାତୀଗଡ଼, ଘୁଙ୍ଗୁରୁ ପଡା, ନୂଆପଡା, ସେମିଗୁଡା, ପଦ୍ମତୋଳା, ଧୂବାସାହି, ଶ୍ରୀପାଜୁ, ତଇଲା ସାହି, ଗେରିଡ଼ିସାହି, ବାଙ୍କଝରି, ଦୁଇସିଙ୍ଗ ଭଳି ଗ୍ରାମବାସୀ ଚଳପ୍ରଚଳ କରୁଛନ୍ତି । ସ୍ୱାଧୀନତାର ୭୬ ବର୍ଷ ପରେବି ସୁଧୁରୁ ନାହିଁ ରାସ୍ତା ସମସ୍ୟା । ତୁରନ୍ତ ରାସ୍ତା ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ରାସ୍ତା ରୋକ ଗଣ ଆନ୍ଦୋଳନ କରିବା ପାଇଁ ଗୋରେଖ ବେହେରା,, ପ୍ରଦୀପ ଗୁରୁ, ବସନ୍ତ କହ୍ନର, ସୁଧୀର ସାମଲ, ଜୟନ୍ତ ଦେହୁରୀ, ନାରଣ ଦେହୁରୀ, ଜନକ ବେହେରା, ରାଜୀବ ଧଳ ପ୍ରଦୀପ ସାହୁ, ସୁମନ୍ତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏଇ ପରି ହରଭଙ୍ଗା ବ୍ଲକ ର ଅଧିକାଂଶ ଗ୍ରାମ ରାସ୍ତା କାଦୁଅ ପଚ-ପଚ ଯୋଗୁ ଯିବା ପାଇଁ ବହୁତ ସମସ୍ୟା ହେଉଛି ଯଥା ଧର୍ମ ନର୍ଗ, ବିଶି ପାଳି , ବାଲିପଟା ସାହି, ସୁରୁଣ୍ଡୀ ସାହିରାସ୍ତା ସମତେ ୫୦ରୁ ଉର୍ଦ୍ଧ ଗାଁ ରାସ୍ତା ଅତି ଦୟନୀୟ ଅବସ୍ଥାରେ ଅଛି । ଏ ବାବଦରେ ହରଭଙ୍ଗା ବିଡିଓ ଶରଚ୍ଚନ୍ଦ୍ର ସେଠୀଙ୍କୁ ପଚାରିବା ରୁ ଏ ବାବଦରେ ଆମେ ଅବଗତ ଅଛୁ, ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ୍ ବୁର୍ଜା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ଷମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୋଲି ମିଣିଆକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଗୁରେଶ୍ୱର ଭୋଇ ଯୋଗ ଦେଇ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିପିଓ ପ୍ରଫୁଲ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବାତୋଷ ସ୍ୱାଇଁ, ଓଡିଶା ଜୀବିକା ମିଶନ ବିପିଏମଓ ଟୁନା ଖଟେଇ,ଖାଦ୍ୟ ଯୋଗାଣ ଅଧିକାରୀ ଆଦିତ୍ୟ ବିଶ୍ୱ ପ୍ରସାଦ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା ପ୍ରଭୁତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଯେଉଁ ସବୁ ହିତାଧିକାରୀ କେୱାଇସି କରିନାହାନ୍ତି ତୁରନ୍ତ ନିଜ ନିଜ ଚାଉଳ ସେଣ୍ଟରକୁ ଜାଇ କରିନିୟନ୍ତୁ ନଚେତ ପିଡିଏସ ଚାଉଳ ମିଳିବ ନାହିଁ ବୋଲି ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ନାୟକ କହିଥିଲେ ।ସେହି ପରି ଆବାସ ଯୋଜନା କେତେ ପ୍ରକାର ତାହା ବୁଝାଇବା ସହ ଜଣେ ହିତାଧିକାରୀ ଏହି ଯୋଜନାରେ କିପରି ସାମିଲ ହେଇ ପାରିବ ସେ ବିଷୟରେ ବିପିସି ଜନାର୍ଦ୍ଦନ ଚୌଧୁରୀ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ସାତ ଟି ଅଭିଯୋଗ ହୋଇଥିବା ବେଳେ ବୁର୍ଜା ଗ୍ରାମ




ପଞ୍ଚାୟତ ସଦର ତୋଟା ସାହିରେ ସରକାରୀ ପାଇପରୁ ଗୋଳିଆ ପାଣି ବାହାରୁଥିବା ମହିଳା ମାନେ ଅଭିଯୋଗ କରିବା ସହ ଏକ ବାଲ୍ଟିରେ ପାଣି ଆଣି ବିଡ଼ିଓଙ୍କୁ ଦେଖାଇଥିଲେ ।ସେହିପରି ଦୀର୍ଘ ଦିନ ହେଲାଣି ବନ୍ଦ ପଡ଼ିଥିବା ପଞ୍ଚାୟତ ଷ୍ଟଲ ଗୁଡିକୁ ଖୋଲାଜାଉ,ବୁର୍ଜା ଗ୍ରାମର ରାଜିବ ଗାନ୍ଧୀ ସେବା କେନ୍ଦ୍ର ପାଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ ଦୁଇଟି ଅଙ୍ଗନବାଡି କେନ୍ଦ୍ର ଭିତରେ ପାଣି ଗଳୁଥିବା, ଅଧିକାଂଶ କେନ୍ଦ୍ର ରେ ପାନୀୟ ଜଳର ସୁବିଧା ନଥିବା ଓ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପ୍ରକଳ୍ପ ସମ୍ପୂର୍ଣ ଭାବେ ଫେଲ ମାରିଥିବା ଭଳି ଆଠଟି ବିଷୟ ବସ୍ତୁକୁ ନେଇ ଦୁଇଟି ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା ।ସମସ୍ୟା ଗୁଡିକ ଦେଖି ତୁରନ୍ତ ସମାଧାନ କରାଯିବ ବୋଲି ବିଡ଼ିଓ ଶ୍ରୀଯୁକ୍ତ ଭୋଇ ପ୍ରକାଶ କରିଥିଲେ ।ଏଥିରେ ଉଠା ଜଳ ସେଚନ,ଶିଶୁ କଲ୍ୟାଣ ବିଭାଗ, ଭେଟେନାରୀ ଓ ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ମାନେ ଯୋଗ ଦେଇଥିବା ବେଳେ ଅଙ୍ଗନବାଡି,ଆଶାକର୍ମୀ, ଏମ୍ବିକେ ଓ ସିଆରପି ମହିଳା ମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରି ସଞ୍ଜୀବ ବିଡିକା ପରିଚାଳନା କରିଥିବା ବେଳେ ଜିଆରଏସ୍ ଗୁଡ଼ିଆ ନାୟକ,ଦାମଦର ଖଣ୍ଡପାଣି ଓ ପୀତବାସ ବାଘ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଫାୟାର ଗାଡି ଧକ୍କା ରେ ଜଣେ ଛାତ୍ର ମୃତ୍ୟୁ ବରଣ କରିଛନ୍ତି। ଛାତ୍ର ଜଣଙ୍କ ହେଲେ ବୀରକିଶୋରପୁର ଶୁଣ୍ଢୀ ସାହିର ସ୍ୱୟଂ ଶୁଭମ ସେନାପତି। ସ୍ୱୟଂ ଶୁଭମ ଏସସିଏସ କଲେଜ ର ବିଜ୍ଞାନ ବିଭାଗ ର ୩ୟ ବର୍ଷ ର ଛାତ୍ର ଅଟନ୍ତି। ଛାତ୍ର ଜଣଙ୍କ କଲେଜ ପଢା ସାରି ନିଜ ଘରକୁ ଫେରିବା ବେଳେ ଏକ ସରକାରୀ ଫାୟାର ଗାଡି ସାକ୍ଷୀଗୋପାଳ ପଟୁ ବିପରୀତ ଦିଗ ରୁ ଆସି ଛାତ୍ର ଜଣଙ୍କୁ ଧକ୍କା ଦେବା ପରେ ଛାତ୍ର ଜଣଙ୍କ ଚିତ୍କାର କରିଥିଲେ କିନ୍ତୁ ଫାୟାର ଡ୍ରାଇଭର ଜଣଙ୍କ ଗାଡି ଧକ୍କା ଦେବା ଡ୍ରାଇଭର ଜଣଙ୍କ ଗାଡି ଟିକୁ ନରୋକି ଗାଡଟିକୁ ଆଗକୁ ବଢ଼େଇ ଚାଲିଥିଲେ ଏବଂ ଗାଡଟି ଛାତ୍ରଙ୍କ ଜଣକୁ ପାଖାପାଖି ୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେବା ପରେ ଗାଡି ଟି ରହିଯାଇଥିଲା। ପ୍ରାୟ ୧୦ମିନିଟ ପର୍ଯ୍ୟନ୍ତ ଛାତ୍ର ଟି ରାସ୍ତାରେ ପଡି ରହି ଜୀବନ ସହ ସଂଘର୍ଷ କରୁଥିଲା । ଯଦି ଫାୟାର ଗାଡି ଡ୍ରାଇଭର ଜଣଙ୍କ ଠିକ ସମୟରେ ଛାତ୍ରଟି କୁ ମେଡିକାଲ ଆଣିଥାନ୍ତେ ତାହାଲେ ହୁଏତ ଛାତ୍ର ଟି ଆଜି ଜୀବିତ ଥାନ୍ତା ଏବଂ ମୃତ ଛାତ୍ରଙ୍କ ବାପା ଜଣେ ବ୍ରେନଷ୍ଟ୍ରୋକ ଜନିତ ପାରଲିସିସ ରୋଗ ରେ ୧ବର୍ଷ ହେବ ଘରେ ରହି ଚିକିତ୍ସା ହେଉଛନ୍ତି । ସ୍ୱୟଂ ଶୁଭମ ପରିବାର ଏକୁଟିଆ ରୋଜଗାରିଆ ପୁଅ ଥିଲା। ସ୍ୱୟଂ ଟ୍ୟୁସନ କରି ନିଜ ଘରର ପେଟପଟଣା କଥା ବୁଝୁଥିବା ନେଇ ସ୍ଥାନୀୟ ଲୋକ କହିଛନ୍ତି। ପୁରୀ ଚନ୍ଦନପୁର ଜାତୀୟ ରାଜପଥ ରେ ସ୍ୱୟଂ ର ପରିବାର ଲୋକଙ୍କ ସହିତ ଗ୍ରାମବାସୀ ମାନେ ରାସ୍ତାରୋକ କରିବା ସହିତ ଆନ୍ଦୋଳନ କରିଥିଲେ।



# କଟକ ଆଇଜିଆର ଅଫିସ୍‌କୁ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଚାନକ ଗସ୍ତ

କଟକ(ଭାସ୍କର ନ୍ୟୁଜ୍): କଟକ ଆଇଜିଆର ଅଫିସକୁ ମନ୍ତ୍ରୀ ସୁରେଶ ପୂଜାରୀ ଅଚାନକ ଗସ୍ତ କରିଛନ୍ତି । କେତେ ଆବେଦନ ଆସିଛି କେତେ ସମୟ ସୀମାରେ ସରିଛି, ଆଉ କଣ ସମସ୍ୟା ରହିଛି ସେ ବିଷୟରେ ସମୀକ୍ଷା କରିଥିଲେ ମନ୍ତ୍ରୀ । ଏଆଇ କଣ୍ଟ୍ରୋଲ ରୁମରେ ସମୀକ୍ଷା କରିବା ସହ ସାଧାରଣ ଲୋକଙ୍କ ଫିଡବ୍ୟାକ ନେଇଥିଲେ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି ସକାରାତ୍ମକ ଫିଡବ୍ୟାକ ଆସିଛି କିନ୍ତୁ କିଛି ଅବ୍ୟବସ୍ଥା ରହିଛି । ଆଇଜିଆର ଅଫିସରେ ଏକା ସାଙ୍ଗରେ ଭିଡ଼ ହେଇଯାଉଛି । ସୋସାଇଟି ରେଜିଷ୍ଟ୍ରେସନ ବିଳମ୍ବ ହେଉଥିବାରୁ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟକୁ ସଂଶୋଧନ କରାଯିବ । ଏହି ଅବସରରେ ମନ୍ତ୍ରୀ ଦଲାଲ ମୁକ୍ତ ଉପରେ ଗୁରୁତ୍ୱ ଦେଇଥିଲେ । ମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ରେଜିଷ୍ଟର ଅଫିସକୁ କିଛି ଲୋକ ବାରମ୍ବାର ଆସୁଛନ୍ତି । ସେମାନଙ୍କ ଉଦ୍ଦେଶ୍ୟ ମହତ୍ୱ ନୁହେଁ ବୋଲି ସନ୍ଦେହ କରିଛନ୍ତି ମନ୍ତ୍ରୀ । ସମ୍ପୂର୍ଣ୍ଣ ଦଲାଲ ମୁକ୍ତ କରିବାକୁ ଆଗାମୀ ଦିନରେ ଦକ୍ଷେ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହା ସହ ସରକାରୀ କାମରେ ବିଳମ୍ବ କଲେ ଅଧିକାରୀଙ୍କ ଉପରେ ଫାଇନ । କିଛି ଅଧିକାରୀ କାର୍ଯ୍ୟରେ ବିଳମ୍ବ କରୁଛନ୍ତି ସେମାନଙ୍କୁ ଆଇନ ଅନୁଯାୟୀ ଜରିମାନା ପକାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ବିମାନ ଚଳାଚଳ ଭିତ୍ତିଭୂମିକୁ ପ୍ରୋତ୍ସାହନ ପାଇଁ ପ୍ରତିଷ୍ଠା ହେବ ରକ୍ଷଣାବେକ୍ଷଣ, ମରାମତି ଏବଂ ପୁନଃସ୍ଥାନ ସୁବିଧା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୂତନ ଗନ୍ତବ୍ୟ ନୀତି ଦ୍ୱାରା ରିଚାଳିତ ଓଡିଶା ଏହାର ବେସାମରିକ ବିମାନ ଚଳାଚଳ ପରିଦୃଶ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖୁଛି। ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ପରିଚାଳିତ ଏହି ନୀତିର ଉଦ୍ଦେଶ୍ୟ ହେଉଛି ବିମାନ ଚଳାଚଳ ପାଇଁ ସଂରଚିତ ପ୍ରୋତ୍ସାହନ, ମାର୍ଗ ସହାୟତା ଏବଂ ସୁବିଧା ମାଧ୍ୟମରେ ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ବିସ୍ତାର କରିବା। ବିମାନ ଚଳାଚଳ ଭିତ୍ତିଭୂମିକୁ ଏକ ରଣନୈତିକ ପ୍ରୋତ୍ସାହନ ସ୍ୱରୂପ, ଓଡ଼ିଶା ସରକାର ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ରକ୍ଷଣାବେକ୍ଷଣ, ମରାମତି ଏବଂ ପୁନଃସ୍ଥାନ (ଏମଆରଓ) ସୁବିଧା ପ୍ରତିଷ୍ଠା ପାଇଁ ସମସ୍ତ ଔପଚାରିକତା ପୂରଣ କରିଛନ୍ତି, ଯାହା ବିମାନ ଚଳାଚଳ ସହ ଜଡ଼ିତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରିବାରେ ଏକ ବଡ଼ ପଦକ୍ଷେପ। ସ୍ୱଳ୍ପ ସମୟ ମଧ୍ୟରେ, ଏହି ନୀତି ଉଭୟ ବିଶ୍ୱ ତଥା ଘରୋଇ ସ୍ତରରେ ଓଡ଼ିଶାର ବିମାନ ଚଳାଚଳ ପଦଚିହ୍ନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ନୂତନ ଗନ୍ତବ୍ୟ ନୀତି ଅଧୀନରେ ମୋଟ ୧୩ ଟି ନୂତନ ଆନ୍ତର୍ଜାତୀୟ ଏବଂ ଘରୋଇ ବିମାନ ସେବା କାର୍ଯ୍ୟକ୍ଷମ ହୋଇଛି, ଯାହା ବାଣିଜ୍ୟ, ପର୍ଯ୍ୟଟନ ଏବଂ ଆଞ୍ଚଳିକ ଏକୀକରଣ ପାଇଁ ନୂତନ କରିଡର ଖୋଲିଛି। ଆନ୍ତର୍ଜାତୀୟ କ୍ଷେତ୍ରରେ, ଭୁବନେଶ୍ୱରରୁ ଦୁବାଇ ଏବଂ ଆବୁଧାବି ପର୍ଯ୍ୟନ୍ତ ସିଧାସଳଖ ବିମାନ ଚଳାଚଳ ଓଡ଼ିଶାକୁ ବିଶ୍ୱ ବିମାନ ଚଳାଚଳ ମାନଚିତ୍ରରେ ସ୍ଥାନିତ କରିଛି, ପ୍ରବାସୀମାନଙ୍କ ସମ୍ପର୍କକୁ ମଜବୁତ କରିଛି ଏବଂ ବିଶ୍ୱ ବଜାର ପ୍ରବେଶକୁ ଉନ୍ମୁକ୍ତ କରିଛି। ନିଜର ଭବିଷ୍ୟତ ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରି ଓଡ଼ିଶା ସରକାର ଏକ ସମର୍ପିତ ଡ୍ରୋନ୍ ନୀତି ପ୍ରଣୟନ କରିବା ଏବଂ ବିମାନ ବନ୍ଦର ଭିତ୍ତିଭୂମି ପାଇଁ ଜମି ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ଅଛନ୍ତି, ଯାହା ଏକ ନମନୀୟ ଏବଂ ନବସୃଜନ ପରିଚାଳିତ ବିମାନ ଚଳାଚଳ ଇକୋସିଷ୍ଟମ ନିର୍ମାଣ ପାଇଁ ନିଜର ଲକ୍ଷ୍ୟକୁ ସୁଦୃଢ଼ କରୁଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମିଫାଇନାଲ ଜୁଲାଇ ୨୦ରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚଏମ)ରେ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି । ମିଶନଶକ୍ତି ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତିଟି ଜିଲ୍ଲାରୁ ୩୦ଟି ଏସଏଚଜି ଦଳ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ହୋଟେଲ ମେ ଫେୟାରର ସେଫ ସୂରଜ କୁମାର ସାହୁ, ଆଇଏଚଏମର ବିଭାଗୀୟ ମୁଖ୍ୟ ସେଫ ସଂବିତ ସୁମନ ଏବଂ ଲାଇଫ ହୋଟେଲର ଶୈଳେଶ ଶେଖର ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗଦେଇ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା, ସ୍ୱାଦ ଓ ପରିବେଷଣକୁ ଦୃଷ୍ଟିରେ ରଖି ୧୦ଟି ଏସଏଚଜି ଦଳକୁ ଚୟନ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ସମସ୍ତ ସେମିଫାଇନାଲିଷ୍ଟଙ୍କୁ ସାର୍ଟିଫିକେଟ ଓ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ, ମୟୁରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତସିଂହପୁର ଜିଲ୍ଲାରୁ ଆସିଥିବା ୧୦ଟି ଏସଏଚଜି ଦଳମାନେ ସେମିଫାଇନାଲରେ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି ଏବଂ ଜୁଲାଇ ୨୨ରେ ହେବାକୁ ଥିବା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ପାଇଁ ମନୋନୀତ ହୋଇଛନ୍ତି ।

# ରେଭେନ୍ସାରେ ରାଗିଂ ଅଭିଯୋଗ

କଟକ (ଭାସ୍କର ନ୍ୟୁଜ୍): ପୁଣି ବିବାଦରେ ରେଭେନ୍ସା ବିଶ୍ୱବିଦ୍ୟାଳୟ । ରାଗିଂ ଅଭିଯୋଗ ଆସିବା ପରେ ୧୦ଜଣ ହଷ୍ଟେଲ ଛାତ୍ରଙ୍କୁ ତୁରନ୍ତ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ । ଆଣ୍ଟି ରାଗିଂ ସେଲର ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଇଷ୍ଟ ହଷ୍ଟେଲରେ ରହୁଥିବା ଯୁଜି ପ୍ରଥମ ବର୍ଷର ଛାତ୍ରଙ୍କୁ କିଛି ସିନିୟର ଛାତ୍ରମାନେ ରାଗିଂ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରବିବାର ବିଳମ୍ବିତ ରାତିରେ ଖବର ପାଇ ହଷ୍ଟେଲରେ ପହଞ୍ଚିଥିଲେ କୁଳପତି, ୱାର୍ଡେନ ଏବଂ ଅନ୍ୟ ଅଧ୍ୟାପକ । ନିକଟରେ ଯୁଜି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନେ ନାମଲେଖା ହୋଇଥିବାରୁ ନୂଆ ଛାତ୍ରମାନେ କ୍ୟାମ୍ପସକୁ ଆସି ରହିଛନ୍ତି । ବାହାର ଜିଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଇଷ୍ଟ ହଷ୍ଟେଲରେ ପ୍ରାୟ ୪୦ରୁ ଅଧିକ ଯୁଜି ଛାତ୍ର ମାନେ ହଷ୍ଟେଲରେ ରହିଥିବା ବେଳେ ପ୍ରଥମ ଦିନ ତୃତୀୟ ବର୍ଷର ଛାତ୍ରମାନେ ସେମାନଙ୍କୁ ପରିଚୟ ପ୍ରଦାନ କରିବା ଆଳରେ ରାଗିଂ କରିଥିବା ଅଭିଯୋଗ ହୋଇଛି ।

# ବଙ୍ଗୋପସାଗରରେ ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୨୪ ତାରିଖ ବେଳକୁ ଏହା ଲଘୁଚାପ ରୂପ ନେଇପାରେ । ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ସମ୍ଭାବନା ଅଛି। ସୋମବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାରେ ଅଧିକ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୨୧ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି । ୨୨ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାରେ ଅଧିକ ବର୍ଷା ହୋଇପାରେ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି । ୨୩ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହୋଇପାରେ। ୨୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରରେ ପ୍ରବଳ ବର୍ଷା ସମ୍ଭାବନା ଅଛି। ଅନ୍ୟ କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ । ୨୫ ଓ ୨୬ ତାରିଖରେ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

## ପୁଣି ହିମାଚଳପ୍ରଦେଶ ଉପରେ ପ୍ରକୃତିର କୋପ

# ଲଗାଣ ବର୍ଷାରୁ ଭୂସ୍ଖଳନ, ୨ ମୃତ

ସିମଲା: ହିମାଚଳ ପ୍ରଦେଶରେ ପୁଣି ଦେଖିବାକୁ ମିଳିଛି ପ୍ରକୃତିର ତାଣ୍ଡବଲୀଳା । ଗତ କିଛି ଦିନ ତଳେ ବର୍ଷା, ବନ୍ୟାରେ ବେହାଲ ହୋଇଥିବା ହିମାଚଳ ପ୍ରଦେଶରେ ପୁଣି ଦେଖିବାକୁ ମିଳିଛି ନାହିଁ ନଥିବା ଦୁଃଖ । ପ୍ରକୃତିର କୋପ ପୁଣି ପଡିବା ପରେ ଏବେ ହିମାଚଳରେ ହାହାକାର ପରିସ୍ଥିତି । ମୌସୁମୀ ଜନିତ ଲଗାତାର ବର୍ଷାରେ ପୁଣି ଥରେ ସ୍ଥିତି ସଙ୍ଗୀନ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଜନଜୀବନ ପୁଣି ଥରେ ପ୍ରଭାବିତ ହୋଇଛି । ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି ଫଳରେ ଘର ଭୁଶୁଡି ଝିଅ-ଜ୍ୱାଇଁଙ୍କ ମୃତ୍ୟୁ ହୋଇଛି । ମଣ୍ଡି ଏବଂ କୁଲ୍ଲୁର ଅବସ୍ଥା ସଙ୍ଗୀନ ଥିବା ସୂଚନା ମିଳିଛି। ପୂର୍ବଥର ବି ମଣ୍ଡିର ଅବସ୍ଥା ସାଙ୍ଘାତିକ ଥିଲା । ବର୍ଷା, ବନ୍ୟାରେ ବେହାଲ ହୋଇଥିଲା ମଣ୍ଡି । ବର୍ଷା ଫଳରେ ହିମାଚଳରେ ଏଯାଏଁ ୧୪୨ଟି ରାସ୍ତା ବନ୍ଦ ହୋଇଛି । ସେହିପରି କେବଳ ମଣ୍ଡିରେ ୯୧ଟି ସଡକ ବର୍ଷା ଏବଂ ଭୂସ୍ଖଳନ ପାଇଁ ବନ୍ଦ ହୋଇଯାଇଛି , କୁଲ୍ଲୁରେ ୩୩ଟି ରାସ୍ତାର ଅବସ୍ଥା ସାଙ୍ଘାତିକ । ପ୍ରକୃତିର ତାଣ୍ଡବରେ ଜଳ ଯୋଗାଣ ଏବଂ ବିଜୁଳି ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ଘଟିଛି । ମଣ୍ଡିରେ ଏକ ପେଟ୍ରୋଲ ପମ୍ପରେ ମାଟି ଧସି ପଡିଛି । ତେବେ ଏଭଳି ସ୍ଥିତିରେ ହିମାଚଳ ପ୍ରଦେଶ ଯାଉଥିବା ଯାତ୍ରୀଙ୍କୁ ବୁଲି ନଯିବାକୁ ପରାମର୍ଶ ଜାରି କରାଯାଇଛି । ସ୍ଥିତି ଭଲ ନଥିବାରୁ ଯାତ୍ରା ନକରିବାକୁ କୁହାଯାଉଛି ।

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dated: 19.07.2025, I Sk Akhtar Rasul, Address: village- Talasahi, Po- Binjharpur, Ps- Binjharpur, Dist- Jajpur, Odisha, PIN- 755004, declare that I have changed my son's name from Arman Akhtar to Sk Arham Akhtar. Henceforth, he shall be known as Sk Arham Akhtar for all purposes.

**Sd/- Sk Akhtar Rasul**

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ ତାରିଖ: ୩୫-ଇଏଲ-ଡବ୍ଲୁଟି-୨୦୨୫-୨୬, ତାରିଖ: ୧୭.୦୭.୨୦୨୫। ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କାର୍ଯ୍ୟର ନାମ: ଝାରସୁଗୁଡା ଷ୍ଟେସନ୍ (ଫେଜ୍ -୧)ର ପୁନଃବିକାଶ କାର୍ଯ୍ୟ ଅଧୀନରେ ୬ଟି ଲିଫ୍ଟ ଏବଂ ୦୨ଟି ଏସ୍କାଲେଟରର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୬,୯୨,୯୦,୩୧୮.୪। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୪,୯୬,୫୦୦/-। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ନାହିଁ। ବନ୍ଦ/ଖୋଲିବାର ତାରିଖ: ୨୫.୦୮.୨୦୨୫। ଟେଣ୍ଡରଟି ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନେ ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

(PR-422)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବତନ ମୁଖ୍ୟମନ୍ତ୍ରୀ...

ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୧୯୨୩ ମସିହା ଅକ୍ଟୋବର ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦନ କିଶୋର ବୟସରୁ ରାଜନୀତିରେ ସକ୍ରିୟ ରହିଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ କେରଳ ତଥା ଦେଶର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

## ରାଜନୈତିକ ଯୁଦ୍ଧ...

ଦେଶର ବିଭିନ୍ନ ସ୍ଥାନରେ ଛାଡନ୍ତୁ ନାହିଁ। ମତଦାତାଙ୍କ ଭିତରେ ରାଜନୈତିକ ଲଢେଇକୁ ଛାଡିବା ଉଚିତ। କିନ୍ତୁ ଆପଣ ଏଥିରେ କାହିଁକି ପଶୁଛନ୍ତି ବୋଲି ସେ ଇଡିକୁ ପ୍ରଶ୍ନ କରିଥିଲେ।

## ଶ୍ରୀମନ୍ଦିରରେ ବଡ଼...

ଦେଖିବାକୁ ପାଇଥିଲେ। ପରେ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଥିଲା। ବଡ଼ ମହାସ୍ନାନ ଯୋଗୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଠାକୁରଙ୍କ ବଡ଼ ମହାସ୍ନାନ ନୀତି ସରିବା ପରେ ପୁନର୍ବାର ଦର୍ଶନ ଜାରି ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ।

## କ୍ରାଇମ ବ୍ରାଞ୍ଚର...

ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚୁରା ଚଳାଇଥିଲେ ମଧ୍ୟ ପୋଲିସର ହାତ ଖାଲି ରହିଛି। ସମଗ୍ର ଘଟଣା ଉପରେ ଜିଲ୍ଲା ପ୍ରଶାସନ ମଧ୍ୟ ନଜର ରଖିଛି। ଏପଟେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ରହିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ସଂପର୍କୀୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡିର ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର, ସୁଲତା ଦେଓ ଓ ନିରଞ୍ଜନ ବିଶି ଏମ୍ସ ଯାଇ ପୀଡ଼ିତାଙ୍କୁ ଭେଟିଛନ୍ତି। ସେଠାରେ ପୀଡ଼ିତାଙ୍କ ଦାଦାଙ୍କ ସହ ଆଲୋଚନା କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଅବଗତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଶନିବାର ପୁରୀଜିଲ୍ଲା ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ବାୟାବର ନୂଆ ଗୋପାଳପୁର ଗାଁରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ୩ଜଣ ଦୁର୍ବୃତ୍ତ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ତେବେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଉନ୍ନତମାନର ଚିକିତ୍ସାପାଇଁ ତାଙ୍କୁ ରବିବାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଅନ୍ୟପକ୍ଷରେ ବଳଙ୍ଗା ଥାନାରେ ପୁରୀ କଂଗ୍ରେସର ଏକ ଟିମ୍ ଅତିରିକ୍ତ ଏସିପିଙ୍କୁ ଭେଟି ଆଲୋଚନା କରିଥିବା ସୂଚନା ମିଳିଛି।

## ହାଇକୋର୍ଟର ବିଚାରପତି...

କରିଛନ୍ତି । ପ୍ରଥମେ ରାଷ୍ଟ୍ରପତି ଭବନରୁ ଆସିଥିବା ଜଷ୍ଟିସ୍ ପାଠକଙ୍କ ବଦଳି ସମ୍ପର୍କିତ ପତ୍ର ପାଠ କରାଯିବା ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଜଷ୍ଟିସ୍ ପାଠକଙ୍କୁ ଶପଥ ପାଠ କରାଇଛନ୍ତି। ସୂଚନାଥାଉକି ୧୯୬୫ ମସିହା ଅଗଷ୍ଟ ୨୮ ତାରିଖରେ ଗୌହାଟୀରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ପାଠକ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ଅଧୀନ ବେଙ୍ଗାଲୁରୁର ସେଣ୍ଟର୍ ଯୋଶେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲ.ଏଲ.ବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହାରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବରେ ନିଜର ନାମ ପଞ୍ଜିକୃତ କରିଥିଲେ। ଏହା ପରେ ସେ ସେ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ଭାବେ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ୨୦୧୩ ମସିହା ମଇ ୨୨ ତାରିଖରେ ଶ୍ରୀ ପାଠକଙ୍କୁ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ଏହା ପରେ ୨୦୧୮ ମସିହା ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଗୌହାଟୀ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରି ଆସୁଥିବାବେଳେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ତାଙ୍କୁ ଓଡିଶା ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରିଥିଲେ । ପରେ ଏହି ସୁପାରିସକୁ ରାଷ୍ଟ୍ରପତି ଅନୁମୋଦନ କରିଥିଲେ। ଜଷ୍ଟିସ୍ ପାଠକଙ୍କ ଶପଥ ଗ୍ରହଣ ଉତ୍ସବରେ ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଓଡିଶା ହାଇକୋର୍ଟର ସମସ୍ତ କାର୍ଯ୍ୟରତ ବିଚାରପତିଗଣ, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ରେଜିଷ୍ଟ୍ରାର, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପହଲଗାମ ହମଲା...

ସୁଯୋଗ ଦିଆଯାଇ ନଥିବାବେଳେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରବଳ ହଟ୍ଟଗୋଳ ହେବାରୁ ପୁଣିଥରେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ପ୍ରଥମ ଦିନରେ ଗୃହ ଦୁଇ ଦୁଇଥର ମୁଲତବୀ ହୋଇଥିଲା। ଗୃହ ମୁଲତବୀ ହେବାପରେ ଗୃହ ବାହାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ସରକାର ଗୃହ ଭିତରେ ବିରୋଧୀଙ୍କ ସ୍ୱରକୁ ଚାପିବାକୁ ଚେଷ୍ଟା କରୁଛନ୍ତି। ଯେଉଁଠି ପ୍ରତିରକ୍ଷାମନ୍ତ୍ରୀଙ୍କୁ ଗୃହରେ କହିବାକୁ ଅନୁମତି ଦିଆଯାଉଛି, ସେଠାରେ କିନ୍ତୁ ବିରୋଧୀଙ୍କୁ କିମ୍ବା ବିରୋଧୀଦଳ ନେତାଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ। ତେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କହିଥିଲେ ଯେ ପହଲଗାମ ହମଲାର ୮ ଦିନ ଭିତରେ ଏଭଳି ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଯାହା ଆଜିଯାଏ ହୋଇନଥିଲା। ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ନଡ୍ଡା କହିଥିଲେ।

## କୋଚ୍‌ଙ୍କ ସମେତ...

ପକାଇଥିବା ବେଳେ ଗତ ୩ ତାରିଖ ଦିନ ପ୍ରଶିକ୍ଷଣ କାମ ସରିବା ପରେ ସ୍ଥାନୀୟ ଅଞ୍ଚଳର ଏକ ଲଜ୍‌କୁ ନେଇ ଦୁଷ୍କର୍ମ କରିଥିଲେ। ଏହି ଗଣଦୁଷ୍କର୍ମରେ ଦୁଇଜଣ ସିଧାସଳଖ ସମ୍ପୃକ୍ତ ରହିଥିବା ବେଳେ ଜଣେ ଅସଦାଚରଣ ଏବଂ ଆଉଜଣେ ସହଯୋଗ କରିଥିଲେ। ଏ ନେଇ ପୀଡ଼ିତା ୨୦ ତାରିଖ ଦିନ ରାତିରେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିବା ପରେ ୨୧ ତାରିଖ ସୋମବାର ସକାଳୁ ଅଭିଯୁକ୍ତ ସିଦ୍ଧାର୍ଥ ରାଉତ ,ସନ୍ଦିପ ସ୍ୱାଇଁ, ସାର୍ଥକ ନାୟକ ଓ ସାଗର ନାମକ ଜଣେ ଯୁବକଙ୍କୁ ପୋଲିସ ମାଡ଼ି ବସିଛି। ଏ ନେଇ କେଶ୍ ନଂ ୩୪୧/ ୧୫ ଅନୁଯାୟୀ ଏକ ମାମଲା ରୁଜୁ କରି ପୋଲିସ୍ ତଦନ୍ତ ଜାରି ରଖିଛି ଏବଂ ସବଇନ୍ସପେକ୍ଟର ଅଜୟ ସାହୁଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଏବଂ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି ଯେ ପୋଲିସ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱ ସହକାରେ ନେଇଛି। ସୂଚନାଯୋଗ୍ୟ ଯେ ଉଭୟ ହକି ପ୍ରଶିକ୍ଷଣ କେନ୍ଦ୍ର ଓ ଦୁଷ୍କର୍ମ ସ୍ଥାନ ଲଜ୍ ଥାନା, ଜିଲ୍ଲାପାଳ ଅଫିସ ଏବଂ ଜିଲ୍ଲା କୋର୍ଟ ଠାରୁ ମାତ୍ର କିଛି ମିଟର ଦୂରରେ ଅବସ୍ଥିତ। ଅନ୍ୟ ପକ୍ଷରେ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତିଙ୍କ ଘଟଣା ପରି ଏହି ଘଟଣାଟି ଗତ ଦୁଇ ସପ୍ତାହ ପୂର୍ବରୁ ଘଟିଥିଲେ ହେଁ ପୀଡ଼ିତା ବା ତାଙ୍କ ପରିବାର ପକ୍ଷରୁ କଣ ପାଇଁ ବିଳମ୍ବରେ ଥାନାରେ ଅଭିଯୋଗ କରାଗଲା, ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ କହିଛନ୍ତି।

e-mail: eephbhpt@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

C-697

**NATIONAL COMPETITIVE BIDDING THROUGH e-Procurement**
**Identification No.SEPH-BHPT– 10 of 2025-26/ Dt. 18.07.2025**
**e-Procurement Notice**

| | | | |
|---|---|---|---|
| 01. | Name of the Work | : | 1no Work. |
| 02. | Type of Bid. | : | Single Bid System |
| 03. | Estimated Cost | : | Rs. 7.32 lakh |
| 04. | Period of Completion | : | 02 (Two) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 23.07.2025 to 5.00 PM of 02.08.2025 |
| 06. | Last date / time of receipt of bids in the portal | : | 5.00 PM of 02.08.2025. |
| 07. | Date & Time of opening of technical bids | : | At 11.30 AM of 04.08.2025 |
| 08. | Name and Address of the Officer Inviting Bid | : | Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/-Superintending Engineer,
P.H. Division, Bhawanipatna

OIPR 13059/11/0030/2526

GOVERNMENT OF ODISHA
Office of the Superintending Engineer
Kanupur Rehabilitation, Camps & Building Division,
AT/PO-Basudevpur, Dist.-Keonjhar, PIN-758047.
e- PROCUREMENT NOTICE
**Bid Identification No. SE, KRC & BD- 08/2025-26**
Email- eekrcbdbasudevpur@gmail.com

A-

| Sl. No | Name of work | Approx. value of work. (Rs. in Lakh) | E.M.D./ Bid Security. in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Sanitary facilities to each house at Sankarpur Resettlement Colony for the DPs of village Dhobakuchuda under KIP ". | 55.30 | 55300.00 | 10,000/- | 08(Eight) Calendar months | "B" | Kanupur Reh. Camps & Building Division, At/PO-Basudevpur, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C. & B. Division, Basudevpur, Dist- Keonjhar. | SE, KRC & BD-08/ 2025-26 | 24.07.25 From 10.00 Hours | 07.08.25 Up to 17.00 Hours | 08.08.25 at 11.00 Hours | 07.08.25 Up to 11.00 Hours | O/o the Superintending Engineer Kanupur Reh. C. & B. Division, Basudevpur, Dist-Keonjhar. |

Sd/-Superintending Engineer
Kanupur Reh. C.& B. Division,
Basudevpur

OIPR 46009/11/0003/2526

CAD-1204

Office of the District Manager
Odisha State Civil Supplies Corporation Ltd. (OSCSC)
Kendrapara District Phone:9438200047

Cost of Tender Document:-Rs.5900/-Inclusive of GST for each RRC to Unit Aul Block T.No.1968 Dtd.19.07.25, Derabish Block T.No.1969 Dtd.19.07.25, Garadapur Block T.No.1970 Dtd.19.07.25, ,Kendrapara Block T.No.1971 Dtd.19.07.25, Kendrapara MPL T.No.1972 Dtd.19.07.25, Mahakalapada Block T.No.1973 Dtd.19.07.25, Marshaghai Block T.No.1974 Dtd.19.07.25, Pattamundai Block T.No.1975 Dtd.19.07.25, Pattamundai MPL T.No.1976 Dtd.19.07.25, Rajakanika Block T.No.1977 Dtd.19.07.25, & Rajanagar Block T.No.1978 Dtd.19.07.25 combination of the district.

Cost of Tender Document :- Rs.11800/- Inclusive of GST for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) vide Tender No 1967 Dtd. 19.07.2025 of Kendrapara District.

District Manager, Odisha State Civil Supplies, Corporation Ltd., Kendrapara invites tenders in Double Cover System through ONLINE MODE ONLY for the work below:

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of Foodgrains from FSD, FCI to RRCs (ii) Level-II Transport Contractor for transportation of Foodgrains from RRCs to Retail Ceners (FPS) in the District of the State of Odisha. |
| 2 | Availability of tender documents in the Portal | From Date 22.07.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online Submission of completed Tender Documents with enclosures | Through e-Procurement Portal: www.tendersodisha.gov.in Dt. 05.08.2025 05:00PM |
| 4 | Date, time and venue for opening of Technical Bid by the Tender Committee | On dt 06.08.2025 at 10.30AM, Place : Collectorate, Kendrapara |
| 5 | Name and Address of the Officer Inviting Tender | District Manager, OSCSC Ltd., Kendrapara. |

Tender Documents and other details can be seen from the e-Procurement Portal www.oscsc.in, www.foododisha.in and www.tendersodisha.gov.in along with District website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
O.S.C.S.C. Ltd., Kendrapara

OIPR 07039/11/0007/2526

E-mail: eeroads.khr@rediffmail.com

**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST. NUAPADA, ODISHA.**

B-329

**Letter No. 3701 Date 20.07.2025**
**2nd Corrigendum to**
**Bid Identification No.SER&BKHR - 06 /2025-26**

**The following changes are being made for E-Procurement Notice- 06, Bid Identification No. SER&BKHR - 06 /2025-26 vide letter no.3478 dated 09.07.2025 & 1st corrigendum letter No.3641 Date 16.07.2025 for the work mentioned in the above Tender Call Notice.**

1. **The value of work for sl.no.3 i.e.Rs.64.96 lakh & Bid security i.e.Rs. 65,000/- has modified as per 2nd corrigendum to Rs.62.36 lakh & Rs.62,500/- respectively.**
2. **The Date of time of availability of bid documents in the portal for all works from sl.no.1 to 4 from 10.00 hours of 17.07.2025 to 17.00 Hours of 31.07.2025 has extended as per 2nd corrigendum to 10.00 hours of 25.07.2025 to 17.00 Hours of 08.08.2025.**
3. **The date & time of opening of bid documents in the portal from 11.30 hours on 01.08.2025 has extended as per 2nd corrigendum to 11.30 AM on date 11.08.2025.**
4. **All other terms and conditions remain unchanged.**

Sd/- Superintending Engineer
Khariar (R&B) Division

OIPR 34062/11/0031/2526

GOVERNMENT OF ODISHA
DEPARTMENT OF WATER RESOURCES
O/o THE CHIEF ENGINEER AND BASIN MANAGER,
MAHANADI BASIN, AT-BURLA, DISTRICT-SAMBALPUR, PIN-768017
E-mail Id – cebmumbburla@gmail.com

A-404

**'e' Procurement Notice No-CE & BM-MB- 06/2025-2026 (Online)**
**BID IDENTIFICATION NO- CE & BM-MB-06/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kamgaon Canal Section, Bargarh Irrigation Division, Bargarh). |
| 2 | No of works | : | One (01) number |
| 3 | Class of contractor | : | "A Class" and "Special Class" |
| 4 | Bid identification No | : | CE&BM-MB- 06/2025-2026 (Online) |
| 5 | Estimated cost | : | Rs. 18.73 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated- 23.07.2025 at 11.30 AM to Dated- 13.08.2025 up to 5.00 PM. |
| 8 | Last date/ time for receipt of Bids in the portal | : | Dated- 13.08.2025 up to 5.00 PM. |
| 9 | Date of opening of Technical Bid (Cover-I) | : | Dated- 14.08.2025 at 11.30 AM, O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha,768017 Email Id: cebmumbburla@gmail.com |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.

Sd/-Chief Engineer & Basin Manager,
Mahanadi Basin, Burla

OIPR 32508/11/0011/2526

GOVERNMENT OF ODISHA
DEPARTMENT OF WATER RESOURCES
O/o THE CHIEF ENGINEER AND BASIN MANAGER,
MAHANADI BASIN, AT-BURLA, DISTRICT-SAMBALPUR, PIN-768017
E-mail Id – cebmumbburla@gmail.com

A-402

**'e' Procurement Notice No-CE & BM-MB- 08/2025-2026 (Online)**
**BID IDENTIFICATION NO- CE & BM-MB-08/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Larasara Canal Section. |
| 2 | No of works | : | One (01) number |
| 3 | Class of contractor | : | "A Class" and "Special Class" |
| 4 | Bid identification No | : | CE&BM-MB- 08/2025-2026 (Online) |
| 5 | Estimated cost | : | Rs. 19.82 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated- 25.07.2025 at 11.30 AM to Dated- 16.08.2025 up to 5.00 PM. |
| 8 | Last date/ time for receipt of Bids in the portal | : | Dated- 16.08.2025 up to 5.00 PM. |
| 9 | Date of opening of Technical Bid (Cover-I) | : | Dated- 18.08.2025 at 11.30 AM, O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha,768017 Email Id: cebmumbburla@gmail.com |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.

Sd/- Chief Engineer & Basin Manager,
Mahanadi Basin, Burla

OIPR 32508/11/0012/2526



ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀରର କଟରାରୁ ଏକ ଦୁର୍ଘଟଣାର ହୃଦୟ ବିଦାରକ ଖବର ସାମ୍ନାକୁ ଆସୁଛି। ମାତା ବୈଷ୍ଣୋ ଦେବୀ ମାର୍ଗରେ ଭୟଙ୍କର ଭୂସ୍ଖଳନ ହୋଇଛି। ସୂଚନା ଅନୁଯାୟୀ, ବୈଷ୍ଣୋ ଦେବୀ ଭବନ ମାର୍ଗର ବାଣଗଙ୍ଗା ନିକଟରେ ଭକ୍ତମାନେ ଭଗ୍ନାବଶେଷରେ ଫସି ରହିବା ସହ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ଅନେକ ଆହତ ହୋଇଛନ୍ତି । ସୋମାବର ସକାଳ ପ୍ରାୟ ୮ଟା ସମୟରେ ମାତା ବୈଷ୍ଣୋ ଦେବୀ ରୁଟର ବାଣଗଙ୍ଗା ନିକଟରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ ଅନେକ ଯାତ୍ରୀ ଭଗ୍ନାବଶେଷରେ ଫସି ରହିଥିଲେ। ଏହି ଅଞ୍ଚଳରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, କଟରାରୁ ଭବନ ପର୍ଯ୍ୟନ୍ତ ପୁରୁଣା ରୁଟରେ ଅବସ୍ଥିତ ବାଣଗଙ୍ଗା ଅଞ୍ଚଳରେ ହଠାତ୍ ବଡ଼ ପଥର ପାହାଡ଼ରୁ ଖସି ପଡ଼ିଥିଲା । ଏହାକୁ ଦେଖି ଭକ୍ତମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା। ସେଥିରେ ଅନେକ ଭକ୍ତ ଫସିରହିବା ସହ କିଛି ଆହତ ହୋଇଥିବା ସୂଚନା ମିଳିଛି।

## ମୌସୁମୀ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ମୌସୁମୀ ଅଧିବେଶନ ୨୦୨୫ ଆରମ୍ଭ ହେବା ପୂର୍ବରୁ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ମୌସୁମୀ ଅଧିବେଶନକୁ ସମସ୍ତଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୌସୁମୀ ନବସୃଜନ ଏବଂ ନବୀକରଣର ପ୍ରତୀକ। ସେ ଏହା ମଧ୍ୟ କହିଥିଲେ ଯେ ସାରା ଦେଶରେ ବର୍ତ୍ତମାନର ପାଣିପାଗ ପରିସ୍ଥିତି ଅନୁକୂଳ ହେଉଛି ଯାହା କୃଷି ପାଇଁ ସମାନ ଭାବରେ ଲାଭଦାୟକ। ପ୍ରଧାନମନ୍ତ୍ରୀ କହିଥିଲେ, ବର୍ତ୍ତମାନର ମୌସୁମୀ ଅଧିବେଶନ ଆମ ଦେଶ ପାଇଁ ଏକ ଗୌରବର କ୍ଷଣ, ଏହା ଭାରତ ପାଇଁ ବିଜୟୋତ୍ସବର ପ୍ରତୀକ। ସମଗ୍ର ସଂସଦ - ଲୋକସଭା ଏବଂ ରାଜ୍ୟସଭା ଏବଂ ଜନସାଧାରଣ ଏହି ସଫଳତାରେ ଗର୍ବ ପ୍ରକାଶ କରିବାରେ ଏକଜୁଟ ହୋଇଛି। ସେ କହିଛନ୍ତି ଯେ ଏହି ସାମୂହିକ ଉତ୍ସବ ଭାରତର ଭବିଷ୍ୟତର ମହାକାଶ ଅନୁସନ୍ଧାନ ମିଶନ ପାଇଁ ପ୍ରେରଣା ଏବଂ ଉତ୍ସାହ ଭାବରେ କାର୍ଯ୍ୟ କରିବ। ଚଳିତ



ମୌସୁମୀ ଅଧିବେଶନକୁ ଭାରତର ବିଜୟର ଉତ୍ସବ ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଯେ ବିଶ୍ୱ ଦେଶର ସଶସ୍ତ୍ର ବାହିନୀର ଶକ୍ତି ଏବଂ କ୍ଷମତା ଦେଖିଛି। ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତୀୟ ସେନା ୧୦୦% ସଫଳତା ସହିତ ଏହାର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପ୍ରତ୍ୟେକ ଘଟଣା ପ୍ରତ୍ୟେକ ସାଂସଦଙ୍କ ପାଇଁ ଗର୍ବର ମୁହୂର୍ତ୍ତ, ଦେଶପ୍ରେମ ଏବଂ ଜାତୀୟ କଲ୍ୟାଣ ପ୍ରତି ସମର୍ପଣ ଦ୍ୱାରା ଅନୁପ୍ରାଣିତ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ ମସିହାରେ ତାଙ୍କ ସରକାର ଦାୟିତ୍ୱ ଗ୍ରହଣ କରିବା ସମୟରେ ଭାରତ ଶ୍ରେଷ୍ଠ ପାଞ୍ଚଟି ଦୁର୍ବଳ ଅର୍ଥନୀତି ମଧ୍ୟରେ ଥିଲା। ସେ କହିଥିଲେ ଯେ ସେତେବେଳେ ଭାରତ ବିଶ୍ୱ ଅର୍ଥନୈତିକ ରାଙ୍କିଂରେ ଦଶମ ସ୍ଥାନରେ ଥିଲା, କିନ୍ତୁ ଆଜି ଭାରତ ଦ୍ରୁତ ଗତିରେ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଆଡ଼କୁ ଅଗ୍ରସର ହେଉଛି ଏବଂ ସେହି ମାଇଲଖୁଣ୍ଟର ଦ୍ୱାରଦେଶରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ କହିଥିଲେ, 'ଡିଜିଟାଲ ଇଣ୍ଡିଆ ଏବଂ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଭଳି ପଦକ୍ଷେପ ବିଶ୍ୱ ସମ୍ମୁଖରେ ଭାରତର ଉଦୀୟମାନ କ୍ଷମତା ପ୍ରଦର୍ଶନ କରୁଛି ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରୁଛି। ଏକତାର ଶକ୍ତି ଏବଂ ଏକ ସ୍ୱରର ଭାବନା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଚଳିତ ମୌସୁମୀ ଅଧିବେଶନ ବିଜୟ ଉତ୍ସବ ରୂପରେ ଏହି ଭାବନାକୁ ପ୍ରତିଫଳିତ କରିବ, ଯାହା ଭାରତର ସାମରିକ ଶକ୍ତି ଏବଂ ଜାତୀୟ କ୍ଷମତାକୁ ସମ୍ମାନ କରିବ ଏବଂ ୧୪୦ କୋଟି ନାଗରିକଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ରାଜନୈତିକ ଦଳଗୁଡ଼ିକର ବିବିଧତା ଏବଂ ସେମାନଙ୍କ ସମ୍ପୃକ୍ତ ଏଜେଣ୍ଡାକୁ ସ୍ୱୀକାର କରି ଶ୍ରୀ ମୋଦୀ କହିଥିଲେ ଯେ ଦଳୀୟ ସ୍ୱାର୍ଥ ଉପରେ ମତଭେଦ ହୋଇପାରେ, କିନ୍ତୁ ଜାତୀୟ ସ୍ୱାର୍ଥ ସମ୍ପର୍କରେ ଉଦ୍ଦେଶ୍ୟର ଏକତା ରହିବା ଉଚିତ। ନିଜ ଅଭିଭାଷଣ ଶେଷ କରି ସେ କହିଥିଲେ ଏହି ଅଧିବେଶନରେ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା, ନାଗରିକମାନଙ୍କୁ ସଶକ୍ତ କରିବା ଏବଂ ଭାରତର ପ୍ରଗତିକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରସ୍ତାବିତ ବିଲ୍ ଅନ୍ତର୍ଭୁକ୍ତ ହେବ । ସେ ସମସ୍ତ ସଂସଦ ସଦସ୍ୟଙ୍କୁ ଏକ ଅର୍ଥପୂର୍ଣ୍ଣ ଏବଂ ଭଲ ଗୁଣବତ୍ତାପୂର୍ଣ୍ଣ ବିତର୍କ ପାଇଁ ଶୁଭକାମନା ଜଣାଇଥିଲେ।

## ନାବାଳିକାକୁ ବଳାତ୍କାର ଡ୍ରାଇଭର ଗିରଫ

ଲକ୍ଷ୍ନୌ: ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏକ ଘୃଣ୍ୟ ଅପରାଧ ସାମ୍ନାକୁ ଆସିଛି। ଏକ ବେସରକାରୀ ସ୍କୁଲର ଭ୍ୟାନ ଡ୍ରାଇଭର ୪ ବର୍ଷର ନାବାଳିକାକୁ ବଳାତ୍କାର କରିଥିବା ଜଣାପଡିଛି। ଅଭିଯୁକ୍ତ ଡ୍ରାଇଭର ଆରିଫଙ୍କୁ ଗିରଫ କରାଯାଇଛି। ଇନ୍ଦିରାନଗର ଥାନାର ଏସଏଚଓ ସୁନୀଲ କୁମାର ତିୱାରୀଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ଆରିଫ ନିଜେ ସ୍କୁଲ ସହ ଜଡ଼ିତ ଏକ ଭ୍ୟାନର ମାଲିକ। ସ୍କୁଲ ପରିଚାଳନା ବିସ୍ତୃତି ପ୍ରଶ୍ନରେ ତିୱାରୀ କହିଛନ୍ତି ଯେ, ବାଳିକାର ମାତା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଡ୍ରାଇଭର ବିଷୟରେ ସୂଚନା ଦେଇଥିଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଶୁକ୍ରବାର ଏହି ଘଟଣା ସମ୍ପର୍କରେ ଡ୍ରାଇଭର ଆରିଫ ଏବଂ ସ୍କୁଲ ମ୍ୟାନେଜର ସନ୍ଦୀପ କୁମାରଙ୍କ ବିରୋଧରେ ବିଭିନ୍ନ ଆଇନଗତ ଧାରା ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଏଘଟଣାକୁ ନେଇ ଅଭିଭାବକ ଏବଂ ପିଲାମାନେ ମଧ୍ୟ ଭୟଭୀତ ଅଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାବେଳେ ପୋଲିସ ଏହାର ତଦନ୍ତ ଜାରି ରଖୁଛି। ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରିବାର ଲୋକେ।

## ଢାକାରେ ବିମାନ ଦୁର୍ଘଟଣା: ୧୯ ମୃତ

ଢାକା : ସୋମବାର ବାଂଲାଦେଶରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବିମାନଟି ସଂପୂର୍ଣ୍ଣଭାବେ ଜଳିଯାଇଛି। ସୋମବାର ଅପରାହ୍ନ ୧.୩୦ରେ ଏହି ଅଘଟଣ ଘଟିଛି। ଏଥିରେ ୧୯ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରାରମ୍ଭିକ ଭାବେ ସୂଚନା ଦିଆଯାଇଛି। ଢାକାର ଉତ୍ତରାରେ



ଥିବା ଦିଆବାରୀ ଅଞ୍ଚଳରେ ବାଂଲାଦେଶ ବାୟୁସେନାର ଏଫ-୭ ତାଲିମ ପ୍ରଦାନକାରୀ ଏୟାରକ୍ରାଫ୍ଟଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବାଂଲାଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମାଇଲଷ୍ଟୋନ କଲେଜର ଉତ୍ତରା କ୍ୟାମ୍ପସରେ ଏହି ବିମାନଟି ପିଟି ହୋଇଥିବା କୁହାଯାଉଛି। ଦୁର୍ଘଟଣା ସଂପର୍କରେ ସୂଚନା ମିଳିବା ପରେ ବାଂଲାଦେଶ ସେନା କର୍ମଚାରୀ, ଅଗ୍ନିଶମବାହିନୀ ଓ ସିଭିଲ ଡିଫେନ୍ସର ୮ଟି ୟୁନିଟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବାୟୁସେନାର ଜଣେ ଅଧିକାରୀ କହିଛନ୍ତି ଯେ ମାଇଲଷ୍ଟୋନ କଲେଜରେ ଏହି ଦୁର୍ଘଟଣା ଘଟିବା ପରେ ତିନୋଟି ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେଉଁ କାରଣ ଯୋଗୁ ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହେଲା ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ବାଂଲାଦେଶ ସରକାର କହିଛନ୍ତି, ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ।

## ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ: ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ସଂସଦରେ ସଂସଦର ମୌସୁମୀ ଅଧିବେଶନରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ୧୪୫ ସାଂସଦଙ୍କ ଦସ୍ତଖତ ଥିବା ସ୍ମାରକପତ୍ର ଦିଆଯାଇଛି । ଏଥିରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ସୁପାରିଶ କରାଯାଇଛି । ସେହିପରି ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ବି ୫୪ ସାଂସଦଙ୍କ ସମର୍ଥନ ଥିବା ପତ୍ର ଦିଆଯାଇଛି । ଅପରାହ୍ନ ୨ରେ ବିରୋଧୀ ଦଳ ନେତା ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଥିଲେ ଓ ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ଜଣାଇ ପତ୍ର ଦେଇଥିଲେ । ଏହା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର କହିଥିଲେ ଯେ ୧୦୦ରୁ ଅଧିକ ସାଂସଦଙ୍କ ଦସ୍ତଖତ ହୋଇସାରିଛି। ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯିବା ଦରକାର ବୋଲି ଏହି ସାଂସଦମାନଙ୍କ ମତ ରହିଛି । ଲୋକସଭା ସାଂସଦଙ୍କୁ ଦିଆଯାଇଥିବା ପତ୍ରରେ ଦସ୍ତଖତ କରିଥିବା ସାଂସଦଙ୍କ ମଧ୍ୟରେ ଟିଡିପି, କଂଗ୍ରେସ, ଜେଡିୟୁ, ଜନସେନା ପାର୍ଟି, ଶିବସେନା, ସିପିଏମ୍ ନେତାଙ୍କ ସାମିଲ ଅଛନ୍ତି। ଏନସିପି-ଏସପିରୁ ସୁପ୍ରିଲା ସୁଲେ, ବିଜେପିରୁ ଅନୁରାଗ ଠାକୁର, ରବିଶଙ୍କର ପ୍ରସାଦ, ରାଜୀବ ପ୍ରତାପ ରୁଡ୍ଡି ଓ ପିପି ଚୌଧୁରୀ ପରି ନେତାଙ୍କ ଦସ୍ତଖତ ରହିଛି । ଏମାନଙ୍କ ବ୍ୟତୀତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ମହାଭିଯୋଗ ପ୍ରସ୍ତାବର ସମର୍ଥନ କରିଛନ୍ତି। ପାର୍ଟି ମହାସଚିବ କେସି ବେଣୁଗୋପାଳ ମଧ୍ୟ ଏଥିରେ ଦସ୍ତଖତ କରିଛନ୍ତି।

### ସଡ଼କ ବିପ୍ଳବକୁ ପ୍ରାଥମିକତା: ବିଷ୍ଣୁଦେବ

## ୩୭ଟି ସଡ଼କର କାର୍ଯ୍ୟରେ ଅଗ୍ରଗତି

ରାୟପୁର: ଛତିଶଗଡ ସରକାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏକ ବଡ଼ ଧରଣର ବିପ୍ଳବ ଆଣିଛନ୍ତି। ବିଶେଷ କରି ଯୋଗାଯୋଗକୁ ମଧ୍ୟମ କରି ଲୋକଙ୍କୁ ସହଜ ଓ ସୁବିଧାରେ ଯାତାୟତ କରିବା ପାଇଁ ଛତିଶଗଡ ସରକାର ସଡ଼କ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଜାତୀୟ ରାଜପଥର ବିକାଶ ପାଇଁ ୫୩୭୩ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ୧୮,୨୧୫କୋଟି ଟଙ୍କା ବ୍ୟୟରେ ୩୭ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ସେହିପରି ରାୟପୁର-ବିଶାଖାପାଟଣାମ୍ ଏବଂ ରାୟପୁର ଧାନବାଦ୍ ଅର୍ଥନୈତିକ କରିଡରକୁ



ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିବା ଶ୍ରୀ ସାଏ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ନେତୃତ୍ୱରେ ରାଜ୍ୟର ସଡ଼କ ନେଟ୍ୱର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତକୁ ଆଖି ଆଗରେ ରଖି ଏହି ସବୁ କାର୍ଯ୍ୟ କରାଯାଉଥିବା ଶ୍ରୀସାଏ କହିଛନ୍ତି। ଏଥିସହ ୧୧ଟି ସଡ଼କର ଡିପିଆର ପ୍ରସ୍ତୁତ କରାଯାଇଛି। ଜାତୀୟ ରାଜପଥରେ ୨୪,୬୯୩କୋଟି ଟଙ୍କା ବ୍ୟୟରେ ୧,୧୩୧ କିମି ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଉଛି। ଜାତୀୟ ରାଜପଥକୁ ଛାଡି ଦେଲେ ଭାରତ ସରକାର ଛତିଶଗଡ ପାଇଁ ୭୦ଟି ରାସ୍ତା ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ସିଆରଆଇଏଫ୍ ଯୋଜନା ଅଧିନରେ ୩,୮୨୬କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯିବ। ଏହି ସବୁ ରାସ୍ତା ପ୍ରକଳ୍ପରେ ରାୟପୁର, ବିଳାସପୁର, ଦୁର୍ଗ, ବସ୍ତର ଏବଂ ଜରବୁଜା ରହିଛି। ଟ୍ରାଫିକ ଯୋଗାଯୋଗକୁ ସୁବ୍ୟବସ୍ଥିତ କରିବା ପାଇଁ ୯୨କିମି ବିଶିଷ୍ଟ ରାୟପୁର-ଦୁର୍ଗ ବାଇପାସ୍ ନିର୍ମାଣ କରାଯାଉଛି। ଏଥିପାଇଁ ୨୨୮୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ସବୁଠୁ ଦୁଇଟି ପ୍ରମୁଖ ଅର୍ଥନୈତିକ କରିଡରକୁ ଛତିଶଗଡ ସରକାର ପ୍ରାଧାନ୍ୟ ଦେଇଛନ୍ତି। ରାୟପୁର-ବିଶାଖାପାଟଣାମ୍ କରିଡର ୧୨୪କିମି ଲମ୍ବ ହୋଇଥିବାବେଳେ ଏହା ୬ଟି ଲେନ୍ ଦେଇ ନିର୍ମାଣ କରାଯିବ। ସେହିପରି ରାଞ୍ଚି-ଧାନବାଦ ୧୫୭କିମି ୪ଲେନ୍ ରାସ୍ତାକୁ ମଧ୍ୟ ପ୍ରାଧାନ ଦିଆଯାଇଥିବା ଶ୍ରୀ ସାଏ କହିଥିଲେ।

# ବାଣିଜ୍ୟ

ମୁମ୍ବାଇ : ରିଲାଏନ୍ସ ଜିଓ ଏଫଡବ୍ଲୁଏ ବା ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ସେବା କ୍ଷେତ୍ରରେ ବିଶ୍ୱର ଏକ ନମ୍ବର କମ୍ପାନୀ ହୋଇଛି। ୭୪ ଲକ୍ଷରୁ ଅଧିକ ଗ୍ରାହକ ଜିଓର ଏଫଡବ୍ଲୁଏ ସେବା ସହିତ ଯୋଡି ହୋଇଛନ୍ତି, ଯାହା ବିଶ୍ୱରେ ସର୍ବାଧିକ। ରିଲାଏନ୍ସ ଜିଓ ଏବେ ଆମେରିକାର ଟି-ମୋବାଇଲ କମ୍ପାନୀକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ରିଲାଏନ୍ସ ଜିଓ ଏଫଡବ୍ଲୁଏ ଅର୍ଥାତ୍ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ଅଧୀନରେ ଜିଓଏୟାରଫାଇବର ସେବା ପ୍ରଦାନ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ କମ୍ପାନୀର ତ୍ରୈମାସିକ ଫଳାଫଳ ଘୋଷଣା ଅବସରରେ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଜିଓଏୟାରଫାଇବର ସହିତ ଜିଓଫାଇବର ମଧ୍ୟ ବେଶ ଭଲ ପ୍ରଦର୍ଶନ କରୁଛି। ଜିଓ ଦୁଇ କୋଟିରୁ ଅଧିକ ଘର ଓ ପରିସରକୁ ହାଇସ୍ପିଡ଼ ହୋମ ବ୍ରଡ଼ବ୍ୟାଣ୍ଡ ସଂଯୋଗ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କମ୍ପାନୀର ଆର୍ଥିକ ଫଳାଫଳ ନେଇ ଖୁସି ବ୍ୟକ୍ତ କରି କହିଛନ୍ତି ଯେ 'ଆମର ଡିଜିଟାଲ୍ ସେବା ବ୍ୟବସାୟ ନିର'ର ଦୃଢ଼ ଆର୍ଥିକ ଏବଂ ପରିଚାଳନାଗତ ପ୍ରଦର୍ଶନ ସହିତ ଏହାର ବଜାର ସ୍ଥିତିକୁ ଆହୁରି ମଜବୁତ କରିଛି।

## ଓଡ଼ିଶାରେ 'ସ୍ମାର୍ଟ' ଟ୍ୟାଙ୍କ୍ ଲଞ୍ଚ କଲା ସିନ୍‌ଟେକ୍ସ

ନୂଆଦିଲ୍ଲୀ: ଓଡ଼ିଶା ମାର୍କେଟରେ ପ୍ରବେଶ କଲା ସିନ୍‌ଟେକ୍ସର ସ୍ମାର୍ଟ ଟ୍ୟାଙ୍କ। ଭାରତୀୟ ପରିବାରର ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରାଥମିକତା ଦେଉଥିବା ୧୦୦% ଫୁଡ୍ ଗ୍ରେଡ୍ ଭର୍ଜନ୍ ପ୍ଲାଷ୍ଟିକ୍ରୁ ପ୍ରସ୍ତୁତ ଏକ ଅଭିନବ ସିନ୍‌ଟେକ୍ସ 'ସ୍ମାର୍ଟ' ଟ୍ୟାଙ୍କ୍ ଓଡ଼ିଶାରେ ଆରମ୍ଭ କରିଛି। ବଜାରରେ ସୁଲଭ ମୂଲ୍ୟରେ ପ୍ରଚୁର ପରିମାଣର ପ୍ଲାଷ୍ଟିକ୍ ଟ୍ୟାଙ୍କ ଉପଲବ୍ଧ, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ପୁନଃଚକ୍ରିତ ପ୍ଲାଷ୍ଟିକରୁ ତିଆରି, ଯାହା ସୁରକ୍ଷାକୁ ବିପଦରେ ପକାଇପାରେ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ସାଧାରଣତଃ କ୍ରେତାମାନେ ପାଣି ଟାଙ୍କି କିଣିବା ସମୟରେ ଏହାର ମୂଲ୍ୟ, ରଙ୍ଗ କିମ୍ବା ବ୍ରାଣ୍ଡକୁ ବିଚାରକୁ ନିଅନ୍ତି। ନୂତନ ଉତ୍ପାଦ ଲଞ୍ଚ ବିଷୟରେ କହିବାକୁ ୱେଲସ୍ପନ୍ ବିଏପିଏଲ୍ ଲିମିଟେଡ୍‌ର ଏମ୍‌ଡି ଏବଂ ସିନ୍‌ଟେକ୍ସ ନିର୍ଦ୍ଦେଶକ ଯଶୋବର୍ଦ୍ଧନ ଅଗ୍ରୱାଲ କହିଛନ୍ତି, 'ସିନ୍‌ଟେକ୍ସରେ, ଆମେ ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଦୃଢ଼ ଧ୍ୟାନ ଦେଇ



ଅଭିନବ ଏବଂ ସ୍ଥାୟୀ ୱାଟର ଷ୍ଟୋରେଜ୍ ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସିନ୍‌ଟେକ୍ସ 'ସ୍ମାର୍ଟ' ଟ୍ୟାଙ୍କ ଜଳ ସୁରକ୍ଷା, ବିଶୁଦ୍ଧତା ଏବଂ ପରିଚ୍ଛନ୍ନତା ସମ୍ପର୍କରେ ବଢୁଥିବା ଚିନ୍ତାକୁ ଦୂର କରେ, ଯାହା ପରିବାରର ସାମଗ୍ରିକ ସ୍ୱାସ୍ଥ୍ୟକୁ ବୃଦ୍ଧି କରେ। ସ୍ମାର୍ଟ ଟ୍ୟାଙ୍କରେ ଏକ ଅନନ୍ୟ ଉଚ୍ଚ ଡିଜାଇନ୍ ଅଛି ଯାହା ପ୍ରଭାବଶାଳୀ ଭାବରେ ସ୍ଥାନର ଉପଯୋଗ କରେ, କମ ଜାଗା ବ୍ୟବହାର କରି ସାମଗ୍ରିକ ସଂରକ୍ଷଣ କ୍ଷମତାକୁ ବୃଦ୍ଧି କରେ। ଏହା ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସ୍ଥାନ ଅପ୍ଟିମାଇଜେସନ୍କୁ ଗୁରୁତ୍ୱ ଦେଉଥିବା ଆପାର୍ଟମେଣ୍ଟ, କମ୍ପାକ୍ଟ ଘର, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟଗୁଡ଼ିକ ପାଇଁ ବିଶେଷ ଭାବରେ ଲାଭଦାୟକ କରିଥାଏ। ସ୍ମାର୍ଟ' ମାଧ୍ୟମରେ, ସିନ୍‌ଟେକ୍ସ ଜଳବାହିତ ରୋଗକୁ ରୋକିବାରେ ନିରାପଦ ଏବଂ ସ୍ୱଚ୍ଛ ଜଳ ଦ୍ୱାରା ନିର୍ବାହିତ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ଦୃଢ଼ କରିଥାଏ ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ଆହୁରି ପ୍ରୋତ୍ସାହିତ କରିଥାଏ ଏବଂ ଏହା ଜଳ ଟାଙ୍କି ବିଷୟରେ ଆଲୋଚନାକୁ କେବଳ ଶକ୍ତି ଏବଂ ସ୍ଥାୟୀତ୍ୱରୁ 'ନିରାପଦ' ଟାଙ୍କିକୁ ସ୍ଥାନାନ୍ତରିତ କରିବାକୁ ଚାହୁଁଛି ଯାହା ପୁନଃଚକ୍ରିତ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟ ବିପଦରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। 'ସ୍ମାର୍ଟ' ଟ୍ୟାଙ୍କ ଏବେ ସମଗ୍ର ଓଡ଼ିଶାରେ ସିନ୍‌ଟେକ୍ସ ବ୍ୟାପକ ଡିଲର ନେଟୱାର୍କ ମାଧ୍ୟମରେ କ୍ରୟ ପାଇଁ ଉପଲବ୍ଧ, ଯାହା ବିଶ୍ୱସ୍ତ ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟକର ଙ୍ଗବ-ସ୍ତରକ୍ସ ସ୍ୱସ୍ଥକ୍ଟକ୍ସବଶର ଆପଣଙ୍କ ନିକଟକୁ ଆଣୁଛି। 'ସ୍ମାର୍ଟ' ଟ୍ୟାଙ୍କ ୫୦୦ ଲିଟର, ୭୫୦ ଲିଟର ଏବଂ ୧୦୦୦ ଲିଟର କ୍ଷମତାରେ ଉପଲବ୍ଧ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ

ବାଲେଶ୍ୱର (ଭାସ୍କର ନ୍ୟୁଜ) : ପୂରଣ ହେଲା ସାଧାରଣ ଲୋକଙ୍କ ଦାବି। ଦୂର ହେଲା ଲୋ-ଭୋଲ୍‌ଟେଜ୍ ସମସ୍ୟା। ଲୋକଙ୍କ ପାଇଁ ଲୋ-ଭୋଲ୍‌ଟେଜ୍ ଏକ ଗୁରୁତର ସମସ୍ୟା ଦୀର୍ଘ ଦିନ ହେଲା ରହି ଆସିଥିବାବେଳେ ଏହାର ସ୍ଥାୟୀ ସମାଧାନ କରିଛି ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। ଟିପିଏନଓଡିଏଲ ପକ୍ଷରୁ ଲୋ-ଭୋଲଟେଜ୍ ସମସ୍ୟା ଥିବା ବିଭିନ୍ନ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର



ସ୍ଥାପନ କରାଯାଇଛି। କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳର ଥିବା ୧୦୦ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ବିଦ୍ୟାଧରପୁର ଅଞ୍ଚଳର ୬୩ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରର କ୍ଷମତାକୁ ୧୦୦ କେଭିଏକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବାରିପଦା ଅନ୍ତର୍ଗତ ରଘୁନାଥପୁରରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଭଦ୍ରକ ସାଉଥ ଡିଭିଜନ ଅନ୍ତର୍ଗତ ଆଖୁଆପଦାରେ ୧୦୦ କେଭି ବିଦ୍ୟୁତ ଟ୍ରାଂସଫରମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି। ସେହିପରି ରାଇରାଙ୍ଗପୁର ଡିଭିଜନ ଅନ୍ତର୍ଗତ ଉପରବେଡ଼ା ଓ କଣ୍ଡାବର୍ଣିରେ ଦୁଇଟି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯିବା ସହ କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ୨୫୦ କେଭିକୁ ବୃଦ୍ଧି କରାଯାଇଛି। ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପର୍ଣ୍ଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲଟେଜ ସମସ୍ୟାଦୂର କରିବାରେ ସକ୍ଷମ ହେବ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ବହୁ ଦିନର ସମସ୍ୟା ମଧ୍ୟ ଦୂର ହେବ। ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡିକରେ ଅନେକ ପରିବର୍ତ୍ତନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ବିଦ୍ୟୁତ ସେବା ବିତରଣ ଜିଲ୍ଲାଗୁଡିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରୁଛି।

## ରାଞ୍ଚିରେ ସ୍ୱୟଂ ସମ୍ପୂର୍ଣ୍ଣ ସମନ୍ୱିତ ନିଦାନ କେନ୍ଦ୍ର ଉଦ୍‌ଘାଟିତ

ରାଞ୍ଚି : ଭାରତରେ ଦ୍ରୁତଗତିରେ ବଢ଼ି ଚାଲିଥିବା ନିଦାନ କେନ୍ଦ୍ର କ୍ରମରେ, ନ୍ୟୁବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ କେନ୍ଦ୍ର ରାଞ୍ଚିରେ ତାର ପ୍ରଥମ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ର ଆରମ୍ଭ କରିଛି, ଏଥିରେ ସହରର ପ୍ରଥମ ଉନ୍ନତ ପିଇଟି-ସିଟି ସ୍କାନର ଉପଲବ୍ଧ ରହିଛି। ନ୍ୟୁବର୍ଗ ଡାଇଗ୍ନୋଷ୍ଟିକ୍ସ କୋଲକାତାର ପଲ୍ସ ଗ୍ରୁପ୍ ସହିତ ସହଭାଗିତାରେ ପୂର୍ବ ଭାରତରେ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବ ରାଜ୍ୟରେ ନିଜର ସ୍ଥିତି ମଜବୁତ କରିବା ପାଇଁ ଏଭଳି ମିଳିତ ପଦକ୍ଷେପ ନେଇଛି। ମହେନ୍ଦ୍ର ସିଂହ ଧୋନି ଏହି କେନ୍ଦ୍ର ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ନ୍ୟୁବର୍ଗ ଡାଇଗ୍ନୋଷ୍ଟିକ୍ସ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡା. ଜି.ଏସ୍.କେ. ବେଲୁ, ନ୍ୟୁବର୍ଗ ଡାଇଗ୍ନୋଷ୍ଟିକ୍ସ ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶିକା ସୁନିତା ବିହାନି, ନ୍ୟୁବର୍ଗ ପଲ୍ସ ଏବଂ ରାଜ୍ୟ ତଥା ସମଗ୍ର ଭାରତର ବହୁସଂଖ୍ୟାରେ ଡାକ୍ତର ଏବଂ ବିଶେଷଜ୍ଞ ପ୍ରମୁଖ ଯୋଗ ଦେଇଥିଲେ। ରାଞ୍ଚିର ନ୍ୟୁବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ ସେଣ୍ଟର ହର୍ମୁ କଲୋନିସ୍ଥିତ ମହେନ୍ଦ୍ର ସିଂହ ଧୋନିଙ୍କର ପୁରୁଣା ବାସଭବନରେ ସ୍ଥାପନ କରାଯାଇଛି, ଯେଉଁଠି ସେ ଅତୀତରେ ପରିବାର ସହିତ ରହୁଥିଲେ। ଏହି କେନ୍ଦ୍ର ଗୋଟିଏ ଛାତ ତଳେ ସମସ୍ତ ପ୍ରକାରର ନିଦାନ ସୁବିଧା ପ୍ରଦାନ କରିଥାଏ, ଯେଉଁଥିରେ ପାଥୋଲୋଜି, ରେଡିଓଲୋଜି, ନ୍ୟୁକ୍ଲିୟର ମେଡିସିନ, କାର୍ଡିଓଲୋଜି, ଗେଷ୍ଟ୍ରୋଏଣ୍ଟରୋଲୋଜି, ଏବଂ ପ୍ରିଭେଣ୍ଟିଭ୍



ହେଲ୍ଥ ସର୍ଭିସ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। ଏହି କେନ୍ଦ୍ର ୬,୦୦୦ରୁ ଅଧିକ ସାଧାରଣ ଏବଂ ସୁପର-ସ୍ପେଶାଲିଟି ପରୀକ୍ଷଣର ସୁବିଧା ପ୍ରଦାନ କରିଥାଏ, ଯେଉଁଥିରେ ଏମ୍‌ଆର୍ଆଇ, ସିଟି, ପିଇଟି-ସିଟି, ଡିଜିଟାଲ ଏବଂ ପୋର୍ଟେବଲ ଏକ୍ସ-ରେ, ଆଲ୍ଟ୍ରାନ୍ସଡ ସୋନୋଗ୍ରାଫି, ଏଣ୍ଡୋସ୍କୋପି, କଲୋନୋସ୍କୋପି, ୪ଡି ଅଲଟ୍ରାସାଉଣ୍ଡ, ମାମୋଗ୍ରାଫି, ୨ଡି ଇକୋ, ଇସିଜି, ଇଇଜି, ଇଏମ୍‌ଜି ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ବିଶେଷଜ୍ଞ ଡାକ୍ତର, କଠୋର ଗୁଣବତ୍ତାଯୁକ୍ତ ଆଚରଣ ବ୍ୟବସ୍ଥା, ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ କରିବା ସହିତ ଏହି କେନ୍ଦ୍ର ସଠିକ ଫଳାଫଳ ସୁନିଶ୍ଚିତ କରିଥାଏ। ଏଥିସହିତ ଏଥିରେ ଅତିରିକ୍ତ ସେବା ଭାବେ ସମଗ୍ର ରାଞ୍ଚିରେ ଘରୁ ନମୁନା ସଂଗ୍ରହ, ସ୍ୱାସ୍ଥ୍ୟ ପରୀକ୍ଷା ପ୍ୟାକେଜ, ପର୍ସନାଲାଇଜ୍ଡ ଜିନୋମିକ୍ସ, ସମ୍ପୂର୍ଣ୍ଣ ଶରୀରର ଏମ୍‌ଆର୍ଆଇ ସ୍ୱାସ୍ଥ୍ୟ ପରୀକ୍ଷା, ଡିଜିଟାଲ୍ ସ୍ମାର୍ଟ ରିପୋର୍ଟ ଏବଂ ପରାମର୍ଶ ସହଯୋଗ ଅନ୍ତର୍ଭୁକ୍ତ କରାଯାଇଛି। ଡା. ଜି.ଏସ୍.କେ. ବେଲୁ କହିଛନ୍ତି, 'ନ୍ୟୁବର୍ଗ ପଲ୍ସର ବିଶ୍ୱସ୍ତରୀୟ ଏହି ସମନ୍ୱିତ ନିଦାନ କେନ୍ଦ୍ରର ଶୁଭାରମ୍ଭ କରିବା ସହିତ ଆମେ ଝାଡ଼ଖଣ୍ଡବାସୀଙ୍କ ପାଇଁ ନିୟମିତ ପ୍ରତିଷେଧକମୂଳକ ପରୀକ୍ଷାଠାରୁ ଆରମ୍ଭ କରି ଉନ୍ନତ ପାଥୋଲୋଜି ଏବଂ ରେଡିଓଲୋଜି ସେବା ସୁଲଭ ମୂଲ୍ୟରେ ପ୍ରଦାନ କରୁଛୁ। ସୁନିତା ବିହାନି, ସିଇଓ ଏବଂ ଏମ୍‌ଡି, ନ୍ୟୁବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ୍ସ କହିଛନ୍ତି, 'ରାଞ୍ଚିରେ ଆମର ସମନ୍ୱିତ ନିଦାନ କେନ୍ଦ୍ର ସ୍ଥାପନା ପୂର୍ବ ଭାରତରେ ଆମର ବିସ୍ତୃତ ଦୃଷ୍ଟିକୋଣର ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ।' ମହେନ୍ଦ୍ର ସିଂହ ଧୋନି କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି, ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଯେ, ମୁଁ ଯେଉଁଠାରେ ଦିନେ ମୋର ଯାତ୍ରା ଆରମ୍ଭ କରିଥିଲି, ସେଠାରେ ବର୍ତ୍ତମାନ ଗୋଟିଏ ଉନ୍ନତ ନିଦାନ କେନ୍ଦ୍ର ପ୍ରତିଷ୍ଠା ହୋଇଛି।

## ଆଦାନୀ ପୋର୍ଟସ ଏବଂ ଏସ୍‌ଇଜେଡ୍ ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ

ନୂଆଦିଲ୍ଲୀ: ପୂର୍ବ ଭାରତର ଅଗ୍ରଣୀ ବନ୍ଦର ଲଜିଷ୍ଟିକ୍ସ କମ୍ପାନୀ, ଆଦାନୀ ପୋର୍ଟସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏପିଏସ୍‌ଇଜେଡ୍) ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ 'ଟୁଗେଦର୍ସ ଟୁୱାର୍ଡସ ଟୁମୋରୋ' ଶୀର୍ଷକ ଉପରେ ପର୍ଯ୍ୟବେକ୍ଷିତ ଥିଲା। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ଼ ରାଜ୍ୟରୁ




ପୋର୍ଟକୁ ସହଯୋଗ କରୁଥିବା ସମନ୍ୱିତ ମଲ୍ଟି-ମୋଡାଲ ଲଜିଷ୍ଟିକ୍ କମ୍ପାନୀ, ରେଳବାଇ, ଟ୍ରକ୍ ନେଟ୍ୱର୍କ ପ୍ରମୁଖ ନୌବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ, ଗୋପାଳପୁର ପୋର୍ଟ ଏବଂ ହଳଦିଆ ଟର୍ମିନାଲର ମିଳିତ ଶକ୍ତିକୁ ପ୍ରଦର୍ଶିତ କରିଥିଲା । ଧାମରା ପୋର୍ଟ ୫୦ ଏମ୍‌ଏମ୍‌ଟିପିଏ ରୁ ୨୦୩୦ ଏବଂ ୨୦୪୦ ସୁଦ୍ଧା ଯଥାକ୍ରମେ ୧୦୦ ଏମ୍‌ଏମ୍‌ଟିପିଏ ୨୦୦ ଏମ୍‌ଏମ୍‌ଟିପିଏ, ଗୋପାଳପୁର ପୋର୍ଟ ୨୫ ଏମ୍‌ଏମ୍‌ଟିପିଏ, ନଭେମ୍ବର ୪ ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ହଳଦିଆ ଟର୍ମିନାଲ ୪ ଏମ୍‌ଏମ୍‌ଟିପିଏ ବନ୍ଦରଗୁଡ଼ିକ ମିଳିତ ଭାବରେ ବାର୍ଷିକ ୧୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟିପିଏ) ବ୍ୟବସାୟ ପରିଚାଳନା ବ୍ୟବସାୟିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଧାମରା ଏବଂ ଗୋପାଳପୁର ପୋର୍ଟର କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଯୋଜନା କରାଯାଇଥିବା ଆଦାନୀ ଗ୍ରୁପ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ନିବେଶ ବିଷୟରେ ପୋର୍ଟ ସହ ପ୍ରତ୍ୟେକ୍ଷ ଭାବେ ବାଣିଜ୍ୟ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଅବଗତ କରାଯାଇଥିଲା । ଏହି ସମ୍ମିଳନୀରେ ଗ୍ରାହକ ଓ ନୌବାଣିଜ୍ୟିକ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ଯାହା ଏପିଏସ୍‌ଇଜେଡ୍ର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପୁନରାବୃତ୍ତି କରିଥିଲା । ଏକତ୍ର ଭାବେ ଆମେ ପୂର୍ବ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶକୁ ଆଗେଇ ନେବାର ଲକ୍ଷ୍ୟ ରଖିଥିବା କାର୍ଯ୍ୟକ୍ରମରେ କୁହାଯାଇଥିଲା । ଟାଟା ଷ୍ଟିଲ, ରୁଙ୍ଗଟା ମାଇନ୍ସ, ରଶ୍ମି ମେଟାଲିକ୍ସ, ଷ୍ଟିଲ ଅଥୋରିଟୀ ଅଫ୍ ଇଣ୍ଡିଆ, ଟ୍ୟାନ୍ଲିଡ଼କ୍ସ, ବେଦାନ୍ତ ଆଲୁମିନା, ଜିନ୍ଦଲ୍, ବେଙ୍ଗଲ ଏନର୍ଜୀ ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । 'କନେକ୍ଟ ୨.୦' ସିରିଜ୍ର ଲକ୍ଷ୍ୟ ହେଉଛି ସହଯୋଗକୁ ପ୍ରୋତ୍ସାହିତ କରିବା, ଅଭିବୃଦ୍ଧି ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଏବଂ ଗ୍ରାହକ ସନ୍ତୁଷ୍ଟି ପାଇଁ ଏପିଏସ୍‌ଇଜେଡ୍ର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ।

## ଇଣ୍ଡିକ୍ୟୁବସ୍ପେସେସର ଇନିସିଆଲ ପବ୍ଲିକ ଅଫରିଂ ୨୩ରେ ଖୋଲିବ

ନୂଆଦିଲ୍ଲୀ: ଇଣ୍ଡିକ୍ୟୁବସ୍ପେସେସ ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ୨୦୨୫ ଜୁଲାଇ ୨୩ ବୁଧବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଇସ୍ୟୁର ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ଜୁଲାଇ ୨୨, ମଙ୍ଗଳବାର ଦିନ ବିଡ ଦାଖଲ କରିପାରିବେ। ବିଡ ଦାଖଲ କରିବାର ଶେଷ ତାରିଖ ହେଉଛି ୨୦୨୫ ଜୁଲାଇ ୨୫ ଶୁକ୍ରବାର। ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ ୨୨୫ ଟଙ୍କାରୁ ୨୩୭ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୬୩ଟି ଇକ୍ୱିଟିସେୟାରର ବିଡ ଦାଖଲ କରିପାରିବେ ଏବଂ ପରବର୍ତୀ ସମୟରେ ସେଥିରେ ୬୩ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ। ଭାରତୀୟ ପ୍ରତିଭୂତି ଓ ବିନିମୟବୋର୍ଡ (ସେବି) ନିୟମ ଅନୁସାରେଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ମାନଙ୍କ ଲାଗି ସଂରକ୍ଷିତ ରଖାଯିବ । ତାହାର ୬୦ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ଆଙ୍କର ନିବେଶକଙ୍କୁ ଦିଆଯାଇପାରିବ । ସେଥିରୁ ଏକ ତୃତୀୟାଂଶଇକ୍ୱିଟିସେୟାରଘରୋଇମ୍ୟୁଚୁଆଲ ଫଣ୍ଡ ଲାଗିସଂରକ୍ଷିତରହିବ । କମ୍ପାନିର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଂଜ ଲିମିଟେଡରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି।

## ଏସ୍‌ବିଆଇକୁ 'ବିଶ୍ୱର ଶ୍ରେଷ୍ଠ ଉପଭୋକ୍ତା ବ୍ୟାଙ୍କ'ମାନ୍ୟତା

ନୂଆଦିଲ୍ଲୀ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ଗ୍ଲୋବାଲ ଫାଇନାନ୍ସ ପତ୍ରିକା ପକ୍ଷରୁ ୨୦୨୫ ପାଇଁ ବିଶ୍ୱର ଶ୍ରେଷ୍ଠ ଉପଭୋକ୍ତା ବ୍ୟାଙ୍କ ମାନ୍ୟତା ପ୍ରଦାନ କରାଯାଇଛି। ସାରା ବିଶ୍ୱର କର୍ପୋରେଟ ଫାଇନାନ୍ସ ଏକଜିକ୍ୟୁଟିଭ, ଆନାଲିଷ୍ଟ ଓ



ବ୍ୟାଙ୍କରମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ କରାଯାଇଥିବା ବ୍ୟାପକ ଗବେଷଣାର ଅନୁଶୀଳନ ଆଧାରରେଏହି ମାନ୍ୟତା ପ୍ରଦାନ କରାଯାଇଛି। ଆଇଏମଏଫ/ବିଶ୍ୱ ବ୍ୟାଙ୍କ ବାର୍ଷିକ ବୈଠକ ଉପଲକ୍ଷେ ୨୦୨୫ ଅକ୍ଟୋବର ୧୮ରେ ୱାସିଂଟନରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବିଶ୍ୱ ଶ୍ରେଷ୍ଠ ବ୍ୟାଙ୍କ କାର୍ଯ୍ୟକ୍ରମରେ ଏସବିଆଇ ଅଧ୍ୟକ୍ଷ ସିଏସ ସେଟ୍ଟିଙ୍କୁ ଗ୍ଲୋବାଲ ଫାଇନାନ୍ସ ପତ୍ରିକା ପକ୍ଷରୁଏହି ପୁରସ୍କାର ପ୍ରଦାନ କରାଯିବ।ଏହି ଅବସରରେ ଏସବିଆଇର ଅଧ୍ୟକ୍ଷ ସିଏସ ସେଟ୍ଟି କହିଛନ୍ତି ଯେ, 'ଅତୁଟ ବିଶ୍ୱାସ ପାଇଁ ଆମେ ଆମର ସମସ୍ତ ସମ୍ମାନନୀୟ ଗ୍ରାହକ, କର୍ମଚାରୀ ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛୁ। ଏହି ବିଶ୍ୱସ୍ତରୀୟ ମାନ୍ୟତା ନବସୃଜନ, ଅନ୍ତର୍ଭୁକ୍ତୀକରଣ ଓ ଉତ୍କର୍ଷସହ ୫୨ କୋଟିରୁ ଅଧିକଗ୍ରାହକଙ୍କୁ ସେବା କରିବା ଏବଂ ସାରା ଦେଶରକୋଣ ଅନୁକୋଣରେ ବିଶ୍ୱସ୍ତରୀୟ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବା ପାଇଁ ଏସବିଆଇର ପ୍ରତିବଦ୍ଧତାକୁ ଦୋହରାଉଛି।



ଚେନ୍ନାଇ: ଭାରତର ମହାନ ସ୍ପିନର ହରଭଜନ ସିଂ ତାଙ୍କ ପ୍ରଦର୍ଶନ ନେଇ ଯେତେ ଚର୍ଚ୍ଚାରେ ରହି ନଥାନ୍ତି ତାଠାରୁ ବିବାଦ ଘେର ମଧ୍ୟରେ ଅଧିକ ରହିଆସିଛନ୍ତି। ନିକଟରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ପୋଡକାଷ୍ଟରେ ହରଭଜନ ସିଂ ତାଙ୍କ ଜୀବନର ଏକ ଘଟଣାକୁ ସମ୍ପୂର୍ଣ୍ଣ ଭାବେ ଲିଭେଇ ଦେବାକୁ ଚାହାନ୍ତି ବୋଲି କହିଥିଲେ। ୨୦୦୮ ଆଇପିଏଲରେ ହରଭଜନ ବିପକ୍ଷ ଦଳର ଏସ.ଶ୍ରୀସନ୍ଥଙ୍କୁ ଚାପୁଡ଼ା ମାରିଥିଲେ। ଏହି ଘଟଣା ସେତେବେଳେ ବେଶ ହଲଚଲ ସୃଷ୍ଟି କରିଥିଲା। ଏ ନେଇ କ୍ରିକେଟପ୍ରେମୀଙ୍କ ଠାରୁ ହରଭଜନଙ୍କୁ ମଧ୍ୟ କ୍ରୋଧର ଶିକାରରେ ପଡିଥିଲେ। ଯାହାଫଳରେ ବିସିସିଆଇ ତାଙ୍କୁ ବାକିତକ ମ୍ୟାଚରୁ ସସପେଣ୍ଡ କରିଥିଲା। ପରେ ଅବଶ୍ୟ ଏ ନେଇ ହରଭଜନ କ୍ଷମା ପ୍ରାର୍ଥନା କରିଥିଲେ। ଅଶ୍ୱିନଙ୍କୁ ସେ କହିଥିଲେ ମୁଁ ୨୦୦ରୁ ଊର୍ଦ୍ଧ୍ୱ ଥର କ୍ଷମା ମାଗି ସାରିଲିଣି। ଏ ବିଷୟ ନେଇ ମୁଁ ବହୁତ ଚିନ୍ତିତ। ଶ୍ରୀସନ୍ଥ ବି ଏହାକୁ ଭୁଲି ସାରିଲେଣି, କିନ୍ତୁ ମୋ ମନରୁ ଏହି ଘଟଣା ଲିଭୁ ନାହିଁ। ଏକ କାର୍ଯ୍ୟକ୍ରମରେ ହରଭଜନ ଶ୍ରୀସନ୍ଥଙ୍କ ଝିଅ ସହିତ କଥା ହେବାକୁ ଚାହିଁଥିଲି। କିନ୍ତୁ ଶ୍ରୀସନ୍ଥଙ୍କ ଝିଅ ଏହାକୁ ପ୍ରତ୍ୟାଖାନ କରିଦେଇଥିଲେ। ସେ କହିଥିଲେ କଥା ହେବିନି, ଆପଣ ମୋ ପାପାଙ୍କୁ ମାରିଥିଲେ। ତାଙ୍କୁ ବୁଝାଇ ନ ପାରିବା ମୋତେ ବ୍ୟଥିତ କରିଥିଲା। ଯଦି ଭଗବାନ ମୋତେ ସୁଯୋଗ ଦେବେ ତେବେ ଏହି ଘଟଣା ମନରୁ ଡିଲିଟ କରିଦେବି ବୋଲି ସେ ହସି କରି କହିଥିଲେ।



# ଭାରତ ଆୟୋଜନ କରିବ ୨୦୨୫ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ: ଭାରତ ଆୟୋଜନ କରିବ ୨୦୨୫ ଚେସ୍ ବିଶ୍ୱକପ୍। ଅକ୍ଟୋବର ୩୦ରୁ ନଭେମ୍ବର ୨୭, ୨୦୨୫ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ମର୍ଯ୍ୟାଦାସମ୍ପନ୍ନ ଟାଇଟଲ୍ ଏବଂ ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ଯୋଗ୍ୟତା ଅର୍ଜନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୫ ଚେସ୍ ବିଶ୍ୱକପରେ ୨୦୬ ଜଣ ଖେଳାଳି ନକ୍‌ଆଉଟ୍ ଫର୍ମାଟରେ ଅଂଶଗ୍ରହଣ କରିବେ। ଏହି ଫର୍ମାଟରେ ପ୍ରତ୍ୟେକ ରାଉଣ୍ଡରେ ହାରିଥିବା ଖେଳାଳି ବାହାରି ଯାଆନ୍ତି, ଯାହା ଏକ ଅଣଧାର୍ଯ୍ୟ ଓ ରୋମାଞ୍ଚକର ପ୍ରତିଯୋଗିତା ସୃଷ୍ଟି କରେ। ୨୦୨୧ ମସିହାଠାରୁ ଏହି ଟୁର୍ଣ୍ଣାମେଣ୍ଟ ଏକକ ନିର୍ମୂଳନ (ସିଙ୍ଗଲ୍ ଏଲିମିନେସନ) ଫର୍ମାଟ ଅନୁସରଣ କରୁଛି। ପ୍ରତ୍ୟେକ ରାଉଣ୍ଡ ତିନି ଦିନ ଧରି ଚାଲେ: ପ୍ରଥମ ଦୁଇ ଦିନରେ ଦୁଇଟି କ୍ଲାସିକାଲ୍ ଗେମ୍ ଏବଂ ଆବଶ୍ୟକ ହେଲେ ତୃତୀୟ ଦିନରେ ଟାଇ-ବ୍ରେକ୍। ପ୍ରଥମ ରାଉଣ୍ଡରେ ଶୀର୍ଷ ୫୦ ଜଣ ଖେଳାଳି ବାଇ (ଭଇର) ପାଆନ୍ତି, ଆଉ ୫୧ରୁ ୨୦୬ ପର୍ଯ୍ୟନ୍ତ ସ୍ଥାନ ପାଇଥିବା ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ଯେଉଁଠାରେ ଶୀର୍ଷ ଅର୍ଦ୍ଧାଂଶ ଖେଳାଳିଙ୍କ ସହ ବିପରୀତ କ୍ରମରେ ନିମ୍ନ ଅର୍ଦ୍ଧାଂଶର ଖେଳାଳିଙ୍କୁ ଯୋଡ଼ା ଯାଇଥାଏ। ୨୦୨୫ ବିଶ୍ୱକପ୍‌ର ଶୀର୍ଷ ତିନି ଜଣ ଖେଳାଳି ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ, ଯାହା ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ର ଚ୍ୟାଲେଞ୍ଜର ନିର୍ଦ୍ଧାରଣ କରେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ବିଶେଷ ଭାବେ ଉତ୍ସାହଜନକ। ଭାରତ ଚେସ୍ ଜଗତରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି, ଯେଉଁଥିରେ ପାଞ୍ଚଥର ବିଶ୍ୱ ଚାମ୍ପିଅନ ତଥା ଫିଡେ ଡେପୁଟି ପ୍ରେସିଡେଣ୍ଟ ବିଶ୍ୱନାଥନ ଆନନ୍ଦଙ୍କର ପ୍ରୟାସ ଓ ଉତ୍ତରାଧିକାର ଦେଶରେ ଚେସ୍‌କୁ ଜନପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତର ଯୁବ ତାରକାମାନେ ମଧ୍ୟ ଚମକ ଦେଖାଉଛନ୍ତି। ଗୁକେଶ ଡୋମ୍ମାରାଜୁ ୧୮ ବର୍ଷ ବୟସରେ ସବୁଠାରୁ କମ୍ ବୟସ୍କ ଫିଡେ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଛନ୍ତି। ପ୍ରଜ୍ଞାନନ୍ଦ ଆର୍ ୨୦୨୩ ବିଶ୍ୱକପ୍‌ରେ ରନର୍ସ-ଅପ୍ ହାସଲ କରିଥିଲେ, ଆଉ ଅର୍ଜୁନ ଏରିଗାଇସି ବର୍ତ୍ତମାନ ବିଶ୍ୱରେ ପାଞ୍ଚ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୪ରେ ଭାରତୀୟ ଓପନ ଓ ମହିଳା ଦଳ ଚେସ୍ ଓଲିମ୍ପିଆଡରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଏହା ସହିତ ଗୁକେଶ, ଏରିଗାଇସି, ଦେଶମୁଖ ଓ ଅଗ୍ରୱାଲ ଚାରିଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ, କୋନେରୁ ହମ୍ପୀ ୨୦୨୪ ଫିଡେ ମହିଳା ରାପିଡ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ବୈଶାଳୀ ରମେଶବାବୁ ୨୦୨୪ ଫିଡେ ମହିଳା ବ୍ଲିଟ୍ଜ ଚାମ୍ପିଅନସିପରେ କାଂସ୍ୟ ପଦକ ଜିତିଥିଲେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ଦେଶର ଚେସ୍ ପ୍ରତିଭାଙ୍କୁ ବିଶ୍ୱ ମଞ୍ଚରେ ଆହୁରି ଆଲୋକିତ କରିବ ବୋଲି ଆଶା କରାଯାଉଛି।

## ଟେନିସ୍‌କୁ ଫେରିବେ ଭେନସ୍ ୱିଲିୟମ

ୱାଶିଂଟନ: ଭେନସ ୱିଲିୟମ ଟେନିସ ଜଗତକୁ ଏକ ବର୍ଷରୁ ଅଧିକ ସମୟ ପରେ ପୁଣି ପ୍ରତ୍ୟାବର୍ତ୍ତନ କରିବେ। ସେ ଡିସି ଓପନରେ ଖେଳିବାକୁ ଯାଉଛନ୍ତି। ଏହି ଅବସରରେ ସେ କହିଛନ୍ତି, ତାଙ୍କ ସାନ ଭଉଣୀ ଯଦି ଅବସରରୁ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ସେ ଖୁସି ହେବେ। ୪୩ ବର୍ଷୀୟା ସେରେନା ୨୦୨୨ ୟୁଏସ୍ ଓପନ ପରଠାରୁ ଆଉ ଖେଳି ନାହାନ୍ତି। ଏକଦା ସେ ଟେନିସରେ ଆଧିପତ୍ୟ ବିସ୍ତାର କରି ୨୩ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ ଟାଇଟଲ ହାସଲ କରିଥିବା ବେଳେ ଭେନସଙ୍କ ସହିତ ୧୪ ଡବଲ୍ ଜିତିଥିଲେ। ଭେନସ କହିଛନ୍ତି, ନିକଟରେ ଏକ ପ୍ରାକ୍ଟିସ ସେସନରେ ସେରେନା ତାଙ୍କ ସହିତ ୧୫ରୁ ୨୦ ମିନିଟ ଖେଳିଥିଲେ। ଦୁଇ ଭଉଣୀ ଏକଦା ଶ୍ରେଷ୍ଠ ଡବଲ୍ ଖେଳାଳି ଥିଲେ। ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିପାରିଥିଲେ। ଭେନସ ଗତ ମାସରେ ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ତାଙ୍କ କ୍ୟାରିୟରରେ ୭ ସିଙ୍ଗଲ୍ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

**ଚତୁର୍ଥ ଟେଷ୍ଟ ନେଇ ବିସିସିଆଇ ଜାରି କଲା ଅପଡେଟ୍**

# ଅର୍ଶଦୀପ ଓ ନୀତିଶ ରେଡ୍ଡୀ ଆଉଟ୍, ଅଂଶୁଲ କମ୍ବୋଜ ସାମିଲ



ନୂଆଦିଲ୍ଲୀ: ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳକୁ ଘାରିଛି ଆହତ ସମସ୍ୟା। ଜଣଙ୍କ ପରେ ଜଣେ ଦଳର ଷ୍ଟାର ଖେଳାଳି ଆହତ ହେଉଛନ୍ତି। ଏବେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏ ସମ୍ପର୍କରେ ଜାରି କରିଛି ଅପଡେଟ୍। ବିସିସିଆଇ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ ବାମ ଆଣ୍ଠୁ ଆଘାତ ଯୋଗୁଁ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ବାକି ଦୁଇଟି ଟେଷ୍ଟ ମ୍ୟାଚରୁ ବାଦ ପଡିଛନ୍ତି। ବର୍ତ୍ତମାନ ନୀତିଶ ରେଡ୍ଡୀ ଘରକୁ ଫେରିଆସିବେ। ଦଳ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ସେହିଭଳି ବିସିସିଆଇ ବିଜ୍ଞପ୍ତିରେ କହିଛି ଯେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚରୁ ବାଦ ପଡ଼ିଛନ୍ତି। ବେକେନହାମରେ ଏକ ତାଲିମ ଅଧିବେଶନ ସମୟରେ ନେଟ୍ସରେ ବୋଲିଂ ବେଳେ ସେପେର ଅର୍ଶଦୀପ ସିଂହଙ୍କ ବାମ ଆଙ୍ଗୁଠିରେ ଲାଗିଥିଲା ଆଘାତ। ବିସିସିଆଇ ଡାକ୍ତରୀ ଦଳ ଅର୍ଶଦୀପ ସିଂହଙ୍କ ଅଗ୍ରଗତି ଉପରେ ନଜର ରଖିଛି। ବିସିସିଆଇର ବିଜ୍ଞପ୍ତିରେ କୁହାଯାଇଛି ଯେ ପୁରୁଷ ଚୟନ ପ୍ୟାନେଲ ଡାହାଣହାତୀ ଦ୍ରୁତ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛି। କମ୍ବୋଜ ମାଞ୍ଚେଷ୍ଟରରେ ଭାରତୀୟ ଦଳରେ ଯୋଗ ଦେଇଛନ୍ତି। ତେବେ ଯଦି ତୃତୀୟ ଏକାଦଶରେ ଅଂଶୁଲ କମ୍ବୋଜଙ୍କୁ ସ୍ଥାନ ମିଳେ ତେବେ ସେ ଏହି ମ୍ୟାଚରେ ଟେଷ୍ଟ ଡେବ୍ୟୁ କରିବେ। ଅଂଶୁଲ କାମ୍ବୋଜ, ଘରୋଇ କ୍ରିକେଟରେ ହରିୟାଣା ପାଇଁ ଖେଳନ୍ତି। ଭାରତୀୟ କ୍ରିକେଟର ସେ ଜଣେ ଦ୍ରୁତ ବୋଲର ଓ ଅଲରାଉଣ୍ଡର ଭାବେ ଜଣାଶୁଣା। ନିକଟରେ ସେ ରଣଜୀ ଟ୍ରଫିରେ ଗୋଟିଏ ଇନିଂସରେ ୧୦ଟି ୱିକେଟ୍ ନେଇ ରଚିଥିଲେ ଇତିହାସ। କେରଳ ବିପକ୍ଷରେ ରଣଜୀ ମ୍ୟାଚରେ ହରିୟାଣା ପାଇଁ ଖେଳି ଅଂଶୁଲ ଗୋଟିଏ ଇନିଂସରେ ନେଇଥିଲେ ସମସ୍ତ ୧୦ ୱିକେଟ୍। ଏହି ପ୍ରଦର୍ଶନ ପରେ ତାଙ୍କୁ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ସହ ତୁଳନା କରାଯାଇଥିଲା, ଯିଏକି ପୂର୍ବରୁ ଏହିପରି ସଫଳତା ପାଇଥିଲେ। ଆଇପିଏଲ୍ ଫ୍ରାଞ୍ଚାଇଜମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଅଂଶୁଲ କାମ୍ବୋଜଙ୍କ ପ୍ରଦର୍ଶନ। ଆଇପିଏଲ ୨୦୨୫ ନିଲାମରେ ଚେନ୍ନାଇ ସୁପର କିଙ୍ଗସ୍ ତାଙ୍କୁ ୩.୪ କୋଟି ଟଙ୍କାରେ କିଣିଥିଲା। ଯାହା ତାଙ୍କ ବେସ୍ ପ୍ରାଇସଠାରୁ ୧୧ ଗୁଣା ଅଧିକ ଥିଲା। ଏହା ପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମଧ୍ୟ ଖେଳିଥିଲେ। କେବଳ ରଣଜୀ ଟ୍ରଫି ନୁହେଁ, ଅଂଶୁଲ ଭାରତ-ଏ ଦଳ ପାଇଁ ମଧ୍ୟ ଖେଳିଛନ୍ତି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏକ ମ୍ୟାଚରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ବ୍ୟତୀତ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳିବା ସମୟରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ୨୩ ରୁ ଆରମ୍ଭ ହେବ ଚତୁର୍ଥ ଟେଷ୍ଟ। ଏଥିରେ ଦମ୍ ଦେଖାଇବାକୁ ତୟାର କମ୍ବୋଜ।

## ଜିଲ୍ଲାସ୍ତରୀୟ ଖେଲୋ ଇଣ୍ଡିଆ ଲିଗ୍‌ରେ ଚମକିଲେ ଆସିକାର ୩ ପ୍ରତିଯୋଗୀ




ଆସିକା (ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ଭାରତୋଳନ ଷ୍ଟାଡିୟମ ଠାରେ ଆସିକାର ୩ ଜଣ ଝିଅ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ଲିଗରେ ନିଜର ପ୍ରତିଭା ଦେଖାଇ ଗୋଲ୍ଡ, ସିଲଭର, ବ୍ରୋଞ୍ଜ ଭଳି ୬ଟି ମେଡଲ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଆସିକାର ଏସ.ବସୁନ୍ଧରା ଆଚାରୀ, ସାଗରୀକା ଗୌଡ, ମହେଶ୍ୱିନି ଲେଙ୍କାଙ୍କ ଏହି ସଫଳତାକୁ ନେଇ କ୍ରୀଡ଼ାବିତ ମହଲରେ ବେଶ ପ୍ରଶଂସା କରାଯାଇଛି। ଆସିକା ଇଣ୍ଡୋର ଷ୍ଟାଡିୟମରୁ ପ୍ରଶିକ୍ଷକ ବାବୁ ଗୌଡ ଠାରୁ ପ୍ରଶିକ୍ଷଣ ପାଇ ଅନେକ ଖେଳାଳି ବିଭିନ୍ନ କ୍ଷେତ୍ରରେ ପୁରସ୍କାର ହାସଲ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ପ୍ରତିଯୋଗିତା ପାଇଁ ବହୁତ ଅଭ୍ୟାସ କରିଥିଲୁ ଆମ ଘର ଲୋକଙ୍କ ବିଶ୍ୱାସ ମୋର ପ୍ରଶିକ୍ଷକ ବାବୁ ଗୌଡ ସାର୍‌ଙ୍କ ସାହାଯ୍ୟ ଆମ ମାନଙ୍କ କଷ୍ଟ ଦିନକୁ ୬ ଘଣ୍ଟାର ଅଧିକ ସମୟ ଅଭ୍ୟାସ କରିବା ସକାଳ ଓ ସନ୍ଧ୍ୟାରେ ବୋଲି କହିଛନ୍ତି ସାଗରୀକା ଗୌଡ। ଏହି ଖେଳକୁ ନିଷ୍ଠା ଓ ସାହସିକତାର ସହ ଆପଣେଇବା ସହ ବାପାଙ୍କ ଆଦର୍ଶ ମତେ ଏହି ପ୍ରତିଯୋଗିତା ପ୍ରେରଣା ଦେଇଛି ବୋଲି କହିଛନ୍ତି ଏସ.ବସୁନ୍ଧରା ଆଚାରୀ। ଏହି ପ୍ରତିଯୋଗିତାରେ ମୋଟ ୩୮ ଜଣ ମହିଳା ପ୍ରତିଯୋଗୀତା ଅଂଶ ଗ୍ରହଣ କରିଥିଲେ। ଆସିକା ଦିଗପହଣ୍ଡି, ଚିକିଟି, କବିସୂର୍ଯ୍ୟନଗରର ସହ ବ୍ରହ୍ମପୁରର ଶଙ୍କର ଫିଜିକାଲ, ବାଲୁଙ୍କେଶ୍ୱର, ଚାଚା ନେହେରୁ, ଭାରତୀୟ ବ୍ୟାୟାମ କେନ୍ଦ୍ରର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଏହି ଖେଳକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ କେ ରବି କୁମାରଙ୍କ ଉପସ୍ଥିତିରେ ଉଦଘାଟନ ହୋଇଥିଲା। ଖେଳ ଶେଷରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତତ୍‌ସହିତ ଓଡିଶାର ପ୍ରଥମ ଭରୋତ୍ତଳନ କାରି ଜୟନ୍ତୀ ଦେବୀଙ୍କୁ ସମ୍ମାନିତ କରିଥିଲେ। ଏହି ପ୍ରତଯୋଗୀତାକୁ ସୁଚାରୁରୂପେ ଗଞ୍ଜାମ ଭାରତୋଳନ ସଙ୍ଘର ସଭାପତି କୁମୁଦ ଚନ୍ଦ୍ର ସାହୁ, ସମ୍ପାଦକ ସୁଧୀର ଚନ୍ଦ୍ର ପାତ୍ର ଏବଂ ସମ୍ମାନିତ ସଦସ୍ୟ ଭାବେ ଗାଗଃରିନ ନାୟକ, ସଚ୍ଚିଦାନନ୍ଦ ଦାସ ଓ କୁରା ଦାସ ପରିଚାଳନା କରିଥିଲେ।

## ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଦଳକୁ କାଂସ୍ୟ ପଦକ




ନୂଆଦିଲ୍ଲୀ: ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ବ୍ୟାଡମିଣ୍ଟନ୍ ଦଳ ପ୍ରଥମ ପଦକ ଜିତି ଇତିହାସ ରଚିଛି। ଭାରତୀୟ ଦଳ ରବିବାର ଏହି ଇଭେଣ୍ଟରେ କାଂସ୍ୟ ପଦକ ଜିତି ନୂଆ ଅଧ୍ୟାୟ ଯୋଡ଼ିଛି। ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ଶକ୍ତିଶାଳୀ ମାଲେସିଆକୁ ୩-୨ରେ ହରାଇ ସେମିଫାଇନାଲ୍‌କୁ ଯାଇଥିଲା। ସେଠାରେ ଚାଇନିଜ୍ ତାଇପେଇଠାରୁ ହାରି ଲୁଜିଂ ସେମିଫାଇନାଲିଷ୍ଟ ଭାବେ କାଂସ୍ୟ ପଦକ ହାସଲ କରିଥିଲା। ଭାରତୀୟ ବ୍ୟାଡମିଣ୍ଟନ୍ ଦଳର ଅଧିକାଂଶ ସଦସ୍ୟ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ କରିବା ଏହି ସଫଳତାକୁ ଆହୁରି ଉଲ୍ଲେଖନୀୟ କରିଛି। ଏହି ସ୍ମରଣୀୟ ଓ ବିରଳ ସଫଳତାରେ ଖୁସି ଜାହିର କରି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ କହିଛନ୍ତି, ଏହା କେବଳ ଭାରତ ପାଇଁ ଐତିହାସିକ ମାଇଲଖୁଣ୍ଟ ନୁହେଁ, ଓଡ଼ିଶା ଓ କିଟ୍ ପାଇଁ ମଧ୍ୟ ଗୌରବର ବିଷୟ। ସୂଚନାଯୋଗ୍ୟ ଯେ ସୋମବାରଠାରୁ ଏହି ପ୍ରତିଯୋଗିତାର ଆଥଲେଟିକ୍ସ ପର୍ଯ୍ୟାୟ ଆରମ୍ଭ ହେଉଥିଲା ବେଳେ ସବୁ ନଜର ଏବେ ଦେଶର ଦ୍ରୁତତମ ଧାବକ ତଥା କିଟ୍ ଛାତ୍ର ଅନିମେଷ କୁଜୁରଙ୍କ ଉପରେ ରହିଛି। ଅନିମେଷ ୧୦୦, ୨୦୦ ଓ ୪ଗୁଣା ୧୦୦ ରିଲେ ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଏସିଆ କପ୍‌କୁ ନେଇ ଏଫ୍‌ଆଇଏଚ୍‌କୁ ଚିଠି ଲେଖିଲା ପାକିସ୍ତାନ



କରାଚୀ: ଆସନ୍ତା ମାସରେ ଭାରତରେ ଏସିଆ କପ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଏଥିରେ ଅଂଶଗ୍ରହଣ କରିବାକୁ ରାଜି ନ ଥିବା ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) କହିଛି। ଏ ବିଷୟ ସେମାନେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଓ ଏସିଆନ ହକି ଫେଡରେଶନ (ଏଏଚ୍‌ଏଫ୍)କୁ ଅବଗତ କରାଇଥିବା ପିଏଚ୍‌ଏଫ୍ ମୁଖ୍ୟ ତାରିକ୍ ବୁଗଟି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଇଭେଣ୍ଟଟି ସମ୍ପର୍କରେ ଏଫ୍‌ଆଇଏଚ୍ ଓ ଏଏଚ୍‌ଏଫ୍ ଯାହା ନିଷ୍ପତ୍ତି ନେବେ। ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ କେଉଁଠାରେ ଖେଳିବ ତାହା ସେମାନେ ସ୍ଥିର କରିବେ। ଏହି ପ୍ରସଙ୍ଗରେ ପାକିସ୍ତାନ ସରକାର ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଦଳ ଭାରତ ଗସ୍ତ କରିବ ନାହିଁ ବୋଲି ନିକଟରେ ସରକାରଙ୍କ ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି।

# ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିଅନ୍‌ସିପ୍‌ରେ ମୟୂରଭଞ୍ଜ ପୋଲିସ ଦଳ



ବାରିପଦା(ଭାସ୍କର ନ୍ୟୁଜ୍) : ୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ପୋଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛି। ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି। ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ ଓ ଜୀତେନ୍ଦ୍ର ଜେନା କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ରିଜର୍ଭ ପୋଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ପୋଲିସ ସଙ୍ଘ ସମ୍ପାଦକ ସୁରଜ କୁମାର ରାଜ, ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚମ୍ପିୟାନସିପ ଅନୁଷ୍ଠିତ ହେବ। ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ ୨୨ ତାରିଖ ଦିନ ଖେଳିବ।


कार्यपालक अभियंता का कार्यालय,
पथ निर्माण विभाग, पथ प्रमण्डल, बोकारो

ई–प्रोक्युरमेंट सूचना

(एस0बी0डी0 आधारित ई–निविदा)

ई–निविदा प्रसंग संख्या– RCD/BOKARO/ 979/F.Y. 2025-26, दिनांक–21.07.2025

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत "Four Laning from Bokaro Sector – 6 (Shastri Chowk) to Telmachcho (NH-32) Road (Total length 5.965 km) कार्य, वर्ष 2025–2026" |
| 2. | प्राक्कलित राशि (रूपये में) | रू0 59,67,32,709.00 (उनसठ करोड़ सड़सठ लाख बत्तीस हजार सात सौ नौ रूपये) मात्र। |
| 3. | कार्य पूर्ण होने की अवधि | 22 (बाईस) माह। |
| 4. | बिड प्राप्ति की अंतिम तिथि एवं समय | 22.08.2025, 12.00 बजे दोपहर तक। |
| 5. | वेबसाईट पर निविदा प्रकाशन होने की तिथि एवं समय | 31.07.2025, 12.00 बजे दोपहर। |
| 6. | प्री बिड बैठक की तिथि एवं समय | 13.08.2025, 03.00 बजे अपराह्न्। |
| 7. | निविदा आमंत्रित करने वाले कार्यालय का नाम एवं पता | कार्यालय, कार्यपालक अभियंता, पथ निर्माण विभाग, पथ प्रमण्डल, बोकारो |
| 8. | प्रोक्युरमेंट पदाधिकारी का सम्पर्क संख्या | 06542–265569 |
| 9. | ई–प्रोक्युरमेंट सेल का हेल्पलाईन संख्या | 0651–2401010 |

नोट :– प्राक्कलित राशि घट बढ़ सकती है।
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ निर्माण विभाग,
पथ प्रमण्डल, बोकारो।

PR 357839 (Road) 25-26 (D)


# ବିସିସିଆଇ ନିରାଶ: ୨୦୩୧ ପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍ ଇଂଲଣ୍ଡରେ ହେବ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ଶନିବାର ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍‌ର ପରବର୍ତ୍ତୀ ତିନି ସଂସ୍କରଣ ଆୟୋଜନ ଅଧିକାର ଇଂଲଣ୍ଡକୁ ପ୍ରଦାନ କରିଛି। ଆଇସିସି ରବିବାର ସଂପନ୍ନ ନିଜର ବାର୍ଷିକ ସମ୍ମିଳନୀରେ ଏହି ନିଷ୍ପତ୍ତି ନେଇଛି। ଦୁଇ ବର୍ଷର ଚକ୍ର ପୂରା ହେବା ପରେ ୨୦୨୭, ୨୦୨୯ ଓ ୨୦୩୧ରେ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ୍ ସମ୍ଭବତଃ ଜୁନ ମାସରେ ଆୟୋଜିତ ହେବ। କିଛି ସମୟ ପୂର୍ବରୁ ବିସିସିଆଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍ ମ୍ୟାଚ୍? ଆୟୋଜନ ନେଇ ବିସିସିଆଇ ଇଚ୍ଛା ପ୍ରକାଶ କରିଥିଲା। ମାତ୍ର ଆଇସିସିର ଏହି ନୂଆ ଘୋଷଣା ପରେ ବିସିସିଆଇକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍ ଆୟୋଜନର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା। ଏହା ପୂର୍ବରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ସାଉଥମ୍ପଟନରେ ୨୦୨୧ ଫାଇନାଲ୍ (ଭାରତ ବନାମ ନ୍ୟୁଜିଲାଣ୍ଡ), ଲଣ୍ଡନର ଓଭାଲରେ ୨୦୨୩ ଫାଇନାଲ୍ ମ୍ୟାଚ୍ (ଭାରତ ବନାମ ଅଷ୍ଟ୍ରେଲିଆ) ଓ ଲର୍ଡ୍ସରେ ୨୦୨୫ର ଫାଇନାଲ୍ (ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ)ର ଆୟୋଜନ କରି ସାରିଛି।




କାରଣ ଜୁନ ମାସରେ ଇଂଲଣ୍ଡର ପାଣିପାଗ କ୍ରିକେଟ୍ ପାଇଁ ଅନୁକୂଳ ରହିଥାଏ। ଆଉ ଅଷ୍ଟ୍ରେଲିଆର କ୍ରିକେଟ୍ ସେସନ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥାଏ। ଇଂଲଣ୍ଡ ଏବଂ ସେଠାକାର କ୍ରିକେଟ୍ ପ୍ରଶଂସକ ବି ପ୍ରମାଣିତ କରି ଆସିଛନ୍ତି ଯେ ଡବ୍ଲ୍ୟୁଟିସି ଫାଇନାଲ୍‌ର ଆୟୋଜନ ପାଇଁ ଇଂଲଣ୍ଡ ହିଁ ସର୍ବୋତ୍କୃଷ୍ଟ ସ୍ଥାନ। ଇସିବିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରିଚାର୍ଡ ଗୋଲ୍ଡ କହିଛନ୍ତି, ଆମେ ବହୁତ ଖୁସି ଯେ, ଇଂଲଣ୍ଡ ଆଣ୍ଡ ୱେଲ୍ସକୁ ଆଗାମୀ ତିନୋଟି ଡବ୍ଲ୍ୟୁଟିସିର ଫାଇନାଲ୍ ଆୟୋଜନ କରିବାର ଅଧିକାର ଦିଆଯାଇଛି। ସେ କହିଛନ୍ତି, ଫାଇନାଲ୍?ର ଆୟୋଜନ କରିବାର ସମ୍ମାନର କଥା। ଆମେ ଗତ ସଂସ୍କରଣର ସଫଳତାକୁ ଆଗକୁ ବଢାଇବା ପାଇଁ ଆଇସିସି ସହ ମିଶି କାମ କରିବାକୁ ଉତ୍ସୁକ। ଉଲ୍ଲେଖନୀୟ ଷ୍ଟାଡିୟମରେ ଦର୍ଶକଙ୍କ ଉପସ୍ଥିତି ଦୃଷ୍ଟିରୁ ଟେଷ୍ଟ କ୍ରିକେଟ୍ ଭାରତରେ ସେତେ ଲୋକପ୍ରିୟ ନୁହେଁ ଫର୍ମାଟ୍ ନୁହେଁ। ଯଦି ଭାରତ ଫାଇନାଲ୍‌ରେ ନ ପହଞ୍ଚେ ତେବେ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍‌ରେ ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ନଗଣ୍ୟ ରହିବ। ସବୁ ଦୃଷ୍ଟିରେ ଦେଖିଲେ ଟେଷ୍ଟ କ୍ରିକେଟ୍ ପାଇଁ ଇଂଲଣ୍ଡ ସର୍ବୋତ୍ତମ ସ୍ଥାନ ଭାବେ ନିଜର ପ୍ରତିଷ୍ଠା ବଜାୟ ରଖିଛି।

# ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ସୁନ୍ଦରଗଡ଼ ବିଜୟୀ, ଢେଙ୍କାନାଳ ସୁବର୍ଣ୍ଣପୁର ମ୍ୟାଚ ଡ୍ର



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ବାଲେଶ୍ୱର ଜିଲ୍ଲା ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ତୃତୀୟ ମିନିଟରେ ଦୁଇ ଦଳ ପଡିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ସୁନ୍ଦରଗଡ଼ ପ୍ରତିପକ୍ଷ ଗୋଲ ପୋଷ୍ଟ ନିକଟରେ ଗୋଲ ଦେବାର ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲା ଏବଂ ସୁନ୍ଦରଗଡ଼ର ଜର୍ସି ନମ୍ବର ୧୩ କରନ କୁଜୁର ଏହାକୁ ହାତଛଡା ନକରି ଦଳ ପକ୍ଷରୁ ଏକ ଚମତ୍କାର ଶଟ ଜରିଆରେ ଏହି ବିଜୟ ସୂଚକ ଗୋଲଟି ଦେଇଥିଲେ। ପରେ ପରେ ବାଲେଶ୍ୱର ଜିଲ୍ଲା ପରସ୍ପର ସହ ବୁଝାମଣା ରକ୍ଷା କରି କେତୋଟି ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ତୃଟିପୂର୍ଣ୍ଣ ସୁଟିଂ ଯୋଗୁଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରିନଥିଲେ ଏବଂ ୧-୦ ଗୋଲରେ ପରାଜୟ ସ୍ୱୀକାର କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଲିଗ ପର୍ଯ୍ୟାୟରେ ସମୁଦାୟ ୩ଟି ମ୍ୟାଚ ଖେଳି ୩ଟି ବିଜୟ ସହ ସମୁଦାୟ ୯ ପଏଣ୍ଟ ହାସଲ କରି 'ଏ' ଗ୍ରୁପ ଲିଗ ଟେବୁଲରେ ଶୀର୍ଷରେ ରହିବା ସହ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଆସନ୍ତା ୨୩ ତାରିଖ ବୁଧବାର ଦିନ ସୁନ୍ଦରଗଡ଼ ଜୋନାଲ ଫାଇନାଲରେ ରାଉରକେଲାକୁ ଭେଟିବ। ଦୁଇଟି ଦଳ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ବେଳେ ଆଜି ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳର କୌଣସି ଗୁରୁତ୍ୱ ନଥିଲକ୍ଷା। ଆଜି ଅନୁଷ୍ଠିତ ଏହି ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଦୁଇ ଦଳର ରାକ୍ଷଣଭାଗ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲେ। ଏହି ଅନ୍ତିମ ଖେଳଟି ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଚକ୍ରଧର ଚାଟକ୍ଷର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ସୁବ୍ରତ ପୁରୋହିତ କ୍ଷ ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତାକାଲି ବିଶ୍ରାମ ଦିବସରେ ତାରିଣୀ ଫୁଟବଲ ଏକାଡେମୀ ଓ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।


**Jharkhand BijliVitran Nigam Limited**
**CIN:U40108JH2013SGC001702)**
**Regd. Office:** Engineering Building, H.E.C., Dhurwa, Ranchi-834004,
Telephone:- 0651-2400760 & Fax: 0651-2446055

**NOTICE**

**Notice inviting Request for Proposal (RFP) / Expression Of Interest (EOI) for Empanelment of Company Secretary in practice or a Firm of Company Secretaries to conduct the Secretarial audit of JBVNL at Headquarter as well as all field offices for the FY 2024-25, 2025-26 & 2026-27.**

Jharkhand Bijli Vitran Nigam Limited (JBVNL) invites Request for Proposal (RFP) /Expression of Interest (EOI) from reputed Company Secretary in practice or a Firm of Company Secretaries [including Limited Liability Partnerships (LLPs)] for empanelment of Secretarial Auditor of the Company to conduct secretarial audit of JBVNL at Headquarter as well as all field offices for the FY 2024-25, 2025-26 & 2026-27. The RFP/ EoI documents embodying details related to eligibility criteria, scope of works and other instructions can be downloaded from the website www.jbvnl.com of the company.

Professional Firms may apply for empanelment as Secretarial Auditor of JBVNL, for conducting Secretarial Audit at Nigam Hqr. and all field offices. JBVNL reserves the right to include/ exclude projects as per future requirements. The lump sum fee for financial year **2024-25** is **Rs. 2,00,000/- (Rupees Two Lakh)** only inclusive of all taxes including Pocket expenses and any other expenditure and if re-appointed for another term then an increment of **5%** from base year fee will be given for subsequent financial year.

Interested Firm of Company Secretaries [including Limited Liability Partnerships (LLPs)] are requested to submit applications which must reach on or before **22.08.2025 by 06:00 PM,** In a sealed envelope addressed to:--

**Company Secretary**
**Jharkhand Bijli Vitran Nigam Limited**
**Regd. Office: - Engineering Building,**
**HEC, Dhurwa, Ranchi-834004**

Note: The EOI is also uploaded in our **website:** www.jbvnl.co.in

After careful scrutiny of applications, the eligible firms will be called to attend the interaction meeting with selection committee, which may be intimated individually also.

Firms may carefully read the details of Conduct, Frequency, Reporting Format and Scope of work given in enclosure **Annexure A**. More details may be obtained from our website www.jbvnl.co.in.

Any further clarifications can be sought from:--

Sd/-
**Company Secretary**
**Mobile No. 9934118745**
**mail: csjbvnl@gmail.com**

स्वहित एवं राष्ट्र हित में ऊर्जा बचायें। कृपया अपनी शिकयतों को टॉल फ्री नं0 1800 345 6570 पर दर्ज करायें।

PR 357859 Jharkhand Bijlee Vitran Nigam Ltd (25-26)_D



ରୋଷେଇରେ ବ୍ୟବହାର ହେଉଥିବା ପ୍ରତ୍ୟେକ ଜିନିଷ ଆମ ଶରୀରକୁ କିଛି ନା କିଛି ଫାଇଦା ଦେଇଥାଏ । ସେହିପରି ରସୁଣ ମଧ୍ୟ ଆମ ଶରୀର ପାଇଁ ବେଶ ଉପଯୋଗୀ । କୌଣସି ବି ଖାଦ୍ୟରେ ଟିକେ ରସୁଣ ଛୁଙ୍କ ଏହାର ସ୍ୱାଦକୁ ଆହୁରି ବଢାଇଦେଇଥାଏ । ଏହା ଖାଲି ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ତାହା ନୁହେଁ ଶରୀର ପାଇଁ ବି ବହୁତ ଲାଭଦାୟକ । କିନ୍ତୁ ଆପଣ ଜାଣିଛନ୍ତି କି ଖାଲି ପେଟରେ କଞ୍ଚା ରସୁଣ ଖାଇବା କେତେ ଲାଭଦାୟକ । ତେବେ ଆସନ୍ତୁ ଏହା ବିଷୟରେ ଜାଣିବା। ରସୁଣରେ ଆଲିସିନ୍ ନାମକ ଏକ ଯୌଗିକ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହି ଯୌଗିକ କ୍ଷତିକାରକ ଜୀବାଣୁ ଏବଂ ଭାଇରସ ସହିତ ଲଢ଼ିବାରେ ସାହାଯ୍ୟ କରେ, ଯାହା ଫଳରେ ସଂକ୍ରମଣର ଆଶଙ୍କା ହ୍ରାସ ପାଏ। ରସୁଣ କୋଲେଷ୍ଟ୍ରଲ୍ ସ୍ତର କମ କରିବାରେ ସାହାଯ୍ୟ କରେ, ଯାହା ହୃଦରୋଗର ଆଶଙ୍କା କମ କରେ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ, ଯାହା ଦ୍ୱାରା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ହ୍ରାସ ପାଏ। ରସୁଣରେ ମିଳୁଥିବା ଯୌଗିକଗୁଡ଼ିକ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ।

## ଆଜି ଦୁନିଆରୁ ବିଦାୟ ନେଇଥିଲେ

## ସ୍ୱାଧୀନତା ସଂଗ୍ରାମୀ ମା' ଦେବୀ



ଆଜି ଇହଲୀଳା ସମ୍ବରଣ କରିଥିଲେ ନାରୀ ଜାଗରଣ ଓ ନାରୀ ସଶକ୍ତିକରଣର ଅଗ୍ରଣୀ ସାରଥୀ ମା' ରମାଦେବୀ । ସେ ପ୍ରତିଷ୍ଠିତ ପରିବାର ଉତ୍କଳ ଗୌରବ ମଧୁବାବୁଙ୍କ କନିଷ୍ଠ ଭ୍ରାତା ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା ଓ ଖେରସର ଜମିଦାର ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ଜ୍ୟେଷ୍ଠପୁତ୍ର ଋଷିପ୍ରାଣ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ସେ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ହୋଇ ୧୯୮୫ ମସିହା ଜୁଲାଇ ମାସ ୨୨ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ବିବାହ ପରେ ତତ୍କାଳୀନ ଡେପୁଟି ମାଜିଷ୍ଟ୍ରେଟ୍ ହୋଇଥିବା ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ସରକାରୀ ଚାକିରୀ ଛାଡ଼ି ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହେବାକୁ ଅନୁପ୍ରାଣିତ କରିଥିଲେ । ରମାଦେବୀ, ସ୍ୱାମୀ ଗୋପବନ୍ଧୁ ଚୌଧୁରୀ, ଦିଅର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଚୌଧୁରୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବହୁବାର କାରାବରଣ କରିଥିଲେ। ମୌଳିକ ଶିକ୍ଷାର ପ୍ରସାର ପାଇଁ ସେ ଜଗତ୍‌ସିଂହପୁର ନିକଟରେ ଅଳକା ଆଶ୍ରମ ଓ ବରୀ ଠାରେ ପ୍ରତିଷ୍ଠିତ ଆଶ୍ରମରେ ସ୍ୱାମୀଙ୍କ ସହିତ ରହି କୃଷି, ଗୋପାଳନ, ଖଦୀ ଓ କୁଟୀର ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରୁଥିଲେ । ଲବଣ ସତ୍ୟାଗ୍ରହ ସହିତ ଗାନ୍ଧିଜୀଙ୍କ ଓଡ଼ିଶା ପଦଯାତ୍ରାରେ ସେ ଯୋଗଦାନ କରିଥିଲେ । ଦେଶ ସ୍ୱାଧୀନତା ପରେ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରହି ଗାନ୍ଧିଜୀଙ୍କ ଆଦର୍ଶ ନିଶାନିବାରଣ, ଅସ୍ପୃଶ୍ୟତା ନିରାକରଣ, ନାରୀ ଶିକ୍ଷା, ଖଦୀ କାର୍ଯ୍ୟକ୍ରମ, ମୌଳିକ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ସେ ଯମୁନାଲାଲ୍ ବାଜାଜ୍ ପୁରସ୍କାର ସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପାଇଥିଲେ। ଛାତ୍ର ଆନ୍ଦୋଳନ, ସାମ୍ପ୍ରଦାୟିକ ଗଣ୍ଡଗୋଳ ସହ କଳାହାଣ୍ଡି ଦୁର୍ଭିକ୍ଷ ସମୟରେ ସେ ନିଜକୁ ସାମିଲ୍ କରି ତାହାର ପ୍ରତିକାର ପାଇଁ ବ୍ୟବସ୍ଥା କରିଥିଲେ । ଆଜୀବନ ଦେଶବାସୀଙ୍କ ସେବା ପାଇଁ ତାଙ୍କ ଜୀବନ ସମର୍ପିତ ଥିଲା । ତାଙ୍କ ନାମରେ ରାଜଧାନୀ ଭୁବନେଶ୍ୱରରେ ରମାଦେବୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇ ତାହା ବର୍ତ୍ତମାନ ମହିଳା ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି । ତାଙ୍କ ଦେଶପ୍ରେମ ଯୁବପୀଢ଼ିଙ୍କୁ ଉତ୍ସାହିତ କରୁ ଆଜି ତାଙ୍କ ୧୨୪ତମ ଜନ୍ମଦିବସରେ କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।



## ୪୦ ବର୍ଷ ଅତିକ୍ରମ କରିସାରିଲେଣି କି?

# କରାଇ ନିଅନ୍ତୁ ଏହି ସବୁ ସ୍ୱାସ୍ଥ୍ୟ ପରୀକ୍ଷା

*ଆପଣ ୪୦ ବର୍ଷ ଅତିକ୍ରମ କରିସାରିଲେଣି କି ? ଯଦି ହଁ, ତେବେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଆପଣଙ୍କ ପାଇଁ ଜରୁରି । ତେଣିକି ଆପଣ ପୁରୁଷ ହୁଅନ୍ତୁ ଅବା ମହିଳା । ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସେତେଟା ଯତ୍ନଶୀଳ ହୋଇ ନଥାନ୍ତି । ଯଦି କିଛି ସମସ୍ୟା ନ ଆସେ, ତେବେ ଡାକ୍ତରଙ୍କ ପାଖକୁ ଯାଇ ନଥାନ୍ତି । ସମସ୍ୟା ଗୁରୁତର ହେଲେ ଡାକ୍ତରଙ୍କ ପାଖକୁ ଯିବା ବେଳକୁ ରୋଗ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ । ୪୦ ପରେ ଶରୀରରେ ଅନେକ ପରିବର୍ତ୍ତନ ଆସିଥାଏ । ତେଣୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ଜରୁରି । କେବଳ ଖାଦ୍ୟପାନୀୟ ଓ ବ୍ୟାୟାମ କରିବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହି ନଥାଏ, ବରଂ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ଅଭିନ୍ନ ଅଙ୍ଗ । ପରୀକ୍ଷା କରିବା ଦ୍ୱାରା ସମୟ ପୂର୍ବରୁ ଶରୀରର ସମସ୍ୟା ବାହାରକୁ ଆସିବା ସହ ଚିକିତ୍ସା ମଧ୍ୟ ସମ୍ଭବ ହୁଏ । ଯେପରିକି---*

### କମ୍ପ୍ଲିଟ୍ ବ୍ଲଡ୍ କାଉଣ୍ଟ(ସିବିସି)

ଏହା ଖୁବ୍ ସାଧାରଣ ପରୀକ୍ଷା । ଏହି ପରୀକ୍ଷା ଦ୍ୱାରା ରକ୍ତରେ ଥିବା ଲୋହିତ ରକ୍ତକଣିକା, ଶ୍ୱେତ ରକ୍ତକଣିକା ଓ ପ୍ଲେଟଲେଟ୍ ? ସଂଖ୍ୟା ଜଣାପଡିଥାଏ । ସେହିପରି ଆନେମିଆ, ସଂକ୍ରମଣ ଓ ରକ୍ତଜନିତ ସମସ୍ୟାର ସଙ୍କେତ ମିଳିଥାଏ ।

### ଲିଭରଫଙ୍କସନ୍ ଟେଷ୍ଟ(ଏଲ୍ଏଫ୍‌ଟି)

ଲିଭର ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହା ଖାଦ୍ୟକୁ ହଜମ କରିବା ସହ ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିଥାଏ । ଭୁଲ୍ ଖାଦ୍ୟପାନୀୟ ଓ ଜୀବନଶୈଳୀ ଯୋଗୁ ଲିଭର ଉପରେ ଖରାପ ପ୍ରଭାବ ପଡିଥାଏ । ଏଲ୍ଏଫ୍‌ଟି ପରୀକ୍ଷା ପରେ ଲିଭର ଠିକ୍ ଭାବେ କାମ କରୁଛି କି ନା ଜଣାପଡିଥାଏ ।

### କିଡ୍‌ନୀ ଫଙ୍ଗସନ୍ ଟେଷ୍ଟ(କେଏଫ୍‌ଟି)

କିଡ୍‌ନୀ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିଥାଏ । ପରୀକ୍ଷା ଜଣାଇଥାଏ ଯେ କିଡ୍‌ନୀ କେମିତି କାମ କରୁଛି । ଅନେକ ସମୟରେ ଉଚ୍ଚ ରକ୍ତଚାପ ଓ ମଧୁମେହ ଯୋଗୁ କିଡ୍‌ନୀ ଉପରେ କୁପ୍ରଭାବ ପଡିଥାଏ। ତେଣୁ ଏହି ପରୀକ୍ଷା କରି ନେବା ଉଚିତ୍ ।

### କ୍ୟାନସର୍ ଆଣ୍ଟିଜେନ୍ ୧୯.୯(ସିଏ -୧୦.୯)

ଏହି ପରୀକ୍ଷାରୁ କର୍କଟ ଯେପରି ପାନ୍‌କ୍ରିୟାଜ୍, ଗଲ୍‌ବ୍ଲାଡର ଓ ପେଟ କର୍କଟ ବିଷୟରେ ଜଣାପଡିଥାଏ । ଅବଶ୍ୟ ଏହା କେବଳ ଏକ ମାର୍କର ପଏଣ୍ଟ । କର୍କଟ ପାଇଁ ଅନ୍ୟାନ୍ୟ ପରୀକ୍ଷା ମଧ୍ୟ କରିବାକୁ ପଡିଥାଏ । ଯଦି ୪୦ ପରେ କିଛି ଲକ୍ଷଣ ପ୍ରକାଶ ପାଏ, ତେବେ ପରୀକ୍ଷା କରାଇ ନେବା ଉଚିତ୍।

### ପ୍ରୋଷ୍ଟେଟ୍ ସ୍ପେସିଫିକ୍ ଆଣ୍ଟିଜେନ୍(ପିଏସ୍ଏ) :

ପିଏସ୍ଏ ପରୀକ୍ଷା କେବଳ ପୁରୁଷମାନଙ୍କ ପାଇଁ ପ୍ରଯୁଜ୍ୟ । ଏହି ପରୀକ୍ଷାରୁ ପ୍ରୋଷ୍ଟେଟ୍ ଗ୍ଲାଣ୍ଡଜନିତ ସମସ୍ୟା ଓ ପ୍ରୋଷ୍ଟେଟ୍ କର୍କଟ ବିଷୟରେ ଜଣାପଡିଥାଏ । ୪୦ ପରେ ପୁରୁଷମାନଙ୍କୁ ବର୍ଷକୁ ଥରେ ଏହି ପରୀକ୍ଷା କରିବା ଉଚିତ୍ । ଯଦି ପରିବାରରେ ପ୍ରୋଷ୍ଟେଟ୍ କର୍କଟର ଇତିହାସ ରହିଥାଏ ।

# ମଲାଇ କୋଫ୍‌ତା



**ସାମଗ୍ରୀ:** ୧ କପ୍ ପନୀର, ଆଳୁ ୨ଟା, ମଇଦା ୨-୩ ବଡ଼ ଚାମଚ୍, ଅଦା-କଞ୍ଚା ଲଙ୍କା ପେଷ୍ଟ ଅଧ ଚାମଚ, ଲୁଣ ସ୍ୱାଦଅନୁସାରେ, କାଜୁ ୧-୨ ବଡ଼ ଚାମଚ, କିସମିସ ୧-୨ ବଡ଼ ଚାମଚ, ତେଲ।

**ଗ୍ରେଭି ପାଇଁ ସାମଗ୍ରୀ:** ପିଆଜ ୨ଟା, ବିଲାତି ୨ଟା, ଅଦା-ରଶୁଣ ପେଷ୍ଟ ୧ ଚାମଚ, କାଜୁ ଅଧ କପ୍ ?, ଗରମ ମସଲା ଅଧ ଚାମଚ, ଧନିଆ ପାଉଡର ୧ ଚାମଚ, ହଳଦୀ ପାଉଡର ଅଧ ଚାମଚ, ନାଲି ଲଙ୍କା ଗୁଣ୍ଡ ଅଧ ଚାମଚ, କସ୍ତୁରୀ ମେଥି ୧ ଚାମଚ, କ୍ଷୀର ଅଧ କପ୍, ଲୁଣ ସ୍ୱାଦାନୁସାରେ।

**କିପରି ତିଆରି କରିବେ ଜାଣନ୍ତୁ**

ଏକ ପାତ୍ରରେ ସିଝା ଏବଂ ଚକଟା ହୋଇଥିବା ଆଳୁ ଏବଂ ଗ୍ରାଇଣ୍ଡିଂ ହୋଇଥିବା ପନିର ନିଅନ୍ତୁ। କର୍ଣ୍ଣଫ୍ଲୋର, ଅଦା କଞ୍ଚା ଲଙ୍କା ପେଷ୍ଟ ଏବଂ ଲୁଣ ମିଶାନ୍ତୁ ଏବଂ ଭଲ ଭାବରେ ମିଶାନ୍ତୁ। ମିଶ୍ରଣଟି ଯେମିତି ଅତ୍ୟଧିକ ନରମ କିମ୍ବା ଅତ୍ୟଧିକ କଠିନ ନ ହେବା ଦରକାର।

ଯଦି ମିଶ୍ରଣଟି ଓଦା ଦେଖାଯାଉଛି, ତେବେ ଆପଣ ଆଉ ଟିକେ ମଇଦା ମିଶାନ୍ତୁ। ମିଶ୍ରଣକୁ ମୋଡ଼ି ଗୋଲ ବଲ ତିଆରି କରନ୍ତୁ। ଯେମିତି କୋଫ୍‌ତାରେ କୌଣସି ଫାଟ ନାହିଁ, ନଚେତ୍ ଛାଣିବା ସମୟରେ ସେଗୁଡ଼ିକ ଛିଣ୍ଡିପାରେ।

ଏକ ପ୍ୟାନରେ ତେଲ ଗରମ କରନ୍ତୁ। ତେଲ ମଧ୍ୟମ ଗରମ ହେବା ଉଚିତ। ମଧ୍ୟମ ଆଞ୍ଚରେ ଥରକେ ୨-୩ କୋଫ୍‌ତା ପକାନ୍ତୁ ଏବଂ ବ୍ରାଉନ ହେବା ପର୍ଯ୍ୟନ୍ତ ଛାଣନ୍ତୁ।

ଛାଣିବା ସମୟରେ ତୁରନ୍ତ ଓଲଟାଇବାକୁ ଚେଷ୍ଟା କରନ୍ତୁ ନାହିଁ, କେବଳ ହାଲୁକା ବାଦାମୀ ରଙ୍ଗର ହେଲେ ଧୀରେ ବୁଲାଇ ଦିଅନ୍ତୁ। ସମସ୍ତ କୋଫ୍‌ତାକୁ ସମାନ ଭାବରେ ଛାଣନ୍ତୁ।

ଏକ ପ୍ୟାନରେ ତେଲ କିମ୍ବା ଘିଅ ଗରମ କରନ୍ତୁ। ସବୁ ମସଲା ପକାନ୍ତୁ ଏବଂ କିଛି ସେକେଣ୍ଡ ପାଇଁ ଭାଜନ୍ତୁ। ଏବେ, କଟା ପିଆଜ ପକାନ୍ତୁ ଏବଂ ବ୍ରାଉନ ହେବା ପର୍ଯ୍ୟନ୍ତ ଭାଜନ୍ତୁ।

କିଛି ସମୟ ପରେ ଅଦା-ରସୁଣ ପେଷ୍ଟ ପକାନ୍ତୁ ଏବଂ ଭାଜନ୍ତୁ। ଏବେ ଟମାଟୋ ପ୍ୟୁରି ପକାନ୍ତୁ ଏବଂ ଭଲ ଭାବରେ ମିଶାନ୍ତୁ। ତେଲ ଟମାଟୋରୁ ଅଲଗା ହେବା ପର୍ଯ୍ୟନ୍ତ ଏହାକୁ ରାନ୍ଧନ୍ତୁ।

ଏହା ପରେ ହଳଦୀ ପାଉଡର, ଲାଲ ଲଙ୍କା ପାଉଡର, ଧନିଆ ପାଉଡର ଏବଂ ଗରମ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ୧-୨ ମିନିଟ୍ ପାଇଁ ଭାଜନ୍ତୁ।

ଏବେ ଭିଜା କାଜୁ ପେଷ୍ଟ ପକାଇ ୨-୩ ମିନିଟ୍ ପାଇଁ କସନ୍ତୁ। ଏହା ଗ୍ରେଭିକୁ ଘନ ଏବଂ କ୍ରିମି ସ୍ୱାଦ ଦେବ। ଗ୍ରେଭିର ସ୍ଥିରତା ପାଇବା ପାଇଁ ଆବଶ୍ୟକ ଅନୁସାରେ ପାଣି କିମ୍ବା କ୍ଷୀର ମିଶାନ୍ତୁ।

ଲୁଣ ଏବଂ ଚିନି ପକାଇ ଭଲ ଭାବରେ ମିଶାନ୍ତୁ ଏବଂ ଛଣା ଯାଇଥିବା କୋଫ୍‌ତାକୁ ଗ୍ରେଭିରେ ୫-୭ ମିନିଟ୍ ପାଇଁ କମ୍ ଆଞ୍ଚରେ ରନ୍ଧା ହେବାକୁ ଦିଅନ୍ତୁ, ଯାହା ଫଳରେ ସମସ୍ତ ସ୍ୱାଦ ଏକାଠି ମିଶିଯିବ। ଉପରେ କଟା ଧନିଆ ଛିଞ୍ଚନ୍ତୁ ଏବଂ ଗରମ ନାନ, ରୁଟି ସହ ଖାଆନ୍ତୁ।




## ରେକର୍ଡ଼ ଭାଙ୍ଗୁଛି ଆହାନ ପାଣ୍ଡେଙ୍କ ପ୍ରଥମ ଚଳଚ୍ଚିତ୍ର

ଚଙ୍କି ପାଣ୍ଡେଙ୍କ ପୁତୁରା ତଥା ଅନନ୍ୟା ପାଣ୍ଡେଙ୍କ ସମ୍ପର୍କୀୟ ଭାଇ ଆହାନ ପାଣ୍ଡେଙ୍କ ପ୍ରଥମ ଚଳଚ୍ଚିତ୍ର 'ସୈୟାରା' ଏବେ ଚର୍ଚ୍ଚାରେ। ଅନୀତ ପଡ୍ଡାଙ୍କ ସହିତ ତାଙ୍କ ଯୋଡ଼ିକୁ ବେଶ୍ ପ୍ରଶଂସା କରାଯାଉଥିବାବେଳେ ଫିଲ୍ମଟି ସମୀକ୍ଷକ ଏବଂ ଦର୍ଶକଙ୍କଠାରୁ ଆଦୃତି ଲାଭ କରିଛି। ଫିଲ୍ମର ପ୍ରଥମ ଦିନର ଆୟ ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଛି। ତେବେ ଦ୍ୱିତୀୟ ଦିନର ଆୟ ପ୍ରଥମ ଦିନଠାରୁ ଆହୁରି ଅଧିକ, ଯାହା ଅମିର ଖାନଙ୍କ ପୁଅ ଜୁନୈଦ ଖାନଙ୍କ ପ୍ରଥମ ଚଳଚ୍ଚିତ୍ର 'ଲଭୟାପା'ର ମୋଟ୍ ଆୟକୁ ବି ପଛରେ ପକାଇ ଦେଇଛି। ସୂଚନା ଅନୁସାରେ, ପ୍ରଥମ ଦିନରେ ଫିଲ୍ମ ୨୧ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ଦ୍ୱିତୀୟ ଦିନରେ ୨୪ କୋଟି ଟଙ୍କା ଆୟ କରିଛି। ଏଥିସହ ଫିଲ୍ମଟି ମାତ୍ର ଦୁଇ ଦିନରେ ୪୫ କୋଟି ଟଙ୍କା ଆୟ କରିଛି। ବିଶ୍ୱସ୍ତରରେ ଏହାର ଆୟ ୫୦ କୋଟି ପାର୍ ହୋଇଛି। ଫଳରେ 'ସୈୟାରା' ୨୦୨୫ର ହିଟ୍ ଚଳଚ୍ଚିତ୍ର ତାଲିକାରେ ସାମିଲ ହୋଇଯାଇଛି। ଯଶରାଜ ସିଇଓ ଅକ୍ଷୟ ବିଧାନୀଙ୍କ ଦ୍ୱାରା ନିର୍ମିତ ଏବଂ ମୋହିତ ସୁରୀ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅହାନ ପାଣ୍ଡେ ଓ ଅନୀତ ପଡ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ବର୍ତ୍ତମାନର ଷ୍ଟାର କିଡ୍‌ମାନଙ୍କ ମଧ୍ୟରୁ ଏହା ଏପର୍ଯ୍ୟନ୍ତର ସବୁଠୁ ସଫଳ ଡେବ୍ୟୁ ସିନେମା କୁହାଯାଉଛି।

## ଗୋଟିଏ ଫିଲ୍ମରେ ୪ ଅବତାରରେ ଅଲ୍ଲୁ

ଅପ୍‌କମିଙ୍ଗ ଫିଲ୍ମ 'ଏଏ୨୨ଏକ୍ସଏ୬' କାମରେ ବ୍ୟସ୍ତ ଅଛନ୍ତି ପାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ । ବହୁପ୍ରତୀକ୍ଷିତ ଏହି ଫିଲ୍ମ ହାଇପ୍ରୋଫାଇଲ ଷ୍ଟାର୍‌କାଷ୍ଟଙ୍କ ପାଇଁ ଖବରରେ ରହିଛି । ଫିଲ୍ମରେ ଅଲ୍ଲୁଙ୍କ ସହ ଦୀପିକା ପାଦୁକୋନ, ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା ଓ ମୃଣାଳ ଠାକୁର ଦେଖିବାକୁ ମିଳିବେ । ଆଟ୍‌ଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଲ୍ଲୁ ଏକାଧିକ ଚରିତ୍ରରେ ଦେଖାଦେବେ । ପ୍ରଥମ ଥର ପୁଷ୍ପା ଷ୍ଟାର୍ ଏକସଙ୍ଗେ ଅନେକ ଚରିତ୍ର ନିର୍ବାହ କରିବେ । ଫିଲ୍ମରେ ସେ ଜେଜେ, ବାପା ଓ ଦୁଇ ପୁଅ ଭୂମିକା ନିର୍ବାହ କରିବେ । ଅଲ୍ଲୁ ନିଜେ ୪ଟିଯାକ ଭୂମିକା ନିର୍ବାହ ପାଇଁ ଉତ୍ସାହିତ ଅଛନ୍ତି । ଆଟ୍‌ଲି ତାଙ୍କଠୁ ଏହା ଶୁଣି ପ୍ରଥମେ ଦ୍ୱନ୍ଦ୍ୱରେ ଥିଲେ । କିନ୍ତୁ ଲୁକ୍ ଟେଷ୍ଟ୍ ପରେ ସେ ଅନୁଭବ କଲେ ଯେ ଏହା ଫିଲ୍ମ ପାଇଁ ଲାଭକର ହେବ । ଦର୍ଶକ ଗୋଟିଏ ଟିକଟ୍ ଦେଇ ଅଲ୍ଲୁଙ୍କର ୪ ଅଲଗା ଅଲଗା ଅବତାର ଦେଖିବାକୁ ପାଇବେ । ଫିଲ୍ମରେ ସବୁଠୁ ଖାସ୍ ଭୂମିକା ରଶ୍ମିକାଙ୍କର ହେବ । 'ପୁଷ୍ପା: ଦ ରାଇଜ୍' ଓ 'ପୁଷ୍ପା: ଦ ରୁଲ୍'ରେ ଅଲ୍ଲୁଙ୍କ ନାୟିକା ଭୂମିକାରେ ଅଭିନୟ କରିଥିବା ରଶ୍ମିକା ପ୍ରଥମ ଥର ନେଗେଟିଭ୍ ରୋଲ୍ ?ରେ ପରଦାକୁ ଓହ୍ଲାଇବେ । ଭିଲେନ୍ ଭାବେ ଅଲ୍ଲୁ ଅର୍ଜୁନ, ଦୀପିକା, ଜାହ୍ନବୀ ଓ ମୃଣାଳଙ୍କ ସହ ତାଙ୍କର ମୁକାବିଲା ହେବ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା,ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ୍, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ,ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଏସଡ଼ିପିଓ, କନ୍ଧମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କନ୍ଧମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବ୍ଲକ ଶିକ୍ଷାଧିକାରୀ, କନ୍ଧମାଳ ଶିଶୁ ବିକାଶ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦାନ କରି ଲୋକମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୫୮ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୪୯ଟି ବ୍ୟକ୍ତିଗତ ଓ ୯ଟି ସାମୁହିକ ମାମଲା ପଞ୍ଜୀକୃତ ହୋଇଥିଲା। ଏହି ଶିବିରରେ ୫ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୨୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।

## ବିଦ୍ୟୁତ୍ କାଟ୍ ଯୋଗୁଁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

କଣାସ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ପକ୍କା ସଡକ ଓ ପ୍ରତ୍ୟେକ ପରିବାରକୁ ପାନୀୟଜଳ ଏବଂ ବିଦ୍ୟୁତ୍ ସେବା ଯୋଗାଦେବା ପାଇଁ ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ବିଦ୍ୟୁତ୍ ସେବା ଯୋଗାଦିଆଯାଇଥିବା ବେଳେ ବିନା ସୂଚନାରେ ଦିନ ଓ ରାତିରେ ବାରମ୍ବାର ବିଦ୍ୟୁତ୍ କାଟି ଦିଆଯାଉଥିବାରୁ ଦିନକୁ ଦିନ ବିଦ୍ୟୁତ୍ ଗ୍ରାହକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡିଛି କଣାସ ବ୍ଲକକୁ ୧୯୭୫ ମସିହାରେ ଖୋର୍ଦ୍ଧା ଗ୍ରିଡିରୁ ଶିଆଳିଆ, ତିରିମଲ୍ଲ, ଡେଲାଙ୍ଗ ଦେଇ ଦୀର୍ଘ ୪୫କିମି ଅତିକ୍ରମ କରି କଣାସ ବ୍ଲକକୁ ବିଦ୍ୟୁତ୍ ଯୋଗାଇବା ପାଇଁ କଣାସ ଠାରେ ବିଦ୍ୟୁତ୍ ସବଷ୍ଟେସନ୍ କରାଯାଇଛି। ପ୍ରତ୍ୟେକ ଦିନ ଓ ରାତିରେ ୩ଘଣ୍ଟାରୁ ୫ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି। ଏ ସମ୍ପର୍କରେ କଣାସ ଠାରେ ଥିବା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେକୁହନ୍ତି ବାରମ୍ବାର ଖୋର୍ଦ୍ଧା ଗ୍ରିଡିରୁ କାମ ହେବାପାଇଁ ବିଦ୍ୟୁତ୍ କାଟ କରାଯାଉଛି। ଆଉ କେତେବେଳେ କୁହନ୍ତି ତିରିମଲ୍ଲ ଠାରେ ଜମ୍ପର ଛିଡିପଡିଛି ତ ଡେଲାଙ୍ଗ ବିଶ୍ୱନାଥ ମୁଡିଆ ତଳେ ତାର ଛିଡିପଡିଛି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ବିଦ୍ୟୁତ୍ ସରବରାହ ଦୀର୍ଘ ସମୟ ଧରି ବନ୍ଦ ହୋଇଯାଏ। କେତେକ ବିଦ୍ୟୁତ୍ ବିଭାଗ ଇଂଜିନିୟର କୁହନ୍ତି କଣାସ ଅଞ୍ଚଳରେ ୩୩କେଭି ଟାୱାର ବସାଗଲେ କଣାସ ଅଞ୍ଚଳ ବିଦ୍ୟୁତ୍ ସରବରାହ ଠିକ୍ ରହିବ। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ, ସ୍ଥାନୀୟ ବିଧାୟକ, ସ୍ଥାନୀୟ ସାଂସଦ ଓ ବିଦ୍ୟୁତ୍ ବିଭାଗ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବିକରି ଆସୁଛନ୍ତି। ଜନସାଧାରଣଙ୍କ ଦାବିକୁ ପୁରଣ ନ କରାଗଲେ ଆଗାମି ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ କହିଛନ୍ତି।

### ଛାତ୍ରଙ୍କୁ ମାଡ ମାରିବା ଘଟଣା

## ଟାୟାର ଜାଳି ରାସ୍ତା ଅବରୋଧ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଣିଜଙ୍ଗର ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟିଙ୍କୁ କିଶନନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ପ୍ରତିବାଦରେ ସୋମବାର ବିଦ୍ୟାଳୟର ଶତାଧିକ ଉତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ୬ ଦିନ ତଳେ ଏହି ବିଦ୍ୟାଳୟର ଜଣେ ଛାତ୍ରକୁ ୪ଜଣ ସହପାଠୀ ଶ୍ରେଣୀକକ୍ଷରେ ତାଲା ପକାଇ ପଳାଇ ଯାଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ପାଟି ଶୁଣି ଶିକ୍ଷୟିତ୍ରୀ ତନୁପ୍ରିୟା ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଏହି ୪ଜଣ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ତନୁପ୍ରିୟ ତାଗିତ କରିବା ସହ ଅଷ୍ଟମ ଶ୍ରେଣୀର ଛାତ୍ର ରାହୁଲ ସେଠୀଙ୍କୁ ଏଥିନିମନ୍ତେ ମାଡ ମାରିଥିଲେ। ଏସମ୍ପର୍କରେ ରାହୁଲର ପିତା ପ୍ରଶାନ୍ତ କୁମାର ସେଠୀ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି କିଶନନଗର ଥାନା ପୋଲିସ ଘଟଣାର ତଦନ୍ତ କରି ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ଗତକାଲି ତନୁପ୍ରିୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବା ଯୋଗୁ ତାଙ୍କୁ ଚୌଦ୍ୱାର ସର୍କଲ ଜେଲକୁ ପଠାଇ ଦିଆଯାଇଥିଲା। ଅପରପକ୍ଷରେ ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ମଧ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ ଆଦେଶ ଦେଇଥିଲେ। ତେବେ ପୋଲିସ ଓ ଶିକ୍ଷା ଅଧିକାରିଣୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ଛାତ୍ରଛାତ୍ରୀ ଓ ଅଭିଭାବକ ସହଜରେ ଗ୍ରହଣ କରିପାରି ନଥିଲେ। ଶନିବାର ଦିନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା ବେଳେ ଆଜି ପ୍ରତିବାଦ ସ୍ୱରୂପ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାର ମଣିଜଙ୍ଗ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଛାତ୍ର ଛାତ୍ରୀମାନେ ପ୍ରଶାସନ ବିରୁଦ୍ଧରେ ଓ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ସପକ୍ଷରେ ନାରାବାଜି କରିଥିଲେ। ଏହି ଘଟଣାକୁ ନେଇ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଦୀର୍ଘ ୩ଘଣ୍ଟାରୁ ଉର୍ଦ୍ଧ୍ୱ ଚାଲିଥିବା ଏହି ରାସ୍ତା ଅବରୋଧ ଯୋଗୁଁ ଯାନବାହନ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ନିଆଯାଇ ଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଥିଲା। ତେବେ ଘଟଣାସ୍ଥଳରେ କିଶନନଗର ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

### ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ, ଲୋକଙ୍କ ଗଣଧାରଣା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ପୂରଣ ଦାବିରେ ସୋମବାର ଗଣଧାରଣା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାଶିଷ୍ଟ ଶୁଭ୍ରକାନ୍ତ ପଣ୍ଡାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ନିୟୋଜିତ କରାଯାଇଛି। ମାତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାଶିଷ୍ଟ ନିଯୁକ୍ତି ଦିଆଯାଇ ନାହିଁ। ଏହା ପ୍ରତିବାଦରେ ଗ୍ରାମବାସୀ ସନ୍ତୋଷ ମାଝୀ, ଧନିଆ ମାଝୀ, ଘନଶ୍ୟାମ ମାଝୀ, ଅରୁଣ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ଧାରଣାରତ ଗ୍ରାମବାସୀଙ୍କୁ ସାକ୍ଷାତ କରି ସପ୍ତାହର ୩ ଦିନ ରହଣିଆ ଫାର୍ମାଶିଷ୍ଟ ଭାବେ ଶୁଭ୍ରକାନ୍ତ ପଣ୍ଡା କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଗୋରୁ ଚାଲାଣ ବେଳେ ପିକ୍ଅପ୍ ଭ୍ୟାନ ଜବତ, ଚାଳକ ଗିରଫ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବଜାରରେ ଏକ ବେଆଇନ ଗୋରୁ ଚାଲାଣ ଗାଡ଼ିକୁ ପୋଲିସ ସୋମବାର ମଧ୍ୟାହ୍ନରେ ଜବତ କରିବା ସହ ୧୦ ଗୋରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଚାଳକ ମତୋ ପରମାନନ୍ଦପୁର ଗ୍ରାମର ମଜବୁର ରହେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକକୁ ପୁଲିସ ଅଟକ ରଖିଥିବା ଜଣାଯାଇଛି। ଉଦ୍ଧାର ଗୋରୁମାନଙ୍କୁ ସୟା ସ୍ଥିତ ପତିତପାବନ ଗୋଶାଳାରେ ଛଡ଼ାଯାଇଛି। ପ୍ରକାଶ ଯେ, ଏକ ନମ୍ବର ବିହୀନ ପିକ୍ଅପ୍ ଭ୍ୟାନ ଗୋରୁ ବୋଝେଇ କରି ମତୋରୁ ଭଦ୍ରକ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ କେତେକ ଯୁବକ ଖବରପାଇ ଗୋରୁ ବୋଝେଇ ଗାଡ଼ିକୁ ତିହିଡ଼ି ବଜାରରେ ଧରି ପୋଲିସ ଜିମା ଦେଇଥିଲେ।

## ଗୋଦାମଘର ନିର୍ମାଣ ସ୍ଥାନକୁ ନେଇ ଅସନ୍ତୋଷ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ପରିଦେ ବୈଠକ ସଭାପତି ଅବିନାଶ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇ ସମିତିର ଗୋଦାମଘର ସ୍ଥାନ ନିରୂପଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ସମିତିର ପରିଚାଳନା ନିର୍ଦ୍ଦେଶକ ନାଗେଶ୍ୱର ବେହେରା, ଜିତେନ୍ଦ୍ର ନାୟକ, ହିମାଂଶୁ ଧଳ, ବିଜୟ ସାମଲ, ଗିରିଶ ରାଉତ, ଗୋଲାପି ସାହୁ, ପ୍ରଣତୀ ସାମଲ, ମଧୁସୂଦନ ଜେନା ଓ ଗୋବର୍ଦ୍ଧନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମିତିର ଗୋଦାମ ଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ମିଳିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମିତି ଠାରୁ ୫ କିଲୋମିଟର ଦୂରରେ ସ୍ଥାନ ନିରୂପଣ କରାଯାଇଛି। ଏହା ସମିତି ସ୍ୱାର୍ଥ ଅନୁକୂଳ ନୁହେଁ ବୋଲି ବୈଠକରେ ନିଷ୍ପତ୍ତି ହୋଇ ପୁର୍ନବିଚାର କରାଯିବାକୁ ଦାବି ହୋଇଥିଲା।

### ଦୁଇ ବାଇକ ଧକ୍କା, ୩ ଗୁରୁତର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମନମୁଣ୍ଡା - କନ୍ଧମାଳ ରାଜ୍ୟ ରାଜପଥ ନଂ୪୧ର ସୁଲିଆ ଛକ ନିକଟରେ ସୋମବାର ସକାଳ ୮ଟା ସମୟରେ ବାଇକ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୁଲିଆ ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଉଭୟ ବାଇକରେ ଥିବା ୩ ଜଣ ଯୁବକ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କନ୍ଧମାଳ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଘଟଣା ସ୍ଥଳରେ କନ୍ଧମାଳ ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଆହତଙ୍କ ମଧ୍ୟରୁ ଜଣେ ମନମୁଣ୍ଡା ଥାନା ସଦାନନ୍ଦପୁର ଗ୍ରାମର ହୋଇଥିବା ବେଳେ ଅନ୍ୟ ଦୁଇଜଣ ବାଲାଙ୍ଗୀର ଜିଲ୍ଲାର ବୋଲି ପ୍ରତକ୍ଷ୍ୟଦର୍ଶୀ ସୂଚନା ଦେଉଛନ୍ତି।

## ସିଆର୍‌ପି. ସିଏମ୍ ଆସୋସିଏସନ୍ ପକ୍ଷରୁ ଦାବିପତ୍ର ପ୍ରଦାନ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ସିଆର୍‌ପି. ସିଏମ୍. ଆସୋସିଏସନ ଜିଲ୍ଲା ସଭାନେତ୍ରୀ ଭାରତୀ ନାୟକ ଏବଂ ସମ୍ପାଦିକା ହୀରା ଦେବୀ ପ୍ରଧାନଙ୍କ ନେତୃତ୍ୱରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଡେପୁଟି କଲେକ୍ଟର ନାରାୟଣ ମିଶ୍ରଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଭାରତୀୟ ମଜଦୂର ସଂଘର ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଯୋଗ ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି. ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁ ରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି। କିନ୍ତୁ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଉଥିବା ଅଣଦେଖାକୁ ଦୃଢ଼ ନିନ୍ଦା କରିବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ ନକରନ୍ତି ତାହାହେଲେ ଆସନ୍ତା ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ଚେତାବନୀ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉପସଭାପତି ପଙ୍କଜନି ନାଗ, କୋଷାଧ୍ୟକ୍ଷ ଜାଗାମା ପେରିସିକା ପରିଚାଳନା କରିଥିଲେ ବେଳେ କାର୍ଯ୍ୟକ୍ରମରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବ୍ଲକର ସିଆର୍‌ପି. ସିଏମ୍ ମାନେ ଯୋଗ ଦେଇଥିଲେ। ବିଭିନ୍ନ ଦାବି ମଧ୍ୟରେ ସିଆରପି. ସିଏମ୍.ମାନଙ୍କ ପାଇଁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ଦଶ ହଜାର ଟଙ୍କା ପ୍ରଦାନ କରାଯାଉ। ଏଥିସହ ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ମେସିନ୍ ପ୍ରଦାନ କରାଯିବା, ସିଆରପି. ସିଏମ୍.ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ କରିବା ଓ ସିଆରପି. ସିଏମ୍.ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବିରେ ଉଲ୍ଲେଖ ରହିଥିଲା।

### ଜଳିଗଲା ୮ ଦୋକାନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବଜାରରେ ଥିବା ୮ଟି ଦୋକାନ ସୋମବାର ସକାଳେ ଜଳି ଯାଇଥିବା ଜଣାପଡ଼ିଛି। ଦୋକାନରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ି ଭସ୍ମୀଭୂତ ହୋଇଥିବା ଜଣାପଡ଼ିଛି। ଖବର ପାଇ ତିହିଡ଼ି ଦମକଳ କେନ୍ଦ୍ରର ଆଗ୍ନିକ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜାରରେ ଥିବା ମୂରଲିଧର ସାହୁଙ୍କ ୩ବଖରା ଜଳଖିଆ ଦୋକାନ, ସୁଦାମ



ଜେନାଙ୍କ ଫୁଲ ଦୋକାନ, ବିକାଶର କରଙ୍କ ଏକ୍ସେସ, ଚନ୍ଦ୍ରକାନ୍ତ ମହାନ୍ତିଙ୍କ ୨ବଖରା ଫଟୋ ଷ୍ଟିଡିଓ, ଦୟାନିଧି ସାହୁଙ୍କର ଫୁଲ ଦୋକାନ ପୋଡ଼ି ଯାଇଥିବା ଜଣାପଡ଼ିଛି। ଜଳଖିଆ ଦୋକାନରୁ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଦୋକନ ପୋଡ଼ି ଯାଇଥିବା କୁହାଯାଉଛି। ଏହି ଅଗ୍ନିକାଣ୍ଡରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି।

## ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସମବାର ଦିନ ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି। ସେହି ଅନୁଯାଇ ଚଳିତ ମାସ ତୃତୀୟ ସମବାର ଆଜି ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲାର ଏସପି ବରୁଣ ଘୁଣ୍ଟୁପାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ ୯୭ ଗୋଟି ଅଭିଯୋଗ ଆଗତ ହୋଇଥଲା ସେଥିରୁ ୬୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୮ଟି ଗୋଷ୍ଠିଗତ ଥିଲା। ଜିଲ୍ଲାପାଳ ଏହି ଶିବିରରେ ୩ ଜଣଙ୍କୁ ରେଡକ୍ରସ ଫଣ୍ଡରୁ ୫ ହଜାର ଲେଖାଏଁ ଚିକିତ୍ସା ନିମନ୍ତେ ଅର୍ଥରାଶି ଯୋଗାଇ ଦେଇଥିଲେ। ସେମାନେ ହେଲେ କରଞ୍ଜିଆ ବ୍ଲକ ବାରାପାନପଶିର ଦୀପକ ବେହେରା, ବଳ। ପଞ୍ଚାୟତ ପିଚ୍ଛୁଳୀ ଗ୍ରାମର ରତନ ମହନ୍ତ ଓ ଶୁକ୍ଳୁଳି ବ୍ଲକ ପାଣି ଦେଉଳି ଗ୍ରାମର ସୁରମଣି ପାତ୍ର ମୋଟ ଅଭିଯୋଗରୁ ୩ ଟି ଅଭିଯୋଗର ତୁରନ୍ତ ଫଇସଲ। କରିଥିଲେ ଜିଲ୍ଲାପାଳ। ଏହି ଜନ ଅଭିଯୋଗ ଶୁଣାଣି ଶିବିର ରେ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କ ସହିତ ପିଏଆଇଟିଡିଏ ଚିତ୍ତ ରଂଜନ ମହାନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ ଶୁକ୍ଳୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭଗବାନ ନାଏକ, ବିଦ୍ୟୁତ୍ ବିଭାଗ ଏସଡିଓ ଏ ର।ଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହ କାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରି ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ସମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅନ୍ତର୍ଗତ ମାଝି ଗାଁ ଛକ ଠାରେ ଆଜି ସକାଳ ସାଢ଼େ ୯ଟା ବେଳେ, ମାଝି ଗାଁ ଛକରେ ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁଘଟିଛି। ମୃତକଜଣକ ଭଦ୍ରକ ଜିଲ୍ଲା ତିହିଡ଼ିର ବିଶ୍ୱରଞ୍ଜନ ନାୟକ (୨୫) ବୋଲି ପୋଲିସ ସୂଚନା ଦେଇଛି। ମୃତକ ବିଶ୍ୱରଞ୍ଜନ ଲଉଡ଼ି ଗାଁ ଠାରେ ଆଇଜର ଶିକ୍ଷାନୁଷ୍ଠାନ ପରିସରରେ କାମ ନେଇଥିବା ସିଜେଏମ ପ୍ରୋଜେକ୍ଟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ସକାଳ ୯ଟା ବେଳେ ବାଇକ୍ ଯୋଗେ କନିଷ୍ଠ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ବିଶ୍ୱରଞ୍ଜନଙ୍କ ଗାଡ଼ି ଛିଟିକି ପଡ଼ି ଗୁରୁତର ଆହତ ହେବା ସହ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ନେଇ ମୃତକଙ୍କ ଦାଦା ମୁକ୍ତିକାନ୍ତ ନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହ ଟ୍ରାକ୍ଟରକୁ ଜବତ କରିଛି।

## ମହିଳା ସୁରକ୍ଷା ବିରୋଧରେ ଆରଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ଆରଡିସି ଅଫିସ୍ ସାମ୍ନାରେ ବିଜେଡିର ୮ଟି ଜିଲ୍ଲାର ନେତା ଓ କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିକଟରେ ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା ନେତୃମଣ୍ଡଳୀ କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆଜି ବ୍ରହ୍ମପୁର ସହରରେ ଏକ ବିଶାଳ ରାଲି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମରୁ ବାହାରି ସହର ପରିକ୍ରମା କରି ଆରଡିସି ଅଫିସ୍‌ରେ ପହଞ୍ଚିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଗୋପାଳପୁର ଗଣଦୁଷ୍କର୍ମ ଠାରୁ ଆରମ୍ଭ କରି ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ସାନଖେମୁଣ୍ଡି, ଗୋଳନ୍ଥରା, ପାଟପୁର ପ୍ରଭୃତି ସ୍ଥାନରେ ମହିଳା ନିର୍ଯାତନା ଘଟଣାର ଉଲ୍ଲେଖ କରି, ଆଗାମୀ ଦିନରେ ସରକାରୀ ନିଷ୍କ୍ରିୟତା ବିରୋଧରେ ଜିଲ୍ଲା ଓ ବ୍ଲକ ସ୍ତରରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ କହିଥିଲେ। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଜିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପ୍ରଫୁଲ୍ଲ ପାଙ୍ଗୀ, ଅନୁସୂୟା ମାଝୀଙ୍କ ସମେତ ହଜାର ହଜାର ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

## ରୋଟାରୀ କ୍ଲବ କେନ୍ଦୁଝରଗଡ଼ ପକ୍ଷରୁ ଚାରା ବଣ୍ଟନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସବୁଜିମା କେନ୍ଦୁଝର ଗଢ଼ିବା ଲକ୍ଷ୍ୟରେ ରବିବାର ରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ପକ୍ଷରୁ କୃଷକ ବଜାର ସମ୍ମୁଖରେ ସହର ବାସୀଙ୍କୁ ବିଭିନ୍ନ ପ୍ରକାର ଗଛର ଚାରା ବଣ୍ଟନ କରାଯାଇଛି। ରୋଟାରୀ କ୍ଲବ କେନ୍ଦୁଝରଗଡ଼ର ସଭାପତି ରୋଟାରିଆନ ହରିହର ମହାନ୍ତ ଏବଂ ସଂପାଦକ ରୋଟାରିଆନ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ୧୫୦ରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରା ବିତରଣର ଶୁଭାରମ୍ଭ କରିଥିଲେ। ପିଜୁଳି, ଆତ, ଡାଳିମ୍ବ, କାଜୁ, ବଉଳ, ଶାଗୁଆନ, ଶିଶୁ, ଲେମ୍ବୁ, ଅଁଳା ଆଦି ଚାରା ବଣ୍ଟନ କରାଯାଇଥିଲା। ନିଜ ବାଡିରେ ଚାରା ଲଗାଇବାକୁ ସାଧାରଣ ଜନତା ନିଜ ମନ ପସନ୍ଦର ଚାରା ନେଇଥିଲେ। ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମରେ ସେବା ପ୍ରକଳ୍ପ ନିର୍ଦ୍ଦେଶକ ରୋଟାରିଆନ ଡା. ସଞ୍ଜୀବ କୁମାର ଓଡା, ପୂର୍ବତନ ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ, ରୋଟାରିଆନ ଡ.ସୁରେଶ ଚନ୍ଦ୍ର ଖଟୋଇ, ପ୍ରଶାନ୍ତ ସ୍ୱାଇଁ, ବିଜୟ ନାଥ କପୁର, ମହେଶ ଚାଓ୍ୱଡ଼ା, ଗଜେନ୍ଦ୍ର ପ୍ରସାଦ ବେହେରା, ଅମୀୟ ବେହେରା, ସବିତା ବେହେରା, ନିରୁପମା ସ୍ୱାଇଁ, ବିଷ୍ଣୁ ଚରଣ ମାଝୀ, ପ୍ରିୟଦର୍ଶୀ ପଟ୍ଟନାୟକ, ବିଶ୍ୱଜିତ ଚକ୍ରବର୍ତ୍ତୀ, ନତାଶା ସାହୁ, ଡ. ମାନସ ରଞ୍ଜନ ପଣ୍ଡା, ରୋଟରାକ୍ଟର ଭାରତ ଭୂଷଣ କୁଅଁର ତଥା ଜଙ୍ଗଲ ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇ ସାଧାରଣ ଜନତାଙ୍କୁ।

### ଜନଶୁଣାଣି ଶିବିର

ପାପଡ଼ାହାଣ୍ଡି, (ଭାସ୍କର ନ୍ୟୁଜ୍): ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ କପିଳଦେବ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୪୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଜଣଙ୍କ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

## ସମ୍ଭବ ତାଲିମ ଶିବିର ଉଦଘାଟିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉଚ୍ଚ ବାଳକ ବିଦ୍ୟାଳୟ ଠାରେ ମାଲକାନଗିରି ଜିଲ୍ଲାର ୧୨୯ ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ପାଞ୍ଚ ଦିନିଆ ତାଲିମ ଶିକ୍ଷଣ ପେଟିକା 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଲିମ ଶିବିରକୁ ଉଦଘାଟନ କରି ପ୍ରଧାନ ଶିକ୍ଷକମାନଙ୍କ ନେତୃତ୍ୱ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ଉଚ୍ଚ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ସଏ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ ମଞ୍ଚାସୀନ ଥିଲା ବେଳେ, ସାଧନ କର୍ମୀ ଭାବେ ଦିଲ୍ଲୀପ କୁମାର ଗଣ୍ଡ, ଅଜୟ କୁମାର ନାୟକ, ଦିଲ୍ଲୀପ କୁମାର ସାହୁ ଓ ଦେବରାଜ ସେଠୀ ଉପସ୍ଥିତ ଥିଲେ। ଏହି ପାଞ୍ଚ ଦିନିଆ 'ସମ୍ଭବ' ତାଲିମ ଶିବିରରେ ଘଉର ଓ ଘରଚ - ୨୦୨୦ର ଉଦ୍ଦେଶ୍ୟ ଓ ଶୈକ୍ଷିକ ଲକ୍ଷ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକାରଣ, ଧନ୍ଦାମୂଳକ ଶିକ୍ଷା, ୟୁଡଏ, ଡିଆଇଏସ୍‌ଇ ଆଇପିଜିଆଇ, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି। ଚାରା ବଣ୍ଟନ କରିବା ସହିତ ଏହାର ରକ୍ଷଣାବେକ୍ଷଣ କରିବା ପାଇଁ କହିଥିଲେ। ଲୋକଙ୍କର ଚାରା ନେବାକୁ ଆଗ୍ରହ ଦେଖି ଏହିଭଳି ଚାରା ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ମହାନ୍ତ ସୂଚନା ଦେଇଥିଲେ।

### ବର୍ଷା ଅଭାବରୁ ଧାନଜମି ପଡିଆ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ଭାତ ହାଣ୍ଡି ଭାବେ ପରିଚିତ କଣାସ ବ୍ଲକର ଧାନଜମି ବର୍ଷା ଅଭାବରୁ ଚିରୁଡି ବଣରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଅନିୟମିତତା ବର୍ଷା ଯୋଗୁଁ ଚାଷୀମାନେ ଚାଷ କାର୍ଯ୍ୟ କରିପାରିନାହାନ୍ତି। ବର୍ଷାର ଅଭାବ ଯୋଗୁଁ ଅନେକ ଚାଷୀ ତଳି ପକାଇପାରି ନ ଥିବା ଜଣାପଡିଛି। ତା ସାଙ୍ଗକୁ ଯେଉଁ ଅଞ୍ଚଳରେ କେନାଲ ରହିଛି ସେହି କେନାଲ ମାନଙ୍କରେ ଜଳ ଯୋଗାଇ ଦିଆଉନାହିଁ। କେନାଲରେ ଜଳ ଯୋଗାଦେଇ ଦେଲେ ଅନେକ ଚାଷୀ କେନାଲ ଜଳରେ ଚାଷକରି ଅଛେରା ପକାଇ ଓ ତଳି ପକାଇବା କାର୍ଯ୍ୟ କରିପାରେନ୍ତେ ବୋଲି ଚାଷୀମାନେ କୁହନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେକୁହନ୍ତି ଦିନେ ଦୁଇଦିନ ମଧ୍ୟରେ କଣାସରେ କେନାଲ ଜଳ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଇଛି।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଖରିଫ ଧାନକିଣା ପାଇଁ ଗତ ୧୯ ତାରିଖ ଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର ସମୟ ସୀମା ମାତ୍ର ୨୫ ଦିନ ଧାର୍ଯ୍ୟ କରାଯାଇଛି। ହେଲେ ଚଳିତ ବର୍ଷ ପଞ୍ଜିକରଣ ନିମନ୍ତେ ବହୁ ଜଟିଳତା ଦେଖାଦେଇଛି। ଜମି ପଟ୍ଟାର ମାଲିକ ମୃତ ହୋଇଥିଲେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ କେବଳ ପଞ୍ଜିକରଣ କରାଯାଇପାରିବ ବୋଲି ନିୟମାବଳୀରେ କୁହାଯାଇଛି। ପଞ୍ଜିକରଣ କରିଥିବା ଚାଷୀମାନେ ମଣ୍ଡି ଅଥବା ସମିତିରେ ଫର୍ମ ଦାଖଲ କରିବେ ଓ ଏହି ଫର୍ମ ଅନଲାଇନ ହେବା ପରେ ଦାଖଲ ଫର୍ମକୁ ଫେରାଇ ନେବେ ବୋଲି କୁହାଯାଇଛି। ବହୁ ପଟ୍ଟାଦାର ମାଲିକମାନେ ଏବେ ମୃତ ହୋଇ ସାରିଥିବାରୁ ଏବେ କମ ସମୟ ମଧ୍ୟରେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ସମ୍ଭବ ନୁହେଁ। ଏହାର ବିକଳ୍ପ ଭାବେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଗ୍ରହଣ କରାଯିବ। ହେଲେ ରାଜସ୍ୱ ନିରୀକ୍ଷକମାନେ ତହସିଲଦାରଙ୍କ ନିର୍ଦ୍ଦେଶ ବିନା ରିପୋର୍ଟ ଦେବାକୁ ମନା କରିଦେଇଛନ୍ତି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପଞ୍ଜିକରଣ ପାଇଁ ଧାର୍ଯ୍ୟ ସମୟସୀମା କମ ଥିବାରୁ ସରକାର ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ପ୍ରଣାଳୀ ନିଶ୍ଚିତ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

### ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କର୍ମକର୍ତ୍ତାଙ୍କ ବିବୃତ୍ତିର ପ୍ରତିବାଦ

## ଥାନାରେ ଦ୍ୱାରସ୍ତ ହେଲେ ବରିଷ୍ଠ ନାଗରିକଙ୍କ ପତ୍ନୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ବଉଳପାଳ ଗ୍ରାମର ବଳରାମ ପଣ୍ଡା ନାମକ ଜଣେ ବରିଷ୍ଠ ନାଗରିକଙ୍କୁ ନେଇ ମନଗଢ଼ା ଏକ ବରିଷ୍ଠ ସୁରକ୍ଷା ମଞ୍ଚ ଗଢ଼ି କେତେକ କର୍ମକର୍ତ୍ତା ବିବୃତ୍ତି ଦେଇଥିଲେ। ଏହି ବିବୃତ୍ତିର ପ୍ରତିବାଦ କରି ବରିଷ୍ଠ ନାଗରିକ ପଣ୍ଡାଙ୍କ ପତ୍ନୀ ରମାମଣି ପଣ୍ଡା ଥାନାରେ ଦ୍ୱାରସ୍ତ ହୋଇଥିବା ଜଣାପଡ଼ିଛି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀ ବଳରାମ ଦୀର୍ଘଦିନ ହେବ ନିଶାଗ୍ରସ୍ତ ହୋଇ ପରିବାର ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଆସୁଥିଲେ। ଏପରିକି ଅଧିକାଂଶ ସମୟରେ ବଳରାମ ମଞ୍ଚ କର୍ମକର୍ତ୍ତାଙ୍କ ଠାରୁ ଅଶ୍ଳୀଳ ଭିଡିଓ ଦେଖିବା ପରେ ଘରକୁ ଆସି ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ। ତାଙ୍କ ଶଶୁରଙ୍କ ନାମରେ ଥିବା ଖାଙ୍କିହାଟ ପିଣ୍ଡିକୁ ବିକିବା ସହିତ ଜମିକୁ ଦୀର୍ଘ ବର୍ଷ ହେଲା ବଖରା ସୂତ୍ରରେ ଦେଇ ଲୋକମାନଙ୍କ ଧାନ ନଆଣିବା ସହିତ ଜମି ଫେରାଉ ନଥିଲେ। ଘରେ ଥିବା ସୁନା ଅଳଂକାରକୁ ବିକ୍ରି କରି ଅଧିକ ନିଶାଗ୍ରସ୍ତ ହୋଇ ତାଙ୍କୁ ଓ ପରିବାରର ଅନ୍ୟ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଥିଲେ। ଯେଉଁଥିପାଇଁ ପରିବାର ଲୋକ ଅତିଷ୍ଠ ହେବା ସହିତ ପିଲାମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଯାହାଫଳରେ ତାଙ୍କୁ ଗତ ଜୁନ୍ ୨୪ ତାରିଖରେ କଟକ ସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ନିଶାମୁକ୍ତ କରିବା ଲକ୍ଷ୍ୟରେ ଛଡ଼ା ଯାଇଛି। ଏହାକୁ ନେଇ ମଞ୍ଚର କର୍ମକର୍ତ୍ତା ବଳରାମଙ୍କୁ ଅପହରଣ କରାଯାଇ ମାରିକି ମାଟିରେ ପୋତି ଦେଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଓ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାର ତଦନ୍ତ କରି ନିଶା ନିବାରଣ କେନ୍ଦ୍ରରେ ପହଞ୍ଚି ଥିଲେ। ସେଠାରେ ବଳରାମଙ୍କୁ ଭେଟି ସମସ୍ତ କଥା ଜାଣିବାକୁ ପାଇବା ପରେ ମଞ୍ଚର କର୍ମକର୍ତ୍ତାଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଜାଣିଥିଲେ। ବରିଷ୍ଠ ନାଗରିକ ବଳରାମଙ୍କୁ ନେଇ ମଞ୍ଚର କର୍ମକର୍ତ୍ତା ଯେଉଁପରି ଭାବରେ ତାଙ୍କ ପରିବାରଙ୍କ ଉପରେ ମିଥ୍ୟା ଅଭିଯୋଗ କଲେ ସେନେଇ ତାଙ୍କ ପରିବାରର ସମ୍ମାନ କ୍ଷୁର୍ଣ୍ଣ ହୋଇଛି। ଏଥି ସହିତ ତାଙ୍କୁ ମଞ୍ଚ କର୍ମକର୍ତ୍ତା ମାନେ ଧମକ ଚମକ ଦେଉଛନ୍ତି। ଯାହାକୁ ନେଇ ତାଙ୍କ ଜୀବନ ବିପଦପୂର୍ଣ୍ଣ ବୋଲି ସେ ଅଭିଯୋଗରେ ଦର୍ଶାଇଥିବା ବେଳେ ତୁରନ୍ତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବରିଷ୍ଠ ନାଗରିକଙ୍କ ପତ୍ନୀ ରମାମଣି ଦାବି କରିଛନ୍ତି।

## ପଶୁ ମାଂସ, ଶିଙ୍ଗ, ଧନୁ ତୀର ଜବତ, ୨ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଏଆଇ କ୍ୟାମେରା ଓ ତଥ୍ୟ ଆଧାରରେ ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ ଏବଂ କରଞ୍ଜିଆ ବନଖଣ୍ଡ ସହାୟତାରେ ୨୦ ତାରିଖରେ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ ଚଢ଼ାଉ କରି ବହୁ ମାରଣାସ୍ତ୍ର, ପଶୁ ଦେହାବଶେଷ, ସମ୍ବର ମାଂସ ସହିତ ୨ ଶିକାରୀଙ୍କୁ ଗିରଫ କରି ୨୧ତାରିଖରେ କୋର୍ଟରେ ହାଜର କରାଯାଇଛି। ଘଟଣାରୁ ପ୍ରକାଶ ଯେ, କୃତ୍ରିମ ବୁଦ୍ଧିମତା ତଥ୍ୟ ଓ ଫଟୋ ଆଧାରରେ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ଡିଭିଜନ ଏସିଏଫଙ୍କ ନେତୃତ୍ୱରେ କରଞ୍ଜିଆ ଡିଭିଜନ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଏବଂ ଡ଼ଙ୍ଗାଡିହା ବନ୍ୟପ୍ରାଣୀ ସେକ୍ସନ କର୍ମଚାରୀ ମିଳିତ ଭାବେ ଅସନକୁଦର ଓ ରାଣୀଭୋଳ ଗ୍ରାମରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅସନକୁଦର ଗ୍ରାମର ଫକୀର ଚକିଆ (୪୪) ଏବଂ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ (୨୧)ଙ୍କ ନିକଟରୁ ଅବୈଧ ଭାବେ ରଖିଥିବା ଧନୁ, ତୀର, ବାରହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ ମୁଣ୍ଡ ସହିତ ଶିଙ୍ଗ, ସମ୍ବର ମାଂସ ଏବଂ ବାଉଁଶ ପଟି ଆଦି ଜବତ କରିବାକୁ ସମର୍ଥ ହୋଇଥିଲେ। ଏତେ ପରିମାଣରେ ପଶୁ ଦେହାବଶେଷ ଦେଖି ବନ ବିଭାଗ ତାଜୁବ ହୋଇଯାଇଥିଲା। କେତେ ପରିମାଣରେ ପଶୁ ଶିକାର ହେଲେ ଏହା ସମ୍ଭବ ବୋଲି ଆକଳନ କରିଥିଲେ। ଏତେ ପରିମାଣରେ ପଶୁଙ୍କ ସାମଗ୍ରୀ ଦେଖିଲେ ଶିମିଳିପାଳଯେ କେତେ ଅସୁରକ୍ଷିତ ତାହା ବେଶ ଅନୁମେୟ। ଉଭୟ ଶିକାରୀଙ୍କୁ ୨୧ ତାରିଖରେ କୋର୍ଟରେ ହାଜର କରାଯାଇ ଥିଲା। ଜାମିନ ବାତିଲ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଆମ ପୋଲିସ ସମିତି ବୈଠକ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ସମ୍ମିଳନୀ କକ୍ଷରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ମଧୁସୂଦନ ଦତ୍ତ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ପୋଲିସ ସମିତି ବୈଠକରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧି/ସମାଜସେବୀ/ ବୁଦ୍ଧିଜୀବି ଗଣ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ବାଲ୍ୟବିବାହ/ନିଶା ନିବାରଣକୁ ରୋକିବା/ ସମସ୍ତେ ହେଲମେଟ୍ ପିନ୍ଧି ବାଇକ ଚଳାଇବା/ଅନ୍ଧବିଶ୍ୱାସ ଓ କୁସଂସ୍କାର ଠାରୁ ଗ୍ରାମବାସୀଙ୍କୁ ଦୁରେଇ ରଖିବା/ ଗ୍ରାମମାନଙ୍କରେ ହେଉଥିବା ଚୋରୀ/ ଡକାୟତି ହେଲେ ପୋଲିସକୁ ଖବର ଦେବା ସହ ସହଯୋଗ କରିବାକୁ ଏହି ସମିତି ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରବିନ କୁମାର ଦଣ୍ଡପାଟ ଓ ଥାନାର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ସଦର ପଞ୍ଚାୟତରେ ସୋମବାର ମାଇ ହୋମ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିଃ. ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନବରଙ୍ଗପୁର ଗଙ୍ଗା ନିର୍ମନ ଏନଣ୍ଟରପ୍ରାଇଜ ସୌଜନ୍ୟରେ ଓ ଜିଲ୍ଲା ରାଜମିସ୍ତ୍ରୀ ସଂଘ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ମାଇ ହୋମ ଇଣ୍ଡିଷ୍ଟ୍ରି ପ୍ରାଇଭେଟ ଲିଃର ସାଧାରଣ ପ୍ରବନ୍ଧକ କେ. ଜୟକୃଷ୍ଣ ଓ ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଜଗନ୍ନାଥ ଶତପଥି ଯୋଗ ଦେଇଥିଲେ। ନବରଙ୍ଗପୁର ଓକିଲ ସଂଘ ସଭାପତି ତଥା ଜିଲ୍ଲା ରାଜମିସ୍ତ୍ରୀ ସଂଘ ସଭାପତି ସିରାଜଉଦ୍ଦିନ ଅହମଦ ସାମିଲ ହୋଇଥିଲେ। ଆୟୋଜକ ଗଙ୍ଗା ନିର୍ମନ ଏଣ୍ଟରପ୍ରାଇଜ ମାଲିକ ପି. ଭେଙ୍କଟରାଓ ସଭାପତିତ୍ୱ କରିଥିଲେ। ଏତଦ୍‌ବ୍ୟତୀତ ରାଜମିସ୍ତ୍ରୀ ସଂଘ ଉପସଭାପତି ବିପିନ ନାଗ ଓ ସମ୍ପାଦକ ରବି ସିଂ ସୁନା ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ବିଧାୟକ ମାଝୀ କହିଥିଲେ ଯେ, ଅଧିକରୁ ଅଧିକ ସଂଖ୍ୟକ ଚାରାରୋପଣ କରି ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ୪ ଗୁରୁତର



ଗୋପ, (ଭାସ୍କର ନ୍ୟୁଜ୍): ସୋମବାର ରାତି ପ୍ରାୟ ୯.୩୦ ସମୟରେ ନିମାପଡ଼ା ପକୋଣାର୍କ ରାସ୍ତାର ଗୋପ ଥାନା ଅନ୍ତର୍ଗତ ବିସରପୁର ଠାରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତର ୪ଜଣ ହେଲେ ଗୋପ ଗଣେଶ୍ୱରପୁର ବାଲୁଙ୍କେଶ୍ୱର ମଲ୍ଲିକ, ଦିଘାଲୋ ବସ୍ତି ଅଂଚଳର ଜୁଲଫିକର ଅଲ୍ଲୀ, ସେକ ସମିମି,ରିହାନ ଖାନ ବୋଲି ଜଣା ପଡିଛି। ରମଣ ପଟନାୟକ ନାମଙ୍କ ଜଣେ ଯୁବକ ବାଲୁଙ୍କେସ୍ୱର ମଳିକି ନାମଙ୍କ ଯୁବକଙ୍କୁ ଗୁରୁତ୍ୱ ଅବସ୍ଥାରେ ଗୋପ ମେଡିକାଲ କୁ ଆଣିଥିବା ବେଳେ ଗୋପ ପୋଲିସ ଆଉ ତିନି ଜଣ ଗୁରୁତରକୁ ହୋଇ ଥିବା ପିଲାଙ୍କୁ ଗୋପ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନତାରିତ କାରଯାଇଛି। ଗୋପ ପୋଲିସ ଘଟଣାସ୍ଥଳରୁ ଦୁଇ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ ଗୋପ ପଟୁ ଏକ ସ୍କୁଟିଯୋଗେ ତିନି ଜଣ ଦିଘାଲୋ ଯାଉଥିବା ବେଳେ ନିମାପଡା ପଟୁ ଏକ ବୁଲେଟ୍ ରେ ଆସୁଥିବା ଜଣେ ବାଇକ ଚାଳକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା।

## ଘରେ କଳାକନା ବୁଲେଇଲେ ଦୃର୍ବୃତ୍ତ

ରଙ୍ଗେଇଲୁଣ୍ଡା/ଗୋଳନ୍ଥରା, (ଭାସ୍କର ନ୍ୟୁଜ୍): କିଛି ଦିନ ବ୍ୟବଧାନ ପରେ ଗୋଳନ୍ଥରା ଥାନା ଅଞ୍ଚଳରେ ପୁଣି ଚୋରି ଦଳ ସକ୍ରିୟ ହୋଇଛନ୍ତି। ରବିବାର ବିଳମ୍ବିତ ରାତି ଲୁଟେରାମାନେ ଏକ ଘରୁ କଳାକନା ବୁଲେଇଥିବା ନେଇ ସୋମବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ଏନେଇ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ବଡ଼ ବିଶ୍ୱନାଥପୁର ଗ୍ରାମରେ ମନ୍ଦାକିନୀ ନାୟକଙ୍କ ପରିବାର ସବୁ ଦିନ ପରି ରବିବାର ରାତି ଖାଇବା ପରେ ଦାଣ୍ଡ ଘରେ ସୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଘର ପଛ କବାଟ ଡାଡି ଘରେ ପଶିଥିଲେ। ଆଲମିରା ଭାଙ୍ଗି ପାଞ୍ଚତୁଳା ସୁନା ଅଳଙ୍କାର, ୨୦ ତୁଳା ରୁପା ଅଳଙ୍କାର ଓ ଅନ୍ୟ କିଛି ଜିନିଷ ପତ୍ର ନେଉଥିବା ସମୟରେ ଶାନ୍ତିଲତାଙ୍କ ନିଦ ଭାଙ୍ଗି ଯାଇଥିଲା। ତାଙ୍କର ଚିତ୍କାର ଶୁଣି ଦୁର୍ବୃତ୍ତମାନେ ଭିତର ପଟୁ ଗେଡା ପକାଇ ବାରି ପଟୁ ଦୁର୍ବୃତ୍ତମାନେ ଚମ୍ପଟମାରିବାରେ ସକ୍ଷମ ହୋଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ଏସଆଇ ଗଗନ ବେହେରା ଓ ଅନ୍ୟ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ରୁମ ଦେଖିଥିଲେ। କିଭଳି ଦୃର୍ବୃତ୍ତ ମାନେ ଘରକୁ ପ୍ରବେଶ କରି ତାହା ଦେଖିବାକୁ ପାଇଥିଲେ। ପରିବାର ଲୋକ ସୋମବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତ ଅଧିନ କୁସୁମି ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ସ୍ୱର୍ଗତ ନିରଞ୍ଜନ ବାରିକ୍‌ଙ୍କ ଧର୍ମପତ୍ନୀ ସୁଚିତ୍ରା ବାରିକଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ଶାରିରିକ ଅସୁସ୍ଥତା ପାଇଁ ତାଙ୍କୁ ପ୍ରଥମେ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ପରେ କଟକସ୍ଥିତ ଏସସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ନିମନିଆ ହୋଇଥିବା ଚିହ୍ନଟ କରି ଚିକିତ୍ସା କରୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତି ତାଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା, ମିଷ୍ଟଭାସୀ, ସ୍ନେହ ବତ୍ସଳା ମହିଳା ଭାବେ ପରିଚିତ ଥିଲେ।

## କର୍କଟ ରୋଗରେ ଯୁବକଙ୍କ ଅକାଳ ବିୟୋଗ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଜଣେ ଯୁବ ସଙ୍ଗଠକଙ୍କ କର୍କଟ ଜନିତ ରୋଗରେ ଅକାଳ ବିୟୋଗ ଘଟିଛି। ତାଙ୍କର ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଜଗନ୍ନାଥପୁର ଗ୍ରାମର ଯୁବ ସଙ୍ଗଠକ ଗଗନ ବିହାରୀ ଓଝା (୫୫) ଗତ କିଛି ଦିନ ହେବ କର୍କଟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ଆଜି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଛି। ତାଙ୍କର ପୁତୁରା ଜ୍ଞାନରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ସରପଞ୍ଚ ବୈଷ୍ଣବଚରଣ ସାମଲ, ପ୍ରାକ୍ତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ରାଉତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଶ୍ରୀଚରଣ ନାଥ, ଏସପିଡଆର ମହାପାତ୍ର, ନାଏବ ସରପଞ୍ଚ ସୟଦ ତସଲିମ ମହମ୍ମଦ, ସେକ ସିରାଜଉଦ୍ଦିନ, ହିମାଂଶୁ ଶେଖର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ଯୌନ ଶୋଷଣ ନିରାକରଣ ନିମନ୍ତେ ସଚେତନା କାର୍ଯ୍ୟକ୍ରମ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଦହ୍ୟା ଜୀବନ ବିକାଶ ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ଓ ନିରାକରଣ ନିମନ୍ତେ ମହାବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ସୁଶାନ୍ତ କୁମାର ଗୁରୁଙ୍କ ଅଧକ୍ଷତା ରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ, ନିଷେଧ ଓ ସମାଧାନ ଆଇନ- ୨୦୧୩ ଧାରା ସମ୍ପର୍କରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ଗଠିତ ଆଭ୍ୟନ୍ତରୀଣ କମିଟି ଉପରେ ମଧ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା। ଏହି ସଚେତନତା ସଭାରେ ସମସ୍ତଙ୍କ ମଧ୍ୟରେ କେମିତି ଭାତୃତ୍ୱ ଭାବ ବଜାୟ ରହିବ ଅଧକ୍ଷ ମହୋଦୟ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ସମସ୍ତ ସଦସ୍ୟ ସଦସ୍ୟା ଓ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସଭା ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ସୂର୍ଯ୍ୟକାନ୍ତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ତ୍ୱରାନ୍ୱିତ ହେଉନି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଅଧିକ୍ଷକଙ୍କ ଅଧୀନ ଅନେକ ଗ୍ରାମରେ ସରକାରୀ ଜାଗା, ରାସ୍ତା, ପୋଖରୀ ହୁଡ଼ା, ଗୋଚର, ଅନାବାଦୀ, ଜଙ୍ଗଲଜମିକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ଆକ୍ତିଆରରେ ରଖିଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ସର୍ବସାଧାରଣଙ୍କ ହିତରେ ବ୍ୟବହୃତହେବାକୁ ଥିବା ଏହି ଜବରଦଖଲ ବୃତ୍ତିକୁ ବ୍ୟକ୍ତିଗତ କବଜାରୁ ଦଖଲମୁକ୍ତକରି ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ଦାବୀ ହେଉଛି। ଏହିକ୍ରମେ ବୋଲଗଡ଼ ତହସିଲ ପିଚୁକୁଳି ରାଜସ୍ୱସର୍କଲ ଅଧୀନ ରାସୋଲଗ୍ରାମବାସୀ ମାନେ ଗ୍ରାମର ବୁଦ୍ଧିନାଥ ବେହେରାଙ୍କ ବାରି ଠାରୁ ବଡ଼ସାହି ଛକ, ଆରଡି ରାସ୍ତା ନିକଟ ବାଉତି ମନ୍ଦିର ଠାରୁ ନାରାୟଣ ବଳୀୟରସିଂ ଘର ଓ ହରିହର ମହାପାତ୍ରଙ୍କ ବାରି ଠାରୁ ଜେନା ଗାଡିଆ ପୋଖରୀ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟାଇବାକୁ ନେଇ ୨୦୨୩ମସିହାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲାବେଳେ ସେ ଏହାର ସରଜମିନ ତଦନ୍ତପାଇଁ ବୋଲଗଡ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପିଚୁକୁଳି ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ମଧ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏଥିନେଇ ଗ୍ରାମବାସୀ ୧୬. ୧୧.୨୦୨୪ରେ ଜିଲ୍ଲାପାଳଙ୍କୁ ପୁନର୍ବାର ଅଭିଯୋଗ କରିବାରେ ସେ ବୋଲଗଡ ତହସିଲଦାରଙ୍କୁ ମାପ ଚିହ୍ନଟ କରି ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶ ଦେବାପରେ ତତ୍କାଳୀନ ତହସିଲଦାର, ସରକାରୀ ଅମିନ, ରାଜସ୍ୱ ନୀରିକ୍ଷକ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ରାସୋଲ ମୌଜା ଖାତା ନମ୍ବର ୩୯୯ର ପ୍ଲଟ ନମ୍ବର ୭୫୬, ୭୫୧,୩୬୫କୁ ମାପ ଚିନ୍‌ହଟ କରିଥିଲେ। ଏନେଇ ପିଚୁକୁଳି ଆରଆଇ ସର୍ବସାଧାରଣ ରାସ୍ତା ଜବରଦଖଲ କାରିଙ୍କ ନାମରେ ଜି ଫର୍ମ ତହସିଲ ଦାରଙ୍କୁ ପ୍ରଦାନ କରିଥିଲେ। ଏହା ଭିତରେ ବଦଳି ପ୍ରକ୍ରିୟାରେ ନୂତନ ତହସିଲଦାର ବିଜୟ କୁମାର ସେଠୀ ଯୋଗଦେବା ପରେ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଶିଥିଳ ପଡ଼ିଥିବାବେଳେ ଗ୍ରାମବାସୀ ବାରମ୍ବାର ଦାବି କରିବା ଫଳରେ ଆରଆଇ ରିପୋର୍ଟ ଆଧାରରେ ଚଳିତ ମାସରେ ଗ୍ରାମର ୮ଜଣ ଜବରଦଖଲକାରୀଙ୍କୁ ନିଜର ପକ୍ଷ ରଖିବାପାଇଁ ନୋଟିସ ଜାରି ହୋଇଛି। ବର୍ଷାଦିନ ହେତୁ ଲୋକମାନେ ରାସ୍ତା ଜବରଦଖଲ ନେଇ ସ୍ୱଚ୍ଛନ୍ଦ୍ ଚଳ ପ୍ରଚଳରେ ଅସୁବିଧା ଭୋଗୁଥିବା ବେଳେ ଏନେଇ ଗ୍ରାମରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ସମସ୍ୟାଟି ଗତ ଦୁଇବର୍ଷଧରି ସମାଧାନ ନହେବା ଫଳରେ ଗ୍ରାମରେ ଉତେଜନା ଲାଗିରହିଛି। ଏହାର ତୁରନ୍ତ ସମାଧାନ ପାଇଁ ସାମାଜିକକର୍ମୀ ସତ୍ୟନାରାୟଣ ବାରିକ, ବୁଦ୍ଧିନାଥ ବେହେରା, ସୁଶାନ୍ତ କୁମାର ସାହୁଙ୍କ ସମେତ ଗ୍ରାମମଙ୍ଗଳ ପରିଚାଳନା କମିଟି, କୁଣ୍ଡାଖାଇ ସେବା ସଂଘର ସଦସ୍ୟ ଓ ଗ୍ରାମ ବାସି ମାନେ ଦାବିକରିବା ସହ ଅନ୍ୟଥା ହେଲେ ତହସିଲ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାପାଇଁ ଚେତାବନୀ ଦେଇଛନ୍ତି।

## କାମ ସରିନି ପଥର ପ୍ୟାକିଂରୁ ଭୁସୁଡ଼ିଲାଣି ପଥର



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଜଳସେଚନ ବିଭାଗ ଅଧୀନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ୬୧.୩୦୦ରୁ ୬୨.୧୪୦କିମି ନଦୀ ପଠାରେ ପଥର ପ୍ୟାକିଙ୍ଗ ପାଇଁ ୫ କୋଟି ୬୧ ଲକ୍ଷ ୮୮ ହଜାର ୧୭୧ଟଙ୍କା ବ୍ୟୟବରାଦ କରାଯାଇଛି। ଉକ୍ତ କାମର ଅବଧି ୨୦ ଫେବୃୟାରୀ ୨୦୨୫ରୁ ୧୯ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ରହିଛି। କାମଟି ତନୁଶ୍ରୀ ମହାପାତ୍ରଙ୍କ ନାମରେ ରହିଥିବା ବେଳେ, ଠିକାଦାରଙ୍କୁ କେହି ବି ସ୍ଥାନୀୟ ଲୋକ ଦେଖିନାହାନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଜ୍ୟୋତିରଂଜନ ନାୟକ କିଛି କୁଜିନେତାଙ୍କ ସହାୟତାରେ ନିଜ ମନମର୍ଜୀରେ କାମ କରୁଛନ୍ତି। ଯେଉଁ ଆକାରର ପଥର ବ୍ୟବହାର ହେବା କଥା ସେହି ଆକାରର ପଥର ବ୍ୟବହାର ନ କରି ଛୋଟଛୋଟ ଆକାରର ପଥରରେ କାମ କରାଯାଉ ଥିବାରୁ ସାମାନ୍ୟ ବର୍ଷାରେ ମାଟି ଧୋଇଯାଉଛି। ଯାହାଫଳରେ ପଥର ଗୁଡିକ ଖସି ପଡୁଛି। ନଦୀ ବନ୍ଧ ପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏମିତିକି ନଦୀରେ ବନ୍ୟା ଜଳ ଆସିବା ପୂର୍ବରୁ ଗ୍ରାମବାସୀମାନେ ଭୟରେ ଅଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାର ଓ ଉପରିସ୍ଥ ଅଧିକାରୀ ସହିତ ସଲାସୁତରାରେ ଏଭଳି ନିମ୍ନ ମାନର କାମ ହେଉଥିବା ଅଭିଯୋଗ ହେଉଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କାମ ଠିକ ଠାକ ହେଉଥିବା କଥା କହୁଛନ୍ତି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନ ବିଭାଗର ରୀନା ନାଏକ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଚାର୍ଯ୍ୟ ଝରଣା ପ୍ରଧାନ ଉପସ୍ଥିତ ରହି ବୃକ୍ଷ ରୋପଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ କରିଥିବା ବେଳେ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣି ମନହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ଭାରତୀର ଶିଶୁ ଭାଇଭଉଣୀମାନଙ୍କର ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଶିଶୁ ଭାରତୀର ଅଧକ୍ଷ ଆକୃତି ସାହୁ , ଉପାଧକ୍ଷ ମୋନାଳ ସାହୁ, ମନ୍ତ୍ରୀ ସୃନ୍ତିରାଣୀ ବେହେରା, ଉପସେନାପତି ବିଶ୍ୱଜିତ୍ ବେହେରା, ଉପମନ୍ତ୍ରୀ ଶ୍ରୀୟା ବାରିକ, ସେନାପତି ରାଜୁ ସାହୁ ବୃକ୍ଷରୋପଣ କରିଥିଲେ।

### ମାଲକାନଗିରି ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଆଇନିସେବା ପ୍ରାଧିକରଣ ର ସଚିବ ତଥା ନିରନ୍ତର ଲୋକ ଅଦାଲତର ମାନ୍ୟବର ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଶିଶୁ କଲ୍ୟାଣ କମିଟିର ଅଧକ୍ଷା ସଂଯୁକ୍ତା ପ୍ରଧାନ, ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, ପୋଲିସ ଉପ ନିରୀକ୍ଷକ ଦୀପିକା ମଲ୍ଲିକ ଭାଗ ନେଇ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ କିଶୋର ନ୍ୟାୟ ଆଇନ ଓ ଶିକ୍ଷା ଅଧିକାର ଆଇନରେ ଥିବା ସେମାନଙ୍କ ଅଧିକାର ଓ ବିଭିନ୍ନ ପ୍ରାବଧାନ ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ/ ଅଧ୍ୟାପିକା, ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

## ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀଙ୍କ ରାମନାଗୁଡା ଗ୍ରସ୍ତ



ରାୟଗଡ, (ଭାସ୍କର ନ୍ୟୁଜ୍): ସୋମବାର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡା ଅକ୍ଷୟ କୁମାର ଖେମୁଣ୍ଡୁ ରାମନାଗୁଡା ଗ୍ରସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଚାକୁଣ୍ଡାଠାରେ ନିର୍ମାଣାଧୀନ ଗ୍ରାମ୍ୟ ଔଦ୍ୟୋଗିକ ଉଦ୍ୟାନ, ପରିଦର୍ଶନ କରି ସେଠାରେ ହେବାକୁ ଥିବା ବିଭିନ୍ନ ଉଦ୍ୟୋଗ ସମ୍ପର୍କରେ ପଚାରି ବୁଝିଥିଲେ। କୁଜେନ୍ଦ୍ରି ଗ୍ରାମ ପଞ୍ଚାୟତର କେପି କୁଡିଆ କେନାଲର ପୁନଃରଉଦ୍ଧାର (ଏମଜିଏନ ଆରଇଜିଏସ) ପ୍ରକଳ୍ପ ସମୀକ୍ଷା କରି ସେଠାରେ ନିୟୋଜିତ ଶ୍ରମିକ ମାନଙ୍କ ସହିତ ଯୋଜନାର ରୂପାୟନ ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ମାଣାଧୀନ କୁଜେନ୍ଦ୍ରୀ ଶିଶୁ ଉଦ୍ୟାନ (ବିକଶିତ ଗାଁ ବିକଶିତ ଓଡିଶା) ଓ ପେଣେକାମ ଗ୍ରାପର ଗଦଗଦା ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ (ବିକଶିତ ଗାଁ ବିକଶିତ ଓଡିଶା) ପରିଦର୍ଶନ କରି ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାମିଙ୍ଗିକୁଡିଆ ଗ୍ରାମର ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମଧ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରି ତାଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ଗ୍ରସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଏପିଓ (ଏମଜିଏନ ଆରଇଜିଏସ) ରାମନାଗୁଡା ଉପସ୍ଥିତ ଥିଲେ।

## ମଦ ଭାଟିରେ ଚଢାଉ, ୧୬୦୦ ଲିଟର ପୋଚ ନଷ୍ଟ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ନିର୍ଦ୍ଦେଶରେ ଥାନା ପୋଲିସ ଟିମ ଦେଶି ମଦ ଭାଟିରେ ଚଢାଉ କରି ୧୬୦୦ ଲିଟର ପଚ ନଷ୍ଟ କରିଛନ୍ତି। ସୁଚନା ଅନୁଯାୟୀ ଥାନା ଏଏସଆଇ ବି ଟି ସାଧୁ, ସୁରେନ୍ଦ୍ର ହୁଇକା, ହବିଲ ଦାର ସୁନ୍ଦର ରାଇ କିର୍ଷାନି, କନେଷ୍ଟବଲ ରବି ନାରାୟଣ ଗୁଣ୍ଡା, ଓ ପି ଏଫ୍ ୭୫ ରଞ୍ଜନ ଖୋରା, କୁନାଲ ଜାନି ହୋମ ଗାର୍ଡ ସୁରେଶ ମାଝୀ କାନାଗାଁ ପଞ୍ଚାୟତ ସାନମାଥୁର ଗାଁ'ରେ ଥିବା ଦେଶି ମଦ ଭାଟି ଉପରେ ଚଢାଉ କରି ଥିଲେ। ବ୍ଲକରେ ସରକାରଙ୍କ ଦେଶି ମଦ ଭାଟି ଥିବା ବେଳେ ଲୋକେ ତାଙ୍କ ଠାରୁ ପ୍ରସ୍ତୁତ ଦେଶି ମଦ ନ ନେଇ ସେହି ବେଆଇନ ଭାବେ ପ୍ରସ୍ତୁତ ହୋଉଥିବା ମଦଗୁଡିକ ନେଇ କାନାଗାଁ, କମ୍ଭୁଗଣ୍ଡା, ସରପଲ୍ଲୀ ଓ ନିଲାବାଡି ପଞ୍ଚାୟତର ଗାଁ ଗୁଡ଼ିକୁ ଦିନ ଓ ରାତିରେ ଶହ ଶହ ଲିଟର ମଦ ଯୋଗାଇ ଦିଆଯାଉ ଥିଲା। ପୋଲିସ ପହଞ୍ଚି ମଦଭାଟିରେ ମଦ ତିଆରି ପାଇଁ ଡ୍ରମ ଗୁଡିକରେ ବତରା ଯାଇଥିବା ପଚ୍ ଗୁଡ଼ିକୁ ଭାଙ୍ଗି ନଷ୍ଟ କରାଯାଇଛି।

## ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିଚିତ୍ର ନୀତି

# ସରକାରୀ ଘରେ ଚାଲିଛି ବେସରକାରୀ ସ୍କୁଲ





କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଡହଗାଁ ପଞ୍ଚାୟତ ଅଧିନରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନେକ ଦିନ ହେଲା ଏକ ଘରୋଇ ସ୍କୁଲ ଚାଲିଛି। ଏଣେ ବ୍ଲକ ପ୍ରଶାସନ ପାଖରେ ଏହାର ଖବର ନାହିଁ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡହଗାଁ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟଠାରେ ମନରେଗା ଯୋଜନାରେ ଶ୍ରମିକ ମାନଙ୍କ ସୁବିଧା ସକାଶେ ପଞ୍ଚାୟତ ପକ୍ଷରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ହୋଇଛି। ହେଲେ ତାହା ଶ୍ରମିକଙ୍କ ଉଦ୍ଦେଶ୍ୟରେ କାମରେ ଆସୁ ନଥିବାବେଳେ ଅନେକ ଦିନ ହେବ ଜ୍ଞାନୋଦୟ ବିଦ୍ୟା ନିକେତନ ନାମକ ଏକ ଘରୋଇ ସ୍କୁଲ ଚାଲିଛି। ତେବେ ଶ୍ରମିକ ମାନଙ୍କ ଉଦ୍ଦେଶ୍ୟରେ ହୋଇଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ କେଉଁ ପରିସ୍ଥିତିରେ ଘରୋଇ ସ୍କୁଲ ପାଇଁ ଦେଇଛନ୍ତି। ଅନ୍ୟପଟେ ସେଠାରେ ଯେଉଁ ସ୍କୁଲ ଚାଲିଛି ତାଙ୍କୁ କେଉଁ ହିସାବରେ ଅନୁମତି ଦିଆଯାଇଛି। ସରକାରୀ ନିୟମ ମୁତାବକ ଯଦି କୌଣସି ସ୍କୁଲ ଖୋଲିବା ଆଗରୁ ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ଶ୍ରେଣୀ କୋଠରୀ, ଖେଳପଡ଼ିଆ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା ଭଳି ଅନେକ ଗୁଡ଼ିଏ ଆନୁସାଙ୍ଗିକ ବ୍ୟବସ୍ଥା ରହିବା କଥା। ହେଲେ ଏହି ସ୍କୁଲରେ ସେସବୁ ବ୍ୟବସ୍ଥା ନଥିବା ବେଳେ କେଉଁ ପରିସ୍ଥିତିରେ ଶିକ୍ଷା ବିଭାଗ ସ୍କୁଲ ପାଇଁ ଅନୁମତି ଦେଇଛନ୍ତି। ଅନ୍ୟପଟେ କେମିତି ସରକାରୀ ଗୃହକୁ ଘରୋଇ ସ୍କୁଲ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଦେଇଛନ୍ତି ତାହାକୁ ନେଇ ସାଧାରଣରେ ସନ୍ଦେହ ଯାତ ହୋଇଛି। ଏ ସମ୍ପର୍କରେ ଡହଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲଙ୍କୁ ପଚାରିବାରୁ ଅନେକ ଦିନରୁ ମନା କରାଯାଇଛି, କାହିଁକି ଦେଇଛନ୍ତି ସରପଞ୍ଚ ଜାଣିଥିବେ ବୋଲି କହିଛନ୍ତି। ସେହିପରି କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କୁ ପଚାରିବାରୁ ସେ ବିଷୟରେ ଖବର ନଥିବା କହିଥିବା ବେଳେ ତଦନ୍ତ କରିବା ପାଇଁ କହିଛନ୍ତି।

# ପତ୍ରାପଡା ଛକରୁ ବିଲାଟିପଦର ରାସ୍ତା ଶୋଚନୀୟ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ପିଡବ୍ଲ୍ୟୁଡି ରାସ୍ତାର ପତ୍ରାପଡା ଛକ। ଏହି ଛକରୁ ପତ୍ରାପଡା ଦେଇ ତିନି କିମି ଦୂର ଗଲେ ପଡେ ବିଲାଟିପଦର ଗାଁ। ତେବେ ଏହି ତିନି କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାବେଳେ ଚଳିତ ବର୍ଷାଋତୁରେ କୌଣସି ଭାରୀଯାନ ଯିବା ତ ଦୂରର କଥା ଦୁଇଚକିଆ ଯାନ, ସାଇକେଲ ଏପରିକି ଚାଲି ଚାଲି ଯାତାୟତ କରିବା ବି ମୁସ୍କିଲ ହୋଇପଡିଛି। ବର୍ଷ ବର୍ଷ ଧରି ଅଞ୍ଚଳବାସୀ ଜନସାଧାରଣ ରାସ୍ତା ନିର୍ମାଣ ପାଇଁ ଦାବି କରୁଥିଲେ ହେଁ ସରକାର ଓ ପ୍ରଶାସନର ଆଜି ପର୍ଯ୍ୟନ୍ତ ଦୃଷ୍ଟି ପଡ଼ିନାହିଁ। ରାସ୍ତା ଖଣ୍ଡିକ ନିର୍ମାଣ ପାଇଁ ଲୋକେ ଦାବି କରି ଥକିଗଲେଣି କିନ୍ତୁ ରାସ୍ତା ନିର୍ମାଣ ପାଇଁ କୌଣସି ବାଟ ଫିଟୁନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରୁଥିବାବେଳେ ରାସ୍ତା



ନିର୍ମାଣ ପାଇଁ ସରକାର, ପ୍ରଶାସନ କୌଣସି ପଦକ୍ଷେପ ନନେଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଅଟକ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପିଡୀତାଙ୍କ ପରିବାର ଆମପାଣି ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ପୋଲିସ ସୂଚନା ଅନୁସାରେ, ଆମପାଣି ଥାନା ଅଞ୍ଚଳର ଜଣେ ୧୨ ବର୍ଷର ନାବାଳିକା ଗାଁ ନିକଟସ୍ଥ ଝରଣାକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଥାନା ଅନ୍ତର୍ଗତ କୁଟୁରୁ ବାଘଝରଣ ଗାଁର ନକୁଳ ବେହେରା(୨୨) ନାବାଳିକା ଝିଅକୁ ଏକୁଟିଆ ଦେଖି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିବା ପିଡୀତାର ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ



ଯୁବକଙ୍କୁ ଥାନାରେ ରଖି ପଚରାଉଚରା ଜାରି ରଖିଛନ୍ତି। ଅନ୍ୟପଟେ ଏହି ଘଟଣା ପରେ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ପୀଡ଼ିତା ବାଳିକାଙ୍କୁ ପୋଲିସ ଡାକ୍ତରୀ ମାଇନା କରି ଅଧିକ ତଦନ୍ତ ଚଳାଇଛି। ଏନେଇ ଆମପାଣି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜେ.ପି ହୋତା ସୂଚନା ଦେଇଛନ୍ତି।

# ଘରୋଇ ସ୍କୁଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭବାନୀପାଟଣା, ( ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହରରେ ଥିବା ମଡର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ୨୦ ତାରିଖ ରବିବାର ଦିନ କଳାହାଣ୍ଡିଜିଲ୍ଲା ଘରୋଇ ସ୍କୁଲ ସଂଘର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଘରୋଇ ସ୍କୁଲମାନଙ୍କରେ ଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା ହେବା ସହ ସିଓଆର୍ ଓ ଆରଟିଇ ପ୍ରତିପୂରଣ, ଆର୍‌ଟିଇ ଅର୍ଥ ମଞ୍ଜୁର ହୋଇ ପଡ଼ିରହିଥିବା ସତ୍ତ୍ୱେ ସ୍କୁଲଗୁଡିଙ୍କୁ ପ୍ରତିପୂରଣ ଦିଆଯାଉ ନଥିବାରୁ ସରକାର ଶୀଘ୍ର ବକେୟା ରାଶି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଘରୋଇ ସ୍କୁଲଗୁଡିକ ସରକାରୀ ନିୟମ ମୁତାବକ ୨୫ ପ୍ରତିଶତ ମାଗଣା ଶିକ୍ଷା ଦାନ ଦେଇଥାନ୍ତି ଯାହାକୁ ସରକାର ସମୟାନୁସାରେ ପ୍ରତିପୂରଣ କରିବା ନିୟମ ରହିଛି। କିନ୍ତୁ ବର୍ଷ ବର୍ଷ ଧରି




ଏହି ପ୍ରାପ୍ୟ ନଦେବାରୁ ସ୍କୁଲଗୁଡିକ ଉପରେ ବୋଝ ବଢ଼ି ବଢି ଯାଉଛି। ନିଜ ଭିତ୍ତିଭୂମି ଥିବା ଘରୋଇ ସ୍କୁଲକୁ ଆଜୀବନ ଓ ଭଡା ଘରେ ପରିଚାଳନା ହେଉଥିବା ଘରୋଇ ସ୍କୁଲକୁ ୧୦ ବର୍ଷର ସିଓଆର୍ ଦେବା ପାଇଁ ଦାବି କରାଯାଇଛି। କଳାହାଣ୍ଡି ଜିଲ୍ଲା ଘରୋଇ ସ୍କୁଲ ସଂଘର ଅଧକ୍ଷ ଡ଼. ଶିବରାମ ନାୟକ ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ୟୁସୁଫ ଅହମ୍ମଦ ଓ ପିଆରଓ ଦୁଷ୍ମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭବିଷ୍ୟତରେ ବିଭିନ୍ନ ସାମାଜିକ, ଉନ୍ନତିମୂଳକ ସଚେତନତା ତଥା ଶିକ୍ଷାମୂଳକ କାର୍ଯ୍ୟକ୍ରମ ଭଳି ଚାରାରୋପଣ, ରକ୍ତଦାନ ଶିବିର ଓ ସଂଘର ବାର୍ଷିକ ଉତ୍ସବ ପାଳନ ପ୍ରସ୍ତାବ ମଧ୍ୟ ବୈଠକରେ ଅନୁମୋଦନ ହୋଇଥିଲା। ଜିଲ୍ଲାର ୧୩ଟି ବ୍ଲକର ଶତାଧିକ ଘରୋଇ ସ୍କୁଲ ଅଧକ୍ଷ, ନିର୍ଦ୍ଦେଶକ, ସ୍କୁଲ ପରିଚାଳନା ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବ୍ୟବସ୍ଥା ଘେରରେ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ

# ଖାଲିପଡ଼ିଛି ଅନେକ ପଦବୀ, ଲୋକେ ପାଉନାହାଁନ୍ତି ସେବା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅବ୍ୟବସ୍ଥା ଘେରରେ ରହୁଥିବାରୁ ଲୋକେ ଉପଯୁକ୍ତ ସମୟରେ ସରକାରୀ ସେବାଗୁଡ଼ିକ ଠିକ୍ ଭାବେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ୧୨ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ଅନେକ ଗୁଡ଼ିଏ ପଦବୀ ଖାଲି ରହିଥିବା ବେଳେ ନର୍ଲା ଏବିଡିଓ ଦେବେନ୍ଦ୍ର ସାମଲଙ୍କୁ ଗତ ଜାନୁଆରୀରୁ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ଅନ୍ୟ ବ୍ଲକର ଅଧିକାରୀଙ୍କୁ ଏଠି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ବ୍ଲକର ୧୨ଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ତଦାରଖ ପାଇଁ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଏଇ) ଓ ୩ ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ଠିକ୍ ସେହିପରି ବ୍ଲକରେ ୧୨ ଟି ପଞ୍ଚାୟତକୁ ୯ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୭ ଜଣ ଆକାଉଣ୍ଟାଣ୍ଟ କମ୍ ଡିଇଓ, ଜଣେ ଗ୍ରାମ ରୋଜଗାର ସେବକ ରହିଛନ୍ତି। ଅନ୍ୟ ପଟେ ବ୍ଲକରେ କେସିଙ୍ଗା ଡବ୍ଲ୍ୟୁଇଓ, ମ.ରାମପୁର ଖାଉଟି ଯୋଗାଣ ଅଧିକାରୀଙ୍କୁ ଏହି ବ୍ଲକରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଏହି ଅଧିକାରୀମାନେ ନିୟମିତ ଭାବେ ଆସୁ ନ ଥିବାରୁ ସାଧାରଣ ଲୋକ ହଇରାଣ ହେଉଥିବା ଜଣାପଡ଼ିଛି। ଏହି ବ୍ଲକରେ ଏବେ କିଛି ଦିନ ପୂର୍ବରୁ ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀଙ୍କ ପଦୋନ୍ନତି ପାଇ ବଦଳି ହେବା ପରେ କିରାଣି ପ୍ରଦୀପ କୁମାର ମାଝୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟ ପଟେ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ଚଳିତ ମାସରେ ଅନ୍ୟତ୍ର ବଦଳି ହେବା ପରେ ଏହି ପଦବୀ ପୂରଣ ହୋଇପାରିନାହିଁ। ପିଏ,ଏବିଡିଓ, କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀଗୁଡିକ ଦୀର୍ଘଦିନରୁ ଖାଲି ପଡ଼ିଥିବାରୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିନି। ଏଣୁ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଖଲିଆକାନୀ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ଜଣ ହେଲେ ମହାଲିଙ୍ଗ ଗ୍ରାମର ନାର୍ଣ୍ଣ କେତକୀ ଓ ତରୁଣ ମାଝୀ ସେମାନୀ ଖଲିଆକାନୀ ପଟୁ ଏକ ଲାଲ ରଙ୍ଗର ଗ୍ଲେମର ଗାଡ଼ିରେ ଗୋଲାମୁଣ୍ଡା ପଟେ ଆସୁଥିବା ବେଳେ ଖଲିଆକାନୀ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଅଗ୍ନିଶମ ବାହିନୀ ଗାଡ଼ିରେ ଗୋଲାମୁଣ୍ଡା ଡାକ୍ତରଖାନାକୁ ଆଣିଥିଲେ ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଯୁବକଙ୍କ ନିଆରା ବୋଲବମ ଯାତ୍ରା



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): ଚାଲିଛି ଶ୍ରାବଣ ମାସ, ସବୁଆଡେ କାଉଡ଼ିଆଙ୍କ ଭିଡ଼। ଏହି ଭିତରେ ପ୍ରଭୁ ଭୋଳାନାଥଙ୍କ ନିକଟରେ ଜଳଲାଗି ପାଇଁ ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଠାରେ ଜଣେ ଯୁବକଙ୍କ ନିଆରା ବୋଲବମ୍ ଯାତ୍ରା ଦେଖିବାକୁ ମିଳିଛି। କାନ୍ଧରେ ବାହୁଙ୍ଗୀ ପରିବର୍ତ୍ତେ ହାତରେ ନଡ଼ିଆ ଓ ଜଳ ଧରି ଗୁରୁଣ୍ଡି ଗୁରୁଣ୍ଡି ୧୦୦କିମି ଯାତ୍ରା କରିଛନ୍ତି। ସୂଚନାମତେ ପଡୋଶୀ ନୂଆପଡା ଜିଲ୍ଲା ଅନ୍ତର୍ଗତ ଘଣ୍ଟିଗୁଡା ଗ୍ରାମର ଯୁବକ ସୋମନାଥ ବାବା ଦୀର୍ଘ ୧୦ଦିନ ହେବ ପ୍ରଭୁ ଭୋଳାନାଥଙ୍କ ଠାରେ ଜଳ ଲାଗି ପାଇଁ ହାତରେ ନଡ଼ିଆ ଓ ଜଳ ଧରି ଗୁରୁଣ୍ଡି ଗୁରୁଣ୍ଡି ଦୀର୍ଘ ୧୦୦କିମି ଯାତ୍ରା କରିଥିବା ସେ କହିଛନ୍ତି। କଳାହାଣ୍ଡି ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ଡୋକରିଚଞ୍ଚରାରୁ ଜଳ ଉଠାଇ ଘଣ୍ଟିଗୁଡାର ଶୈବପୀଠରେ ଜଳଲାଗି କରିବେ। ସେ ଶ୍ରାବଣ ମାସ ୧୦ରିଖରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ୧୦ଦିନ ମଧ୍ୟରେ ଗୁରୁଣ୍ଡି ଗୁରୁଣ୍ଡି ଦୀର୍ଘ ୬୦କିମି ଯାତ୍ରା କରିଛନ୍ତି। ଏହି ଯାତ୍ରା ୨୧ଦିନ ମଧ୍ୟରେ ଶେଷ କରିବାର ଲକ୍ଷ ରଖିଥିବା ବେଳେ ଆହୁରୀ ୪୦କି.ମି ଦୂର ଯିବା ପରେ ମହାଦେବଙ୍କ ଠାରେ ସେ ଜଳ ଲାଗି କରିବେ। ପୂର୍ବ ବର୍ଷରେ ମଧ୍ୟ ଏଭଳି ନିଆରା ବୋଲବମ ପାତଳଗଙ୍ଗା ଠାରୁ ଘଣ୍ଟିଗୁଡା ପର୍ଯ୍ୟନ୍ତ ୨୦କି.ମି ଯାତ୍ରା କରିଥିଲେ। ଏହି ନିଆରା ବୋଲବମକୁ ଦେଖିବା ପାଇଁ ରାସ୍ତା କଡରେ ଶହ ଶହ ଲୋକଙ୍କ ଗହଳି ଦେଖାଦେଉଛି। ଏହି ନିଆରା ବୋଲବମ ଯାତ୍ରାରେ ଭାଗରଥୀ ଦାଶ, ସଂଜୟ ଦାଶ, ପରୀକ୍ଷିତ ନାଏକ, ସଚିନ୍ଦ୍ର କଟା, ଯୁଗସନ ମେହେର ପ୍ରମୁଖ ସହଯୋଗ କରୁଛନ୍ତି।

## 'ଆମ କୁନି ପିଲା' ତାଲିମ ଶିବିର

# ଆଦ୍ୟରୁ ୩ବର୍ଷ ଶିଶୁଙ୍କ ସାମୂହିକ ବିକାଶ ଉପରେ ଗୁରୁତ୍ୱ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଶିଶୁମାନଙ୍କ ଲାଳନପାଳନ, ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଅଧିକାର ଆଦି ପାଇଁ କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ମଧ୍ୟ ସବୁବେଳେ ଉଦ୍ୟମ କରିଆସୁଛନ୍ତି। ନିରୋଗ ଶିଶୁ ଓ ସୁସ୍ଥ ମାଆ ଆଜିର ସମାଜକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିରେ ସବୁବେଳେ ସହାୟତା କରିଆସୁଛନ୍ତି ରାଜ୍ୟ ସରକାରଙ୍କ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ। ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ସଂପ୍ରତି ସହର ଠାରୁ ଗ୍ରାମାଞ୍ଚଳର ଶିଶୁମାନେ ପ୍ରାୟତଃ ଅଙ୍ଗନବାଡ଼ିର ସାହିତ୍ୟ ନେଇଥାଆନ୍ତି। ଉପଯୁକ୍ତ ସମୟରେ ବିଭିନ୍ନ ଶିଶୁରୋଗ ପାଇଁ ପ୍ରତିଷେଧକ ଟୀକା ନେବା, ଓଜନ ଓ ଉଚ୍ଚତାର ମାପ ରଖିବା, ପୁଷ୍ଟିକର ରନ୍ଧା ଅବା ଶୁଖିଲା ଖାଦ୍ୟ ପିଲାମାନଙ୍କୁ ଦେବା, ପାଠ ପଢାଇବା ଓ କୌଣସି ରୋଗହେଲେ ପ୍ରାଥମିକ ଚିକିତ୍ସା ଦେବାପରେ ଡାକ୍ତରଙ୍କୁ ଦେଖାଇବା ଭଳି ବହୁ କାମ ଅଙ୍ଗନବାଡ଼ି କର୍ମୀମାନେ ଉତ୍ସାହର ସହିତ କରି କେବଳ ସହର ନୁହେଁ ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ଜନ ସାଧାରଣଙ୍କ ପ୍ରିୟ ହୋଇପାରିଛନ୍ତି। ଏବେ କିନ୍ତୁ କଅଁଳ ବୟସର (ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ) ପିଲାମାନଙ୍କ ପାଇଁ ଯେଉଁମାନେକି ବାପା ମାଆଙ୍କ ସହ ଘରେ ରହୁଛନ୍ତି ସେମାନଙ୍କ ପାଇଁ 'ଆମ କୁନିପିଲା' ନାମକ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି ଶିଶୁ ବିକାଶ ବିଭାଗ। ଏହି କ୍ରମରେ ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ, ସାତ ମାସରୁ ଏକବର୍ଷ ପର୍ଯ୍ୟନ୍ତ,୧ ବର୍ଷରୁ ଦୁଇବର୍ଷ ଓ ୨ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ଅଙ୍ଗନବାଡି କର୍ମୀମାନେ କିଭଳି ପିଲାମାନଙ୍କ ଘରେ ଶିଶୁ ଓ ତାଙ୍କ ଅଭିଭାବକମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିବେ ସେ ସମ୍ପର୍କରେ ଏକ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଡିଏସ୍‌ଡବ୍ଲ୍ୟୁଓ କଳାହାଣ୍ଡି ମୁଜିବେନ୍ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବ୍ଲକ ପରିସରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ଏଥିରେ ପ୍ରକଳ୍ପ ସମନ୍ୱିତ ଶିଶୁ ବିକାଶ ଭବାନୀପାଟଣା (ଗ୍ରାମାଞ୍ଚଳ)ର ସିଡିପିଓ ନିୟତିବାଳା ସୋରେନ୍ ଅଧକ୍ଷତା କରିଥିଲେ। ଏହି ତାଲିମ ଶିବିରରେ ବ୍ଲକ ଅଞ୍ଚଳର ବିଭିନ୍ନ ସେକ୍ଟରରୁ ୧୩୦ ଜଣ ଅଙ୍ଗନବାଡ଼ି କର୍ମୀ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସୁପରଭାଇଜର ଗୌରୀ ମୁଣ୍ଡା ପ୍ରଶିକ୍ଷକ ଭାବେ ଯୋଗ ଦେଇ କର୍ମୀ ମାନଙ୍କୁ ଆଦ୍ୟ ଶୈଶବରୁ ୩ବର୍ଷ ପର୍ଯ୍ୟନ୍ତ ପିଲା ମାନଙ୍କୁ ବିଭିନ୍ନ ପ୍ରକାର ଝୁମକା, ରଙ୍ଗୀନ ବଲ୍, ନରମ କନାର କଣ୍ଢେଇ, ଚିତ୍ର ଆଲବମ୍, ତିନି ଚକିଆ ଗାଡି, ନଡିଆ ପତ୍ର ଓ ତାଳପତ୍ରରେ ତିଆରି ପେଁକାଳୀ, ନଡିଆକତା ଓ ଝୋଟରେ ତିଆରି କଣ୍ଢେଇ, ବିଭିନ୍ନ ପ୍ଲାଷ୍ଟିକ ବୋତଲ ଦେଇ ଗାଡି, ଦିଆସିଲି ଖୋଳରେ ରେଳଗାଡି ଆକୃତି, ଗଣନା ପାଇଁ ଠିପି, ମାଟିଗୋଲି, ପ୍ଲାଷ୍ଟିକ ଫୁଲଫଳର ନାଆଁ କହିବା ଆଦି ତାଲିମ ଦେଇଥିଲେ। ପିତାମାତା ତଥା ପରିବାର ସଦସ୍ୟଙ୍କ ଦ୍ୱାରା ଶିଶୁର ସୁଖଦ ଲାଳନ ପାଳନ, ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସମ୍ପୂର୍ଣ୍ଣ ବିକାଶ ଓ ଶିଶୁ ପାଇଁ ଭବିଷ୍ୟତରେ ଯେପରି କୌଣସି ବିପଦ ନ ରହିବ ସେଥିପାଇଁ ଶିଶୁଙ୍କ ସାମୂହିକ ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାଧାରଣରେ ଆଲୋଚନା ହେଉଛି ଓ ଏଥିରେ ଶିଶୁ ମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସୂଚନା ମିଳିଛି।




# ପରିତ୍ୟକ୍ତ ଅବସ୍ଥାରେ ନଙ୍ଗଳବେଢ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ତହସିଲ ଅନ୍ତର୍ଗତ ନଙ୍ଗଳବେଢାଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ହେଲା ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ ଏହା ଉପରେ ଛତ୍ରପୁର, ବାତେଲିମା, ଚମ୍ପାଦେଇପୁର ପଞ୍ଚାୟତ ସହିତ ବନ୍ଧପାରୀ ଓ ଲାଞ୍ଜି ପଞ୍ଚାୟତର କିଛି ଅଞ୍ଚଳକୁ ମିଶାଇ ୪୫ ଟି ରାଜସ୍ୱ ଗାଁ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। ତେବେ ଆଜି ପର୍ଯ୍ୟନ୍ତ ଏହି



କାର୍ଯ୍ୟାଳୟ ନିର୍ମାଣ କରାଯାଇନାହିଁ। ନଙ୍ଗଳବେଢା ଗାଁ ନିକଟସ୍ଥ କୁଟିଙ୍ଗପଦର ଛକ ନିକଟରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ଗତ ଦୁଇବର୍ଷ ତଳେ ଜାଗା ଚିହ୍ନଟ ହୋଇଛି। କିନ୍ତୁ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଉନାହିଁ। ଫଳରେ ଅଞ୍ଚଳର ୪୫ ଗୋଟି ଗାଁର ହଜାର ହଜାର ଲୋକେ ଜମି ଜମା ଓ ଅନ୍ୟ ରାଜସ୍ୱ ସଂକ୍ରାନ୍ତୀୟ କାମ ପାଇଁ ଲାଞ୍ଜିଗଡ଼ଠାରେ ଥିବା ଅସ୍ଥାୟୀ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଏଣୁ ରାଜସ୍ୱ ବିଭାଗ ତଥା କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆଯାଇ ନଙ୍ଗଳବେଢାଠାରେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ କରାଇବାକୁ ଅଞ୍ଚଳବାସୀ ଜନସାଧାରଣ ଦାବି ଜଣାଇଛନ୍ତି।

# ରାଶିଫଳ


**ମଙ୍ଗଳବାର, ୨୨ ଜୁଲାଇ ୨୦୨୫**



**ମେଷ:** ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ। ସନ୍ତାନ ଯୋଗେ ଆନନ୍ଦିତ ହେବେ ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ।




**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଉତ୍ସାହିତ ହେବେ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ବ୍ୟବସାୟ କ୍ଷେତ୍ରରେ ପ୍ରସାର, ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ।




**ମିଥୁନ:** ଗୃହରେ ଧର୍ମକାର୍ଯ୍ୟ ଓ ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସା ପାଇବେ। ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଉଚ୍ଚ ପ୍ରଶଂସିତହେବେ। ପରିବାରର ଉନ୍ନତି ପାଇଁ ପ୍ରୟାସରତ ହେବେ। ରାଜନୀତିରେ ସ୍ୱାର୍ଥରକ୍ଷା କରି କଠିନ ପରିଶ୍ରମ କରିବାକୁ ପଡିବ।




**କର୍କଟ:** ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ। ବ୍ୟବସାୟୀମାନେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ପାଇବେ। ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଉଚ୍ଚ ପ୍ରଶଂସିତ ହେବେ। ଭାବି ଚିନ୍ତି କାର୍ଯ୍ୟ ନ କଲେ ଠକାମିରେ ପଡି ପାରନ୍ତି।




**ସିଂହ:** ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ଶରୀର ସୁସ୍ଥ ରହିବାସହ ବିରୋଧୀ ମାନଙ୍କ ମୁଣ୍ଡ ତଳକୁ ହେବ। ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମ ଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ।




**କନ୍ୟା:** ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ। ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରର ଲୁଚକାଳି ଖେଳର ଅବସାନ ହେବ। ବନ୍ଧୁ ମିତ୍ରମାନଙ୍କର ସହଯୋଗରେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ।



**ତୁଳା:** ସ୍ୱାସ୍ଥ୍ୟସମସ୍ୟା ସୁଧୁରି ଯାଇ ମାନସିକସ୍ଥିତି ଭଲ ରହିବ। ଯଥା ସମ୍ଭବ ପ୍ରକୃତିସ୍ଥ ରହି ଅଳ୍ପ ପରିଶ୍ରମରେ ଅଧିକ ଲାଭର ଉପଭୋକ୍ତା ହେବେ। କାରବାରରେ ସ୍ଥିତି ଠିକ୍ ରହିବାଯୋଗେ ବ୍ୟବସାୟ ବଢାଇବାରେ ସମର୍ଥ ହେବେ।



**ବିଛା:** ସମସ୍ତଙ୍କ ପ୍ରତି ସକରାତ୍ମକ ଚିନ୍ତା ଆଗକୁ ବଢିବାରେ ସାହାଯ୍ୟ କରିବ। ଗୁରୁଜନ ମାନଙ୍କ ଆଦର ପାଇ ପରିବାର ମଧ୍ୟରେ ମୁଖ୍ୟତା ଲାଭ କରିବେ। ପାରିବାରିକ ଜୀବନରେ ସୁବିଧା ବାଦକୁ ଆପଣେଇ ନେଇ ସଫଳ ହେବେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ। ସ୍ୱାସ୍ଥ୍ୟ ଦିଗରୁ ବିଶେଷ ସତର୍କ ରହିବା ଉଚିତ୍।




**ଧନୁ:** ସେବାକାରୀ ମାନଙ୍କ ସହଯୋଗରେ ସମ୍ମାନ ଜନକ ସ୍ଥିତି ପରିଲକ୍ଷିତ ହେବ। ପ୍ରତିଯୋଗିତା ମୂଳକ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ସହ ଉଚ୍ଚଶିକ୍ଷା ପ୍ରଚେଷ୍ଟାରେ ସଫଳ ହେବେ। ଜୀବନରେ ଭରପୁର ଆନନ୍ଦ ପାଇଲାଭଳି ଫାଇଦା ଉଠେଇବେ। ବ୍ୟବସାୟ କ୍ଷେତ୍ର ପ୍ରସାରିତ ହେବା ଫଳରେ ଆଶାତୀତ ଲାଭପାଇବେ।



**ମକର:** ସାମ୍ବାଦିକ ମାନଙ୍କର ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ କ୍ଷେତ୍ରରେ ସୁନାମ ଅର୍ଜନ କରିବାସହ ବିଦ୍ୟା କ୍ଷେତ୍ରରେ ପ୍ରତିଭାର ବିକାଶ ହେବ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ବାଧ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଦୂରଯାତ୍ରା କରି ହଇରାଣ ହରକତ ହେବାକୁ ପଡି ପାରେ।



**କୁମ୍ଭ:** ସରକାରୀ କାର୍ଯ୍ୟରେ ସଫଳତା ମିଳିବାସହ ବିଦେଶ ଯାତ୍ରାରେ ଲାଭବାନ୍ ହେବେ। ଜନସେବାଦ୍ୱାରା ସାମାଜିକ ସ୍ଥିତି ଓ ମାନସମ୍ମାନ ବଜାୟ ରହିବ। ଦୂରଯାତ୍ରାରେ ବିବାଦମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟା ମଧ୍ୟେ ସମୟ ବିତିବ। ବ୍ୟବସାୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଯୋଜନା ପ୍ରସ୍ତୁତ କରିବେ। ରାଜନୈତିକ କ୍ଷେତ୍ରରେ ଯଶ, ମାନ ପ୍ରତିଷ୍ଠାବୃଦ୍ଧି ହେବ।



**ମୀନ:** ସାମାଜିକ ସ୍ତରରେ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ପରସ୍ପରକୁ ସାହାଯ୍ୟ ସହଯୋଗ କରି ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯